# କେନ୍ଦ୍ରୀୟ ଉତ୍ପାଦନ ଓ ସୀମା ଶୁଳ୍କ ବୋର୍ଡ

# ଦ୍ରବ୍ୟ ଓ ସେବା କର ସମ୍ବନ୍ଧରେ ସାଧାରଣ ଭାବରେ ଉଙ୍କି ମାରୁଥିବା ପ୍ରଶ୍ନୋତ୍ତର

# FREQUENTLY ASKED QUESTIONS (FAQ) ON GST

# ପ୍ରସ୍ତାବନା

ସଂବିଧାନର 101ତମ ସଂଶୋଧନ, 8 ସେପ୍ଟେମ୍ବର 2016 ରୁ ଲାଗୁ ହୋଇଅଛି ଏବଂ 15 ସେପ୍ଟେମ୍ବର 2016 ର ଜୀ.ଏସ.ଟୀ. ପରିଷଦର ଅଧିସୂଚନା ସହିତ  ଜୀ.ଏସ.ଟୀ. ଲାଗୁ/କାର୍ଯ୍ୟକାରୀ ହେବା ପାଇଁ ପଥ ପରିଷ୍କାର ହୋଇଯାଇଛି ।  ସରକାର ଦେଶର ସର୍ବବୃହତ ପରୋକ୍ଷ କର ବ୍ୟବସ୍ଥାକୁ 1 ଏପ୍ରିଲ 2017ରୁ ଲାଗୁ କରିବାକୁ ଉତ୍ସୁକ ଅଟନ୍ତି । ଏଥି ସହ ପରୋକ୍ଷକର ବ୍ୟବସ୍ଥା ସହ ଜଡ଼ିତ ସମସ୍ତ କେନ୍ଦ୍ରୀୟ ଏବଂ ରାଜ୍ୟ ସ୍ତରୀୟ କର୍ମଚାରୀ ଏବଂ ବାଣିଜ୍ୟ ବ୍ୟବସ୍ଥାକୁ ଜୀ.ଏସ.ଟୀ.ର ପ୍ରକ୍ରିୟା ଏବଂ ପଦ୍ଧତି ବିଷୟର ଅବଗତ କରାଇବା ଏକ ବୃହତ ଆହ୍ୱାନ ଅଟେ ।

କେନ୍ଦ୍ରୀୟ ଉତ୍ପାଦନ ଓ ସୀମା ଶୁଳ୍କ ବୋର୍ଡ ଅନ୍ତର୍ଗତ ପରୋକ୍ଷ କର ବ୍ୟବସ୍ଥା ପ୍ରଣୟନ ନିମନ୍ତେ କ୍ଷମତା ନିର୍ମାଣରେ ସୀମା ଶୁଳ୍କ, ଉତ୍ପାଦ ଶୁଳ୍କ ଏବଂ ନାରକୋଟିକ୍ସ ର ରାଷ୍ଟ୍ରୀୟ ଅକାଦମୀ( ନାସେନ) ଶୀର୍ଷ ପ୍ରଶିକ୍ଷଣ ସଂସ୍ଥାନ ଅଟେ, ଯାହା ଦ୍ୱାରା କେନ୍ଦ୍ରୀୟ ଓ ରାଜ୍ୟ ସରକାରଙ୍କ ଅଧିକାରୀ ମାନଙ୍କୁ ଜୀ.ଏସ.ଟୀ. ସମ୍ବନ୍ଧୀୟ ପ୍ରଶିକ୍ଷଣ ପ୍ରଦାନ କରିବା ନିମନ୍ତେ ଆଦେଶ ଦିଆ ଯାଇଛି ।  ନାସେନ ଦ୍ୱାରା କେନ୍ଦ୍ର ଓ ରାଜ୍ୟ ର ଅନୁମାନତଃ 60,000 ପରୋକ୍ଷ କର ଅଧିକାରୀଙ୍କୁ ପ୍ରଶିକ୍ଷିତ କରିବା  ନିମନ୍ତେ ବ୍ୟାପକ ସ୍ତରରେ କ୍ଷମତା ନିର୍ମାଣର ଆୟୋଜନ କରାଯାଉଛି ଯାହା ଦ୍ୱାରା ଜୀ.ଏସ.ଟୀ. ଲାଗୁ ହେବା ସମୟରେ ଏହି ଅଧିକାରିମାନେ ପୂର୍ଣ ରୂପେ ସକ୍ଷମ ହୋଇ ପାରିବେ  ।  ପୂର୍ବରୁ ନାସେନ ଦ୍ୱାରା  ପୂରା ଭାରତରୁ ହାରାହାରୀ  2000 ପ୍ରଶିକ୍ଷକଙ୍କୁ ନିଯୁକ୍ତ କରି କାମରେ ଲଗା ଯାଇଛି ।  ସୀମିତ ସମୟକୁ ଦୃଷ୍ଟିରେ ରଖି ନାସେନ  କ୍ଲାସରୁମ ପ୍ରଶିକ୍ଷଣ ବ୍ୟତୀତ ଅତିରିକ୍ତ ଆଧୁନିକ ଶିକ୍ଷା ବ୍ୟବସ୍ଥା ଯେମିତି କି  ଭର୍ଚୁଆଲ କ୍ଲାସରୁମ ଓ ଇ-ଲର୍ଣ୍ଣିଙ୍ଗ ମଡ୍ୟୁଲ ପ୍ରତି ମଧ ଧ୍ୟାନ ଦିଆଯାଇଅଛି ।

କାର୍ଯ୍ୟଦକ୍ଷତା ବୃଦ୍ଧିର ଅଂଶ ଭାବରେ ନାସେନ ପ୍ରଶିକ୍ଷଣ ସମୟରେ ହୋଇଥିବା ଆଲୋଚନା, ସୂଚନା, ବିଶ୍ଳେଷଣ ଆଦିରୁ ସାଧାରଣ ଭାବରେ ଉଙ୍କି ମାରୁଥିବା ପ୍ରଶ୍ନୋତ୍ତର/FAQ ପ୍ରସ୍ତୁତ କରି ଅଛି । ଏହି ପ୍ରଶ୍ନୋତ୍ତରୀ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଅଧିକାରୀ ଗୋଷ୍ଠୀ ଦ୍ୱାରା ପ୍ରସ୍ତୁତ ଓ ସମୀକ୍ଷିତ ।  ମୁଁ ଉକ୍ତ ପ୍ରଶ୍ନୋତ୍ତରୀ ସହିତ ଜଡ଼ିତ ସମସ୍ତ ଅଧିକାରୀରଣ ଏବଂ ନାସେନକୁ ସେମାନଙ୍କ ଉତ୍ତମ ଉଦ୍ୟମ ଏବଂ କାର୍ଯ୍ୟପାଇଁ ଅଭିନନ୍ଦନ ଜଣାଉଛି ।

ମୋର ପୂରା ବିଶ୍ୱାସ ଯେ ଏହି  ଏଫ୍.ଏ.କ୍ୟୁ. /  ସାଧାରଣ ଭାବରେ ପଚରା ଯାଉଥିବା ପ୍ରଶ୍ନୋତ୍ତର ସଂକଳନ ଯାହା 500 ପ୍ରଶ୍ନୋତ୍ତରକୁ 24ଟୀ ବିଷୟବସ୍ତୁରେ ସମାବେଶ କରାହୋଇଛି ତାହା ଜୀ.ଏସ.ଟୀ. କର୍ମଚାରୀ, ବ୍ୟାପାରୀ ଓ ସାଧାରଣ ଜନତାଙ୍କ ପାଇଁ ଜୀ.ଏସ.ଟୀ. ବିଷୟରେ ଜାଣିବାରେ ଲାଭଦାୟକ ହେବ।  ଏହା ଜୀ. ଏସ.ଟୀ.  ମଡେଲ ଆଇନର ପ୍ରଥମ ସଂସ୍କରଣ ଅଟେ  ଯାହା ସାର୍ବଜନୀନ ହୋଇସାରିଛି ।  ଯେଉଂ ସମୟରେ ପ୍ରାସଂଗିକ ବିଷୟର ଅଧିନିୟମ ଏବଂ ନିୟମ ଗଠିତ ହେବ, ନାସେନ ଏହି ଏଫ.ଏ.କ୍ୟୁ/ ସାଧାରଣ ଭାବରେ ପଚରା ଯାଉଥିବା ପ୍ରଶ୍ନୋତ୍ତର ର ସଂଶୋଧନ ଜାରୀ କରିବ ।

ନଜୀବ ଶାହ

ଅଧକ୍ଷ, କେନ୍ଦ୍ରୀୟ ଉତ୍ପାଦ ଏବଂ ସୀମା ଶୁଳ୍କ ବୋର୍ଡ

# ବିଷୟ ବସ୍ତୁ

1. ବସ୍ତୁ ସେବାକର (ଜିଏସଟି) ର ବିହଙ୍ଗା ଅବଲୋକନ
2. ଟିକସ ଆଦାୟ ଓ ଛାଡ ପଦ୍ଧତି
3. ପଞ୍ଜୀକରଣ
4. ଯୋଗାଣର ତାତ୍ପର୍ଯ୍ୟ ଓ ପରିସର
5. ଯୋଗାଣର ସମୟସୀମା
6. ଜିଏସଟି ର ମୂଲ୍ୟାୟନ
7. ଜିଏସଟିର ଦେୟ ପଇଠ
8. ବୈଦ୍ୟୁତିକ ବ୍ୟବସାୟ (ଇଲେକ୍ଟ୍ରୋନିକ୍ କମର୍ସଃ
9. ନିଯୁକ୍ତିଭିତ୍ତିକ କାର୍ଯ୍ୟ ବା ଜବ୍ ୱାର୍କ
10. ଇନପୁଟ୍ ଟ୍ୟାକ୍ସ କ୍ରେଡିଟ୍
11. ଜିଏସଟି ଇନପୁଟ୍ ବିତରକଙ୍କର ଅବଧାରଣା
12. ରିଟର୍ଣ୍ଣସ୍ ପଦ୍ଧତି ଓ ନିବେଶ ଟିକସ ଜମା ରାଶିର ସାଦୃଶ୍ୟ
13. ଟିକସ ମୂଲ୍ୟାୟନ ଓ ହିସାବ ଯାଞ୍ଚ
14. ଫେରସ୍ତ
15. ଦାବୀ ଓ ଅସୁଲି
16. ସାଧାରଣ ବିକ୍ରିକରରେ ଆବେଦନ, ସମୀକ୍ଷା ଓ ପୁନଃନିରୀକ୍ଷଣ
17. ଅଗ୍ରୀମ ନିୟାମାବଳୀ
18. ସମାଧାନ କମିଶନ୍
19. ନିରୀକ୍ଷଣ, ତଲାସି, ଅଭିଗ୍ରହଣ ଓ ଗିରଫ
20. ଦୋଷ ଓ ଦଣ୍ଡ, ଅଭିଯୋଗ ଓ ବୁଝାମଣା
21. ସମନ୍ୱିତ ବସ୍ତୁ ଓ ସେବାକର ର ନୀତିର ସାରାଂଶ
22. ବସ୍ତୁ ଓ ସେବା ଯୋଗାଣର ସ୍ଥାନ
23. ବସ୍ତୁ ଓ ସେବାକର ବ୍ୟବସାୟିକ ପ୍ରକ୍ରିୟାର ସୂଚନା(ବୈଷୟିକ ମୁଖଶୀଳା)
24.ପରିବର୍ତ୍ତନକାଳୀନ ବ୍ୟବସ୍ଥା

ପ୍ରସ୍ତୁତ କର୍ତ୍ତା : ଶ୍ରୀ ସମୀର ବଜାଜ୍, ଉପ-ନିର୍ଦ୍ଦେଶକ, ନାସେନ୍, ର ଦେଖାଶୁଣା ପାଇଁ ଶ୍ରୀ ଦୀପକ ମାଟା, ସହାୟକ ନିର୍ଦ୍ଦେଶକ, ନାସେନ୍, ମୁମ୍ବାଇ ଏବଂ ସଞ୍ଜୀବ ନାୟର, ପରୀକ୍ଷକ, CESTAT ମୁମ୍ବାଇ, ଦ୍ୱାରା ନର୍ମିତ ।

ସମୀକ୍ଷା କର୍ତ୍ତା : ଶ୍ରୀ ପି.କେ. ମହାନ୍ତି, ଉପଦେଷ୍ଟା, ସିବିଇସି (ଅଧ୍ୟାୟ-1) ; ଶ୍ରୀ ବିଶାଳ ପ୍ରତାପ ସିଂହ, D.C (GST), GST ପଲିସି ଶାଖା, CBEC (ଅଧ୍ୟାୟ-2) ; ପି.ଡି ବାଧୋଲା, C.C.T, ଗୁଜୁରାଟ, (ଅଧ୍ୟାୟ -3 ଓ 7) ; ଶ୍ରୀ ଡି.ପି ନାଗେନ୍ଦ୍ର କୁମାର, ପ୍ରଧାନ ଉପ-ମହାନିର୍ଦ୍ଦେଶକ, DGCEI, ବେଙ୍ଗଲୁରୁ (ଅଧ୍ୟାୟ-4 ଓ 6); ଶ୍ରୀ ଉପେନ୍ଦ୍ର ଗୁପ୍ତା, ଆୟୁକ୍ତ GST CBEC (ଅଧ୍ୟାୟ-8 ଓ 11) ; ଶ୍ରୀ ରିତବିକ୍ ପାଣ୍ଡେ, C.C.T, କର୍ଣ୍ଣାଟକ, (ଅଧ୍ୟାୟ-12), ଶ୍ରୀ ଅରୁଣ କୁମାର ମିଶ୍ର, ସଂଯୁକ୍ତ ସଚିବ, C.T. D., ବିହାର, (ଅଧ୍ୟାୟ-13) ଶ୍ରୀ ଖଲିଦ୍ ଅନ୍ୱାର, ବରିଷ୍ଠ J.C.T., ପଶ୍ଚିମ ବଙ୍ଗ, (ଅଧ୍ୟାୟ-14 ଓ 24), ଶ୍ରୀ ଅଜୟ ଜୈନ୍, ପ୍ରଧାନ ଆୟୁକ୍ତ, ସୀମା ଶୁଳ୍କ, ଅହମଦାବାଦ୍ (ଅଧ୍ୟାୟ-15), ଶ୍ରୀ ବି.ବି ଅଗ୍ରୱାଲ୍, ପ୍ରଧାନ ଆୟୁକ୍ତ ହାଇଦ୍ରାବାଦ୍, (ଅଧ୍ୟାୟ-16), ଶ୍ରୀ ଶଶାଙ୍କ ପ୍ରିୟ, ADG, D.G, GST, CBEC, (ଅଧ୍ୟାୟ-17 ରୁ 20), ଶ୍ରୀ ଜି.ଡି ଲୋହାନୀ, CCE, ଫରିଦାବାଦ, (ଅଧ୍ୟାୟ-21 ଓ 22), ଏବଂ ଶ୍ରୀ ପ୍ରକାଶ କୁମାର CED, GSTN (ଅଧ୍ୟାୟ-23).

<u>ଅସ୍ୱୀକରଣ</u>

ଜିଏସଟି ସମ୍ବନ୍ଧୀୟ ଏହି FAQ/ ସାଧାରଣ ଭାବରେ ଉଙ୍କି ମାରୁଥିବା ପ୍ରଶ୍ନୋତ୍ତର NACEN ଦ୍ୱାରା ପ୍ରସ୍ତୁତ କରାଯାଇଛି ଏବଂ ଏହା ମୂଳ ପ୍ରଶିକ୍ଷକମାନଙ୍କ ଦ୍ୱାରା ସମିକ୍ଷିତ ହୋଇଅଛି ଯାହାକି 2016 ଜୁନ୍ ରେ ଜାରି ହୋଇଥିବା Model GST(ଦ୍ରବ୍ୟ ଓ ସେବା କର) Law ଉପରେ ଆଧାରିତ । ଏହି FAQ/ କେବଳ ପ୍ରଶିକ୍ଷଣ ନିମନ୍ତେ ଉଦ୍ଧିଷ୍ଟ ।

ଏହି ପୁସ୍ତିକା ଟି GST(ଦ୍ରବ୍ୟ ଓ ସେବା କର) ସମ୍ବନ୍ଧିୟ ସାଧାରଣ ଜ୍ଞାନ ନିମନ୍ତେ ଉଦ୍ଧିଷ୍ଟ ଅଟେ । ଏବଂ ଏହା କୌଣସି ନ୍ୟାୟିକ ବ୍ୟବସ୍ଥା ଏବଂ ମତାମତ ପାଇଁ ପ୍ରଯୁଜ୍ୟ ନୁହେଁ । ଅଧିକ ଜାଣିବା ପାଇଁ Model GST(ଦ୍ରବ୍ୟ ଓ ସେବା କର) Law କୁ ଦେଖିବାକୁ ଅନୁରୋଧ ।

ଯଦି କୌଣସି କାରଣରୁ FAQ ର ଓଡିଆ ଓ ଇଂରାଜୀ ସଂସ୍କରଣ ମଧ୍ୟରେ କୌଣସି ପାର୍ଥକ୍ୟ ଦେଖାଯାଏ ତେବେ ଇଂରାଜୀ ସଂସ୍କରଣ ଚୂଡାନ୍ତ ଓ ବୈଧ ହେବ ।

## Chapter-1 ବସ୍ତୁ ଓ ସେବାକର (ଜି ଏସ ଟି) ର ବିହଙ୍ଗାବଲୋକନ

**ପ୍ରଶ୍ନ-1** : ବସ୍ତୁ ଓ ସେବାକର କ'ଣ ?

**ଉତ୍ତର** : ଏହା ହେଉଛି ବସ୍ତୁ ଓ ସେବା ଉପଯୋଗ ସଂକ୍ରାନ୍ତ ଏକ ଲକ୍ଷ୍ୟଭିତ୍ତିକ କର ଆଦାୟ ବ୍ୟବସ୍ଥା । ବସ୍ତୁ ବା ଦ୍ରବ୍ୟର ଉତ୍ପାଦନଠାରୁ ଆରମ୍ଭ କରି ଚୂଡାନ୍ତ ଉପଯୋଗ ପର୍ଯ୍ୟନ୍ତ ସବୁ ସ୍ତରରେ କର ଲାଗୁ କରିବା ଏହି ବ୍ୟବସ୍ଥାର ପ୍ରସ୍ତାବିତ ଲକ୍ଷ୍ୟ ।

ଖାଉଟିଙ୍କ ଉପଯୋଗଠାରୁ ଆରମ୍ଭ କରି ପୂର୍ବବର୍ତ୍ତୀ ସ୍ତର ଏପରିକି ଉତ୍ପାଦନ ପର୍ଯ୍ୟନ୍ତ ବିକେୟା କର ପରିଶୋଧ ପ୍ରକ୍ରିୟା ଜାରି ରହିଥାଏ । ସଂକ୍ଷେପରେ କହିବାକୁ ଗଲେ, ଉତ୍ପାଦିତ ସାମଗ୍ରୀରେ କେବଳ ମୂଲ୍ୟଯୁକ୍ତ କର ଲାଗୁ ହୋଇଥାଏ ଓ ସାମଗ୍ରୀର ସଂପୂର୍ଣ୍ଣ କର ଭାର ହିଁ ଶେଷରେ ଖାଉଟିଙ୍କୁ ବହନ କରିବାକୁ ପଡିଥାଏ ।

**ପ୍ରଶ୍ନ-2** : ପ୍ରକୃତରେ ଖାଉଟିଙ୍କ ଉପଯୋଗ ସଂମ୍ପାନ୍ତ ଲକ୍ଷ୍ୟଭିତ୍ତିକ କର ନେଇ କ'ଣ ଧାରଣା ରହିଛି ?

**ଉତ୍ତର** : ଦ୍ରବ୍ୟ ବ୍ୟବହାର କରୁଥିବା ଖାଉଟିଙ୍କ ଅଞ୍ଚଳ ତଥା ଯୋଗାଣ ସ୍ଥଳ ଉପରେ ବୈଧାନିକ ବା ଆଇନଗତ କର୍ତ୍ତୃତ୍ୱ ଥିବା ଟିକସ ସଂଗ୍ରହ ସଂସ୍ଥା ହିଁ ଟିକସ ଆଦାୟ କରିପାରିବେ ।

**ପ୍ରଶ୍ନ-3** : ଦେଶରେ ପ୍ରଚଳିତ କେଉଁ ଟିକସ ଜିଏସଟି ଅଧିନରେ ରହିବାର ପ୍ରସ୍ତାବ ରହିଛି?

**ଉତ୍ତର** : ଜିଏସଟି ନିମ୍ନଲିଖିତ ଟିକସକୁ ଅପସାରଣ କରିବ:

1. ସଂପ୍ରତି କେନ୍ଦ୍ର ସରକାରଙ୍କ ଦ୍ୱାରା ଲାଗୁ କରାଯାଇ ସଂଗୃହୀତ ହେଉଥିବା ଟିକସ :
   - କ) କେନ୍ଦ୍ରୀୟ ଉତ୍ପାଦ ଶୁଳ୍କ
   - ଖ) ଔଷଧୀୟ ଓ ଶୌଚାଳୟ ପ୍ରସ୍ତୁତି ସଂପର୍କିତ ଉତ୍ପାଦ ଶୁଳ୍କ
   - ଗ) ସ୍ୱତନ୍ତ୍ର ତଥା ଗୁରୁତ୍ୱପୂର୍ଣ୍ଣ ସାମଗ୍ରୀ ଉପରେ ଲାଗୁ ହେଉଥିବା ଅତିରିକ୍ତ ଉତ୍ପାଦ ଶୁଳ୍କ
   - ଘ) ବୟନଶିଳ୍ପ ଓ ଉତ୍ପାଦିତ ବସ୍ତ୍ର ଉପରେ ଲାଗୁ ହୋଇଥିବା ଅତିରିକ୍ତ ଉତ୍ପାଦ ଶୁଳ୍କ

ଙ) ଅତିରିକ୍ତ ବହିଃ ଶୁଳ୍କ (ଯାହାକି ସିଭିଡି ରୂପେ ସର୍ବବିଦିତ)

ଚ) ସ୍ୱତନ୍ତ୍ର ଅତିରିକ୍ତ ବହିଃ ଶୁଳ୍କ(ଏସ୍ ଏଡି)

ଛ) ସେବାକର

ଜ) ସାମଗ୍ରୀ ଓ ସେବା ଯୋଗାଣ ସଂକ୍ରାନ୍ତ କେନ୍ଦ୍ରୀୟ କର

2. ଜିଏସଟି ଅଧୀନକୁ ଆସୁଥିବା ରାଜ୍ୟଭିତ୍ତିକ ଟିକସ :

 କ) ପ୍ରାଦେଶିକ ମୂଲ୍ୟଯୁକ୍ତ ଟିକସ (ଭାଟ୍)

ଖ) କେନ୍ଦ୍ରୀୟ ବିକ୍ରୀ କର

ଗ) ବିକାସ କର

ଘ) ସମସ୍ତ ପ୍ରକାର ପ୍ରବେଶ କର

ଙ) ଆମୋଦ ଓ ପ୍ରମୋଦ କର ( ସ୍ଥାନୀୟ ସ୍ୱାୟତ୍ତ ଶାସନ ସଂସ୍ଥା ଦ୍ୱାରା ଲାଗୁ ଟିକସକୁ ବାଦ୍ ଦିଆଯିବ)

ଚ) ବିଜ୍ଞାପନ ଉପରେ ଲାଗୁ ହୋଇଥିବା ଟିକସ

ଛ) କ୍ରୟ ବା ଖରିଦ ଟିକସ

ଜ) ଲଟେରୀ, ବାଜି(ବେଟିଂ) ବା ଜୁଆ ଖେଳ ଉପରେ ଥିବା ଟିକସ

ଝ) ସାମଗ୍ରୀ ଓ ସେବା ଯୋଗାଣ ସଂକ୍ରାନ୍ତ ପ୍ରାଦେଶିକ କର

ଜିଏସଟି ବା ବସ୍ତୁ ଓ ସେବାକର ଅଧୀନରେ କେନ୍ଦ୍ର, ରାଜ୍ୟ ସରକାର ତଥା ସ୍ୱାୟତ୍ତଶାସନ ସଂସ୍ଥା ଲାଗୁ ହେଉଥିବା ବିଭିନ୍ନ କର ଅର୍ନ୍ତଭୁକ୍ତ ହେବା ଲାଗି ଜିଏସଟି କାଉନସିଲ କେନ୍ଦ୍ର ଓ ବିଭିନ୍ନ ରାଜ୍ୟ ସରକାରଙ୍କୁ ସୁପାରିଶ କରିଛି ।

**ପ୍ରଶ୍ନ-4**: ପୂର୍ବ ବର୍ଣ୍ଣିତ ଟିକସ ସମୂହ ଜିଏସଟି ରେ ସାମିଲ ଲାଗି କିଭଳି ନୀତିନିୟମ ପ୍ରଣୟନ କରାଯାଇଛି?

**ଉତ୍ତର :** ଜିଏସଟିରେ ଟିକସ ମିଶ୍ରଣର ସମ୍ଭାବନାକୁ ଚିହ୍ନଟ କରିବାଲାଗି କେନ୍ଦ୍ର, ରାଜ୍ୟ ସରକାର ତଥା ସ୍ୱାୟତ୍ତଶାସନ ସଂସ୍ଥାଗୁଡିକ ପରୀକ୍ଷଣ କରିଛନ୍ତି । ଟିକସ ଚିହ୍ନଟ ପ୍ରକ୍ରିୟା ସମୟରେ ନିମ୍ନ ବର୍ଣ୍ଣିତ ନୀତିନିୟମକୁ ଧ୍ୟାନ ଦିଆଯାଇଛି ।

**କ)** ସାମଗ୍ରୀ ଯୋଗାଣ ହେଉ ବା ସେବା ଯୋଗାଣ ହେଉ, ଅପ୍ରତ୍ୟକ୍ଷ ଟିକସ ରୂପରେ ପ୍ରାଥମିକ ଭାବେ ଜିଏସଟିରେ ଅନ୍ତର୍ଭୁକ୍ତ ହେବ ।

**ଖ)** ଜିଏସଟିରେ ଅନ୍ତର୍ଭୁକ୍ତ ହେବାକୁ ଥିବା ଟିକସ ଦେଶନେଶ ପ୍ରକ୍ରିୟାର ଅଂଶବିଶେଷ ହେବ । ଏହି ପ୍ରକ୍ରିୟାରେ ସାମଗ୍ରୀର ରପ୍ତାନୀ, ନିର୍ମାଣ ଓ ଉତ୍ପାଦନ ବା ସେବା ବ୍ୟବସ୍ଥା ଗୋଟିଏ ପଟେ ରହୁଥିବା ବେଳେ ସାମଗ୍ରୀ ଓ ସେବାର ଉପଯୋଗ ଅପରପାର୍ଶ୍ୱରେ ରହିବ ।

**ଗ)** ଜିଏସଟିରେ ଟିକସକ ମିଶ୍ରଣ ପ୍ରକ୍ରିୟା ଫଳରେ ଉଭୟ ଆଭ୍ୟନ୍ତରୀଣ ଓ ଆନ୍ତଃ-ରାଜ୍ୟ ସ୍ତରରେ ବିକେୟା ଟିକସ ପରିଶୋଧ ଅବାଧରେ ଗତିଶୀଳ ହେବ ।

ଯେଉଁ ଟିକସଗୁଡିକ ନିର୍ଦ୍ଦିଷ୍ଟଭାବେ ସାମଗ୍ରୀ ଓ ସେବା ଯୋଗାଣ ସଂପର୍କିତ ନୁହେଁ, ସେସବୁ ଜିଏସଟିରେ ଅନ୍ତର୍ଭୁକ୍ତ ହେବ ନାହିଁ ।

**ଘ)** ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ରାଜସ୍ୱର ଉତ୍ତମ ପରିଚାଳନା ପାଇଁ ପ୍ରୟାସ କରିବା ଆବଶ୍ୟକ ।

**ପ୍ରଶ୍ନ-5**: କେଉଁ କେଉଁ ଦ୍ରବ୍ୟ ଜିଏସଟି ଅଧୀନର ବାହାରେ ରହିବାକୁ ପ୍ରସ୍ତାବ ରହିଛି?

**ଉତ୍ତର** : ମାନବ ବ୍ୟବହାର ଉପଯୋଗୀ ଆଲକହଲ, ପେଟ୍ରୋଲିୟମ ବା ତୈଳ ଜାତ ସାମଗ୍ରୀ ଯଥା – ଅଶୋଧିତ ତୈଳ, ମୋଟର ସ୍ପିରଟ୍(ପେଟ୍ରୋଲ), ହାଇସ୍ପିଡ୍ ଡିଜେଲ, ପ୍ରାକୃତିକ ବାଷ୍ପ ଏବଂ ବିମାନ ଟର୍ବାଇନରେ ବ୍ୟବହୃତ ଇନ୍ଧନ ଏବଂ ବିଦ୍ୟୁତ ଶକ୍ତି ।

**ପ୍ରଶ୍ନ-6**: ଜିଏସଟି ପ୍ରଚଳନ ପରେ ଉପରବର୍ଣ୍ଣିତ ଦ୍ରବ୍ୟ ଉପରେ ଟିକସ ହାର ପ୍ରଣୟନ ସ୍ଥିତି କ'ଣ ରହିବ?

**ଉତ୍ତର** : ଏହିସବୁ ଦ୍ରବ୍ୟ ଉପରେ ପୂର୍ବ ପ୍ରଚଳିତ ଟିକସ ଯଥା ଭାଟ୍ ଓ କେନ୍ଦ୍ରୀୟ ଉତ୍ପାଦ ଶୁଳ୍କ ହାର ଅବ୍ୟାହତ ରହିବ ।

**ପ୍ରଶ୍ନ-6(କ)**: ଜିଏସଟି ବ୍ୟବସ୍ଥାରେ ତମାଖୁ ଓ ତମାଖୁ ଜାତ ସାମଗ୍ରୀ ଉପରେ ଟିକସ ହାର ପ୍ରଣୟନ ସ୍ଥିତି କ'ଣ ରହିବ?

**ଉତ୍ତର :** ତମାଖୁ ଓ ତମାଖୁ ଜାତ ସାମଗ୍ରୀ ଜିଏସଟି ବ୍ୟବସ୍ଥା ଅନ୍ତର୍ଗତ । ଏହା ବାଦ କେନ୍ଦ୍ର ସରକାରଙ୍କ ତମାଖୁ ସାମଗ୍ରୀ ଉପରେ କେନ୍ଦ୍ରୀୟ ଉତ୍ପାଦ ଶୁଳ୍କ ଲାଗୁ କରିବାକୁ ମଧ୍ୟ କ୍ଷମତା ରହିଛି ।

**ପ୍ରଶ୍ନ-7:** କେଉଁ ପ୍ରକାରର ଜିଏସଟି ପ୍ରଣୟନ କରାଯିବାକୁ ପ୍ରସ୍ତାବ ରହିଛି?

**ଉତ୍ତର :** ସାଧାରଣ ଟିକସ ପ୍ରଣୟନ ଭିତ୍ତି ଅନୁଯାୟୀ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଏକକାଳୀନ ଟିକସ ଲାଗୁ କରିପାରିବେ, ଯାହାକି ଦୁଇଅଂଶଯୁକ୍ତ ଜିଏସଟି ବ୍ୟବସ୍ଥା ଭାବେ ପରିଗଣିତ ହେବ । ରାଜ୍ୟ ମଧ୍ୟରେ ଆଭ୍ୟନ୍ତରୀଣ ସାମଗ୍ରୀ ଓ ସେବା ଯୋଗାଣ କ୍ଷେତ୍ରରେ କେନ୍ଦ୍ର ସରକାର ଯେଉଁ ଟିକସ ଲାଗୁ କରିବେ, ତାହା କେନ୍ଦ୍ରୀୟ ଜିଏସଟି ବା ସିଜିଏସଟି କୁହାଯବ । ଏ କ୍ଷେତ୍ରରେ ରାଜ୍ୟ ସରକାର ଯେଉଁ ଟିକସ ଲାଗୁ କରିବେ ତାହା ପ୍ରାଦେଶିକ ଜିଏସଟି ବା ଏସଜିଏସଟି କୁହାଯିବ । ଅନୁରୂପ ଭାବେ, ପ୍ରତି ଆନ୍ତଃରାଜ୍ୟ (ରାଜ୍ୟ ରାଜ୍ୟ ମଧ୍ୟରେ) ସାମଗ୍ରୀ ଓ ସେବା ଯୋଗଣକୁ କେନ୍ଦ୍ର ସରକାର ପରିଚଳନା କରିବା ସଂଗେ ସଂଗେ ଏହା ଉପରେ ସମନ୍ୱିତ ଜିଏସଟି ବା ଆଇଜିଏସଟି ଲାଗୁ କରିପାରିବେ ।

**ପ୍ରଶ୍ନ-8:** ଦ୍ୱିଶଂଶୀ ବା ଦ୍ୱୈତ ଜିଏସଟି ବ୍ୟବସ୍ଥା କାହିଁକି ଆବଶ୍ୟକ?

**ଉତ୍ତର :** ଭାରତ ଏକ ସଂଘୀୟ ରାଷ୍ଟ୍ର, .ଯେଉଁଠାରେ କି ଉପଯୁକ୍ତ ଆଇନ ପ୍ରଣୟନ ମାଧ୍ୟମରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଟିକସ ଲାଗୁ କରିବା ସହ ସଂଗ୍ରହ କରିବା ଲାଗି କ୍ଷମତାପ୍ରାପ୍ତ । ସମ୍ବିଧାନରେ ଉଲ୍ଲିଖିତ ଧାରାନୁଯାୟୀ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭାଜିତ କ୍ଷମତା ବଳରେ ସମ୍ବଳ ବୃଦ୍ଧୀ ଲାଗି ପୃଥକ୍ ଭାବେ ଦାୟିତ୍ୱ ତୁଲାଇବେ । ସଂଘୀୟ ଆର୍ଥିକ ବ୍ୟବସ୍ଥା ଲାଗି ସାମ୍ବିଧାନିକ ଆବଶ୍ୟକତା ଦୃଷ୍ଟିରୁ ଦ୍ୱିଅଂଶୀ ବା ଦୈତ ଜିଏସଟି ବ୍ୟବସ୍ଥା ପ୍ରଣୟନ କରାଯିବ ।

**ପ୍ରଶ୍ନ-9:** ଜିଏସଟି ବ୍ୟବସ୍ଥାରେ କେଉଁ ସଂସ୍ଥା ଟିକସ ଲାଗୁ କରିବା ସହ ଏହାକୁ ପରିଚାଳନା କରିବେ?

**ଉତ୍ତର** : କେନ୍ଦ୍ର ସରକାର CGST ଓ IGST ଅନୁଯାୟୀ ଟିକସ ଲାଗୁ ସହ ପରିଚଳନା କରିବେ । ଏହାଛଡା, ରାଜ୍ୟଗୁଡିକ SGST ଅନୁଯାୟୀ ଟିକସ ଲାଗୁ ସହ ପରିଚଳନା କରିବେ ।

**ପ୍ରଶ୍ନ-10** : ଜିଏସଟି ପ୍ରସଙ୍ଗରେ ସଂପ୍ରତି ଭାରତୀୟ ସମ୍ବିଧାନ କାହିଁକି ସଂଶୋଧିତ ହୋଇଥିଲା?

**ଉତ୍ତର** : ସମ୍ବିଧାନରେ କେନ୍ଦ୍ର ଓ ରାଜ୍ୟଗୁଡିକର ଆର୍ଥିକ କ୍ଷମତାର ପରିସୀମା ଚିହ୍ନିତ ହୋଇଛି । ଏ ଦୃଷ୍ଟିରୁ ଦୁହିଁଙ୍କ ମଧ୍ୟରେ ସୀମା ବର୍ହିଃଭୂତ କ୍ଷମତା ପ୍ରୟୋଗର ଲେଶମାତ୍ର ଆଶଙ୍କା ନାହିଁ । କେନ୍ଦ୍ର ସରକାର ସାମଗ୍ରୀର ନିର୍ମାଣ(ମାନବ ବ୍ୟବହାର ଉପଯୋଗୀ ଆଲକହଲଯୁକ୍ତ ରସାୟନ, ଅଫିମ ଓ ଅବକାରୀ ଦ୍ରବ୍ୟକୁ ଛାଡି) ଉପରେ ଟିକସ ଲାଗୁ କରିବାକୁ କ୍ଷମତାପ୍ରାପ୍ତ । ତେବେ, ରାଜ୍ୟସରକାର ସାମଗ୍ରୀର ବିକ୍ରୟ ଉପରେ ଟିକସ ଲାଗୁ କରିପାରିବେ । ଆନ୍ତଃରାଜ୍ୟ ବା ରାଜ୍ୟ ରାଜ୍ୟ ମଧ୍ୟରେ ବିକ୍ରୟ କ୍ଷେତ୍ରରେ କେନ୍ଦ୍ର ସରକାର ଟିକସ (କେନ୍ଦ୍ରୀୟ ବିକ୍ରୀ କର) ଲାଗୁ କରିବା ପାଇଁ କ୍ଷମତା ପ୍ରାପ୍ତ । କିନ୍ତୁ ଏ କ୍ଷେତ୍ରରେ ରାଜ୍ୟ ସରକାର ସଂପୂର୍ଣ୍ଣଭାବେ ଟିକସ ଆଦାୟ କରିବା ସହ ଟିକସ ପ୍ରାପ୍ୟ ହାସଲ କରିପାରିବେ । କିନ୍ତୁ ସେବା ଯୋଗାଣ କ୍ଷେତ୍ରରେ, କେନ୍ଦ୍ର ସରକାର ଏକାକୀ ସେବାକର ଲାଗୁ କରିବାକୁ କ୍ଷମତାପ୍ରାପ୍ତ । ଜିଏସଟି ପ୍ରଚଳନ ଲାଗି ସମ୍ବିଧାନ ସଂଶୋଧନ କରାଯିବାର ଉଦ୍ଦେଶ୍ୟ ହେଉଛି ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରକୁ ଏକ ସମୟରେ ଏହି ଟିକସକୁ ଲାଗୁ କରିବା ସହ ଆଦାୟ ଲାଗି କ୍ଷମତା ଦେବା ।

ଏହି ଉଦ୍ଦେଶ୍ୟରେ ସମ୍ବିଧାନ ଆଇନ, 2016 ର 101 ତମ ସଂଶୋଧନ କରାଯାଇଛି । ସମ୍ବିଧାନର 246(କ) ଧାରାରେ ଜିଏସଟି ଲାଗୁ ଓ ଆଦାୟ ଲାଗୁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ କ୍ଷମତାପଣ କରାଯାଇଛି ।

**ପ୍ରଶ୍ନ-11** : କେନ୍ଦ୍ରୀୟ ଜିଏସଟୁ ଓ ରାଜ୍ୟ ଜିଏସଟି ଅଧୀନରେ ବସ୍ତୁ ଓ ସେବାର ନିର୍ଦ୍ଦିଷ୍ଟ କରବାର ଉପରେ କିଭଳି ଏକକାଳୀନ ଟିକସ ଲାଗୁ କରାଯାଇପାରିବ?

**ଉତ୍ତର** : ଟିକସ ଛାଡ ହୋଇଥିବା ବସ୍ତୁ ଓ ସେବା, ଜିଏସଟି ଆଇନଗତ ପରିସର ବର୍ହିଃଭୂତ ବସ୍ତୁ ଓ ଧାର୍ଯ୍ୟ ସୀମାଠାରୁ ନିମ୍ନରେ ଥିବା ବସ୍ତୁ ଓ ସେବା କାରବାରକୁ ଛାଡି କେନ୍ଦ୍ରୀୟ ଜିଏସଟି ଓ ରାଜ୍ୟ ଜିଏସଟି ଅନ୍ୟ ସବୁ ବସ୍ତୁ ଓ ସେବା ଯୋଗାଣର କାରବାର ଉପରେ ଏକକାଳୀନ ଟିକସ ଲାଗୁ କରିପାରିବେ । ପୁନଶ୍ଚ, ଉଭୟ କେନ୍ଦ୍ର ଓ  ରାଜ୍ୟ ସରକାର ସମାନ ମୂଲ୍ୟ ଉପରେ ଟିକସ ଲାଗୁ କରିପାରିବେ । ତେବେ, ରାଜ୍ୟ ଜିଏସଟି ସେନଭାଟ୍ CENVAT ମିଶ୍ରିତ ବସ୍ତୁର ମୂଲ୍ୟ ଉପରେ ଟିକସ ଲାଗୁ କରିବେ । ଦେଶ ମଧ୍ୟରେ ଯୋଗାଣକାରୀ ଓ ଗ୍ରହୀତାଙ୍କ କାରବାରସ୍ଥଳ CGST ଓ SGST ର ଉଦ୍ଦେଶ୍ୟ ସାଧନ ଲାଗୁ ଅନାବଶ୍ୟକ । ଯଦି ଯୋଗାଣକାରୀ ଓ ଗ୍ରହୀତା ଏକ ରାଜ୍ୟ ମଧ୍ୟରେ କାରବାର କରୁଥାନ୍ତି, ତାହାଲେ CGST ଓ SGST ଦେୟଯୋଗ୍ୟ ।

**ଦୃଷ୍ଟାନ୍ତ 1** : ଧରାଯାଉ CGST ଦର 10% ଓ SGST ଦର 10% ରହିଛି । ଯେତେବେଳେ ଉତ୍ତର ପ୍ରଦେଶର ଏକ ଇସ୍ପାତଶିଳ୍ପ ପାଇକାରୀ ଡିଲର ସେହିରାଜ୍ୟର ଏକ ନିର୍ମାଣ ସଂସ୍ଥାକୁ 100 ଟଙ୍କାର ଇସ୍ପାତ ତାର ବା ରଡ୍ ଯୋଗାଏ, ତାହାଲେ ବସ୍ତୁର ମୌଳିକ ମୂଲ୍ୟକୁ ମିଶାଇ ଡିଲର ପାଇଁ 10 ଟଙ୍କା CGST ଓ 10 ଟଙ୍କା SGST ଟିକସ ପଡିଥାଏ । ଡିଲରଜଣଙ୍କ CGST ଦେୟ ଏବଂ କେନ୍ଦ୍ରୀୟ ସରକାରୀ କାର୍ଯ୍ୟାଳୟ ଆକାଉଣ୍ଟରେ ପ୍ରଦାନ କରିବେ । ତେବେ ଡିଲର SGST ଦେୟ ସଂପୃକ୍ତ ରାଜ୍ୟ ସରକାରଙ୍କ ଏକ କାର୍ଯ୍ୟାଳୟ ଆକାଉଣ୍ଟରେ ଏହି ଦେୟ ପ୍ରଦାନ କରିବେ । ଯଦି ଡିଲର ଜଣଙ୍କ କଞ୍ଚାମାଲ କିଣିବାବେଳେ CGST ଓ SGST ଦେୟ ପ୍ରଦାନ କରିଥାନ୍ତି, ତାହାଲେ ତାଙ୍କୁ 20 ଟଙ୍କା (10 ଟଙ୍କା+10 ଟଙ୍କା) ନଗଦ ଆକାରରେ ନେବାକୁ ପଡିବ ନାହିଁ । ତାଙ୍କୁ CGST ଦେୟ ଦେବାକୁ ହେଲେ କଞ୍ଚାମାଲ କ୍ରୟ ଉପରେ CGST ର ବିକେୟା ଦେୟ ହିଁ ପରିଶୋଧ କରିପାରିବେ । SGST ବିକେୟା ଦେୟ ପ୍ରଦାନ କରିବେ । ଅନ୍ୟପକ୍ଷରେ କହିବାକୁ ଗଲେ, CGSTର ବିକେୟା ଦେୟ ପାଇଁ SGST ଦେୟ ପରିଶୋଧକୁ ବ୍ୟବହାର କରାଯାଇପାରିବ

ନାହିଁ । ସେହିପରି SGST ର ବିକେୟା ଦେୟ ପରିଶୋଧ CGST ଦେୟ ପ୍ରଦାନ କ୍ଷେତ୍ରରେ ମଧ୍ୟ ଲାଗୁ ହେବନାହିଁ ।

**ଦୃଷ୍ଟାନ୍ତ 2** : ପୁର୍ନବାର ଧରାଯାଉ, CGST ର ମୂଲ୍ୟ 10% SGST ର ମୂଲ୍ୟ 10% ରହିଛି । ମୁମ୍ବାଇ ଏକ ବିଜ୍ଞାପନ ସଂସ୍ଥା ମହାରାଷ୍ଟ୍ର ମଧ୍ୟରେ ଥିବା ଏକ ସାବୁନ୍ ଉତ୍ପାଦନକାରୀ କମ୍ପାନୀକୁ 100ଟଙ୍କା ମୂଲ୍ୟର ବିଜ୍ଞାପନ ସେବା ଯୋଗାଇ ଦେଉଛି । ସେହି କ୍ଷେତ୍ରରେ ବିଜ୍ଞାପନ ସଂସ୍ଥା ମୂଳଦାମ୍ କୁ ମିଶାଇ CGST ଦେୟ 10 ଟଙ୍କା ଓ SGST ଦେୟ 10 ଟଙ୍କା ପ୍ରଦାନ କରିବ । ବିଜ୍ଞାପନ ସଂସ୍ଥା CGST ଦେୟ କେନ୍ଦ୍ରିୟ ସରକାରୀ କାର୍ଯ୍ୟାଳୟ ଆକାଉଣ୍ଟରେ ଓ SGST ଦେୟ ସଂପୃକ୍ତ ରାଜ୍ୟ ସରକାରଙ୍କ ଏକ କାର୍ଯ୍ୟାଳୟ ଆକାଉଣ୍ଟରେ ପ୍ରଦାନ କରିବେ । ସେହିପରି ବିଜ୍ଞାପନ ସଂସ୍ଥା କଞ୍ଚାମାଲ(ଷ୍ଟସନାରୀ ସାମଗ୍ରୀ, ଅଫିସ ଉପକରଣ, ବା କଳାକରଙ୍କ ଦେୟ) କ୍ରୟ ବେଳେ CGST ଓ SGST ଦେୟ ଦେଇଥାନ୍ତି, ତାହାଲେ ତାଙ୍କୁ 20 ଟଙ୍କା(10 ଟଙ୍କା+10 ଟଙ୍କା) ନଗଦ ଆକାରରେ ଦେବାକୁ ପଡିବ ନାହିଁ । ତାଙ୍କୁ CGST ଦେୟ ଦେବାକୁ ହେଲେ କଞ୍ଚାମାଲ କ୍ରୟ ଉପରେ CGST ର ବିକେୟା ଦେୟ ହିଁ ପରିଶୋଧ କରିପାରିବେ । SGST ଦେୟ ପାଇଁ କେବଳ SGST ବିକେୟା ଦେୟ ପ୍ରଦାନ କରିବେ । ଅନ୍ୟପକ୍ଷରେ କହିବାକୁ ଗଲେ, CGSTର ବିକେୟା ଦେୟ ପାଇଁ SGST ଦେୟ ପରିଶୋଧକୁ ବ୍ୟବହାର କରାଯାଇପାରିବ ନାହିଁ । ସେହିପରି SGST ବିକେୟା ଦେୟ ପରିଶୋଧ CGST ଦେୟ ପ୍ରଦାନ କ୍ଷତ୍ରରେ ମଧ୍ୟ ଲାଗୁ ହେବନାହିଁ ।

**ପ୍ରଶ୍ନ-12** : ଜିଏସଟି ଲାଗୁ ହେଲେ ଦେଶର କିଭଳି ଭାବେ ହିତ ସାଧନ ହେବ?

**ଉତ୍ତର** : ଅପ୍ରତ୍ୟକ୍ଷ କର ସଂସ୍କର କ୍ଷେତ୍ରରେ ଜିଏସଟି ପ୍ରଚଳନ ଏକ ମହନୀୟ ପଦକ୍ଷେପ । ବହୁସଂଖ୍ୟକ କେନ୍ଦ୍ରୟ ଓ ରାଜ୍ୟ ଟିକସକୁ ଏକତ୍ରୀକରଣ ସହ ପୂର୍ବବର୍ତ୍ତୀ ସ୍ତରର ଟିକସକୁ ଗ୍ରହଣ କରି ଏକକ କର ବ୍ୟବସ୍ଥାରେ ପରିଣତ ହେବା ଦ୍ୱାରା ଏଗୁଡିକର କୁ ପ୍ରଭାବ ଲୋପ ପାଇବା ସହ ଏକ ସାଧାରଣ ଜାତୀୟ ବିପଣନ ଲାଗୁ ପଥ ପରିଷ୍କାର କରିବ । ଏକକ କର ବ୍ୟବସ୍ଥା ବା ଜିଏସଟି ପ୍ରଚଳନ ଦ୍ୱାରା ଉପଭୋକ୍ତାମାନେ ବିଶେଷ ଉପକୃତ ହେବେ । ଏହି ବ୍ୟବସ୍ଥାରେ ସାମଗ୍ରିକ ଟିକସ

ବୋଝରେ ହ୍ରାସ ଘଟିବ । ଏପରିକି, ଉପଭୋକ୍ତାଙ୍କୁ ସାଂପ୍ରତିକ ଆକଳନ ଅନୁଯାୟୀ 25 ରୁ 30 ଶତାଂଶ ପର୍ଯ୍ୟାୟ ଟିକସ ବୋଝରୁ ମୁକ୍ତି ମିଳିବା, ସମ୍ଭାବନା ରହିଛି । ଜିଏସଟି ପ୍ରଚଳନ ଦ୍ୱାରା ଆଭ୍ୟନ୍ତରୀଣ ଓ ଆନ୍ତର୍ଜାତିକ ବଜାରରେ ଆମର ଉତ୍ପାଦିତ ସାମଗ୍ରୀ ପ୍ରତିଯୋଗିତା ଭିତ୍ତିକ ହୋଇପାରିବ । ଅଧ୍ୟୟନରୁ ଜଣାପଡିଛି ଯେ ଏହା ଧୀରେ ଧୀରେ ଆର୍ଥିକ ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିବ । ଟିକସ ଢାଞ୍ଚା ବିସ୍ତାରିତ ହେବା ଦ୍ୱାରା କେନ୍ଦ୍ର ଓ ରାଜ୍ୟ ସରକାର ଗୁଡିକର ରାଜସ୍ୱ ବୃଦ୍ଧି ହେବା ସଂଗେ ସଂଗେ ବାଣିଜ୍ୟ କାରବାର ବୃଦ୍ଧି ସହ ଟିକସ ବ୍ୟବସ୍ଥା ବିକଶିତ ହେବ । ଏହି ଚୂଡାନ୍ତ ଟିକସ ବ୍ୟବସ୍ଥା ଦେଖିବାକୁ ଗଲେ କିଛି କମ୍ ନୁହେଁ, କାରଣ ସ୍ୱଚ୍ଛ ଚରିତ୍ର ଯୋଗୁ ଏହା ସହଜରେ ସୁପରିଚାଳିତ ହୋଇପାରିବ ।

**ପ୍ରଶ୍ନ-13 :** ଆଇଜିଏସଟି କ'ଣ?

**ଉତ୍ତର :** ଜିଏସଟି ବ୍ୟବସ୍ଥା ଅନୁଯାୟୀ, ସମନ୍ୱିତ ଜିଏସଟି ବା ଆଇଜିଏସଟି ମାଧ୍ୟମରେ କେନ୍ଦ୍ର ସରକାର ଆନ୍ତଃରାଜ୍ୟ ସାମଗ୍ରୀ ଓ ସେବା ଯୋଗାଣ ଉପରେ କର ଲାଗୁ ସହ ଆଦାୟ କରିପାରିବେ । ସମ୍ବିଧାନର 269(କ) ଧାରାନୁଯାୟୀ ଆନ୍ତଃରାଜ୍ୟ କାରବାର ତଥା ଯୋଗଣ କ୍ଷେତ୍ରରେ ଜିଏସଟି ଜରିଆରେ କେନ୍ଦ୍ର ସରକାର ଟିକସ ଲାଗୁ ସହ ଆଦାୟ କରିପାରିବେ । ଏଭଳି ଟିକସ କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ଉଚିତ୍ ଢଙ୍ଗରେ ବିବେଚିତ ହେବ । କାରଣ ଜିଏସଟି ପରିଷଦର ସୁପାରିଶ କ୍ରମେ ଏହି ଟିକସ କଣ୍ଟ୍ରୋଲ ପ୍ରକ୍ରିୟା ସଂସଦରେ ଆଇନ ରୂପେ ସ୍ୱୀକୃତି ଲାଭ କରିଛି ।

**ପ୍ରଶ୍ନ-14 :** ଜିଏସଟି ଲାଗୁ କ୍ଷେତ୍ରରେ ମୂଲ୍ୟ ନିର୍ଦ୍ଧାରଣ କିଏ କରିବ?

**ଉତ୍ତର :** କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମିଳିତ ନିଷ୍ପତ୍ତି ଅନୁଯାୟୀ CGST ଓ SGST ବ୍ୟବସ୍ଥାରେ ଟିକସ ଲାଗୁ ପାଇଁ ମୂଲ୍ୟ ନିର୍ଦ୍ଧାରିତ ହେବ । ଜିଏସଟି ପରିଷଦର ସୁପାରିଶ କ୍ରମେ ଟିକସ ହାର ପାଇଁ ବିଜ୍ଞପ୍ତି ଜାରି ହେବ ।

**ପ୍ରଶ୍ନ-15 :** ଜିଏସଟି ପରିଷଦର ଭୂମିକା କିଭଳି ରହିବ?

**ଉତ୍ତର :** କେନ୍ଦ୍ର ଅର୍ଥମନ୍ତ୍ରୀ, କେନ୍ଦ୍ର ରାଜସ୍ୱ ରାଷ୍ଟ୍ରମନ୍ତ୍ରୀ ତଥା ସବୁ ରାଜ୍ୟର ଅର୍ଥମନ୍ତ୍ରୀଙ୍କୁ ନେଇ ଜିଏସଟି ପରିଷଦ ଗଠିତ । କେନ୍ଦ୍ର ଅର୍ଥମନ୍ତ୍ରୀ ଜିଏସସଟି ପରିଷଦର ଅଧ୍ୟକ୍ଷ

ରହିବେ । ଏହି ପରିଷଦ କେନ୍ଦ୍ର ଓ ରାଜ୍ୟ ସରକାରଗୁଡିକ ନିମ୍ନଲିଖିତ ସୁପାରିଶ କରିପାରିବ –

କ) କେନ୍ଦ୍ର ଓ ରାଜ୍ୟ ସରକାର ତଥା ସ୍ୱାୟତ୍ତଶାସନ ସଂସ୍ଥା ପାଇଁ ଲାଗୁ ହେଉଥିବା ଟିକସକୁ ଜିଏସଟିରେ ଅନ୍ତର୍ଭୁକ୍ତ କରିବା ।

ଖ) ବସ୍ତୁ ଓ ସେବାର ପ୍ରକାର ଭେଦ ଅନୁଯାୟୀ ଜିଏସଟିରେ ଅନ୍ତର୍ଭୁକ୍ତ କରିବା ।

ଗ) ଅଶୋଧିତ ତୈଳ, ହାଇସ୍ପିଡ ଡିଜେଲ, ମୋଟର ସ୍ପିରଟ୍(ପେଟ୍ରୋଲ ରୂପେ କଥିତ), ପ୍ରାକୃତିକ ବାଷ୍ପ ଓ ବିମାନ ଟର୍ବାଇନ୍ ଇନ୍ଧନ ଉପରେ ଜିଏସଟି ଲାଗୁ ନେଇ ତିଥୀ ନିର୍ଦ୍ଧାରଣ ।

ଘ) ଆଦର୍ଶ ଜିଏସଟି ଆଇନ, ଟିକସ ଲାଗୁ ନେଇ ନୀତିନିୟମ, ଆଇଜିଏସଟିର ଉତ୍ତମ କଣ୍ଟ୍ରୋଲ ତଥା ସାମଗ୍ରୀ ଯୋଗାଣ ସ୍ଥଳକୁ ଦୃଷ୍ଟି ଦେଇ ନୀତି ନିର୍ଦ୍ଧାରଣ ।

ଙ) ଜିଏସଟିରୁ ଛାଡ ପାଇବାକୁ ଥିବା ସାମଗ୍ରୀ ଓ ସେବା କାରାବାରର ସର୍ବନିମ୍ନ ସୀମା ନିର୍ଦ୍ଧାରଣ ।

ଚ) ଜିଏସଟିରେ ମିଶ୍ରିତ ସୁଧ ସହ ଟିକସହାର ସମୂହ ନିରୂପଣ କରିବା ।

ଛ) କୌଣସି ପ୍ରାକୃତିକ ବିପର୍ଯ୍ୟୟ ବା ଦୁର୍ବିପାକ ବେଳେ ଅତିରିକ୍ତ ସମ୍ବଳ ବୃଦ୍ଧି ଉଦ୍ଦେଶ୍ୟରେ ନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ କୌଣସି ସ୍ୱତନ୍ତ୍ର ହାର ନିର୍ଦ୍ଧାରଣ ।

ଜ) ଉତ୍ତର ପୂର୍ବାଞ୍ଚଳ ରାଜ୍ୟସମୂହ, ଜାମ୍ମୁ ଓ କାଶ୍ମୀର, ହିମାଚଳ ପ୍ରଦେଶ ଓ ଉତ୍ତରାଖଣ୍ଡ ଭଳି ଆର୍ଥିକ ଅନଗ୍ରସର ରାଜ୍ୟଗୁଡିକ ଲାଗୁ ସ୍ୱତନ୍ତ୍ର ବ୍ୟବସ୍ଥା ନିର୍ଦ୍ଧାରଣ ।

ଝ) ପରିଷଦ ନିଷ୍ପତ୍ତି ନେବାକୁ ଥିବା ଜିଏସଟି ସଂପର୍କିତ ଅନ୍ୟ କୌଣସି ପ୍ରସଙ୍ଗ ।

**ପ୍ରଶ୍ନ-16** : ଜିଏସଟି ପରିଷଦର ପଥ ପ୍ରଦର୍ଶନକାରୀ ନୀତି କ'ଣ?

**ଉତ୍ତର** : କେନ୍ଦ୍ର ଓ ରାଜ୍ୟ ସମୂହ ମଧ୍ୟରେ ଜିଏସଟିକ ବିଭିନ୍ନ ସ୍ୱରୂପର ସୁସଂଗତି ଆଣିବା ପାଇଁ ଜିଏସଟି ପରିଷଦ ପଦ୍ଧତି ନିର୍ଣ୍ଣୟ କରିବ । ସମ୍ବିଧାନର 101ତମ ସଂଶୋଧନ ଅଧିନିୟମ, 2016ରେ ଏଭଳି ବ୍ୟବସ୍ଥା କରାଯାଇଛି । ଜିଏସଟି ପରିଷଦ ବିଭିନ୍ନ କାର୍ଯ୍ୟନିର୍ବାହ ବେଳେ ଜିଏସଟିର ସୁସଙ୍ଗତ ଢାଞ୍ଚାକୁ ଅକ୍ଷୁର୍ଣ୍ଣ ରଖିବ ଏବଂ ବସ୍ତୁ ଓ

ସେବା ଯୋଗାଣ ଲାଗି ସୁସଂହତ କାତୀୟ ବକାରକୁ ବିକଶିତ କରିବ ବୋଲି ଏହି ଅଧିନିୟମରେ ଦର୍ଶାଯାଇଛି ।

**ପ୍ରଶ୍ନ-17** : କିଏସଟି ପରିଷଦ କିଭଳି ଭାବେ ନିଷ୍ପତ୍ତି ଗ୍ରହଣ କରିବ?

**ଉତ୍ତର** : ସମ୍ବିଧାନର 101ତମ ସଂଶୋଧନ ଅଧିନିୟମ, 2016 ଅନୁସାରେ କିଏସଟି ପରିଷଦ ବୈଠକରେ ତିନି ଚତୁର୍ଥାଂଶ ସଦସ୍ୟ (ଏହାଠାରୁ କମ୍ ନୁହେଁ)ଙ୍କ ଉପସ୍ଥିତିରେ ବା ମତଦାନରେ ପ୍ରତ୍ୟେକ ନିଷ୍ପତ୍ତି ନିଆଯିବ । ମତଦାନ ସମୟରେ କେନ୍ଦ୍ର ସରକାରଙ୍କ ପ୍ରତିନିଧି ଭୋଟ ସମୁଦାୟ ପଡିଥିବା ଭୋଟର ଏକତୃତୀୟାଂଶ ଏବଂ ରାଜ୍ୟ ପ୍ରତିନିଧିମାନଙ୍କ ଭୋଟ ସମୁଦାୟ ଭୋଟର ଦୁଇତୃତୀୟାଂଶ ବୋଲି ବିବେଚନା କରାଯିବ । କିଏସଟି କାଉନସିଲର ଅଧା ସଭ୍ୟ ରହିଲେ ବୈଠକ ଅନୁଷ୍ଠିତ ହେବ, ନଚେତ ଏଥିରୁ କମ୍ ରହିଲେ କୋରମ ଅଭାବରୁ ବୈଠକ ବାତିଲ ହେବ ।

**ପ୍ରଶ୍ନ-18** : ପ୍ରସ୍ତାବିତ କିଏସଟି ବ୍ୟବସ୍ଥାରେ କେଉଁମାନେ କିଏସଟି ଦେବାକୁ ବାଧ୍ୟ?

**ଉତ୍ତର** : କିଏସଟି ବ୍ୟବସ୍ଥାରେ ବସ୍ତୁ ଓ ସେବା ଯୋଗାଣ କରୁଥିବା ସଂପୃକ୍ତ ବ୍ୟକ୍ତି ବା ସଂସ୍ଥା ଟିକସ ଦେବେ । କିଏସଟି ସର୍ବନିମ୍ନ ଛାଡ ସୀମା(ଧରାଯାଉ) 10 ଲକ୍ଷ ଟଙ୍କା(ଉତ୍ତର ପୂର୍ବାଞ୍ଚଳ ରାଜ୍ୟ ପାଇଁ 5 ଲକ୍ଷ ଟଙ୍କା) ଅତିକ୍ରମ କରି ବସ୍ତୁ ଓ ସେବା ଯୋଗାଣ କରୁଥିବା ବ୍ୟକ୍ତି ଓ ସଂସ୍ଥା ଟିକସ ଦେବାକୁ ବାଧ୍ୟ । ତେବେ କେତେକ ନିର୍ଦ୍ଦିଷ୍ଟ କ୍ଷେତ୍ରରେ କିଏସଟିର ସର୍ବନିମ୍ନ ଛାଡ ସୀମା ଟପିନଥିଲେ ମଧ୍ୟ ବସ୍ତୁ ଓ ସେବା ଯୋଗାଣକାରୀ ବ୍ୟକ୍ତି ବା ସଂସ୍ଥା ଟିକସ ଦେବାକୁ ବାଧ୍ୟ । ରାଜ୍ୟର ଆଭ୍ୟନ୍ତରୀଣ ଅଞ୍ଚଳରେ ବସ୍ତୁ ଓ ସେବା ଯୋଗଣ କରୁଥିବା ବ୍ୟକ୍ତି ବା ସଂସ୍ଥା CGST, SGST ଓ IGST ଦେୟ ଆଦାୟ କରାଯିବ ।

**ପ୍ରଶ୍ନ-19** : କିଏସଟି ବ୍ୟବସ୍ଥାରେ କ୍ଷୁଦ୍ର ଟିକସଦାତାମାନଙ୍କ ପ୍ରତି କିଭଳି ରିହାତି ରହିଛି?

**ଉତ୍ତର** : ଗୋଟିଏ ଆର୍ଥିକ ବର୍ଷରେ (10 ଲକ୍ଷ ଟଙ୍କା) ପର୍ଯ୍ୟନ୍ତ କାରବାର କରୁଥିବା ବ୍ୟକ୍ତି ବା ସଂସ୍ଥା GST ବ୍ୟବସ୍ଥାରୁ ଟିକସ ଛାଡ ପାଇବେ । (ସବୁ ଟିକସ ଯୋଗ୍ୟ ବିନା ଓ ଟିକସ ଯୋଗ୍ୟ ଯୋଗଣର ସମୁଦାୟ ମୂଲ୍ୟକୁ ନେଇ ମୋଟ କରବାର ଅନ୍ତର୍ଭୁକ୍ତ । ଟିକସ ସହିତ ଯୋଗାଣ, ବସ୍ତୁ ଓ ସେବା ରପ୍ତାନୀ ଓ ବର୍ହିଭୂତ ଟିକସ ପ୍ରକ୍ରିୟା ମଧ୍ୟ ଏହି

ମୋଟ କାରବାରର ଅଧୀନସ୍ଥ) ଏହି ମୋଟ କାରବାର ସର୍ବଭାରତୀୟ ସ୍ତରରେ ଗଣନା ପ୍ରକ୍ରିୟାର ଅନ୍ତର୍ଭୁକ୍ତ । ଉତ୍ତରପୂର୍ବ ରାଜ୍ୟ ସମୂହ ଓ ସିକ୍କିମ ପାଇଁ 5 ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଟିକସ ଛାଡ ସୀମା ରହିଛି । ସମସ୍ତ ଟିକସଦାତା ଇନପୁଟ ଟ୍ୟାକ୍ସ ବେନିଫଟ୍ ଉପକାର ବ୍ୟବସ୍ଥାରେ ଟିକସ ରିହାତି ସୁଯୋଗ ପାଇପାରିବେ । ଯେଉଁ ଟିକସଦାତା ମାନେ ଆନ୍ତଃରାଜ୍ୟ ଯୋଗଣରେ ସାମିଲ ଥିବେ କିମ୍ବା ଏହାର ଫେରନ୍ତା ଟିକସ ଭରଣା କରୁଥିବେ ସର୍ବନିମ୍ନ ଟିକସ ଠାରୁ ସୀମା ନିମନ୍ତେ ଯୋଗ୍ୟ ବିବେଚିତ ହେବେ ନାହିଁ ।

**ପ୍ରଶ୍ନ-20 :** ଜିଏସଟି ବ୍ୟବସ୍ଥାରେ ବସ୍ତୁ ଓ ସେବାକୁ କିଭଳି ବିଭାଗୀକରଣ କରାଯାଇଛି?

**ଉତ୍ତର :** ଜିଏସଟି ବ୍ୟବସ୍ଥାରେ ଏଚସିଏନ୍ କୋଡ ହାର୍ମୋନାଇଜଡ୍ ସିଷ୍ଟମ୍ ଅଫ୍ ନମେନ୍ କ୍ଲାଚର ନା ସୁସଂଗତ ସାରଣୀ ପଦ୍ଧତି ଜରିଆରେ ବସ୍ତୁକୁ ବିଭାଗୀକରଣ କରାଯାଇଛି । ଯେଉଁ ଟିକସଦାତାଙ୍କ କାରବାର ଦେଢକୋଟି ଟଙ୍କା ଅର୍ଦ୍ଧ କିନ୍ତୁ 5 କୋଟି ଟଙ୍କାରୁ କମ୍ ସେମାନେ ଦୁଇ ସଂଖ୍ୟାର କୋଡ୍ ତଥା ଯାହାଙ୍କ କାରବାର 5 କୋଟି ଟଙ୍କାରୁ ଅର୍ଦ୍ଧ ସେମାନେ 4 ସଂଖ୍ୟାର କୋଡ୍ ବ୍ୟବହାର କରିପାରିବେ । ଯେଉଁ ଟିକସଦାତାଙ୍କ କରବାର ଦେଢକୋଟି ଟଙ୍କାରୁ କମ୍, ସେମାନେ ଚାଲାଣରେ ଏଚସିଏନ୍ କୋଡ ବ୍ୟବହାର କରିବା ଅନାବ୍ୟଶକ ।

**ସେବା ଗଣନା ସଂହିତା ସେବା ବ୍ୟବସ୍ଥାକୁ (ସର୍ଭିସ ଆକାଉଣ୍ଟର କୋଡ୍) ବା SAC ମାଧ୍ୟମରେ ବିଭାଗୀକରଣ କରାଯିବ ।**

**ପ୍ରଶ୍ନ-21 :** ଜିଏସଟି ଅଧୀନରେ ଆମଦାନୀ ଉପରେ କିଭଳି ଟିକସ ଲାଗିବ?

**ଉତ୍ତର :** ବସ୍ତୁ ଓ ସେବା ଆମଦାନୀ ବ୍ୟବସ୍ଥା ଆନ୍ତଃରାଜ୍ୟ ଯୋଗାଣ ପ୍ରକ୍ରିୟାର ଅର୍ନ୍ତଭୁକ୍ତ । ତେବେ, ଦେଶ ମଧ୍ୟକୁ ବସ୍ତୁ ଓ ସେବା ଆମଦାନୀ ବେଳେ ଦେଶ ମଧ୍ୟକୁ ବସ୍ତୁ ଓ ସେବା ଆମଦାନୀ ବେଳେ ଆଇଜିଏସଟି ଲାଗୁ ହୋଇଥାଏ । ଟିକସ ପରିସର ଏକ ଲକ୍ଷ୍ୟଭିତ୍ତିକ ନୀତିକୁ ଅନୁସରଣ କରିଥାଏ ଓ ଆମଦାନୀ ହୋଇଥିବା ବସ୍ତୁ ଓ ସେବା ଉପଯୋଗ ହେଲେ ରାଜ୍ୟହିଁ SGST ଟିକସ ରାଜସ୍ୱ ପ୍ରାପ୍ତ ହୋଇଥାଏ । ବସ୍ତୁ ଓ ସେବା ଆମଦାନୀ କ୍ଷେତ୍ରରେ ଜିଏସଟି ସଂପୂର୍ଣ୍ଣ ଭରଣା କରାଯାଇଥାଏ ।

**ପ୍ରଶ୍ନ-22 :** ଜିଏସଟି ଅଧୀନରେ ରପ୍ତାନୀ ବ୍ୟବସ୍ଥା କିଭଳି ରହିବ?

**ଉତ୍ତର :** ରପ୍ତାନୀ ବ୍ୟବସ୍ଥାକୁ ଶୂନ୍ୟହାର ଭିତ୍ତିକ ଯୋଗାଣ ରୂପେ ବିବେଚନା କରାଯିବ । ବସ୍ତୁ ଓ ସେବା ରପ୍ତାନୀ ବେଳେ କୌଣସି ଟିକସ ଦେବାକୁ ପଡିବ ନାହିଁ । ତେବେ, ଇନପୁଟ ଟ୍ୟାକ୍ସ କ୍ରେଡିଟର ବିକେୟା ଦେୟ ପରିଶୋଧଯୋଗ୍ୟ ଓ ଏହା ରପ୍ତାନୀକାରୀ ସଂସ୍ଥାକୁ ଫେରସ୍ତ ମିଳିପାରିବ ।

**ପ୍ରଶ୍ନ-23 :** ଜିଏସଟି ଅଧୀନସ୍ଥ ସଂଯୋଜନ ପଦ୍ଧତିର ପରିସର କିଭଳି ରହିବ?

**ଉତ୍ତର :** ଗୋଟିଏ ଆର୍ଥିକ ବର୍ଷରେ 50 ଲକ୍ଷ ଟଙ୍କା ପର୍ଯ୍ୟନ୍ତ ମୋଟ କାରବାର କରୁଥିବା କ୍ଷୁଦ୍ର ଟିକସଦାତାମାନେ ସଂଯୋଜନ ଦେୟ ଦେବାକୁ ଯୋଗ୍ୟ । ଏହି ପଦ୍ଧତି ଅନୁଯାୟୀ ଇନପୁଟ ଟ୍ୟାକ୍ସ କ୍ରେଡିଟ(ଆଇଟିସି)ର ଲାଭାଂଶ ବ୍ୟତୀତ ଟିକସଦାତାଙ୍କୁ ଗୋଟିଏ ଆର୍ଥିକ ବର୍ଷରେ କାରବାରର ଶତାଂଶ ହାର ଅନୁଯାୟୀ ଟିକସ ଦେବାକୁ ପଡିବ । CGST ଓ SGST ପାଇଁ ସୁଧମିଶ୍ରିତ ଟିକସ କଦାପି ଏକଶତାଂଶରୁ କମ୍ ହେବ ନାହିଁ ଯେଉଁ ଟିକସଦାତା ସଂଯୋଜନ ଦେୟ ଦେବାକୁ ତାଲିକାଭୁକ୍ତ ହୋଇଥିବେ ସେମାନେ ଗ୍ରାହକଙ୍କଠାରୁ କୌଣସି ଟିକସ ଆଦାୟ କରିପାରିବେ ନାହିଁ । ଯେଉଁ ଟିକସଦାତା ଆନ୍ତଃରାଜ୍ୟ ଯୋଗାଣ କରୁଥିବେ କିମ୍ବା ଏହାର ଫେରନ୍ତା ଟିକସ ଭରଣା କରୁଥିବେ ସେମାନଙ୍କ ପାଇଁ ସଂଯୋଜନ ଦେୟ ଲାଗୁ ହେବ ନାହିଁ

**ପ୍ରଶ୍ନ-24 :** ସଂଯୋଜନ ପଦ୍ଧତି ଇଚ୍ଛାଧୀନ କି ବାଧ୍ୟତାମୂଳକ?

**ଉତ୍ତର :** ଏହା ଇଚ୍ଛାଧୀନ ବିଷୟ ।

**ପ୍ରଶ୍ନ-25 :** GSTN କ'ଣ ଓ ଏହାର ଜିଏସଟି ବ୍ୟବସ୍ଥାରେ କିଭଳି ଭୂମିକା ରହିଛି?

**ଉତ୍ତର :** GSTN ହେଉଛି ବସ୍ତୁ ଓ ସେବା ଟିକସ ବ୍ୟବସ୍ଥା । ଜିଏସଟିର ଆବଶ୍ୟକତାକୁ ପୂର୍ଣ୍ଣ କରିବା ଲାଗି GSTN ଏକ ସ୍ୱତନ୍ତ୍ର ଉଦ୍ଦେଶ୍ୟ ଯାନ ଭଳି କାର୍ଯ୍ୟ ସଂପାଦନ କରିଯଥାଏ । ଜିଏସଟିର କାର୍ଯ୍ୟ ସଂପାଦନ ଦିଗରେ GSTN କେନ୍ଦ୍ର ଓ ରାଜ୍ୟ ସରକାର, ଟିକସକଦାତା ଓ ଦାବୀଦାରମାନଙ୍କୁ ଭାଗିଦାରିଭିତ୍ତିକ ସ୍ୱଚନା ଓ ପ୍ରଯୁକ୍ତିଜ୍ଞାନ ପାଇଁ ଭିତ୍ତିଭୂମି ସଂରଚନା ସେବା ଯୋଗାଇ ଦେଇଥାଏ । ଅଧୀକନ୍ତୁ, GSTNର କାର୍ଯ୍ୟପ୍ରଣାଳୀ ନିମ୍ନରେ ପ୍ରଦାନ କରାଗଲା । ତାହା ହେଲା 1) ପଞ୍ଜୀକରଣ ସୁବିଧା ଯୋଗଇଦେବା । 2) ବିଭିନ୍ନ କେନ୍ଦ୍ରୀୟ ଓ ରାଜ୍ୟ ସରକାରୀ ସଂସ୍ଥାଗୁଡିକୁ ରିଟର୍ଣ୍ଣ

ପ୍ରେରଣରେ ସହାୟତା କରିବା । 3) IGST ର ସଂଗଣନା ଓ ସମାଧାନ କାର୍ଯ୍ୟ 4) ବ୍ୟାଙ୍କିଙ୍ଗ୍ ସଂସ୍ଥାଗୁଡିକ ସହିତ ମିଶି ଟିକସ ଦେୟ ବିବରଣୀକୁ ମିଳାଇବା । 5) ଟିକସଦାତାଙ୍କ ରିଟର୍ଣ୍ଣ ତଥ୍ୟ ଉପରେ ଆଧାରିତ ବିଭିନ୍ନ MIS ରିପୋର୍ଟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ଯୋଗଇଦେବା 6) ଟିକସଦାତାଙ୍କ ସଂପୂର୍ଣ୍ଣ ତଥ୍ୟ ଯୋଗାଇଦେବା ଏବଂ 7) ଇନପୁଟ ଟ୍ୟାକ୍ସ କ୍ରେଡିଟ ବ୍ୟବସ୍ଥାର ମେଳକ, ପରିବର୍ତ୍ତନ ଓ ପୁନଃଦାବୀ ଉପସ୍ଥାପନ ପାଇଁ ସାଧନ ତ୍ୱରାନ୍ୱିତ କରିବା । ପଞ୍ଜୀକରଣ, ଦେୟପ୍ରଦାନ, ରିଟର୍ଣ୍ଣ ଦାଖଲ, ଏମ୍‌ଆଇଏସ୍, ତଥା ରିପୋର୍ଟ ନିମନ୍ତେ ଆବେଦନ କରିବାକୁ ଏକକ ଜିଏସଟି ପୋର୍ଟାଲ GSTN ଦ୍ୱାରା ପ୍ରସ୍ତୁତ ହେଉଛି । ପ୍ରଚଳିତ ଟିକସ ପରିଚାଳନାଗତ ସୂଚନା ଓ ପ୍ରଯୁକ୍ତିବିଜ୍ଞାନ ପଦ୍ଧତି ଏବଂ ଟିକସଦାତାଙ୍କ ମଧ୍ୟରେ ସୂଚନା ଆଦାନପ୍ରଦାନକୁ ଏକକକ ଜିଏସଟି ପୋର୍ଟାର ମାଧ୍ୟମରେ GSTN ସମୟରେ ରକ୍ଷା କରିବା । ଅଧୀକନ୍ତୁ GSTN 19ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ (11ଟି ଆଦର୍ଶ ରାଜ୍ୟ) ପାଇଁ ଯଥା- ଆକଳନ, ଅଡିଟ୍, ରିଫଣ୍ଡ, ଆବେଦନ କାର୍ଯ୍ୟ ସଂପାଦନ ଲାଗି ପୃଷ୍ଠ ସହାୟକ ପରିମାପକ ମାନଦଣ୍ଡ ପ୍ରସ୍ତୁତ କରୁଛି । ସିବିଇସି ଏବଂ ପ୍ରଥମ ସ୍ତରରେ ଆଦର୍ଶ ମାନ୍ୟତା ପ୍ରାପ୍ତ ରାଜ୍ୟ(15ଟି ରାଜ୍ୟ) ସେମାନଙ୍କ ନିମନ୍ତେ ପୃଥକଭାବେ ସ୍ୱତନ୍ତ୍ର GST ପୃଷ୍ଠା ସହାୟକ ପରିମାପକ ମାନଦଣ୍ଡ ପ୍ରସ୍ତୁତ କରୁଛନ୍ତି । GST ସମ୍ମୁଖ ସହାୟକ ପରିମାପକ ମାନଦଣ୍ଡ ସହ ପୃଷ୍ଠ ମାନଦଣ୍ଡକୁ ସମନ୍ୱି କରି ଚୂଡାନ୍ତ କରାଯିବା ପରେ ପୂର୍ବ ପରୀକ୍ଷଣ ସଂପନ୍ନ ହେବ । ତଦ୍ଦ୍ୱାରା ଏହି ବ୍ୟବସ୍ଥା ସୁରୁଖୁରୁରେ ସଂପାଦିତ ହୋଇପାରିବ ।

**ପ୍ରଶ୍ନ-26** : GST ବ୍ୟବସ୍ଥାରେ ବିଭିନ୍ନ ବିବାଦର ଆପୋଷ ସମାଧାନ କିଭଳି ହୋଇପାରିବ?

ଉତ୍ତର : ସମ୍ବିଧାନର 101ତମ ସଂଶୋଧନ ଆଇନ, 2016 ଅନୁଯାୟୀ ବସ୍ତୁ ଓ ସେବାକର ପରିଷଦ ଯେକୌଣସି ବିବାଦର ସମାଧାନ ଲାଗି ବ୍ୟବସ୍ଥା ପ୍ରଣୀତ କରିପାରିବ ।

କ) କେନ୍ଦ୍ର ସରକାର ଓ ଗୋଟିଏ କିମ୍ବା ଏକାଧିକ ରାଜ୍ୟ ମଧ୍ୟରେ ଲାଗିଥିବା ବିବାଦ ।

ଖ) କେନ୍ଦ୍ର ସରକାର ଓ କିଛି ରାଜ୍ୟ ଗୋଟିଏ ପଟେ ଏବଂ ଅନ୍ୟକିଛି ରାଜ୍ୟ ଆଉ ଗୋଟିଏ ପଟେ ହେଉ ।

ଗ) ଦୁଇ କିମ୍ବା ଅଧିକ ରାଜ୍ୟ ମଧ୍ୟରେ ଲାଗିଥିବା ବିବାଦ ।

GST ପରିଷଦର ସୁପାରିଶ କିମ୍ବା କାର୍ଯ୍ୟକାରିତା କ୍ଷେତ୍ରରେ ସୃଷ୍ଟି ହେଉଥିବା ବିବାଦର ସମାଧାନ ଲାଗି ବ୍ୟବସ୍ଥା ପ୍ରଣୀତ କରାଯିବ ।

**ପ୍ରଶ୍ନ-27 :** GST ଲାଗୁ କରିବା ପାଇଁ ଅନ୍ୟାନ୍ୟ ଆଇନ ପ୍ରଣୟନରି ଆବଶ୍ୟକତା କ'ଣ ସବୁ ରହିଛି?

**ଉତ୍ତର :** GST ବ୍ୟବସ୍ଥା (CGST ବିଲ୍, IGST ବିଲ୍ ଓ SGST ବିଲ୍) ରେ ଟିକସ ଲାଗୁ ପାଇଁ ସମ୍ବିଧାନ ଅନୁଯାୟୀ କ୍ଷମତାପ୍ରାପ୍ତ ହେବା ସକାଶେ ସଂସଦ ଓ ରାଜ୍ୟ ବିଧାନସଭା ଗୁଡିକର ସ୍ୱୀକୃତି ଆବଶ୍ୟକ । ସମ୍ବିଧାନ ସଂଶୋଧନ ଲାଗି ସଦନରେ ଦୁଇତୃତୀୟାଂଶ ସଂଖ୍ୟାଗରିଷ୍ଠ ସଭ୍ୟଙ୍କ ସ୍ୱୀକୃତି ଆବଶ୍ୟକ । ମାତ୍ର GST ବିଲ୍ କୁ ଗୃହୀତ ଲାଗି କେବଳ ସଂଖ୍ୟାଗରିଷ୍ଠ ସଭ୍ୟଙ୍କ ସ୍ୱୀକୃତି ଲୋଡା । ସୁତରାଂ, ସଂସଦ ଓ ବିଭିନ୍ନ ରାଜ୍ୟ ବିଧାନସଭାରେ GST ଆଇନ ଗୃହୀତ ହେବା ପରେ ଟିକସ ଲାଗୁ ପ୍ରକ୍ରିୟା ଆରମ୍ଭ ହେବ ।

# ୨. ଟିକସ ଆଦାୟ ଓ ଛାଡ଼ ପଦ୍ଧତି

**ପ୍ରଶ୍ନ-୧** **କେଉଁ କ୍ଷମତା ବଳରେ ଜିଏସ୍‌ଟି ଲାଗୁ କରାଯାଇପାରିବ ?**

ଉତ୍ତର ସମ୍ବିଧାନର ୨୪୬(କ) ଧାରା ଯାହାକି ୧୦୧ତମ ସଂଶୋଧନ ଆଇନ, ୨୦୧୬ ଉପସ୍ଥାପିତ ହୋଇଛି, ତାହା ଜିଏସ୍‌ଟି ଆଇନ ପ୍ରଣୟନ ଲାଗି ଉଭୟ ସଂସଦ ଓ ରାଜ୍ୟ ବିଧାନସଭାଗୁଡ଼ିକୁ ସମ୍ମିଳିତ କ୍ଷମତା ପ୍ରଦାନ କରିଛି । ଏହାଛଡ଼ା ସମ୍ବିଧାନର ୨୪୬(କ) ଧାରାର ଦ୍ୱିତୀୟ ଦଫା (କ୍ଲଜ୍‌) ଓ ୨୬୯(କ) ଧାରା ସଂସଦକୁ ଆନ୍ତଃ-ରାଜ୍ୟ ବାଣିଜ୍ୟ କାରବାର ଲାଗି ଆଇନ ପ୍ରଣୟନ ସକାଶେ ବିଶେଷ କ୍ଷମତା ପ୍ରଦାନ କରିଛି ।

**ପ୍ରଶ୍ନ-୨** **ଜିଏସ୍‌ଟି ଅଧୀନରେ ଟିକସ୍ ଯୋଗ୍ୟ ବିଷୟବସ୍ତୁ କ'ଣ ?**

ଉତ୍ତର ରାଜ୍ୟର ଆଭ୍ୟନ୍ତରୀଣ ଅଞ୍ଚଳରେ ବସ୍ତୁ ଓ ସେବା ଯୋଗାଣ ଉପରେ ସିଜିଏସ୍‌ଟି ଓ ଏସ୍‌ଜିଏସ୍‌ଟି ଲାଗୁ ହେଉଥିବାବେଳେ ଆନ୍ତଃ-ରାଜ୍ୟ ବା ରାଜ୍ୟ-ରାଜ୍ୟ ମଧ୍ୟରେ ବସ୍ତୁ ଓ ସେବା ଯୋଗାଣ ପାଇଁ ଆଇଜିଏସ୍‌ଟି ଲାଗୁ ହେବ । ଉପରୋକ୍ତ ସମ୍ବିଧାନ ଧାରାର ୭(୧) ଅନୁଚ୍ଛେଦରେ ସିଜିଏସ୍‌ଟି ଓ ଏସ୍‌ଜିଏସ୍‌ଟି ଆଇନ ଏବଂ ୪ (୧) ଅନୁଚ୍ଛେଦରେ ଆଇଜିଏସ୍‌ଟି ଆଇନ୍ ପ୍ରଣୟନ କରାଯାଇଛି ।

**ପ୍ରଶ୍ନ-୩** **ସେବା ଯୋଗାଣ ବ୍ୟବସ୍ଥା ଲାଗି ଫେରନ୍ତା ଟିକସ ଲାଗୁ ପଦ୍ଧତି ଅନୁସୃତ ହେବ କି ?**

ଉତ୍ତର ଉଭୟବସ୍ତୁ ଓ ସେବା ଯୋଗାଣ ଲାଗି ଫେରନ୍ତା ଟିକସ ଲାଗୁ ପଦ୍ଧତି ଅବଲମ୍ବନ କରାଯିବ ନାହିଁ ।

**ପ୍ରଶ୍ନ-୪** **ଅଣପଞ୍ଜିକୃତ ଡିଲରଙ୍କଠାରୁ ଦ୍ରବ୍ୟକ୍ରୟ ସମୟରେ କ'ଣ ପ୍ରଭାବ ପଡ଼ିବ ?**

ଉତ୍ତର ଦ୍ରବ୍ୟ ଗ୍ରହଣକାରୀ ବ୍ୟକ୍ତି ବା ସଂସ୍ଥା ଇନପୁଟ ଟ୍ୟାକ୍ସ କ୍ରେଡ଼ିଟ (ଆଇଟିସି) ପାଇବାକୁ ଯୋଗ୍ୟ ବିବେଚିତ ହେବେ ନାହିଁ । ଅଧିକନ୍ତୁ, ସଂଯୋଜନ ପଦ୍ଧତି ଅନୁଯାୟୀ ପଞ୍ଜିକୃତ ଦ୍ରବ୍ୟ ଗ୍ରହୀତା ଫେରନ୍ତା ଟିକସ ଭରଣା କରିବେ ।

**ପ୍ରଶ୍ନ-୫** **ବସ୍ତୁ ବିନିମୟବେଳେ (ଧରାଯାଉ ରେସ୍ତୁରାଁ ପାଇଁ ସ୍ୱର୍ଣ୍ଣଖଚିତ ଘଣ୍ଟା) ଦୁଇଟି ପୃଥକ ବସ୍ତୁ ଯୋଗାଣ କ୍ଷେତ୍ରରେ କାରବାର ଉପରେ ଟିକସ ଲାଗୁ ହେବ କି ? ନା କେବଳ ମୁଖ୍ୟ ଯୋଗାଣକାରୀଙ୍କ ଉପରେ ଟିକସ ଲାଗୁ ହେବ ?**

ଉତ୍ତର ନା । ଉପରବର୍ଣ୍ଣିତ କାରବାର କ୍ଷେତ୍ରରେ ରେସ୍ତୁରାଁକୁ ଜଣେ ଗ୍ରାହକଙ୍କ ଘଣ୍ଟାଯୋଗାଣ ଏକ ସ୍ୱାଧୀନ ଯୋଗାଣ ପରିସରଭୁକ୍ତ ହୋଇପାରିବ ନାହିଁ କି ଏହାର ବ୍ୟବସାୟିକ ଦିଗ ନାହିଁ । କିନ୍ତୁ ଗ୍ରାହକଙ୍କୁ ରେସ୍ତୁରାଁ ପକ୍ଷରୁ ଯୋଗାଣ ବିଷୟ ବୁଝାମଣା ଭିତରେ ହେଲେ ଟିକସଯୋଗ୍ୟ ଯୋଗାଣ ରୂପେ ବିବେଚନା କରାଯିବ ।

**ପ୍ରଶ୍ନ-୬** **ବିନା ବୁଝାମଣା ଭିତରେ ଯୋଗାଣ ହେଲେ ଏହା ଜିଏସ୍‌ଟିର ଯୋଗାଣ ପରିସରକୁ ଆସିବ କି ?**

ଉତ୍ତର ହଁ । ଏଭଳି କାରବାର ସଂପର୍କରେ ଆଦର୍ଶ ଜିଏସ୍‌ଟି ଆଇନର ନିର୍ଦ୍ଦିଷ୍ଟ ଧାରାରେ ଉଲ୍ଲିଖିତ ରହିଛି ।

**ପ୍ରଶ୍ନ-୭** **ବସ୍ତୁ ଓ ସେବା ଯୋଗାଣ ନେଇ ହେଉଥିବା କାରବାର ସଂପର୍କରେ କିଏ ବିଜ୍ଞପିତ କରିବ ?**

ଉତ୍ତର ଜିଏସ୍‌ଟି ପରିଷଦର ସୁପାରିଶ ଅନୁଯାୟୀ କେନ୍ଦ୍ର କିମ୍ବା ରାଜ୍ୟ ସରକାର ବସ୍ତୁ ଓ ସେବା ଯୋଗାଣ କାରବାର ସଂପର୍କରେ ବିଜ୍ଞପ୍ତି ଜାରି କରିବେ ।

**ପ୍ରଶ୍ନ-୮** **ତିନିପ୍ରକାର ବ୍ୟବସାୟିକ ମାନଦଣ୍ଡ ମଧ୍ୟରୁ କେବଳ ଗୋଟିଏକୁ ସଂଯୋଜନ ପଦ୍ଧତି ମାଧ୍ୟମରେ ବାଛିବା ଲାଗି ଟିକସଦାତା ଯୋଗ୍ୟ ହୋଇପାରିବେ କି ?**

ଉତ୍ତର ନା । ସମସ୍ତ ବ୍ୟବସାୟିକ ମାନଦଣ୍ଡ ଓ ପଞ୍ଜିକରଣ ମଧ୍ୟରୁ ଯେଉଁ ବ୍ୟକ୍ତି ସମାନ ପ୍ୟାନ୍‌କୁ ପୃଥକ ରଖିଥିବେ ସେହି କ୍ଷେତ୍ରରେ ସଂଯୋଜନ ପଦ୍ଧତି ଅନୁସୃତ ହେବ ।

**ପ୍ରଶ୍ନ-୯ ଆନ୍ତଃ-ରାଜ୍ୟ ଯୋଗାଣ ପ୍ରକ୍ରିୟାରେ କର୍ତ୍ତୃତ୍ୱ ରଖିଥିବା ଟିକସଦାତାଙ୍କୁ ସଂଯୋଜନ ପଦ୍ଧତିର ସୁବିଧା ମିଳିବ କି ?**

ଉତ୍ତର ନା । ସଂଯୋଜନ ପଦ୍ଧତି ସର୍ତ୍ତମୂଳକ ଭାବେ ଅନୁସୃତ ହେବ । ଟିକସଦାତା ଆନ୍ତଃ-ରାଜ୍ୟ ଯୋଗାଣ ପ୍ରକ୍ରିୟାରେ କର୍ତ୍ତୃତ୍ୱ ନ ଥିଲେ କେବଳ ସଂଯୋଜନ ପଦ୍ଧତିର ସୁବିଧା ମିଳିପାରିବ ।

**ପ୍ରଶ୍ନ-୧୦ ସଂଯୋଜନ ପଦ୍ଧତିଭୁକ୍ତ ଟିକସଦାତା ଇନପୁଟ୍ ଟ୍ୟାକ୍ସ କ୍ରେଡିଟ୍ ଆଇଟିସି ଦାବୀ କରିପାରିବେ କି ?**

ଉତ୍ତର ନା, ୧ ସଂଯୋଜନ ପଦ୍ଧତିଭୁକ୍ତ ଟିକସଦାତା ଇନପୁଟ୍ ଟ୍ୟାକ୍ସ କ୍ରେଡିଟ୍ ପାଇଁ ଦାବୀ କରିବାକୁ ଯୋଗ୍ୟ ନୁହନ୍ତି ।

**ପ୍ରଶ୍ନ-୧୧ ସଂଯୋଜନ ପଦ୍ଧତିଭୁକ୍ତ ଟିକସଦାତାଙ୍କଠାରୁ ସାମଗ୍ରୀ କ୍ରୟ କରୁଥିବା ଗ୍ରାହକ ଇନ୍‌ପୁଟ ଟ୍ୟାକ୍ସ କ୍ରେଡ଼ିଟ୍ ଭାବେ ସଂଯୋଜନ ଟିକସ ପାଇବାକୁ ଦାବୀ କରିପାରିବ କି ?**

ଉତ୍ତର ନା । ସଂଯୋଜନ ପଦ୍ଧତିଭୁକ୍ତ ଟିକସଦାତାଙ୍କଠାରୁ ସାମଗ୍ରୀକ୍ରୟ କରୁଥିବା ଗ୍ରାହକ ସଂଯୋଜକ ଇନପୁଟ ଟ୍ୟାକ୍ସ କ୍ରେଡ଼ିଟ୍ ପାଇବାକୁ ଯୋଗ୍ୟ ହେବ ନାହିଁ । କାରଣ ସଂଯୋଜନ ପଦ୍ଧତିଭୁକ୍ତ ଯୋଗାଣକାରୀ ଟିକସ ଚାଲାନ୍ ପ୍ରଦାନ କରିପାରିବେ ନାହିଁ ।

**ପ୍ରଶ୍ନ-୧୨ ଗ୍ରାହକମାନଙ୍କଠାରୁ ସଂଯୋଜନ ଟିକସ ଆଦାୟ ହୋଇପାରିବ କି ?**

ଉତ୍ତର ସଂଯୋଜନ ପଦ୍ଧତିଭୁକ୍ତ ଟିକସଦାତାଙ୍କୁ ଟିକସ ସଂଗ୍ରହ ପାଇଁ ପ୍ରତିଷେଧ କରାଯାଇଛି । ଏହାର ଅର୍ଥ ହେଲା, ସଂଯୋଜନ ପଦ୍ଧତିଭୁକ୍ତ ଯୋଗାଣକାରୀ ଟିକସ ଚାଲାନ୍ ଦେଇପାରିବେ ନାହିଁ ।

**ପ୍ରଶ୍ନ-୧୩ ସଂଯୋଜକ ପଦ୍ଧତି ଅନୁଯାୟୀ ଟିକସ ଦେୟ ପ୍ରଦାନର ଇଚ୍ଛାଧୀନ ସୀମା କେତେ ରହିଛି ?**

ଉତ୍ତର ଆର୍ଥିକ ବର୍ଷରେ ମୋଟ କାରବାର ଭିତ୍ତିରେ ସଂଯୋଜନ ପଦ୍ଧତିର ସୀମା ୫୦ ଲକ୍ଷ ଟଙ୍କା ଧାର୍ଯ୍ୟ ହୋଇଛି ।

**ପ୍ରଶ୍ନ-୧୪ ସଂଯୋଜନ ପଦ୍ଧତି ପାଇଁ ଯୋଗ୍ୟତା ମାନଦଣ୍ଡ ସ୍ଥିରୀକୃତ କରିବା ଲାଗି କିଭଳି ଭାବେ ମୋଟ କାରବାର ଗଣନା କରାଯିବ ?**

ଉତ୍ତର ୨(୬) ଧାରାରେ ମୋଟ କାରବାରକୁ ଗଣନା କରାଯିବା ଲାଗି ପଦ୍ଧତି ଅନୁସୃତ ହୋଇଛି । ଟିକସଯୁକ୍ତ ଓ ଟିକସ ରହିତ ଯୋଗାଣ, ସଂପୂର୍ଣ୍ଣ ଟିକସଛାଡ଼ ଯୋଗାଣ ଏବଂ ରପ୍ତାନୀକୁ ମିଶାଇ ସମସ୍ତ ଯୋଗାଣର ମୂଲ୍ୟାୟନକୁ ମୋଟ କାରବାର ବୁଝାଏ । ତେବେ ମୋଟ କାରବାରରୁ ସିଜିଏସ୍‌ଟି, ଏସ୍‌ଜିଏସ୍‌ଟି ଓ ଆଇଜିଏସ୍‌ଟି ଆଇନ ଅନୁସାରେ ଲାଗୁ ଟିକସ, ଆଭ୍ୟନ୍ତରୀଣ ଯୋଗାଣର ମୂଲ୍ୟାୟନ ଓ ସମାନ ପ୍ୟାନ୍ ଥାଇ ଟିକସ ଭରଣା କରୁଥିବା ବ୍ୟକ୍ତିଙ୍କ ଯୋଗାଣ ଦେୟର ମୂଲ୍ୟାୟନ ବର୍ହିଭୂତ ଅଟେ ।

**ପ୍ରଶ୍ନ-୧୫ ଯଦି ଜଣେ ଟିକସଦାତା ସଂଯୋଜନ ପଦ୍ଧତିରେ ସର୍ତ୍ତ ଉଲ୍ଲଙ୍ଘନ କରିବା ସହ ଟିକସ ଭରଣା ଲାଗି ଅଯୋଗ୍ୟ ହୁଅନ୍ତି, ତା'ହେଲେ ତାକୁ କିଭଳି ଭାବେ ଦଣ୍ଡବିଧାନ କରାଯିବ ?**

ଉତ୍ତର ଯେଉଁ ଟିକସଦାତା ସଂଯୋଜନ ପଦ୍ଧତି ପାଇଁ ଅଯୋଗ୍ୟ ହୁଅନ୍ତି, ସେ ଯେ କେବଳ ଟିକସ ଦେୟ ଓ ସୁଧ ଭରଣା କରିବେ ତାହା ନୁହେଁ, ତାଙ୍କ ଉପରେ ଟିକସ ଦେୟ ପରିମାଣ ଅନୁରୂପ ଅର୍ଥଦଣ୍ଡ (ଏମ୍‌ଜିଏଲ୍‌ର ଅନୁଚ୍ଛେଦ ୮(୩) ଲାଗୁ ହେବ ।

**ପ୍ରଶ୍ନ-୧୬ ସଂଯୋଜନ ପଦ୍ଧତିରେ କେତେ ନ୍ୟୂନତମ ଟିକସ ହାର ନିର୍ଦ୍ଧାରିତ କରାଯାଇଛି ?**

ଉତ୍ତର ୧%

**ପ୍ରଶ୍ନ-୧୭ ବସ୍ତୁ ଓ ସେବା ଯୋଗାଣରୁ ସଂଗୃହୀତ ସମୁଦାୟ ଟିକସଛାଡ଼କୁ ନିଃସର୍ତ୍ତଭାବେ ଅନୁମୋଦନ କରାଗଲେ ଟିକସଦାତାଙ୍କୁ ଟିକସ ଦେୟ ଦେବେ କି ?**

ଉତ୍ତର ନା । ଟିକସଦାତା ଏଭଳି ବସ୍ତୁ ଓ ସେବା ଯୋଗାଣ କରୁଥିଲେ ଏଥିରୁ କୌଣସି ଟିକସ ଆଦାୟ କରିପାରିବେ ନାହିଁ ।

**ପ୍ରଶ୍ନ-୧୮ କେଉଁ ପରିସ୍ଥିତିରେ ?**

ଉତ୍ତର ପ୍ରାକୃତିକ କାରଣ ଯୋଗୁଁ ଦ୍ରବ୍ୟ ନଷ୍ଟ ହେଲେ ଟିକସଦାତାଙ୍କ ଟିକସ ରିହାତି କରାଯିବ । ଟିକସଦାତାଙ୍କ କ୍ଷତି ଲାଘବ ପାଇଁ ଟିକସଦେୟ ରିହାତି ବା ହ୍ରାସ ନିମନ୍ତେ ନିର୍ଦ୍ଧାରିତ ନୀତିନିୟମରେ ଏଭଳି ସର୍ତ୍ତ ରଖାଯାଇଛି ।

**ପ୍ରଶ୍ନ-୧୯ ଜିଏସ୍‌ଟି ଆଇନରେ ଟିକସ ଦେୟ ହ୍ରାସକୁ ଅନୁମତି ଦିଆଯାଇଛି କି ?**

ଉତ୍ତର ହଁ । ଆଦର୍ଶ ଜିଏସ୍‌ଟି ଆଇନର ୧୧ ଧାରାନୁଯାୟୀ ଦ୍ରବ୍ୟ ଯୋଗାଣ ଉପରେ ଲାଗୁ ହେଉଥିବା ଟିକସ ହ୍ରାସ ଲାଗି ପ୍ରସ୍ତାବ ରହିଛି ।

**ପ୍ରଶ୍ନ-୨୦ ତେବେ ଯୋଗାଣ ପୂର୍ବରୁ ଦ୍ରବ୍ୟ ନଷ୍ଟ ହେଲେ ଟିକସ ଦେୟ ହ୍ରାସ କରାଯାଇପାରିବ କି ?**

ଉତ୍ତର ଯେଉଁ ଟିକସଦାତା ଆଇନଅନୁଯାୟୀ ଟିକସ ଭରଣା କରୁଥିବେ, ତାଙ୍କ କ୍ଷେତ୍ରରେ ଟିକସ ହ୍ରାସ ସୁବିଧା ମିଳିବ । ଟିକସଯୋଗ୍ୟ ଦ୍ରବ୍ୟ ଓ ସେବା ଯୋଗାଣ ନିମନ୍ତେ ଆଇନ ଅନୁସାରେ ଟିକସ ଭରଣା ହେଉଥିଲେ ସେହି କ୍ଷେତ୍ରରେ ଟିକସ ହ୍ରାସ ସୁବିଧା ମିଳିବ । ଜିଏସ୍‌ଟି ଆଇନ ଅନୁସାରେ ଦ୍ରବ୍ୟ ଯୋଗାଣ ଉପରେ ଟିକସ ଲାଗୁ କରାଯାଇପାରିବ । ଯୋଗାଣ ପୂର୍ବରୁ ଦ୍ରବ୍ୟ ନଷ୍ଟ ହେଲେ ଯେହେତୁ ଯୋଗାଣ ହୋଇନାହିଁ ତେଣୁ ଟିକସ ପଡ଼ିବ ନାହିଁ । ଏହି ଦୃଷ୍ଟିରୁ ଏ କ୍ଷେତ୍ରରେ ଟିକସ ହ୍ରାସର ପ୍ରଶ୍ନ ଉଠୁନାହିଁ ।

**ପ୍ରଶ୍ନ-୨୧ ଦ୍ରବ୍ୟ ନଷ୍ଟ ହେବାର କ'ଣ ସବୁ କାରଣ ପାଇଁ ଟିକସ ହ୍ରାସ କରାଯାଇପାରିବ ?**

ଉତ୍ତର ଜିଏସ୍‌ଟି ଆଇନ ପ୍ରସ୍ତାବିତ ଏକାଦଶ ଧାରାରେ ବର୍ଣ୍ଣିତ ଅଛି ଯେ, ପ୍ରାକୃତିକ କାରଣ ଯୋଗୁଁ ଦ୍ରବ୍ୟ ଯୋଗାଣର ପରିମାଣ କମ୍ ହେଲେ ଟିକସ ଦେୟ ହ୍ରାସ ପାଇଁ ଅନୁମତି ଦିଆଯିବ ।

**ପ୍ରଶ୍ନ-୨୨ ଯୋଗାଣ ଉପରେ ଜିଏସ୍‌ଟି ଦେୟ ଛାଡ଼ ଲାଗି ଉପଯୁକ୍ତ କର୍ତ୍ତୃପକ୍ଷଙ୍କୁ ଆଦର୍ଶ ଜିଏସ୍‌ଟି ଆଇନ କ୍ଷମତା ପ୍ରଦାନ କରିଛି କି ?**

ଉତ୍ତର ହଁ, ଆଦର୍ଶ ଜିଏସ୍‌ଟି ଆଇନର ଦଶମଧାରା ଅନୁଯାୟୀ ଜିଏସ୍‌ଟି ପରିଷଦର ସୁପାରିଶ କ୍ରମେ କେନ୍ଦ୍ର ବା ରାଜ୍ୟ ସରକାର ସାଧାରଣ କିମ୍ବା ସର୍ତ୍ତମୂଳକ ଭାବେ ଯୋଗାଣ ଉପରେ ଜିଏସ୍‌ଟି ଦେୟ ଛାଡ଼ କରିପାରିବେ ।

# ୩. ପଞ୍ଜୀକରଣ

**ପ୍ରଶ୍ନ-୧** **ଜିଏସ୍‌ଟିରେ ପଞ୍ଜୀକରଣ କଲେ କ'ଣ ସୁବିଧା ମିଳେ ?**

ଉତ୍ତର ଜିଏସ୍‌ଟି ବ୍ୟବସ୍ଥାରେ ପଞ୍ଜୀକୃତ ହେଲେ ବ୍ୟବସାୟିକ ସଂସ୍ଥାକୁ ନିମ୍ନଲିଖିତ ସୁବିଧା ମିଳିଥାଏ ।

ବସ୍ତୁ ଓ ସେବା ଯୋଗାଣକାରୀଙ୍କୁ ଆଇନଗତ ସ୍ୱୀକୃତି ମିଳିଥାଏ ।

ବସ୍ତୁ ଓ ସେବାରେ ନିବେଶ ପାଇଁ ପଏଠ ହୋଇଥିବା ସଠିକ ହିସାବଯୁକ୍ତ ଟିକସକୁ ଜିଏସ୍‌ଟି ପାଉଣା ଆକାରରେ ବ୍ୟବହାର କରାଯାଇପାରିବ । ବ୍ୟବହାର ଦ୍ୱାରା ବସ୍ତୁ ଓ ସେବା ଯୋଗାଣ ଅଥବା ଉଭୟର ଯୋଗାଣ ନିମନ୍ତେ ଜିଏସ୍‌ଟି ଦେୟ ଦେବାକୁ ପଡ଼ିଥାଏ ।

ଯୋଗାଣକାରୀ ତାଙ୍କ କ୍ରେତାଙ୍କଠାରୁ ଟିକସ ସଂଗ୍ରହ କରିବା ପାଇଁ ବୈଧାନିକ କ୍ଷମତାପ୍ରାପ୍ତ ଯୋଗାଣକାରୀ କ୍ରେତା ବା ଗ୍ରହୀତାଙ୍କୁ ବସ୍ତୁ ଓ ସେବା ଯୋଗାଣ ଉପରେ ଜିଏସ୍‌ଟି ବକେୟା ଦେୟ ପରଶୋଧ କରିବେ ।

**ପ୍ରଶ୍ନ-୨** **ଜିଏସ୍‌ଟି ପଞ୍ଜୀକରଣ ବିନା ଜଣେ ବ୍ୟକ୍ତି ଆଇଟିସି (ଇନ୍‌ପୁଟ ଟ୍ୟାକ୍ସ କ୍ରେଡ଼ିଟ୍ ବା ନିବେଶ କ୍ଷେତ୍ରରେ ବକେୟା ଥିବା ଟିକସ) ଦାବୀ କରି ଟିକସ ସଂଗ୍ରହ କରିପାରିବେ କି ?**

ଉତ୍ତର ନା । ଜିଏସ୍‌ଟି ପଞ୍ଜୀକରଣ ବିନା ଜଣେ ବ୍ୟକ୍ତି ତାଙ୍କ ଗ୍ରାହକଙ୍କଠାରୁ ଜିଏସ୍‌ଟି ଆଦାୟ କରିପାରିବେ ନାହିଁ କି ପରିଶୋଧ ହୋଇଥିବା ଜିଏସ୍‌ଟିର କୌଣସି ଇନ୍‌ପୁଟ ଟ୍ୟାକ୍ସ କ୍ରେଡ଼ିଟ୍ (ନିବେଶ କ୍ଷେତ୍ରରେ ବକେୟା ଥିବା ଟିକସ) ପାଇଁ ଦାବୀ କରିପାରିବେ ନାହିଁ ।

**ପ୍ରଶ୍ନ-୩** **ପଞ୍ଜୀକରଣ ପାଇଁ ପ୍ରକୃତ ତିଥି କେବେ ଧାର୍ଯ୍ୟ ହୁଏ ?**

ଉତ୍ତର ବ୍ୟକ୍ତି ପଞ୍ଜୀକରଣଯୋଗ୍ୟ ହେବାର ୩୦ ଦିନ ମଧ୍ୟରେ ପଞ୍ଜୀକରଣ ପାଇଁ ଆବେଦନ କରିପାରିବେ । ତେବେ ଯେଉଁଦିନ ବ୍ୟକ୍ତି ପଞ୍ଜୀକରଣ ପାଇଁ ଯୋଗ୍ୟ ବିବେଚିତ ହେବେ, ସେହି ତିଥିକୁ ହିଁ ପଞ୍ଜୀକରଣର ପ୍ରକୃତ ତିଥିଭାବେ ଗଣନା କରାଯିବ ।

- ଅନ୍ୟପକ୍ଷରେ, ବ୍ୟକ୍ତି ପଞ୍ଜୀକରଣଯୋଗ୍ୟ ହେବାର ୩୦ଦିନ ପରେ ପଞ୍ଜୀକରଣ ମଞ୍ଜୁରୀ ଲାଭ କରିଥିବା ତିଥି ହିଁ ପଞ୍ଜୀକରଣର ପ୍ରକୃତ ତିଥି ଭାବେ ଧାର୍ଯ୍ୟ ହୋଇଥାଏ ।
- ଅପରପକ୍ଷେ, ଜଣେ ବ୍ୟକ୍ତି ସର୍ବନିମ୍ନ ଟିକସଛାଡ଼ ସୀମା ମଧ୍ୟରେ ରହି ଦେୟ ଭରଣା କରୁଥିଲେ ତାଙ୍କର ସ୍ୱେଚ୍ଛାକୃତ ଭାବେ ବା ଆପଣାଛାଏଁ ପଞ୍ଜୀକରଣ ଗ୍ରହଣ କରାଯାଇଥାଏ । ଏ କ୍ଷେତ୍ରରେ ପଞ୍ଜୀକରଣ ପାଇଁ ନିର୍ଦ୍ଦେଶ ଦିଆଯାଇଥିବା ତିଥିକୁ ହିଁ ପଞ୍ଜୀକରଣର ପ୍ରକୃତ ତିଥିଭାବେ ବିବେଚନା କରାଯାଇଥାଏ ।

**ପ୍ରଶ୍ନ-୪** **ଆଦର୍ଶ ଜିଏସ୍‌ଟି ଆଇନ ଅନୁସାରେ କେଉଁ ବ୍ୟକ୍ତି ପଞ୍ଜୀକରଣ ପାଇଁ ଯୋଗ୍ୟ ବିବେଚିତ ହୁଅନ୍ତି ?**

ଉତ୍ତର ଦେଶ ମଧ୍ୟରେ ଯେ କୌଣସି ସ୍ଥାନରେ ରହି ବ୍ୟବସାୟ ଚଳାଇଥିବା ଯୋଗାଣକାରୀଙ୍କ ମୋଟ କାରବାର ବର୍ଷକ ମଧ୍ୟରେ ନିର୍ଦ୍ଧାରିତ ହୋଇଥିବା ସର୍ବନିମ୍ନ ସୀମା ଅତିକ୍ରମ କଲେ, ସେ ପଞ୍ଜୀକରଣ ପାଇଁ ଯୋଗ୍ୟତା ଲାଭ କରନ୍ତି । ତେବେ ଏମ୍‌ଜିଏଲ୍‌ର ତୃତୀୟ ଅନୁଚ୍ଛେଦ ଅନୁଯାୟୀ କେତେକ ନିର୍ଦ୍ଦିଷ୍ଟ ଶ୍ରେଣୀର ବ୍ୟକ୍ତିଙ୍କ କ୍ଷେତ୍ରରେ ସର୍ବନିମ୍ନ ସୀମା ଲାଗୁ ହେବ ନାହିଁ ଓ ସେମାନେ ପଞ୍ଜୀକରଣ ପାଇଁ ଯୋଗ୍ୟ ବିବେଚିତ ହେବେ ।

ଏହାଛଡ଼ା, ନବମ (କ)ଅନୁଚ୍ଛେଦ ଅନୁଯାୟୀ ଜଣେ କୃଷିବିତ୍‌ଙ୍କୁ ଟିକସଦାତା ଭାବେ ବିବେଚନା କରାଯିବ ନାହିଁ କି ସେ ପଞ୍ଜୀକରଣ ଗ୍ରହଣ ଲାଗି ଯୋଗ୍ୟ ହେବେ ନାହିଁ ।

ପ୍ରଶ୍ନ-୫ 'ମୋଟ କାରବାର କ'ଣ ?

ଉତ୍ତର ଏମ୍‌ଜିଏଲ୍‌ର ଅନୁଚ୍ଛେଦ ୨(୬) ଅନୁଯାୟୀ ନିମ୍ନଲିଖିତ ପ୍ରକ୍ରିୟାର ସମୁଦାୟ ମୂଲ୍ୟ ଆଧାରରେ ମୋଟ କାରବାର ନିର୍ଦ୍ଧାରିତ ହୋଇଥାଏ । ତାହା ହେଲା

ପ୍ରଶ୍ନ-୬ **କେଉଁ କ୍ଷେତ୍ରରେ ପଞ୍ଜୀକରଣ କରାଯିବା ନିହାତି ବାଧ୍ୟତାମୂଳକ ?**

ଉତ୍ତର ଏମ୍‌ଜିଏଲ୍‌ର ତୃତୀୟ ଅନୁଚ୍ଛେଦରେ ବର୍ଣ୍ଣିତ ପଞ୍ଚମ ପାରା ଅନୁଯାୟୀ ସର୍ବନିମ୍ନ ସୀମା ଯାହାଥାଉ ନା କାହିଁକି ନିମ୍ନଲିଖିତ ଶ୍ରେଣୀର ବ୍ୟକ୍ତିମାନଙ୍କ କ୍ଷେତ୍ରରେ ପଞ୍ଜୀକରଣ ବାଧ୍ୟତାମୂଳକ ।

କ) ଯେଉଁ ବ୍ୟକ୍ତି ଟିକସଯୋଗ୍ୟ ଆନ୍ତଃ-ରାଜ୍ୟ ଯୋଗାଣ କରୁଥିବେ ।

ଖ) ସାମୟିକ ଭାବେ ଟିକସ ଦେଉଥିବା ବ୍ୟକ୍ତି ।

ଗ) ଫେରାନ୍ତା ଟିକସ ଭରଣା ପ୍ରକ୍ରିୟା ଅଧୀନରେ ଆବଶ୍ୟକ ଟିକସ ଦେୟ ଦେଉଥିବା ବ୍ୟକ୍ତି ।

ଘ) ପ୍ରବାସୀ ଟିକସଦାତା

ଙ) ଅନୁଚ୍ଛେଦ-୩୭ ଅନୁଯାୟୀ ଟିକସ ବିଯୁକ୍ତ କରୁଥିବା ବ୍ୟକ୍ତି

ଚ) ପଞ୍ଜୀକୃତ ଟିକସଯୋଗ୍ୟ ବ୍ୟକ୍ତିଙ୍କ ତରଫରୁ ଏଜେଣ୍ଟ ଓ ଅନ୍ୟରୂପେ ବସ୍ତୁ ଓ ସେବା ଯୋଗାଣକାରୀ ବ୍ୟକ୍ତି ।

ଛ) ସେବା-ନିବେଶୀ ବଣ୍ଟନକାରୀ

ଜ) ବୈଦ୍ୟୁତିକ ବ୍ୟବସାୟିକ ସଂଚାଳନା ମାଧ୍ୟମରେ ପ୍ରତିଷ୍ଠିତ କମ୍ପାନୀର ସେବା ସମେତ ବସ୍ତୁ ଓ ସେବା ଯୋଗାଣକାରୀ ।

ଝ) ପ୍ରତ୍ୟେକ ବୈଦ୍ୟୁତିକ ବ୍ୟବସାୟିକ ସଂଚାଳକ

ଞ) ନିଜ ବ୍ରାଣ୍ଡ ନାମ କିମ୍ବା ବ୍ୟବସାୟୀଙ୍କ ସଂସ୍ଥା ନାମରେ ସେବା ଯୋଗାଣ କରୁଥିବା ବୃହତ ବିକ୍ରେତା ।

ଟ) ଜିଏସ୍‌ଟି ପରିଷଦର ସୁପାରିଶକ୍ରମେ କେନ୍ଦ୍ର ସରକାର କିମ୍ବା ଏକ ରାଜ୍ୟ ସରକାରଙ୍କ ଦ୍ୱାରା ବିଜ୍ଞପିତ ବ୍ୟକ୍ତିବିଶେଷ କିମ୍ବା ଏକ ଶ୍ରେଣୀର ବ୍ୟକ୍ତିବିଶେଷ ।

ପ୍ରଶ୍ନ-୭ **ଆଦର୍ଶ ଜିଏସ୍‌ଟି ନିୟମ ଅନୁସାରେ ପଞ୍ଜୀକରଣ ପ୍ରାପ୍ତିର ସମୟସୀମା କିଭଳି ରହିଛି ?**

ଉତ୍ତର ଜିଏସ୍‌ଟି ନିୟମରେ ପ୍ରସ୍ତାବିତ ସର୍ତ୍ତ ଓ ପଦ୍ଧତି ଅନୁଯାୟୀ ଜଣେ ବ୍ୟକ୍ତି ପଞ୍ଜୀକରଣ ପାଇଁ ଯୋଗ୍ୟ ହେବାର ୩୦ ଦିନ ମଧ୍ୟରେ ପଂଜୀକୃତ ହୋଇପାରିବେ ।

ପ୍ରଶ୍ନ-୮ **ସମାନ ପ୍ୟାନ ଥାଇ ବିଭିନ୍ନ ରାଜ୍ୟରେ କାରବାର ଚଳାଇଥିବା ବ୍ୟକ୍ତି ଏକକ ପଞ୍ଜୀକରଣ ଜରିଆରେ କାର୍ଯ୍ୟ କରିପାରିବେ କି ?**

ଉତ୍ତର ନା । ପଞ୍ଜୀକରଣ ପାଇଁ ଯୋଗ୍ୟ ହୋଇଥିବା ବ୍ୟକ୍ତି ପ୍ରତ୍ୟେକ ରାଜ୍ୟ ନିମନ୍ତେ ପୃଥକ ଭାବେ ନାମ ପଞ୍ଜୀକରଣ କରିପାରିବେ । ତେବେ ସେହିସବୁ ରାଜ୍ୟରେ ତାଙ୍କର ବ୍ୟବସାୟ ଚାଲିଥିବା ଆବଶ୍ୟକ । ଏହାଛଡ଼ା ସେ, ଆଦର୍ଶ ଜିଏସ୍‌ଟି ଆଇନର ଅନୁଚ୍ଛେଦ-୧୯ ଅନ୍ତର୍ଗତ ଉପ-ଅନୁଚ୍ଛେଦ (୧) ଅନୁଯାୟୀ ଟିକସ ପ୍ରଦାନ କରିବେ ।

ପ୍ରଶ୍ନ-୯ **ଗୋଟିଏ ରାଜ୍ୟରେ ବହୁପ୍ରକାର ବ୍ୟବସାୟ ଚଳାଇଥିବା ବ୍ୟକ୍ତି ପୃଥକ ପଞ୍ଜୀକରଣ ସୁବିଧା ପାଇପାରିବେ କି ?**

ଉତ୍ତର ଜିଏସ୍‌ଟି ଆଇନର ଊନବିଂଶ ଅନୁଚ୍ଛେଦ ଅନ୍ତର୍ଗତ ଦ୍ୱିତୀୟ ଉପ-ଅନୁଚ୍ଛେଦ ଅନୁଯାୟୀ ପ୍ରସ୍ତାବିତ ସର୍ତ୍ତାବଳୀ ଦୃଷ୍ଟିରୁ ଗୋଟିଏ ରାଜ୍ୟରେ ବହୁପ୍ରକାର ବ୍ୟବସାୟ ଚଳାଇଥିବା ବ୍ୟକ୍ତି ପ୍ରତ୍ୟେକ ବ୍ୟବସାୟ ପାଇଁ ପୃଥକ ପଞ୍ଜୀକରଣ ସୁବିଧା ପାଇପାରିବେ ।

**ପ୍ରଶ୍ନ-୧୦ ଯଦିଓ ବ୍ୟକ୍ତି ଜିଏସ୍‌ଟି ଦେୟ ଦେବାକୁ ଯୋଗ୍ୟ ନୁହନ୍ତି, ତାହାଲେ ସେ ସ୍ୱେଚ୍ଛାକୃତ ଭାବେ ପଞ୍ଜୀକୃତ ହେବାର ବ୍ୟବସ୍ଥା ରହିଛି କି ?**

ଉତ୍ତର ହଁ ।

**ପ୍ରଶ୍ନ-୧୧ ପଞ୍ଜୀକରଣ କରାଇବାକୁ ହେଲେ ଜଣେ ବ୍ୟକ୍ତିଙ୍କ ପାଇଁ ସ୍ଥାୟୀ ଆକାଉଣ୍ଟ ନମ୍ବର (ପ୍ୟାନ୍) କାର୍ଡ କରିବା କ'ଣ ବାଧ୍ୟତାମୂଳକ ?**

ଉତ୍ତର ହଁ । ଆଦର୍ଶ ଜିଏସ୍‌ଟି ଆଇନର ଊନବିଂଶ ଅନୁଚ୍ଛେଦ ଅନୁଯାୟୀ ପଞ୍ଜୀକରଣ ଯୋଗ୍ୟ ହେବା ଲାଗି ଜଣେ ବ୍ୟକ୍ତି ଆୟକର ଆଇନ, ୧୯୬୧ (ଅନୁଚ୍ଛେଦ ୪୩) ଅନୁସାରେ ପ୍ୟାନ୍ ଧାରକ ହୋଇଥିବା ଆବଶ୍ୟକ ।

ତେବେ, ଏମ୍‌ଜିଏଲ୍‌ର ଊନବିଂଶ (୪କ) ଅନୁଚ୍ଛେଦ ଅନୁଯାୟୀ ପ୍ରବାସୀ ଟିକସଦାତାଙ୍କ ପ୍ରତି ପ୍ୟାନ ବାଧ୍ୟତାମୂଳକ ନୁହେଁ । ପ୍ରସ୍ତାବିତ ନିୟମାନୁଯାୟୀ ପ୍ରବାସୀ ଟିକସଦାତା ଅନ୍ୟ କୌଣସି ପ୍ରମାଣପତ୍ର ଆଧାରରେ ପଞ୍ଜୀକୃତ ହୋଇପାରିବେ ।

**ପ୍ରଶ୍ନ-୧୨ ଉପରୋକ୍ତ ଆଇନ ବଳରେ କ୍ଷମତାପ୍ରାପ୍ତ ବିଭାଗୀୟ ଅଧିକାରୀ ଜଣେ ବ୍ୟକ୍ତିର ପଞ୍ଜୀକରଣ ସ୍ୱତଃପ୍ରବୃତ୍ତଭାବେ କରିପାରିବେ କି ?**

ଉତ୍ତର ହଁ । ପ୍ରସ୍ତାବିତ ଆଇନର ଊନବିଂଶ ଅନୁଚ୍ଛେଦର ପଞ୍ଚମ ଉପ-ଅନୁଚ୍ଛେଦ ଅନୁଯାୟୀ ଜଣେ ବ୍ୟକ୍ତି ଆଇନଅନୁଯାୟୀ ପଞ୍ଜୀକରଣ ପାଇଁ ଯୋଗ୍ୟ ହୋଇଥିଲେ ମଧ ପଞ୍ଜୀକୃତ ପ୍ରମାଣପତ୍ର ପାଇବାରୁ ବଞ୍ଚିତ ହୋଇଥିବେ, ଏମ୍‌କିଏଲ୍ ବା ଅନ୍ୟ ଆଇନ ଅନୁସାରେ ବିନା ପକ୍ଷପାତରେ ଧାର୍ଯ୍ୟ ନୀତିନିୟମ ବଳରେ ସଂପୃକ୍ତ ବ୍ୟକ୍ତିଙ୍କ ପଞ୍ଜୀକରଣ ପ୍ରକ୍ରିୟାକୁ କ୍ଷମତାପ୍ରାପ୍ତ ଅଧିକାରୀ ତ୍ୱରାନ୍ୱିତ କରିପାରିବେ ।

**ପ୍ରଶ୍ନ-୧୩ କ୍ଷମତାପ୍ରାପ୍ତ ବିଭାଗୀୟ ଅଧିକାରୀ ଜଣେ ବ୍ୟକ୍ତିଙ୍କ ପଞ୍ଜୀକରଣ ପାଇଁ ଦରଖାସ୍ତକୁ ଅଗ୍ରାହ୍ୟ କରିପାରିବେ କି ?**

ଉତ୍ତର ହଁ । ଏମ୍‌ଜିଏଲ୍‌ର ସପ୍ତମ ଉପ-ଅନୁଚ୍ଛେଦ ଅନୁଯାୟୀ, ଉପଯୁକ୍ତ ଯାଞ୍ଚବେଳେ ତ୍ରୁଟି ଥିଲେ କ୍ଷମତାପ୍ରାପ୍ତ ଅଧିକାରୀ ଜଣେ ବ୍ୟକ୍ତିଙ୍କ ପଞ୍ଜୀକରଣ ଆବେଦନକୁ ଅଗ୍ରାହ୍ୟ କରିପାରିବେ । ତେବେ ପ୍ରସ୍ତାବିତ ଆଇନର ଊନବିଂଶ ଅନୁଚ୍ଛେଦ ଅନ୍ତର୍ଗତ ଅଷ୍ଟମ ଉପ-ଅନୁଚ୍ଛେଦ ଅନୁଯାୟୀ ସଂପୃକ୍ତ ବ୍ୟକ୍ତିଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରିବା ସହ ତାଙ୍କର ଅଭିଯୋଗ ଶୁଣିବା ଲାଗି ଯଥୋଚିତ ସୁଯୋଗ ଦେବା ପରେ କ୍ଷମତାପ୍ରାପ୍ତ ଅଧିକାରୀ ଶେଷରେ ପଞ୍ଜୀକରଣ ଅଗ୍ରାହ୍ୟ କରିପାରିବେ ।

**ପ୍ରଶ୍ନ-୧୪ ଜଣେ ବ୍ୟକ୍ତିଙ୍କୁ ସ୍ଥାୟୀ ଭାବେ ପଞ୍ଜୀକରଣ କରାଯାଇପାରି କି ?**

ଉତ୍ତର ହଁ । ତେବେ ଯେପର୍ଯ୍ୟନ୍ତ ପଞ୍ଜୀକରଣ ପ୍ରମାଣପତ୍ର ସମର୍ପଣ ବାତିଲ, ନିଲମ୍ବନ ବା ପ୍ରତ୍ୟାହୃତ ହୋଇନାହିଁ ସେ ପର୍ଯ୍ୟନ୍ତ ତାହା ସ୍ଥାୟୀ ଭାବେ କାର୍ଯ୍ୟ କରିବ ।

**ପ୍ରଶ୍ନ-୧୫ ଦେଶରେ ଅବସ୍ଥାପିତ ଜାତିସଂଘ ବା ବିଦେଶୀ ରାଷ୍ଟ୍ର ଦୂତାବାସର ଅଧିକାରୀ ଓ କର୍ମଚାରୀଙ୍କ ପାଇଁ ଏମ୍‌ଜିଏଲ୍ ଅଧୀନସ୍ଥ ପଞ୍ଜୀକରଣ କରାଯିବା ଆବଶ୍ୟକ କି ?**

ଉତ୍ତର ଦେଶରେ ଅବସ୍ଥାପିତ ଜାତିସଂଘ ବା ବିଦେଶୀ ରାଷ୍ଟ୍ରଦୂତାବାସ ଅଧିକାରୀ ଓ କର୍ମଚାରୀ ତଥା ବିଜ୍ଞାପିତ ଅନ୍ୟ ଶ୍ରେଣୀର ଲୋକଙ୍କ ପାଇଁ ଜିଏସ୍‌ଟି ପୋର୍ଟାଲ୍ (GST Portal) ରୁ ଏକକ ପରିଚୟ ସଂଖ୍ୟା ବା Unique Identification Number ପ୍ରାପ୍ତ କରିବା ଆବଶ୍ୟକ । ଉପରବର୍ଣ୍ଣିତ ପରିଚୟ ସଂଖ୍ୟା ଜିଏସ୍‌ଟିଆଇଏନ୍ ଢାଞ୍ଚା ଅନୁରୂପ ହେବା ସହ ସବୁ ରାଜ୍ୟ ପାଇଁ ସମାନ ରହିଛି । ଏହା କେନ୍ଦ୍ର ସରକାର ଓ ରାଜ୍ୟସରକାରଙ୍କ ପାଇଁ ସାର୍ବଜନୀନ । ଟିକସ ଫେରସ୍ତ ପାଇଁ ଦାବି କରିବା ତଥା ଜିଏସ୍‌ଟି ଆଇନାନୁଯାୟୀ ନିର୍ଦ୍ଧାରିତ ବିଭିନ୍ନ ଉଦ୍ଦେଶ୍ୟ ପାଇଁ ଏକକ ପରିଚୟ ସଂଖ୍ୟା (UIN) ଆବଶ୍ୟକ ।

**ପ୍ରଶ୍ନ-୧୬** **ଜାତିସଂଘ ବା ବିଦେଶୀ ରାଷ୍ଟ୍ର ଦୂତାବାସ ପାଇଁ ଯୋଗାଣ ବେଳେ ଟିକସଭୁକ୍ତ ବ୍ୟବସାୟୀ କିଭଳି ଦାୟିତ୍ୱ ତୁଲାଇବେ ?**

ଉତ୍ତର ଦୂତାବାସଗୁଡ଼ିକୁ ଯୋଗାଣବେଳେ ଟିକସଭୁକ୍ତ ବ୍ୟବସାୟୀ ସେମାନଙ୍କ ଚାଲାନ୍ ଇନ୍‌ଭଏସ୍‌ରେ ୟୁଆଇଏନ୍ ଉଲ୍ଲେଖ କରିବେ । ଅନ୍ୟ ପଞ୍ଜୀକୃତ ବ୍ୟକ୍ତିଙ୍କୁ (ବି ଟୁ ବି) ଏଭଳି ଯୋଗାଣ ଦୃଷ୍ଟିରୁ ତାହା ତଦନୁରୂପେ ଗଣନା କରାଯିବ । ଯୋଗାଣକାରୀ ଯୋଗାଣର ଚାଲାନ୍‌କୁ କମ୍ପ୍ୟୁଟରରେ ଅପଲୋଡ୍ କରିବେ ।

**ପ୍ରଶ୍ନ-୧୭** **ସରକାରୀ ଅନୁଷ୍ଠାନ ପଞ୍ଜୀକୃତ ହେବା ଆବଶ୍ୟକ କି ?**

ଉତ୍ତର ଜିଏସ୍‌ଟି ଅନ୍ତର୍ଗତ ଦ୍ରବ୍ୟର ବାହ୍ୟ ଯୋଗାଣ କରା ନଯାଇ ଆନ୍ତଃରାଜ୍ୟ କ୍ରୟବ୍ୟବସ୍ଥା କରିବା ନିମନ୍ତେ ଜିଏସ୍‌ଟି ପୋର୍ଟାଲ ମାଧ୍ୟମରେ ସରକାରୀ ସଂସ୍ଥା ଓ ଉଦ୍ୟୋଗଗୁଡ଼ିକୁ ସଂପୃକ୍ତ ରାଜ୍ୟ ଟିକସ ସଂଗ୍ରହ ସଂସ୍ଥା ଏକକ ପରିଚୟ ସଂଖ୍ୟା ୟୁଆଇଏନ୍ ପ୍ରଦାନ କରିଥାନ୍ତି ।

**ପ୍ରଶ୍ନ-୧୮** **ସାମୟିକ ଟିକସ ଦେଉଥିବା ବ୍ୟକ୍ତିରୂପେ କାହାକୁ ବିବେଚନା କରାଯିବ ?**

ଉତ୍ତର ଏମ୍‌ଜିଏଲ୍‌ର ୨(୨୧) ଅନୁଚ୍ଛେଦରେ ସାମୟିକ ଟିକସଭୁକ୍ତ ବ୍ୟକ୍ତିଙ୍କ ସଂଜ୍ଞା ନିରୂପିତ ହୋଇଛି । ଯେଉଁ ବ୍ୟକ୍ତି ଟିକସଯୁକ୍ତ ଅଞ୍ଚଳର ଯେ କୌଣସି ସ୍ଥାନରେ ସାମୟିକ କାରବାର ଚଳାଇଥିବେ ତାଙ୍କୁ ଏହି ଶ୍ରେଣୀରେ ଅନ୍ତର୍ଭୁକ୍ତ କରାଯାଇଛି ।

**ପ୍ରଶ୍ନ-୧୯** **ପ୍ରବାସୀ ଟିକସଦାତା କାହାକୁ କୁହାଯିବ ?**

ଉତ୍ତର ଯେଉଁ ଟିକସଭୁକ୍ତ ବ୍ୟକ୍ତି ଦେଶ ବାହାରେ ବସବାସ କରୁଥିଲେ ମଧ ଦେଶ ମଧକୁ କ୍ୱଚିତ ଆସି ଯେ କୌଣସି ସ୍ଥାନରେ ସାମୟିକ କାରବାର ଚଳାଇଥିବେ, ସେମାନଙ୍କୁ ପ୍ରବାସୀ ଟିକସଦାତା ଭାବେ ଏମ୍‌ଜିଏଲ୍‌ର ଅନୁଚ୍ଛେଦ ୨(୬୯) ରେ ବିବେଚନା କରାଯାଇଛି ।

**ପ୍ରଶ୍ନ-୨୦** **ସାମୟିକ ଟିକସଭୁକ୍ତ ବ୍ୟକ୍ତି ଓ ପ୍ରବାସୀ ଟିକସଦାତାଙ୍କ ପଞ୍ଜୀକରଣ ପ୍ରମାଣପତ୍ରର ବୈଧ ସମୟସୀମା କେତେ ?**

ଉତ୍ତର ସାମୟିକ ଟିକସଭୁକ୍ତ ବ୍ୟକ୍ତି ଓ ପ୍ରବାସୀ ଟିକସଦାତାଙ୍କ ପଞ୍ଜୀକରଣ ପ୍ରମାଣପତ୍ର ପଞ୍ଜୀକୃତ ଦିବସଠାରୁ ୯୦ଦିନ ପର୍ଯ୍ୟନ୍ତ ବୈଧ ରହିଥାଏ । ତେବେ ଏମାନଙ୍କ ଅନୁରୋଧକ୍ରମେ କ୍ଷମତାପ୍ରାପ୍ତ ଅଧିକାରୀ ପଞ୍ଜୀକରଣର ପ୍ରମାଣପତ୍ରର ବୈଧତା ଆହୁରି ୯୦ଦିନ (ତା'ଠାରୁ ଅଧିକ ନୁହେଁ) ବୃଦ୍ଧି କରିପାରିବେ ।

**ପ୍ରଶ୍ନ-୨୧** **ସ୍ୱତନ୍ତ୍ର ଶ୍ରେଣୀ ଭିତରେ ପଞ୍ଜୀକରଣ ପ୍ରମାଣପତ୍ର ପ୍ରାପ୍ତ ହେବାବେଳେ ସାମୟିକ ଟିକସଭୁକ୍ତ ବ୍ୟକ୍ତି ଓ ପ୍ରବାସୀ ଟିକସଦାତା କୌଣସି ଆଗୁଆ ଟିକସ ଦେଇଥାନ୍ତି କି ?**

ଉତ୍ତର ହଁ । କୌଣସି ସାଧାରଣ ଟିକସଦାତାଙ୍କୁ ପଞ୍ଜୀକୃତ ହେବାଲାଗି ଟଙ୍କା ଜମା କରିବାକୁ ପଡ଼େନାହିଁ । ତେବେ ସାମୟିକ ଟିକସଭୁକ୍ତ ବ୍ୟକ୍ତି ଓ ପ୍ରବାସୀ ଟିକସଦାତା ଊନବିଂଶ ଅନୁଚ୍ଛେଦର ପ୍ରଥମ ଉପ-ଅନୁଚ୍ଛେଦ ଅନୁଯାୟୀ ପଞ୍ଜୀକରଣ ଆବେଦନପତ୍ର ଦାଖଲ କରିବାବେଳେ ଆଗତୁରା ଟଙ୍କା ଜମା କରିଥାନ୍ତି । ଯେଉଁ ସମୟସୀମା ପର୍ଯ୍ୟନ୍ତ ସେମାନେ ପଞ୍ଜୀକୃତ ହେବାକୁ ଚାହାନ୍ତି, ସେପର୍ଯ୍ୟନ୍ତ ଟିକସ୍‌ଦେୟ ଆକଳନ କରାଯାଇ ତତ୍ତୁଲ୍ୟ ଅର୍ଥ ଦେଇଥାନ୍ତି । ଯଦି ପଞ୍ଜୀକରଣ ଧାର୍ଯ୍ୟ ୯୦ ଦିନ ସମୟସୀମାଠାରୁ ଅଧିକଦିନ ପାଇଁ ଲୋଡ଼ାଯାଏ, ତାହାଲେ ବର୍ଦ୍ଧିତ ସମୟସୀମା ପର୍ଯ୍ୟନ୍ତ ଟିକସ ଦେୟ ଆକଳନ କରାଯାଇ ତତ୍ତୁଲ୍ୟ ଅର୍ଥ ସେମାନଙ୍କୁ ଆଗତୁରା ଏହି ଅତିରିକ୍ତ ଅର୍ଥ ଦେବାକୁ ପଡ଼ିଥାଏ ।

**ପ୍ରଶ୍ନ-୨୨** **ପଞ୍ଜୀକରଣ ପ୍ରମାଣପତ୍ରରେ ସଂଶୋଧନ ଅନୁମତିପ୍ରାପ୍ତ କି ?**

ଉତ୍ତର ହଁ । ବିଂଶ ଅନୁଚ୍ଛେଦ ଅନୁଯାୟୀ, ପଞ୍ଜୀକରଣ ପାଇଁ ଆବେଦନକାରୀ କିମ୍ବା ତାଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ ବ୍ୟକ୍ତି ଦାଖଲ କରିଥିବା ଆବେଦନପତ୍ରରେ ଦର୍ଶିତ ବିବରଣୀକୁ ଅନୁଧ୍ୟାନ କରି କ୍ଷମତାପ୍ରାପ୍ତ ଅଧିକରୀ ପଞ୍ଜୀକରଣ ପାଇଁ ଅନୁମୋଦନ

କରନ୍ତି, ନଚେତ୍ ଧାର୍ଯ୍ୟ ସମୟସୀମାକୁ ଦୃଷ୍ଟିରେ ରଖି ପଞ୍ଜୀକରଣ କ୍ଷେତ୍ରରେ ଯେକୌଣସି ସଂଶୋଧନକୁ ଅଗ୍ରାହ୍ୟ କରିପାରନ୍ତି । ଏହା ମନେରଖିବା ଉଚିତ ଯେ, ସୂଚନା ଆଧାରରେ କେତେକ ନିର୍ଦ୍ଦିଷ୍ଟ ମୁଖ୍ୟ କ୍ଷେତ୍ରରେ ଲୋଡ଼ାଯାଇଥିବା ସଂଶୋଧନକୁ କ୍ଷମତାପ୍ରାପ୍ତ ଅଧିକରଣ ଅନୁମତି ଦେଇଥାନ୍ତି । କିନ୍ତୁ ଅନ୍ୟାନ୍ୟ କ୍ଷେତ୍ର ପାଇଁ ପଞ୍ଜୀକରଣ ଆବେଦନକାରୀଙ୍କୁ ହିଁ ସଂଶୋଧନ କ୍ଷମତା ଦିଆଯାଇଥାଏ ।

**ପ୍ରଶ୍ନ-୨୩ ପଞ୍ଜୀକରଣ ପ୍ରମାଣପତ୍ର ବାତିଲ କରିବାକୁ ଅନୁମତି ଦିଆଯାଇପାରିବ କି ?**

ଉତ୍ତର ଏମ୍‌ଜିଏଲ୍‌ର ଏକବିଂଶ ଅନୁଚ୍ଛେଦ ଅନୁଯାୟୀ କ୍ଷମତାପ୍ରାପ୍ତ ଅଧିକାରୀ ଏହି ଆଇନ ବଳର ମଞ୍ଜୁର ହୋଇଥିବା ଯେକୌଣସି ପଞ୍ଜୀକରଣ ପ୍ରମାଣପତ୍ରକୁ ବାତିଲ କରିପାରିବେ । ପଞ୍ଜୀକୃତ ଟିକସଦାତା କିମ୍ବା ତାଙ୍କର ଆଇନଗତ ଉତ୍ତରାଧିକାରୀଙ୍କ ମୃତ୍ୟୁଘଟିଲେ କ୍ଷମତାପ୍ରାପ୍ତ ଅଧିକାରୀ ପଞ୍ଜୀକରଣକୁ ବାତିଲ କରିପାରିବେ ।

**ପ୍ରଶ୍ନ-୨୪ ସିଜିଏସ୍‌ଟି ଆଇନ୍ ବଳରେ ହୋଇଥିବା ପଞ୍ଜୀକରଣ ବାତିଲ ହେଲେ ଏହା ଏସ୍‌ଜିଏସ୍‌ଟି ଆଇନ ବଳରେ ହୋଇଥିବା ପଞ୍ଜୀକରଣ ବାତିଲ ବୋଲି ବୁଝାଯିବ କି ?**

ଉତ୍ତର ହଁ । ଅନୁଚ୍ଛେଦ ୨୧(୬) ଅନୁଯାୟୀ ଗୋଟିଏ ଆଇନ (ଧରାଯାଉ ସିଜିଏସ୍‌ଟି ଆଇନ) ବଳରେ ହୋଇଥିବା ପଞ୍ଜୀକରଣ ବାତିଲ ହେଲେ ଏହା ଅନ୍ୟ ଆଇନ ବଳରେ (ଧରାଯାଉ ଏସ୍‌ଜିଏସ୍‌ଟି ଆଇନ) ହୋଇଥିବା ପଞ୍ଜିକରଣ ବାତିଲ ବୋଲି ବୁଝାଯିବ ।

**ପ୍ରଶ୍ନ-୨୫ କ୍ଷମତାପ୍ରାପ୍ତ ଅଧିକାରୀ ନିଜଆଡୁ ପଞ୍ଜୀକରଣକୁ ବାତିଲ କରିପାରିବେ କି ?**

ଉତ୍ତର ହଁ । ଏମ୍‌ଜିଏଲ୍‌ର ୨୧(୨) ଅନୁଚ୍ଛେଦରେ ବର୍ଣ୍ଣିତ କେତେକ ନିର୍ଦ୍ଦିଷ୍ଟ ପରିସ୍ଥିତିରେ କ୍ଷମତାପ୍ରାପ୍ତ ଅଧିକାରୀ ନିଜଆଡୁ ପଞ୍ଜିକରଣ ବାତିଲ୍ କରିପାରିବେ । ଯଦି ଜଣେ ସାଧାରଣ ଟିକସଦାତା ୫ ମାସ ଓ ଯୁଗ୍ମ ଟିକସଦାତା ୩ମାସ କ୍ରମାଗତ ଭାବେ ରିଟର୍ଣ୍ଣ ଦାଖଲ ନ କରିବା ତଥା ପଞ୍ଜୀକରଣ ପ୍ରାପ୍ତିର ୬ ମାସ ମଧ୍ୟରେ ବ୍ୟବସାୟ ଆରମ୍ଭ କରି ନଥିବେ, ସେଭଳି ସ୍ଥିତିରେ ପଞ୍ଜୀକରଣ ବାତିଲ ହୋଇପାରିବ । ତେବେ ଆଇନର ୨୧(୪) ଅନୁଚ୍ଛେଦ ବଳରେ ପଞ୍ଜୀକରଣ ବାତିଲ ପୂର୍ବରୁ କ୍ଷମତାପ୍ରାପ୍ତ ଅଧିକାରୀ ପ୍ରକୃତ ନ୍ୟାୟପ୍ରଦାନ ନୀତିକୁ ଅନୁସରଣ କରିବେ ।

**ପ୍ରଶ୍ନ-୨୬ ଜାଣିଶୁଣି ଭୁଲତଥ୍ୟ ଦେବା, ଠକିବା ଓ ତଥ୍ୟ ଲୁଚାଇ ପଞ୍ଜୀକରଣ ପ୍ରାପ୍ତି ହେଲେ କିଭଳି ପଦକ୍ଷେପ ନିଆଯିବ ?**

ଉତ୍ତର ଏଭଳି କ୍ଷେତ୍ରରେ ଅନୁଚ୍ଛେଦ ୨୧(୩) ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ବିଗତ କାର୍ଯ୍ୟକଳାପକୁ ଦୃଷ୍ଟି ଦେଇ ପଞ୍ଜୀକରଣ ବାତିଲ କରିପାରିବେ ।

**ପ୍ରଶ୍ନ-୨୭ ଏମ୍‌ଜିଏଲ୍ ଅଧୀନରେ ସେବା ପାଇବା ଲାଗି କେନ୍ଦ୍ରୀୟ ପଞ୍ଜୀକରଣକୁ ବିକଳ୍ପ ଭାବେ ନିଆଯାଇପାରିବ କି ?**

ଉତ୍ତର ନା ।

**ପ୍ରଶ୍ନ-୨୮ ଗୋଟିଏ ରାଜ୍ୟରେ ବିଭିନ୍ନ ବ୍ୟବସାୟ କରୁଥିବା ଜଣେ ଟିକସଦାତା ସେହି ରାଜ୍ୟରେ ପ୍ରତି ବ୍ୟବସାୟ ପାଇଁ ପୃଥକ୍ ପଞ୍ଜୀକରଣ ସୁବିଧା ପାଇବେ କି ?**

ଉତ୍ତର ନା । ତେବେ ଏମ୍‌ଜିଏଲ୍‌ର ୧୯(୨) ଅନୁଚ୍ଛେଦ ଅନୁଯାୟୀ ଟିକସଦାତା ଏଭଳି ପୃଥକ ବ୍ୟବସାୟ ଲାଗି ସ୍ୱାଧୀନ ଭାବେ ପଞ୍ଜୀକରଣ ନିମନ୍ତେ ବିକଳ୍ପ ରଖାଯାଇଛି ।

**ପ୍ରଶ୍ନ-୨୯ ଆଇଏସ୍‌ଡି କାହାକୁ କହନ୍ତି ?**

ଉତ୍ତର ଏମ୍‌ଜିଏଲ୍‌ର ଅନୁଚ୍ଛେଦ ୨(୫୬) ଅନୁଯାୟୀ ISD ବା Input Service Distributor ଭାବେ ନିବେଶିତ ସେବା ବଣ୍ଟନକାରୀଙ୍କୁ ବୁଝାଏ । ଏହା ମୂଳତଃ ଏକ କାର୍ଯ୍ୟାଳୟକୁ କୁହାଯାଏ, ଯାହାକି ନିବେଶିତ ସେବା ପ୍ରାପ୍ତିସ୍ୱୀକାର ରସିଦ ଭିତ୍ତିରେ ଟିକସ ଚାଲାନ୍‌କୁ ଗ୍ରହଣ କରେ ଏବଂ ଯୋଗାଣକାରୀ ସଂସ୍ଥାକୁ ସମାନୁପାତିକ ଭାବେ ଋଣ ବଣ୍ଟନ

କରିଥାଏ ।

**ପ୍ରଶ୍ନ-୩୦ ଟିକସଦାତାଙ୍କ ପାଇଁ ପ୍ରଚଳିତ ପଞ୍ଜୀକରଣ ବ୍ୟତୀତ ଆଇଏସ୍‌ଡ଼ି ପାଇଁ ପୃଥକ ପଞ୍ଜୀକରଣ ଆବଶ୍ୟକ କି ?**

ଉତ୍ତର ହଁ । ଆଇଏସ୍‌ଡ଼ି ହେଉଛି ଟିକସଦାତାଙ୍କ ଏକ କାର୍ଯ୍ୟାଳୟ । ତେଣୁ ସ୍ୱାଭାବିକ ପଞ୍ଜିକରଣ ପ୍ରକ୍ରିୟାଠାରୁ ଏହା ପୃଥକ୍ ରହିବ ।

**ପ୍ରଶ୍ନ-୩୧ ଜଣେ ଟିକସଦାତା ବହୁସଂଖ୍ୟକ ଆଇଏସ୍‌ଡ଼ି ପଞ୍ଜୀକରଣ କରିପାରିବେ କି ?**

ଉତ୍ତର ହଁ । ଟିକସଦାତାଙ୍କ ବିଭିନ୍ନ ସ୍ଥାନରେ ଥିବା କାର୍ଯ୍ୟାଳୟ ପକ୍ଷରୁ ଆଇଏସ୍‌ଡ଼ି ପଞ୍ଜୀକରଣ ପାଇଁ ଆବେଦନ କରିପାରିବେ ।

**ପ୍ରଶ୍ନ-୩୨ ବ୍ୟବସାୟର ପରିବର୍ତ୍ତନ (ପଞ୍ଜୀକରଣ ପ୍ରସଙ୍ଗ ବିଚାରକୁ ନେଲେ) କ୍ଷେତ୍ରରେ ଉତ୍ତରଦାୟିତ୍ୱ କ'ଣ ରହିବ ?**

ଉତ୍ତର ବ୍ୟବସାୟ ପରିବର୍ତ୍ତନ କିମ୍ବା ଉତ୍ତରାଧିକାର ସ୍ଥିତି କ୍ଷେତ୍ରରେ ବ୍ୟବସାୟୀ କିମ୍ବା ଉତ୍ତରାଧିକାରୀ ସାନି ପଞ୍ଜିକରଣ କରିପାରିବେ । ନୂତନ ଦିବସଠାରୁ ସାନି ପଞ୍ଜୀକରଣ ଅବଧି ଆରମ୍ଭ ହେବ । (ଏମ୍‌ଜିଏଲ୍‌ର ତୃତୀୟ ଅନୁଚ୍ଛେଦ ଦ୍ରଷ୍ଟବ୍ୟ)

**ପ୍ରଶ୍ନ-୩୩ ପ୍ରଚଳିତ କେନ୍ଦ୍ରୀୟ ଉତ୍ପାଦ ଶୁଳ୍କ/ ସେବା ଟିକସ/ମୂଲ୍ୟଯୁକ୍ତ ଆଇନ (ଭାଟ୍) ଅଧୀନରେ ପଞ୍ଜିକୃତ ହୋଇଥିବା ସମସ୍ତ କରମୂଲ୍ୟାୟନକାରୀ ଓ ଡିଲରଙ୍କୁ କ'ଣ ସାନି ପଞ୍ଜୀକରଣ କରିବାକୁ ପଡ଼ିବ ?**

ଉତ୍ତର ନା । କରମୂଲ୍ୟାୟନକାରୀ ଓ ଡିଲରଙ୍କୁ ଜିଏସ୍‌ଟିଏନ୍‌ସି (ଜିଏସ୍‌ଟି ନେଟଓ୍ୱର୍କ) ପରିସରକୁ ଅଣାଯାଇ ସାନି ଜିଏସ୍‌ଟିଆଇଏନ୍ ନମ୍ବର ଓ ପାସ୍‌ୱାର୍ଡ଼ ପ୍ରଦାନ କରାଯିବ । ପଞ୍ଜୀକରଣ ପାଇଁ ଆବଶ୍ୟକ ସମସ୍ତ କାଗଜପତ୍ର ଓ ତଥ୍ୟ ନିର୍ଦ୍ଧାରିତ ସମୟସୀମା ମଧରେ ଦାଖଲ ଲାଗି ସେମାନଙ୍କୁ ଅବଗତ କରାଯିବ । ଏଥିରେ ଖିଲାପ ହେଲେ ଜିଏସ୍‌ଟିଆଇଏନ୍ ନମ୍ବରକୁ ବାତିଲ କରିଦିଆଯିବ । କେନ୍ଦ୍ରୀୟ ପଞ୍ଜୀକରଣ ପ୍ରମାଣପତ୍ର ପାଇଥିବା ସେବା କର ମୂଲ୍ୟାୟନକାରୀଙ୍କ ଯେଉଁ ରାଜ୍ୟରେ କାରବାର ଥିବ, ସଂପୃକ୍ତ ରାଜ୍ୟର କର୍ତ୍ତୃପକ୍ଷଙ୍କ ନିକଟରେ ପଞ୍ଜୀକରଣ ଲାଗି ସାନି ଆବେଦନ କରିବେ ।

**ପ୍ରଶ୍ନ-୩୪ ବିଭିନ୍ନ ବ୍ୟାପାର ଶ୍ରମିକ (Jobworker)ଙ୍କ ପାଇଁ ପଞ୍ଜୀକରଣ କ'ଣ ବାଧ୍ୟତାମୂଳକ ?**

ଉତ୍ତର ନା । ଏମ୍‌ଜିଏଲ୍‌ର ଅନୁଚ୍ଛେଦ-୪୩ (କ) ରେ ଏଭଳି କୌଣସି ସର୍ତ୍ତ ନିର୍ଦ୍ଧାରଣ କରାଯାଇ ନାହିଁ ।

**ପ୍ରଶ୍ନ-୩୫ ଜଣେ ବ୍ୟାପାର ଶ୍ରମିକଙ୍କୁ କାର୍ଯ୍ୟସ୍ଥଳରୁ ଦ୍ରବ୍ୟ ଯୋଗାଣ ପାଇଁ ଅନୁମତି ମିଳିବ କି ?**

ଉତ୍ତର ହଁ । କିନ୍ତୁ ସେହି କାର୍ଯ୍ୟସ୍ଥଳରେ ବ୍ୟାପାର ଶ୍ରମିକ ପଞ୍ଜୀକୃତ ହୋଇଥିବା ଆବଶ୍ୟକ । ଏହାଛଡ଼ା, ବ୍ୟାପାର ଶ୍ରମିକଙ୍କ କାର୍ଯ୍ୟସ୍ଥଳକୁ ଅତିରିକ୍ତ କାର୍ଯ୍ୟସ୍ଥଳ ବୋଲି ବ୍ୟାପାରମୁଖ୍ୟ ଘୋଷଣା କରିବା ବିଧେୟ ।

**ପ୍ରଶ୍ନ-୩୬ ପଞ୍ଜୀକରଣବେଳେ କରମୂଲ୍ୟାୟନକାରୀ ତାହାର ସମସ୍ତ କାରବାର ସ୍ଥଳ ସଂପର୍କରେ ଅବଗତ କରାଇବେ କି ?**

ଉତ୍ତର ହଁ । ଏମ୍‌ଜିଏଲ୍‌ର ଅନୁଚ୍ଛେଦ ୨(୭୮) ଓ ୨(୭୫) ରେ ବର୍ଣ୍ଣିତ ରହିଛି ଯେ,(ମୁଖ୍ୟକାରବାରସ୍ଥଳ ଓ ଅନ୍ୟାନ୍ୟ କାରବାରସ୍ଥଳ ପୃଥକ୍ ରହିବ । ଏଥିନେଇ ଆଇନରେ ଏହାର ସଂଜ୍ଞା ନିରୂପଣ କରାଯାଇଛି । ଟିକସଦାତା ପଞ୍ଜୀକରଣ ଫର୍ମରେ ମୁଖ୍ୟ କାରବାରସ୍ଥଳ ଓ ଅତିରିକ୍ତ କାରବାରସ୍ଥଳର ସଂପୂର୍ଣ୍ଣ ବିବରଣୀ ଘୋଷଣା କରିବେ ।

**ପ୍ରଶ୍ନ-୩୭ ଡିଲର କିମ୍ବା କ୍ଷୁଦ୍ର ଡିଲର ଯାହାଙ୍କର ସୂଚନା ଓ ପ୍ରଯୁକ୍ତି ଭିତ୍ତିଭୂମି ନଥିବ, ସେମାନଙ୍କୁ ସହାୟତା କରିବା ଲାଗି କୌଣସି ବ୍ୟବସ୍ଥା ରହିଛି କି ?**

ଉତ୍ତର ସୂଚନା ଓ ପ୍ରଯୁକ୍ତି ଭିତ୍ତିଭୂମି ନଥିବା ଟିକସଦାତାଙ୍କ ଆବଶ୍ୟକତାକୁ ପୂରଣ କରିବା ଲାଗି ନିମ୍ନଲିଖିତ ସହାୟତା ପ୍ରଦାନ କରାଯାଇଛି ।

## ଟିକସ ରିଟର୍ଣ୍ଣ ପ୍ରସ୍ତୁତକର୍ତ୍ତା (ଟିଆରପି)

## (Tax Return Prepare)

ଟିକସଦାତା ପଞ୍ଜୀକରଣ ଆବେଦନପତ୍ର କିମ୍ବା ରିଟର୍ଣ୍ଣ (Return) କାଗଜପତ୍ର ନିଜେ ପ୍ରସ୍ତୁତ କରିବେ କିମ୍ବା ଏଗୁଡ଼ିକର ପ୍ରସ୍ତୁତି ନେଇ ଟିଆରପିଙ୍କ ସହାୟତା ଲୋଡ଼ିବେ । ଟିକସଦାତାଙ୍କ ପ୍ରଦତ୍ତ ତଥ୍ୟ ଭିତ୍ତିରେ ଟିଆରପି ନିର୍ଦ୍ଧାରିତ ଢାଞ୍ଚାରେ ପଞ୍ଜୀକରଣ ଓ ରିଟର୍ଣ୍ଣ ସଂପର୍କିତ କାଗଜପତ୍ର ପ୍ରସ୍ତୁତ କରିବେ । ଟିଆରପିଙ୍କ ଦ୍ୱାରା ପ୍ରସ୍ତୁତ ଫର୍ମରେ ବର୍ଣ୍ଣିତ ତଥ୍ୟର ସତ୍ୟତା ଉପରେ କେବଳ ଟିକସଦାତାଙ୍କ ଆଇନଗତ ଦାୟିତ୍ୱ ରହିଛି । କୌଣସି ତ୍ରୁଟିଯୁକ୍ତ କିମ୍ବା ଭୁଲ ତଥ୍ୟ ଲାଗି ଟିଆରପି ଦାୟୀ ହେବେ ନାହିଁ ।

ସହାୟତା କେନ୍ଦ୍ର

ପ୍ରାଧିକୃତ କର୍ତ୍ତୃପକ୍ଷଙ୍କ ଦ୍ୱାରା ସ୍ୱାକ୍ଷରିତ ହୋଇଥିବା ଫର୍ମ, କାଗଜପତ୍ର ଓ ପୂର୍ଣ୍ଣାଙ୍ଗ ବିବରଣୀକୁ ଟିକସଦାତା ସହାୟତା କେନ୍ଦ୍ରରେ ଦାଖଲ କରିବେ । ଏହାକୁ ଡିଜିଟାଇଜେସନ୍ ଓ ଅପ୍‌ଲୋଡ଼ିଙ୍ଗ୍ କରିବା ସହାୟତା କେନ୍ଦ୍ରର ଦାୟିତ୍ୱ । ସହାୟତା କେନ୍ଦ୍ର ନିଜର ଆଇଡ଼ି (ID) ଓ ପାସୱାର୍ଡ଼ ବ୍ୟବହାର କରି ସାଧାରଣ ପୋର୍ଟାଲରେ ସମସ୍ତ ତଥ୍ୟ ଅପ୍‌ଲୋଡ୍ କରିବେ । ତତ୍ପରେ ପ୍ରକାଶିତ ପ୍ରାପ୍ତି ସ୍ୱୀକାର ମୁଦ୍ରଣପତ୍ର (Printout) ରେ ସହାୟତା କେନ୍ଦ୍ର ସ୍ୱାକ୍ଷର କରି ଟିକସଦାତାଙ୍କ ରେକର୍ଡ଼ ପାଇଁ ତାଙ୍କୁ ହସ୍ତାନ୍ତର କରିବେ । ପ୍ରାଧିକୃତ କର୍ତ୍ତୃପକ୍ଷଙ୍କ ସ୍ୱାକ୍ଷରିତ ପୂର୍ଣ୍ଣାଙ୍ଗ ବିବରଣୀକୁ ସହାୟତାକେନ୍ଦ୍ର ସ୍କାନ୍ (SCAN) ଓ ଅପ୍‌ଲୋଡ୍ କରିବେ ।

**ପ୍ରଶ୍ନ-୩୮ ଜିଏସ୍‌ଟିଏନ୍ ପଞ୍ଜୀକରଣ କ୍ଷେତ୍ରରେ ଡିଜିଟାଲ ସ୍ୱାକ୍ଷର ପାଇଁ କୌଣସି ସୁବିଧା ରହିଛି କି ?**

**ଉତ୍ତର** ଟିକସଦାତା ପ୍ରଦାନ କରୁଥିବା ଆବେଦନପତ୍ରରେ ମଧ୍ୟ ବୈଧ ଡିଜିଟାଲ ସ୍ୱାକ୍ଷର ବ୍ୟବହାର କରିପାରିବେ । (ପ୍ରଚଳିତ ଯେକୌଣସି ଆଇନ ଅନୁଯାୟୀ ଆବେଦନକାରୀ ଡିଏସ୍‌ସି ପାଇବାକୁ ଚାହାନ୍ତି, ତାହାଲେ ବୈଧ ଡିଜିଟାଲ ସ୍ୱାକ୍ଷର କରି ପଞ୍ଜୀକରଣ ଆବେଦନପତ୍ର ଦାଖଲ କରିପାରିବେ ।) ଯେଉଁ ଟିକସଦାତାଙ୍କ ଡିଜିଟାଲ ସ୍ୱାଧର ନାହିଁ, ସେମାନଙ୍କ ପାଇଁ ପଞ୍ଜୀକରଣ ସଂପର୍କିତ ଜିଏସ୍‌ଟି ନିୟମ ଅନୁଯାୟୀ ବିକଳ୍ପ ବ୍ୟବସ୍ଥା ଗ୍ରହଣ କରାଯିବ ।

**ପ୍ରଶ୍ନ-୩୯ ଅନ୍‌ଲାଇନ୍ ଆବେଦନ ନିଷ୍ପତ୍ତି ନେବା ଲାଗି ସମୟସୀମା କେତେ ଧାର୍ଯ୍ୟ କରାଯାଇଛି ?**

**ଉତ୍ତର** ଯଦି ସମସ୍ତ ତଥ୍ୟ ଓ ଅପଲୋଡ୍ ହୋଇଥିବା କାଗଜପତ୍ର ଠିକ୍ ବୋଲି ଜଣାପଡ଼େ, ତାହାଲେ ରାଜ୍ୟ ଓ କେନ୍ଦ୍ରୀୟ କର୍ତ୍ତୃପକ୍ଷ ଆବେଦନକୁ ଅନୁମୋଦନ କରି ତିନିଦିନ ମଧ୍ୟରେ ସାଧାରଣ ପୋର୍ଟାଲକୁ ଏ ଦିଗରେ ଅବଗତ କରାଇଥାନ୍ତି । ତତ୍ପରେ ପୋର୍ଟାଲ୍ ମଧ୍ୟରୁ ସ୍ୱୟଂଚାଳିତ ପଞ୍ଜୀକରଣ ପ୍ରମାଣପତ୍ର ପ୍ରକାଶିତ ହୁଏ । ତିନିଦିନ ମଧ୍ୟରେ ଉଭୟ ଟିକସ ସଂସ୍ଥାର କର୍ତ୍ତୃପକ୍ଷ ଆବେଦନକାରୀଙ୍କୁ କୌଣସି ତ୍ରୁଟିଥିବା ବିଷୟ ନ ଦର୍ଶାନ୍ତି, ତାହାଲେ ଏମ୍‌ଜିଏଲ୍‌ର ଅନୁଚ୍ଛେଦ ୧୯(୯) ଅନୁଯାୟୀ ପଞ୍ଜୀକରଣକୁ ମଞ୍ଜୁରୀ ମିଳିଥାଏ । ପରେ ପୋର୍ଟାଲ ଆପଣାଛାଏଁ ପଞ୍ଜୀକରଣ ପ୍ରମାଣପତ୍ର ପ୍ରକାଶନ କରନ୍ତି ।

**ପ୍ରଶ୍ନ-୪୦ ଅନ୍‌ଲାଇନ୍ ଆବେଦନ ନେଇ କୌଣସି ଜିଜ୍ଞାସା ସୃଷ୍ଟି ହେଲେ ଆବେଦନକାରୀଙ୍କୁ ପ୍ରତ୍ୟୁତ୍ତର ଦେବା ଲାଗି କେତେଦିନ ସମୟ ମିଳିବ ?**

**ଉତ୍ତର** ଯଦି ଆବେଦନପତ୍ର ଯାଞ୍ଚବେଳେ ଟିକସ ସଂସ୍ଥା କର୍ତ୍ତୃପକ୍ଷଙ୍କ କୌଣସି ତଥ୍ୟ ଉପରେ ଜିଜ୍ଞାସା ସୃଷ୍ଟି ହେଲେ କିମ୍ବା ତଥ୍ୟ ଭୁଲ ବୋଲି ଜାଣିବାକୁ ପାଇଲେ ତାହାଲେ ଏହା ଆବେଦନକାରୀ ଓ ଅନ୍ୟ ଟିକସ ସଂସ୍ଥା କର୍ତ୍ତୃପକ୍ଷଙ୍କୁ ଜିଏସ୍‌ଟି ସାଧାରଣ ପୋର୍ଟାଲ୍ (PORTAL) ମାଧ୍ୟମରେ ତିନିଦିନ ମଧ୍ୟରେ ଅବଗତ କରାଯାଏ । ପରେ ଆବେଦନକାରୀ ସଂପୃକ୍ତ ଟିକସ ସଂସ୍ଥା କର୍ତ୍ତୃପକ୍ଷଙ୍କ ଦ୍ୱାରା ଧାର୍ଯ୍ୟ ସମୟସୀମା ମଧ୍ୟରେ କର୍ତ୍ତୃପକ୍ଷଙ୍କ ଜିଜ୍ଞାସା ଦୂର କରିବା ଓ ବିଭିନ୍ନ ପ୍ରଶ୍ନର ଉତ୍ତର ଦେବା ସହ ଭୁଲ ସଂଶୋଧନ କରିଥାନ୍ତି । (ସାଧାରଣତଃ ଏହି ସମୟସୀମା ୭ ଦିନ)

ଆବେଦନକାରୀଙ୍କ ସ୍ପଷ୍ଟୀକରଣ ବା ଅତିରିକ୍ତ କାଗଜପତ୍ର ପାଇବା ପରେ ସଂପୃକ୍ତ ଟିକସସଂସ୍ଥା କର୍ତ୍ତୃପକ୍ଷ ୭ ଦିନ ମଧ୍ୟରେ ଚୂଡ଼ାନ୍ତ ନିଷ୍ପତ୍ତି ନେଇଥାନ୍ତି ।

**ପ୍ରଶ୍ନ-୪୧ କେଉଁ ପ୍ରକ୍ରିୟାରେ ପଞ୍ଜୀକରଣ ନାମଞ୍ଜୁର କରାଇଥାଏ ?**

ଉତ୍ତର	ପଞ୍ଜୀକରଣ ନାମଞ୍ଜୁର ହେଲେ, ଆବେଦନକାରୀଙ୍କୁ ଏହାର କାରଣ ସଂପର୍କରେ ମୌଖିକଭାବେ ଅବଗତ କରାଯାଇଥାଏ । ତେବେ କର୍ତ୍ତୃପକ୍ଷଙ୍କ ନିଷ୍ପତ୍ତି ବିରୁଦ୍ଧରେ ଅପିଲ କରିବାକୁ ଆବେଦନକାରୀଙ୍କ ଅଧିକାର ରହିଛି । ଏମ୍‌ଜିଏଲ୍‌ର ଊନବିଂଶ ଅନୁଚ୍ଛେଦର ଦଶମ ଉପ-ଅନୁଚ୍ଛେଦ ଅନୁଯାୟୀ, ଯଦି ଗୋଟିଏ କର୍ତ୍ତୃପକ୍ଷ (ସିଜିଏସ୍‌ଟି ଓ ଏସ୍‌ଜିଏସ୍‌ଟି ଆଇନ ବଳରେ) ପଞ୍ଜୀକରଣ ଆବେଦନକୁ ଅଗ୍ରାହ୍ୟ କରନ୍ତି, ତାହାଲେ ଅନ୍ୟ ଟିକସ କର୍ତ୍ତୃପକ୍ଷ ମଧ୍ୟ ପଞ୍ଜୀକରଣ ଆବେଦନ ଅଗ୍ରାହ୍ୟ ବୋଲି ବିଚାର କରିବେ । (ସିଜିଏସ୍‌ଟି ଓ ଏସ୍‌ଜିଏସ୍‌ଟି ଆଇନ୍ ବଳରେ) ।

**ପ୍ରଶ୍ନ-୪୨	ଆବେଦନପତ୍ର ଉପରେ ଗୃହୀତ ନିଷ୍ପତ୍ତି ନେଇ କୌଣସି ଯୋଗାଯୋଗ କରାଯାଏ କି ?**

ଉତ୍ତର	ଜିଏସ୍‌ଟି ସାଧାରଣ ପୋର୍ଟାଲ୍ ଦ୍ୱାରା ଇ-ମେଲ ଓ ଏସ୍‌ଏମ୍‌ଏସ୍ ଜରିଆରେ ପଞ୍ଜୀକରଣ ଆବେଦନର ମଞ୍ଜୁରୀ କିମ୍ବା ନାମଞ୍ଜୁର ନେଇ ଆବେଦନକାରୀଙ୍କୁ ଅବଗତ କରାଯାଇଥାଏ । ଏହି ସମୟରେ ଆବେଦନକାରୀଙ୍କୁ ତାଙ୍କ କାରବାରସ୍ଥଳ ସୀମା ସଂପର୍କରେ ଜଣାଇଦିଆଯାଏ ।

**ପ୍ରଶ୍ନ-୪୩	ଜିଏସ୍‌ଟିଏନ୍ ପୋର୍ଟାଲ୍‌ରୁ ପଞ୍ଜୀକରଣ ପ୍ରମାଣପତ୍ର ଡାଉନ୍‌ଲୋଡ୍ କରିହେବ କି ?**

ଉତ୍ତର	ପଞ୍ଜୀକରଣ ମଞ୍ଜୁରୀ ପ୍ରାପ୍ତ ହେଲେ, ଆବେଦନକାରୀ ପଞ୍ଜୀକରଣ ପ୍ରମାଣପତ୍ର ଜିଏସ୍‌ଟି ସାଧାରଣ ପୋର୍ଟାଲରୁ ଡାଉନ୍‌ଲୋଡ୍ କରିପାରିବେ ।

# ୪. ଯୋଗାଣର ତାତ୍ପର୍ଯ୍ୟ ଓ ପରିସର

**ପ୍ରଶ୍ନ-୧** **କିଏସ୍‌ଟି ଅଧିନସ୍ଥ ଟିକସଯୋଗ୍ୟ ସ୍ଥିତି କ'ଣ ?**

ଉତ୍ତର ବ୍ୟବସାୟକୁ ଚଳାଇବା ପାଇଁ ଯେଉଁ ବସ୍ତୁ ଓ ସେବା ଯୋଗାଣକୁ ବିଚାରକୁ ନିଆଯାଏ, ତାହା ଟିକସଯୋଗ୍ୟ ସ୍ଥିତିଭାବେ ଗଣ୍ୟ ହେବ । ପ୍ରଚଳିତ ଅପ୍ରତ୍ୟକ୍ଷ କର ଆଇନରେ ଟିକସଯୋଗ୍ୟ ହୋଇଥିବା ସାମଗ୍ରୀ ଯଥା-ଯୋଗାଣ ବ୍ୟବସ୍ଥାରେ, ବିକ୍ରୟ ଓ ସେବା ବ୍ୟବସ୍ଥା "ଯୋଗା''ରେ ଅନ୍ତର୍ଭୁକ୍ତ ହେବା ସହ ଟିକସଯୋଗ୍ୟ ସ୍ଥିତିରୂପେ ପରିଚିତ ହେବ ।

**ପ୍ରଶ୍ନ-୨** **"ଯୋଗାଣ"ର ତାତ୍ପର୍ଯ୍ୟ କ'ଣ ?**

ଉତ୍ତର ଆମଦାନୀବେଳେ ଯୋଗାଣର ପରିସର ବ୍ୟାପକ ହୋଇଥାଏ । ବିକ୍ରୟ, ହସ୍ତାନ୍ତର, ଅଦଳବଦଳ, ବିନିମୟ, ଲାଇସେନ୍ସ, ଭଡ଼ାସୂତ୍ର, ଲିଜ୍ କିମ୍ବା ନିର୍ଗମନ ଭଳି ସମସ୍ତ ପ୍ରକାରର ବସ୍ତୁ ଓ ସେବା ଏହାର ଅନ୍ତର୍ଭୁକ୍ତ । ବ୍ୟବସାୟ ଚଳାଇବା ପାଇଁ ଏଗୁଡ଼ିକର ଉପଯୋଗିତାକୁ ଜଣେ ବ୍ୟକ୍ତି ବିଚାରକୁ ନେଇଥାଏ । ଏଥିରେ ସେବାର ଆମଦାନୀ ମଧ୍ୟ ଅନ୍ତର୍ଭୁକ୍ତ । ଯୋଗାଣ ପରିସର ମଧ୍ୟରେ ବିନା ବିଚାରରେ କେତେକ ନିର୍ଦ୍ଦିଷ୍ଟ କାରବାରକୁ ଅନ୍ତର୍ଭୁକ୍ତ କରାଯିବାକୁ ଆଦର୍ଶ ଜିଏସ୍‌ଟି ଆଇନରେ ବ୍ୟବସ୍ଥା ରହିଛି ।

**ପ୍ରଶ୍ନ-୩** **ଟିକସଯୋଗ୍ୟ ଯୋଗାଣ କ'ଣ ?**

ଉତ୍ତର ଜିଏସ୍‌ଟି ଆଇନ ଅଧୀନରେ ବସ୍ତୁ ଓ ସେବାକର ଲାଗୁ ହୋଇଥିବା ବସ୍ତୁ ଓ ସେବାର ଯୋଗାଣ ବ୍ୟବସ୍ଥା "ଟିକସଯୋଗ୍ୟ ଯୋଗାଣ" ରୂପେ ପରିଚିତ ।

**ପ୍ରଶ୍ନ-୪** **ଏମ୍‌ଜିଏଲ୍ ବଳରେ କେଉଁ ଆବଶ୍ୟକ ଉପାଦାନକୁ ନେଇ ଯୋଗାଣ ଗଠିତ ହୋଇଛି ?**

ଉତ୍ତର "ଯୋଗାଣ" ଗଠନ ପାଇଁ ନିମ୍ନଲିଖିତ ଉପାଦାନର ଉପଯୋଗିତା ରହିଛି । ତାହାହେଲା-

୧. ବସ୍ତୁ ଓ ସେବା ଯୋଗାଣ

୨. ଯୋଗାଣ ବଦଳରେ ପ୍ରାପ୍ୟ

୩. ବ୍ୟବସାୟିକ ଅଗ୍ରଗତି ଲାଗି ହେଉଥିବା ଯୋଗାଣ

୪. ଟିକସଯୋଗ୍ୟ ଅଞ୍ଚଳ ମଧ୍ୟରେ ହେଉଥିବା ଯୋଗାଣ

୫. ଯୋଗାଣ ଏକ ଟିକସଯୋଗ୍ୟ ଯୋଗାଣ

୬. ଟିକସ ଦେଉଥିବା ବ୍ୟକ୍ତିଙ୍କ ଦ୍ୱାରା ଯୋଗାଣ

**ପ୍ରଶ୍ନ-୫** **କାରବାରବେଳେ ଯଦି ଉପର ବର୍ଣ୍ଣିତ ମାନଦଣ୍ଡ ମଧ୍ୟରୁ କୌଣସି ଗୋଟିଏ ବା ଅଧିକାଂଶ ପୂରଣ ହେଉ ନଥିବ, ତାହାଲେ କ'ଣ ଏହାକୁ ଜିଏସ୍‌ଟି ଅଧିନସ୍ଥ ଯୋଗାଣ ବୋଲି କୁହାଯିବ ?**

ଉତ୍ତର ହଁ । କେତେକ ନିର୍ଦ୍ଦିଷ୍ଟ ଘଟଣାରେ ଯଥା-ଆମଦାନୀକୃତ ସେବା (ଅନୁଚ୍ଛେଦ ୩(୧) (ଖ) କିମ୍ବା ବିନା ବିଚାରରେ ହେଉଥିବା ଯୋଗାଣ ବ୍ୟବସ୍ଥାକୁ ଏମ୍‌ଜିଏଲ୍‌ର ଧାରା-୧ ରେ ଦର୍ଶାଯାଇଛି । ଚତୁର୍ଥ ପ୍ରଶ୍ନର ଉତ୍ତରରେ ଦର୍ଶାଯାଇଥିବା ମାନଦଣ୍ଡକୁ ପୂରଣ କରୁ ନଥିଲେ ମଧ୍ୟ ଏହା ଜିଏସ୍‌ଟି ଆଇନ ବଳରେ ଯୋଗାଣ ବୋଲି ବିବେଚନା କରାଯିବ ।

**ପ୍ରଶ୍ନ-୬** **ଅନୁଚ୍ଛେଦ-୩ରେ ବସ୍ତୁ ଆମଦାନୀ ପ୍ରସଙ୍ଗ ଲୁକ୍କାୟିତ ଥିବାରୁ ଏହା ସନ୍ଦେହ ଘେରକୁ ଆସୁଛି । ଏଭଳି କାହିଁକି ହୋଇଛି ।**

ଉତ୍ତର	ବହିଃଶୁଳ୍କ ଆଇନ, ୧୯୬୨ ବଳରେ ବସ୍ତୁ ଆମଦାନୀ ବ୍ୟବସ୍ଥା ପୃଥକଭାବେ ପରିଚାଳିତ । ବସ୍ତୁ ଆମଦାନୀ ବ୍ୟବସ୍ଥାରେ ଅତିରିକ୍ତ ବହିଃଶୁଳ୍କ ସହ ମୂଳ ବହିଃଶୁଳ୍କ ଭାବେ ଆଇଜିଏସ୍‌ଟି ଲାଗୁ ହୋଇଥାଏ ।

**ପ୍ରଶ୍ନ-୭	ଜିଏସ୍‌ଟି ଅଧୀନରେ ସ୍ୱଯୋଗାଣ ବ୍ୟବସ୍ଥା ଟିକସଯୋଗ୍ୟ କି ?**

ଉତ୍ତର	ଅନୁଚ୍ଛେଦ ୧(୫) ଅନୁଯାୟୀ, ଜଣେ ଟିକସଯୋଗ୍ୟ ବ୍ୟକ୍ତି ରାଜ୍ୟଓ୍ୱାରି ପଞ୍ଜୀକରଣ ଗ୍ରହଣ କଲେ ଆନ୍ତଃରାଜ୍ୟ ସ୍ୱୟଂଯୋଗାଣ ଯଥା- ଷ୍ଟକ୍ ହସ୍ତାନ୍ତରୀକରଣ ଟିକସଯୋଗ୍ୟ ହେବ । ଯଦିବା ଏଥିରେ କୌଣସି ବିଚାର କରାଯାଏ, ତାହାଲେ କାରବାର ଟିକସଯୋଗ୍ୟ ହୁଏ । ତେବେ ରାଜ୍ୟ ମଧ୍ୟରେ ସ୍ୱୟଂଯୋଗାଣ ବ୍ୟବସ୍ଥାରେ କୌଣସି ଟିକସ ଦେବାକୁ ପଡ଼େ ନାହିଁ ।

**ପ୍ରଶ୍ନ-୮	ବସ୍ତୁ ଯୋଗାଣ ବ୍ୟବସ୍ଥା ଗଠନ କରିବାକୁ କାରବାର ନିମନ୍ତେ ନାମ ବା କର୍ତ୍ତୃତ୍ୱ ହସ୍ତାନ୍ତର କରିବା ଆବଶ୍ୟକ କି?**

ଉତ୍ତର	ବସ୍ତୁ ଯୋଗାଣ କ୍ଷେତ୍ରରେ କାରବାର ଲାଗି ବିଚାର କଲାବେଳେ ନାମ ଏବଂ ଅଧିକାର ହସ୍ତାନ୍ତର କରାଯିବ । ଯଦି ନାମ ହସ୍ତାନ୍ତର ସମ୍ଭବ ନ ହୁଏ, ତା'ହେଲେ ଅନୁଚ୍ଛେଦ ୨ (୧) ଅନୁଯାୟୀ କାରବାରକୁ ସେବା ଯୋଗାଣ ରୂପେ ବିବେଚନା କରାଯିବ । କେତେକ କ୍ଷେତ୍ରରେ, କର୍ତ୍ତୃତ୍ୱ ହସ୍ତାନ୍ତର ତୁରନ୍ତ ହୋଇଥାଏ । ମାତ୍ର ନାମ ହସ୍ତାନ୍ତର ପରବର୍ତ୍ତୀ ସମୟରେ ହୋଇଥାଏ । ଅନୁମୋଦନଭିତ୍ତିକ ବିକ୍ରୟ କିମ୍ବା ଭଡ଼ାସୂତ୍ରୀ କ୍ରୟ ବ୍ୟବସ୍ଥା କ୍ଷେତ୍ରରେ ନାମ ହସ୍ତାନ୍ତର ପ୍ରକ୍ରିୟା ବିଳମ୍ବିତ ହୋଇଥାଏ । ଏଭଳି କାରବାରକୁ ବସ୍ତୁ ଯୋଗାଣ ବୋଲି ବିବେଚନା କରାଯାଏ ।

**ପ୍ରଶ୍ନ-୯	ବ୍ୟବସାୟିକ ଅଗଗ୍ରତି କିମ୍ବା କ୍ରମବିକାଶ ମୁଖୀ ଯୋଗାଣ ବ୍ୟବସ୍ଥା କହିଲେ କ'ଣ ବୁଝାଯାଏ ?**

ଉତ୍ତର	ଏମ୍‌ଜିଏଲ୍ ଆଇନ ଦର୍ଶିତ ଅଛି ଯେ ବ୍ୟବସାୟର ଅଗ୍ରଗତି କିମ୍ବା କ୍ରମବିକାମୁଖୀ ଯୋଗାଣର କାର୍ଯ୍ୟ କଳାପ ସମ୍ପର୍କରେ ସଂଜ୍ଞା ନିରୂପିତ ହୋଇନାହିଁ କି ଏହାର ପରୀକ୍ଷଣ କରାଯାଇନାହିଁ । କ୍ରମବିକାଶମୁଖୀ ଯୋଗାଣ ହେଉ ବା ବ୍ୟବସାୟିକ ଅଗ୍ରଗତି ହେଉ, ଶେଷ ସିଦ୍ଧାନ୍ତରେ ଉପନୀତ ହେବା ଲାଗି ନିମ୍ନଲିଖିତ ବ୍ୟବସାୟିକ ପରୀକ୍ଷଣ ସାଧାରଣତଃ ପ୍ରୟୋଗ କରାଯାଇଥାଏ ।

୧. ଯଦି କ୍ରିୟାକଳାପ ଗମ୍ଭୀରତାର ସହ ଗ୍ରହଣୀୟ ହୋଇ ଅଗ୍ରସର ହୁଏ

୨. ଯଦି କ୍ରିୟାକଳାପ ଯଥୋଚିତ ଓ ଚିହ୍ନଟକରଣ ଅବ୍ୟାହତ ଧାରାରେ ଚାଲିଥାଏ

୩. ଯଦି କ୍ରିୟାକଳାପ ସ୍ୱାଭାବିକ ଓ ଚିହ୍ନିତ ବ୍ୟବସାୟିକ ନୀତି ନିୟମରେ ନିୟମିତ ଚାଲିଥାଏ

୪. ଏହି କ୍ରିୟାକଳାପ ମୁଖ୍ୟତଃ ବିଚାରଗତ କିମ୍ବା ଲାଭମୁଖୀ ଟିକସଯୋଗ୍ୟ ଯୋଗାଣକୁ ଗୁରୁତ୍ୱ ଦିଆଯାଏ

ଏହି ବ୍ୟବସାୟିକ ପରୀକ୍ଷଣ ସାମୟିକ ଯୋଗାଣକୁ ସୁନିଶ୍ଚିତ କରିଥାଏ । ଯଦିଓ ଏହା ପ୍ରାପ୍ୟଯୋଗ୍ୟ, କିନ୍ତୁ ଏହା ଜିଏସ୍‌ଟି ପରିସରକୁ ଆସିବ ନାହିଁ ।

**ପ୍ରଶ୍ନ-୧୦	ବ୍ୟକ୍ତିଗତ ବ୍ୟବହାର ପାଇଁ ଜଣେ ଲୋକ କାର କିଣି ତା'କୁ ବର୍ଷେ ପରେ କାର ଡିଲରକୁ ବିକ୍ରୟ କଲେ । ତାହେଲେ ଏଭଳି କାରବାର ଏମ୍‌ଜିଏଲ୍ ଅନୁଯାୟୀ ଯୋଗାଣ ହେବ କି ? କାରଣ ସହ ଦର୍ଶାଅ ।**

ଉତ୍ତର	ନା, କାରଣ ବ୍ୟବସାୟିକ ଅଗ୍ରଗତି କିମ୍ବା କ୍ରମବିକାଶମୁଖୀ ପ୍ରକ୍ରିୟାରେ ବ୍ୟକ୍ତିଜଣଙ୍କ ଯୋଗାଣ କରିନାହାନ୍ତି । ଏହା ଅଣବ୍ୟବସାୟିକ ବ୍ୟବହାର ଲାଗି ଉଦ୍ଦିଷ୍ଟ ଥିବାରୁ କାର ଗ୍ରହଣ କଲାବେଳେ ନିବେଶ ଟିକସ କ୍ରେଡିଟ ଗ୍ରହଣଯୋଗ୍ୟ ହେବ ନାହିଁ ।

**ପ୍ରଶ୍ନ-୧୧	ଜଣେ ଏ.ସି. ଡିଲର ତାଙ୍କ ନିଜ ଘର ପାଇଁ ବ୍ୟକ୍ତିଗତ ବ୍ୟବହାର କରିବା ଲକ୍ଷ୍ୟରେ ବ୍ୟବସାୟ ଲାଗି ଥିବା ଗୋଦାମରୁ ଏକ ଏ.ସି. ଆଣିଲେ ଏହି କାରବାର ଯୋଗାଣ ପ୍ରକ୍ରିୟାର ଅନ୍ତର୍ଭୁକ୍ତ ହେବ କି ?**

ଉତ୍ତର ହଁ । ଅନୁଚ୍ଛେଦ ୧(୧) ଅନୁଯାୟୀ, ଯଦି ବ୍ୟବସାୟଜନିତ ନିଜସ୍ୱ କିମ୍ବା ଅଣ-ବ୍ୟବସାୟିକ ବ୍ୟବହାରରେ ଲାଗିଲା, ବିନା ବିଚାରରେ ଏହା ଯୋଗାଣ ପ୍ରକ୍ରିୟାରେ ସାମିଲ ହେବ ।

**ପ୍ରଶ୍ନ-୧୨ କ୍ଲବ, ସଂଘ ବା ସମିତି ଦ୍ୱାରା ଏହାର ସଭ୍ୟମାନଙ୍କ ପାଇଁ ବସ୍ତୁ ଓ ସେବା ବ୍ୟବସ୍ଥା ଲାଗୁ ହେଲେ ଏହା ଯୋଗାଣ ରୂପେ ବିବେଚିତ ହେବ କି ନାହିଁ ?**

ଉତ୍ତର ହଁ ! କ୍ଲବ ବା ସଂଘ ଓ ସମିତି ବା ଏଭଳି କୌଣସି ସଂଗଠନର ସଭ୍ୟମାନଙ୍କ ପାଇଁ ଏଭଳି ବ୍ୟବସ୍ଥା ଯୋଗାଇ ଦିଆଗଲେ, ତାହା ଯୋଗାଣ ରୂପେ ପରିଚିତ ହେବ । ଏମ୍‌ଜିଏଲ୍‌ର ୨ (୧୭) ଅନୁଚ୍ଛେଦ ଅନୁଯାୟୀ ବ୍ୟବସାୟର ସଂଜ୍ଞା ନିରୂପଣରେ ଏହା ଅନ୍ତର୍ଭୁକ୍ତ ହୋଇଛି ।

**ପ୍ରଶ୍ନ-୧୩ ଆନ୍ତଃ ରାଜ୍ୟ ଯୋଗାଣ ଓ ରାଜ୍ୟ ମଧ୍ୟରେ ଯୋଗାଣ କହିଲେ କ'ଣ ବୁଝାଏ ?**

ଉତ୍ତର ଆଇଜିଏସ୍‌ଟି ଆଇନର ଅନୁଚ୍ଛେଦ ୩ ଓ ୩ (କ)ରେ ଯଥାକ୍ରମେ ଆନ୍ତଃରାଜ୍ୟ ଓ ରାଜ୍ୟ ମଧ୍ୟରେ ଯୋଗାଣ ବ୍ୟବସ୍ଥାର ନିର୍ଦ୍ଦିଷ୍ଟ ସଂଜ୍ଞା ନିରୂପିତ ହୋଇଛି । ସିଧାସଳଖ କହିବାକୁ ଗଲେ, ଯୋଗାଣକାରୀର କାରବାର ସ୍ଥଳ ଓ ଯୋଗାଣ ସ୍ଥଳ ଗୋଟିଏ ରାଜ୍ୟ ମଧ୍ୟରେ ଏହା ଏହା ରାଜ୍ୟ ଅଭ୍ୟନ୍ତର ଯୋଗାଣ ଏବଂ କାରବାର ସ୍ଥଳ ଓ ଯୋଗାଣ ସ୍ଥଳ ବିଭିନ୍ନ ରାଜ୍ୟରେ ହେଲେ ଏହା ଆନ୍ତଃରାଜ୍ୟ ଯୋଗାଣ ବୋଲି ବୁଝାଏ ।

**ପ୍ରଶ୍ନ-୧୪ ବସ୍ତୁ ବ୍ୟବହାର ଲାଗି ସତ୍ତ୍ୱାଧିକାର ହସ୍ତାନ୍ତର ପ୍ରକ୍ରିୟା ବସ୍ତୁ ବା ସେବା ଯୋଗାଣ ବୋଲି ଗଣ୍ୟ ହେବ କି ? କାହିଁକି ?**

ଉତ୍ତର ବସ୍ତୁ ବା ବ୍ୟବହାର ଲାଗି ସତ୍ତ୍ୱାଧିକାର ହସ୍ତାନ୍ତର ପ୍ରକ୍ରିୟା ସେବା ଯୋଗାଣ ବୋଲି ଧରାଯିବ । କାରଣ ଏଭଳି ଯୋଗାଣରେ ନାମ ହସ୍ତାନ୍ତର କରାଯାଏନାହିଁ । ଏମ୍‌ଜିଏଲ୍ ଅନୁଚ୍ଛେଦ-୨ରେ ଏଭଳି କାରବାରକୁ ସେବା ଯୋଗାଣ ଭାବେ ନିର୍ଦ୍ଦିଷ୍ଟ ଭାବେ ବିବେଚନା କରାଯିବ ।

**ପ୍ରଶ୍ନ-୧୫ ପୂର୍ତ୍ତ ବିଭାଗର ଠିକା କାମ କିମ୍ବା ଖାଦ୍ୟ ଯୋଗାଣ ବ୍ୟବସ୍ଥା ବସ୍ତୁ ଓ ସେବା ଯୋଗାଣ ଭାବେ ଗଣ୍ୟ ହେବ କି ? କାହିଁକି ?**

ଉତ୍ତର ଏମ୍‌ଜିଏଲ୍‌ର ଦ୍ୱିତୀୟ ଅନୁଚ୍ଛେଦ ଅନୁସାରେ ପୂର୍ତ୍ତ ବିଭାଗର ଠିକା କାମ ଓ ଖାଦ୍ୟ ଯୋଗାଣ ବ୍ୟବସ୍ଥା ସେବା ଯୋଗାଣ ରୂପେ ଗଣ୍ୟ ହେବ ।

**ପ୍ରଶ୍ନ-୧୬ ଭଡ଼ାସୂତ୍ରରେ କ୍ରୟ ଭିତ୍ତିରେ ବସ୍ତୁ ଯୋଗାଇ ଦିଆଗଲେ, ଏହା ବସ୍ତୁ ଓ ସେବା ଯୋଗାଣ ରୂପେ ବିବେଚିତ ହେବ କି ? କାହିଁକି ?**

ଉତ୍ତର ଭଡ଼ା ସୂତ୍ରରେ କ୍ରୟ ଭିତ୍ତିରେ ବସ୍ତୁ ଯୋଗାଇ ଦିଆଗଲେ ଏହା ବସ୍ତୁ ଯୋଗାଣ ରୂପେ ବିବେଚିତ ହେବ, କାରଣ ଏଥିରେ ପରବର୍ତ୍ତୀ କାଳ ଯାଏ ନାମ ହସ୍ତାନ୍ତର କରାଯାଇଛି ।

# ୫. ଯୋଗାଣର ସମୟସୀମା

**ପ୍ରଶ୍ନ-୧ ଯୋଗାଣର ସମୟସୀମା କ'ଣ ?**

ଉତ୍ତର ଯେତେବେଳେ ଜିଏସ୍‌ଟି ଦେୟ ଭରଣା ଲାଗି ଦାୟିତ୍ୱ ଆସେ, ସେତେବେଳେ ଯୋଗାଣର ସମୟସୀମା ଧାର୍ଯ୍ୟ ହୁଏ । ଯୋଗାଣ ପ୍ରକ୍ରିୟା ଅବ୍ୟାହତ ରଖିବା ଲାଗି ଏହା ସୂଚନା ଦିଏ । ଏମ୍‌ଜିଏଲ୍ ଆଇନରେ ବସ୍ତୁ ଓ ସେବା ଯୋଗାଣ ପୃଥକ ସମୟସୀମା ବର୍ଣ୍ଣିତ ରହିଛି ।

**ପ୍ରଶ୍ନ-୨ ବସ୍ତୁ ଯୋଗାଣ କ୍ଷେତ୍ରରେ କେତେବେଳେ ଜିଏସ୍‌ଟି ଦେୟ ଦେବାକୁ ପଡ଼େ ?**

ଉତ୍ତର ଏମ୍‌ଜିଏଲ୍‌ର ଦ୍ୱାଦଶ ଅନୁଚ୍ଛେଦରେ ବସ୍ତୁ ଯୋଗାଣର ସମୟସୀମା ବର୍ଣ୍ଣିତ ହୋଇଛି । ଯୋଗାଣ ସମୟସୀମା ନିମ୍ନରେ ପ୍ରଦତ୍ତ ବିଷୟ ଠାରୁ ପୂର୍ବରୁ ହେବା ଉଚିତ ।

୧. ଯେଉଁଠି ବସ୍ତୁ ଯୋଗାଣ ଅପସାରଣର ଆବଶ୍ୟକତା ରହିଛି, ସେ ସମ୍ପର୍କରେ ଯୋଗାଣକାରୀଙ୍କ ପ୍ରକୃତ ତିଥି ପ୍ରଦାନ କିମ୍ବା

୨. ଯେତେବେଳେ ଯୋଗାଣର ଅପସାରଣ ଅନାବଶ୍ୟକ, ବସ୍ତୁ ପ୍ରାପ୍ତିର ତିଥି କିମ୍ବା

୩. ଯେତେବେଳେ ଉପର ବର୍ଣ୍ଣିତ ଦୁଇଟି ଯାକ ସ୍ଥିତି ଗ୍ରହଣୀୟ ନୁହେଁ, ଯୋଗାଣ ଦୃଷ୍ଟିରୁ ଯୋଗାଣକାରୀ ଚାଲାନ୍ ଜାରି କରିବାର ତିଥି କିମ୍ବା

୪. ଗ୍ରହୀତା ନିଜର ଏକାଉଣ୍ଟ ଖାତାରେ ବସ୍ତୁ ପ୍ରାପ୍ତିର ରସିଦ ଦେଖାଇବା ତିଥି

**ପ୍ରଶ୍ନ-୩ କେଉଁ ସମୟ ମଧ୍ୟରେ ନିରନ୍ତର ବସ୍ତୁ ଯୋଗାଣ ହୋଇପାରିବ ?**

ଉତ୍ତର ନିରନ୍ତର ବସ୍ତୁ ଯୋଗାଣର ସମୟ ହେଲା –

କ. ଯେଉଁଠି ଦେୟ ଓ ଏକାଉଣ୍ଟର ଲଗାତାର ବିବରଣୀର ସଂପୃକ୍ତି ଥାଏ, ସେତେବେଳେ ଦେୟ ଓ ଏକାଉଣ୍ଟର ଲଗାତାର ବିବରଣୀର ଅବସାନ ତାରିଖ

ଖ. ଯେଉଁଠି ଦେୟ ଓ ଏକାଉଣ୍ଟର ଲଗାତାର ବିବରଣୀର ସଂପୃକ୍ତି ନ ଥାଏ, ସେତେବେଳେ ଯାହା ଆଗରୁ ହୋଇଥାଏ, ଚାଲାନ୍ ଜାରି ତାରିଖ କିମ୍ବା ଦେୟ ରସିଦ ତାରିଖ

**ପ୍ରଶ୍ନ-୪ କେଉଁ ସମୟ ମଧ୍ୟରେ ଅନୁମୋଦନଭିତ୍ତିକ ବସ୍ତୁ ଯୋଗାଣ କରାଯାଇପାରିବ ?**

ଉତ୍ତର ଅନୁମୋଦନଭିତ୍ତିକ ବସ୍ତୁ ଯୋଗାଣ କ୍ଷେତ୍ରରେ ଯୋଗାଣ ସମୟ ମଧ୍ୟରେ ହେବା ଉଚିତ । ଯେତେବେଳେ ଯୋଗାଣ କରାଯାଏ କିମ୍ବା ଯୋଗାଣ ହେବା ତିଥି ଠାରୁ ୬ ମାସ ମଧ୍ୟରେ କରାଯାଏ (ଯେଉଁଟି ଆଗରୁ ଘଟିଥାଏ)

**ପ୍ରଶ୍ନ-୫ ଯେତେବେଳେ ଏମ୍‌ଜିଏଲ୍‌ର ୧୨ ଓ ୧୩ ଅନୁଚ୍ଛେଦର ୨ ,୩,୫ ଓ ୬ ଉପ ଅନୁଚ୍ଛେଧ ଅନୁଯାୟୀ ଯୋଗାଣ ସମୟ ନିର୍ଦ୍ଧାରଣ ସମ୍ଭବ ନ ହୁଏ, ତା'ହେଲେ ଯୋଗାଣ ସମୟ କିଭଳି ନିର୍ଦ୍ଧାରଣ କରାଯିବ ?**

ଉତ୍ତର ଅନୁଚ୍ଛେଦ ୧୨ (୭) ଓ ୧୩ (୭)ର ଶେଷ ଭାଗରେ ବର୍ଣ୍ଣିତ ଅଛି ଯେ ଯଦି ସାମୟିକ ଭାବେ ରିଟର୍ଣ୍ଣ ଫାଇଲ୍ କରାଯାଏ, ତାହେଲେ ଫାଇଲ୍ ପାଇଁ ଥିବା ଧାର୍ଯ୍ୟ ତିଥିକୁ ଯୋଗାଣ ସମୟ ବୋଲି ଧରାଯିବ । ତେବେ ଅନ୍ୟ ଘଟଣାରେ ସିଜିଏସ୍‌ଟି/ଏସ୍‌ଜିଏସ୍‌ଟି/ଆଇଜିଏସ୍‌ଟି ଦେୟ ଦାଖଲ କରାଯିବା ତିଥିକୁ ହିଁ ଧରାଯିବ ।

**ପ୍ରଶ୍ନ-୬ କେତେବେଳେ ସେବା ଯୋଗାଣ ପାଇଁ ଜିଏସ୍‌ଟି ଦେୟ ଦାଖଲ କରିବା ଦାୟିତ୍ୱ ଆସିଥାଏ ?**

ଉତ୍ତର ବସ୍ତୁ କ୍ଷେତ୍ର ଭଳି ଲାଗୁ ନିୟମ ଭଳି ନୁହେଁ, ସେବା ଯୋଗାଣ ପାଇଁ ସମୟସୀମା ନିର୍ଦ୍ଧାରଣ ନିୟମ ପୃଥକ ଅଟେ । ସେବା ଯୋଗାଣ ଚାଲାନ୍ ନିର୍ଦ୍ଧାରିତ ସମୟ ମଧ୍ୟରେ ହେଉ କିମ୍ବା ନିର୍ଦ୍ଧାରିତ ସମୟ ପରେ ହେଉ, ଏଥିରୁ ଯୋଗାଣ ସମୟସମୀ ନିର୍ଦ୍ଧାରିତ ହୋଇଥାଏ ।

**ପ୍ରଶ୍ନ-୭ ଯେତେବେଳେ ନିର୍ଦ୍ଧାରିତ ସମୟ ମଧ୍ୟରେ ଚାଲାନ୍ ଜାରି ନ ହୁଏ, ତା'ହେଲେ ସେବା ଯୋଗାଣ କେଉଁ ସମୟରେ ହେବ ?**

ଉତ୍ତର ଏଭଳି ସ୍ଥିତିରେ ସେବା ଯୋଗାଣ ସମୟ ନିମ୍ନଲିଖିତ କାର୍ଯ୍ୟରୁ ଯେଉଁଟି ଆଗରୁ ହୋଇଥିବ-

୧. ସେବା ବ୍ୟବସ୍ଥା ସମ୍ପୂର୍ଣ୍ଣ ହେବାର ତିଥି କିମ୍ବା

୨. ଦେୟ ଦାଖଲର ତିଥି

**ପ୍ରଶ୍ନ-୮ ଯେତେବେଳେ ନିର୍ଦ୍ଧାରିତ ସମୟ ମଧ୍ୟରେ ଚାଲାନ୍ ଜାରି ହୁଏ, ତା'ହେଲେ ସେବା ଯୋଗାଣ କେଉଁ ସମୟରେ ହେବ ?**

ଉତ୍ତର ଏଭଳି ସ୍ଥିତିରେ ସେବା ଯୋଗାଣ ସମୟ ନିମ୍ନଲିଖିତ କାର୍ଯ୍ୟରୁ ଯେଉଁଟି ଆଗରୁ ହୋଇଥିବ -

୧. ଚାଲାନ୍ ଜାରି ହେବା ତିଥି କିମ୍ବା

୨. ଦେୟ ଦାଖଲର ତିଥି

**ପ୍ରଶ୍ନ-୯ 'ଦେୟ ଦାଖଲର ତିଥି' କହିଲେ କ'ଣ ବୁଝାଏ ?**

ଉତ୍ତର ଯୋଗାଣକାରୀଙ୍କ ଆକାଉଣ୍ଟ ଖାତାରେ ଦେୟ ଆସିବାର ତିଥି କିମ୍ବା ତାଙ୍କ ବ୍ୟାଙ୍କ ଏକାଉଣ୍ଟରେ ଦେୟ ସଂଯୁକ୍ତ ହେବାର ତିଥି- ଏଥିରୁ ଯେଉଁଟି ଆଗରୁ ହୋଇଥିବ ତାହା ହିଁ ଦେୟ ଦାଖଲର ତିଥି ରୂପେ ଗଣ୍ୟ ହେବ ।

**ପ୍ରଶ୍ନ-୧୦ ଧରାଯାଉ, ଚାଲାନ୍ ଦିଆଯାଇନାହିଁ କି ଦେୟ ଦାଖଲ ତିଥି କିମ୍ବା ସେବା ବ୍ୟବସ୍ଥାର ଅନ୍ତିମ ତିଥି ନିର୍ଦ୍ଧାରିତ ହୋଇନାହିଁ, ସେ କ୍ଷେତ୍ରରେ ଯୋଗାଣର ସମୟସୀମା କିପରି ରହିବ ?**

ଉତ୍ତର ଯେତେବେଳେ ସେବା ଗ୍ରହୀତା ତାଙ୍କ ଆକାଉଣ୍ଟ ଖାତାରେ ରସିଦ ପାଇବାର ତିଥି ଉଲ୍ଲେଖ କରନ୍ତି, ତା'ହେଲେ ସେହି ତିଥି ହିଁ ଯୋଗାଣର ସମୟ ବୋଲି ବିବେଚନା କରାଯିବ ।

**ପ୍ରଶ୍ନ-୧୧ ଧରାଯାଉ, ଅଗ୍ରିମ ଦେୟର କିଛି ଅଂଶ ଭରଣା କରାଗଲା କିମ୍ବା ଆଂଶିକ ଦେୟ ଦାଖଲ ହୋଇଛି ବୋଲି ରସିଦ୍ ଦିଆଗଲା, ତା'ହେଲେ ଏହା କ'ଣ ପୂର୍ଣ୍ଣାଙ୍ଗ ଯୋଗାଣ ବ୍ୟବସ୍ଥା ବୋଲି ଗଣ୍ୟ ହେବ ?**

ଉତ୍ତର ନା । ବିପୁଳ ପରିମାଣରେ ଯୋଗାଣ କରାଗଲେ, ଏହା ଚାଲାନ୍ ବା ଆଂଶିକ ପାଉଣା ଜରିଆରେ ଦେୟଯୋଗ୍ୟ ହେବ ।

**ପ୍ରଶ୍ନ-୧୨ ଫେରନ୍ତା ଟିକସ ଦେୟ ଅଧୀନରେ ସେବା ଯୋଗାଣ ପାଇଁ ଟିକସ ଦେୟ ପ୍ରଦାନ କେଉଁ ସମୟରେ ହେବ ?**

ଉତ୍ତର ନିମ୍ନଲିଖିତ ତିଥି ମଧ୍ୟରୁ ଯେଉଁଟି ଆଗ ଘଟିବ, ତାହା ହିଁ ଯୋଗାଣ ସମୟ ବୋଲି ଧରାଯିବ ।

କ. ସେବା ପ୍ରାପ୍ତିର ତିଥି

ଖ. ଯେଉଁ ତିଥିରେ ପାଉଣା ପ୍ରଦାନ କରାଯାଏ

ଗ. ଚାଲାନ୍ ପ୍ରାପ୍ତିର ତିଥି

ଘ. ଯୋଗାଣକାରୀଙ୍କ ଦ୍ୱାରା ଆକାଉଣ୍ଟ ଖାତାରେ ଥିବା ବ୍ୟୟପକ୍ଷର ତିଥି

**ପ୍ରଶ୍ନ-୧୩ କେଉଁ ସମୟ ମଧ୍ୟରେ ନିରନ୍ତର ସେବା ଯୋଗାଣ ହୋଇପାରିବ ?**

ଉତ୍ତର ଚୁକ୍ତି ନିରୂପଣ ଅନୁଯାୟୀ, ଦେୟ ପଇଠ ପାଇଁ ନିର୍ଦ୍ଧାରିତ ତିଥି ହିଁ ଯୋଗାଣ ସମୟ ବୋଲି ବିବେଚନା କରାଯିବ । ଯଦି ଚୁକ୍ତିରୁ କିଛି ନିରୂପିତ ହୋଇପାରୁନଥିବ, ଦେୟ ପ୍ରଦାନ ପ୍ରକ୍ରିୟା ଶେଷ ସହ ଯୁକ୍ତ ହୋଇଥାଏ, ସେଥି ହିଁ ଆଗ ଘଟିବ, ଯାହା ହେଲା ଦେୟ ପ୍ରାପ୍ତିର ତାରିଖ କିମ୍ବା ଚାଲାନ୍ ଜାରି ତାରିଖ କିମ୍ବା ପ୍ରକ୍ରିୟାର ସମ୍ପୂର୍ଣ୍ଣତା ।

**ପ୍ରଶ୍ନ-୧୪ ଧରାଯାଉ ୦୧-୦୬-୨୦୧୭ ଠାରୁ ଟିକସ ହାର ୧୮%ରୁ ୨୦%କୁ ବୃଦ୍ଧି ଘଟିଲା । ଟିକସ ହାର ପରିବର୍ତ୍ତନ ପୂର୍ବରୁ ଏପ୍ରିଲ, ୨୦୧୭ରେ ସେବା ଯୋଗାଣ ସହ ଚାଲାନ୍ ଜାରି ହେଲା, କିନ୍ତୁ ଜୁନ୍, ୨୦୧୭ ଟିକସ ହାର ପରିବର୍ତ୍ତନ ପରେ ଦେୟ ଗ୍ରହଣ କରାଗଲା । ତେବେ ଏ କ୍ଷେତ୍ରରେ ଟିକସ ହାର କ'ଣ ଲାଗୁ ହେବ ?**

ଉତ୍ତର ୦୧-୦୬-୨୦୧୭ ପୂର୍ବରୁ ସେବା ଯୋଗାଣ ବ୍ୟବସ୍ଥା ହୋଇଥିଲେ ପୂର୍ବ ହାର ୧୮% ଲାଗୁ ହେବ ।

# ୬. ଜିଏସ୍‌ଟିର ମୂଲ୍ୟାୟନ

**ପ୍ରଶ୍ନ-୧ ଜିଏସ୍‌ଟିର ଦେୟ ପ୍ରଦାନ ଲାଗି ଟିକସଯୁକ୍ତ ଯୋଗାଣରେ ମୂଲ୍ୟ କିଭଳି ଲାଗୁ ହେବ ?**

ଉତ୍ତର ବସ୍ତୁ ଓ ସେବା ଯୋଗାଣର ଟିକସଯୋଗ୍ୟ ଯେଉଁଠିକି ମୂଲ୍ୟ ସାଧାରଣତଃ 'କାରବାର ମୂଲ୍ୟ' ଭାବେ ପରିଗଣିତ, ଯେଉଁଠାରେ କି ପ୍ରକୃତ ମୂଲ୍ୟ ପରିଶୋଧ ବା ପରିଶୋଧଯୋଗ୍ୟ ହୁଏ, କୌଣସି ପକ୍ଷର ସଂପୃକ୍ତି ନ ଥାଇ କେବଳ ମୂଲ୍ୟ ହିଁ ସମ୍ପୂର୍ଣ୍ଣ ଭାବେ ବିଚାରକୁ ନିଆଯାଏ । କାରବାର ମୂଲ୍ୟର ପରିସରରୁ କେତେକ ବହିର୍ଭୂତ ଓ ଅନ୍ତର୍ଭୁକ୍ତ ରାଶି ଥିବା ବିଷୟ ଏମ୍‌ଜିଏଲ୍‌ରେ ବର୍ଣ୍ଣିତ ହୋଇଛି । ଉଦାହରଣ ସ୍ୱରୂପ, କାରବାର ମୂଲ୍ୟରେ ଫେରସ୍ତଯୋଗ୍ୟ ଜମା ଏବଂ ଯୋଗାଣ ସମୟରେ କିମ୍ବା ପୂର୍ବରୁ ରିହାତି ଅଟେ ।

ପ୍ରଶ୍ନ-୨ କାରବାର ମୂଲ୍ୟ କ'ଣ ?

ଉତ୍ତର ବସ୍ତୁ ଓ ସେବା ଯୋଗାଣ ପାଇଁ ମୂଲ୍ୟ ପରିଶୋଧ ହେଉ ବା ପରିଶୋଧଯୋଗ୍ୟ ହେଉ ଏହା କାରବାର ମୂଲ୍ୟରେ ଦର୍ଶାଯାଇଥାଏ । ଯେଉଁଠାରେ ଯୋଗାଣକାରୀ ଓ ଗ୍ରହୀତାଙ୍କ ସଂପୃକ୍ତି ନ ଥାଏ ଏବଂ ଯୋଗାଣ ମୂଲ୍ୟକୁ ସମ୍ପୂର୍ଣ୍ଣ ଭାବେ ବିଚାରକୁ ନିଆଯାଏ । ଏଥିରେ କିଛି ଅର୍ଥରାଶି ଅନ୍ତର୍ଭୁକ୍ତ ଯାହାକି ଯୋଗାଣକାରୀଙ୍କ ପାଇଁ ପରିଶୋଧଯୋଗ୍ୟ କିନ୍ତୁ ଯୋଗାଣ ଗ୍ରହୀତା ଏହାର ଉତ୍ତରଦାୟିତ୍ୱ ବହନ କରନ୍ତି ।

**ପ୍ରଶ୍ନ-୩ ବସ୍ତୁ ଓ ସେବା, ସିଜିଏସ୍‌ଟି, ଏସ୍‌ଜିଏସ୍‌ଟି ଓ ଆଇଜିଏସ୍‌ଟି ପାଇଁ ପୃଥକ ମୂଲ୍ୟାୟନ ବ୍ୟବସ୍ଥା ରହିଛି କି ?**

ଉତ୍ତର ନା । ପଞ୍ଚଦଶ ଅନୁଚ୍ଛେଦ ଅନୁଯାୟୀ ସମସ୍ତ ତିନିପ୍ରକାର ଟିକସ ତଥା ବସ୍ତୁ ଓ ସେବା ମୂଲ୍ୟାୟନ ସମାନ ଭାବେ ହୁଏ ।

**ପ୍ରଶ୍ନ-୪ ଚୁକ୍ତିଭିତ୍ତିକ ମୂଲ୍ୟ କ'ଣ ଯୋଗାଣ ମୂଲ୍ୟାୟନ ପାଇଁ ଯଥେଷ୍ଟ ନୁହେଁ ?**

ଉତ୍ତର ଚୁକ୍ତିଭିତ୍ତିକ ମୂଲ୍ୟ କହିଲେ ନିର୍ଦ୍ଦିଷ୍ଟ ଭାବେ ସମ୍ପୂର୍ଣ୍ଣତଃ 'କାରବାର ମୂଲ୍ୟ'କୁ ବୁଝାଇଥାଏ । ଏହା ଟିକସ ଗଣନା କରିବାର ଏକ ଭିତ୍ତି ସଦୃଶ । ଯଦିଓ ପକ୍ଷଗୁଡ଼ିକ ମଧ୍ୟରେ ସମ୍ପର୍କ ସ୍ଥାପନ କିମ୍ବା ନିର୍ଦ୍ଦିଷ୍ଟ ଦେଣନେଣ ଭଳି ପ୍ରସଙ୍ଗ ଯୋଗାଣ ରୂପେ ବିବେଚନା କରାଯାଏ, କିନ୍ତୁ ଏହାର କୌଣସି ମୂଲ୍ୟ ନଥାଏ, ଯାହାକି ମୂଲ୍ୟକୁ ପ୍ରଭାବିତ କରଇଥାଏ । ଦେଣନେଣ ବା କାରବାର ମୂଲ୍ୟ ନିର୍ଦ୍ଧାରଣ ପାଇଁ ଏହି କ୍ଷେତ୍ରଗୁଡ଼ିକୁ ଅତିକ୍ରମ କରିବା ଆବଶ୍ୟକ ।

**ପ୍ରଶ୍ନ-୫ ସବୁ କ୍ଷେତ୍ରରେ କ'ଣ ମୂଲ୍ୟାୟାନ ପ୍ରଣେତାଙ୍କ ମାର୍ଗଦର୍ଶନ ଆବଶ୍ୟକ କି ?**

ଉତ୍ତର ନା । ୧୫ (୪) ଅନୁଚ୍ଛେଦ ଅନୁଯାୟୀ, ଏକମାତ୍ର କ୍ଷେତ୍ରରେ ମୂଲ୍ୟାୟନ ପ୍ରଣେତା ସୂଚିତ କରିପାରିବେ । କାରବାର ସହ ସଂପୃକ୍ତ ଟଙ୍କା କିମ୍ବା ପକ୍ଷମାନଙ୍କ ଦେୟ ଯୋଗ୍ୟ ଟିକସକୁ ବିଚାରକୁ ନିଆନଯାଏ, ସେହି କ୍ଷେତ୍ରରେ ମୂଲ୍ୟାୟନ ପ୍ରଣେତାଙ୍କ ମାର୍ଗଦର୍ଶନ ଆବଶ୍ୟକ ।

**ପ୍ରଶ୍ନ-୬ ଅନୁଚ୍ଛେଦ ୧୫ (୪) ଅନୁଯାୟୀ, କାରବାର କରିଆରେ ମୂଲ୍ୟ ପ୍ରଭାବିତ କରୁଥିବା କେତେକ ନିର୍ଦ୍ଦିଷ୍ଟ ପ୍ରସଙ୍ଗ ଉପରେ କି ପଦକ୍ଷେପ ନିଆଯିବ ?**

ଉତ୍ତର ଦେୟଯୋଗ୍ୟ ଟିକସ ନିର୍ଦ୍ଧାରଣ ଲକ୍ଷ୍ୟରେ କାରବାର ମୂଲ୍ୟ ଭରସାଯୋଗ୍ୟ କରିବାକୁ ଅନୁଚ୍ଛେଦ ୧୫ (୨)ରେ ଏ କ୍ଷେତ୍ରରେ ଖାପ ଖୁଆଇବା ଲାଗି ନିୟମ ପ୍ରଣୟନ କରାଯାଇଛି ।

**ପ୍ରଶ୍ନ-୭ ଅନୁଚ୍ଛେଦ ୧୫ (୧)ରେ ବର୍ଣ୍ଣିତ କାରବାର ମୂଲ୍ୟକନିତ ପ୍ରସଙ୍ଗ ଗ୍ରହଣୀୟ ହେବ କି ?**

ଉତ୍ତର ହଁ । ଅନୁଚ୍ଛେଦ ୧୫ (୧)ରେ ଅନ୍ତର୍ଭୁକ୍ତ ହୋଇଥିବା କେତେକ ନିୟମକୁ ପରୀକ୍ଷଣ କଲେ ଏହା ଗ୍ରହଣୀୟ । ଅଧିକନ୍ତୁ, ଯେଉଁଠି ଯୋଗାଣକାରୀ ଓ ଗ୍ରହୀତା ସଂପୃକ୍ତ ଥାଆନ୍ତି, ସେଠାରେ କାରବାର ମୂଲ୍ୟ ଗ୍ରହଣୀୟ ହୁଏ । ଯୋଗାଣକାରୀ ଓ ଗ୍ରହୀତାଙ୍କ ସଂପୃକ୍ତି କାରବାର ମୂଲ୍ୟକୁ ପ୍ରଭାବିତ କରେ ନାହିଁ । (ଜିଏସ୍‌ଟି ମୂଲ୍ୟାୟାନ ନୀତିର ୩ (୪) ନିୟମ)

**ପ୍ରଶ୍ନ-୮** **କାରବାର ମୂଲ୍ୟରେ ଯୋଗାଣ ପରବର୍ତ୍ତୀ ରିହାତି କିମ୍ବା ପ୍ରୋତ୍ସାହନ ରାଶି ଅନ୍ତର୍ଭୁକ୍ତ ହୁଏ କି ?**

ଉତ୍ତର ହଁ । ଚୁକ୍ତି ଅନୁଯାୟୀ ଯୋଗାଣ ପରବର୍ତ୍ତୀ ରିହାତି ବ୍ୟବସ୍ଥା ଲାଗୁ ହେବ ନାହିଁ ଯେପର୍ଯ୍ୟନ୍ତ ଯୋଗାଣ ସମୟ ବେଳେ ବା ପୂର୍ବରୁ ଆବଶ୍ୟକ ଚାଲାନ୍ ନିର୍ଦ୍ଦିଷ୍ଟ ଭାବେ ସଂଯୁକ୍ତ କରାଯାଇ ନ ଥିବ ।

**ପ୍ରଶ୍ନ-୯** **ଯୋଗାଣ ସମୟ ବେଳେ ବା ପୂର୍ବରୁ ଯୋଗାଣ ପରବର୍ତ୍ତୀ ରିହାତି କାରବାର ମୂଲ୍ୟରେ ଅନ୍ତର୍ଭୁକ୍ତ ହେବ କି ?**

ଉତ୍ତର ନା । ତେବେ ସ୍ୱାଭାବିକ ବ୍ୟବସାୟିକ ପ୍ରକ୍ରିୟାରେ ଚାଲାନ୍‌କୁ ଯଥୋଚିତ ଭାବେ ରେକର୍ଡ କରାଗଲେ ଏହା କାରବାର ମୂଲ୍ୟରେ ଅନ୍ତର୍ଭୁକ୍ତ ପାଇଁ ଅନୁମତି ମିଳିବ ।

**ପ୍ରଶ୍ନ-୧୦** **କେତେବେଳେ ମୂଲ୍ୟାୟନ ନୀୟମ ଲାଗୁ ହୁଏ ?**

ଉତ୍ତର ମୂଲ୍ୟାୟନ ନୀତି ନିମ୍ନଲିଖିତ ଘଟଣାରେ ଲାଗୁ ହେବ-

୧. ଯେତେବେଳେ ଟଙ୍କା ନେଣଦେଣ ବିଚାରକୁ ନିଆଯିବ ନାହିଁ

୨. ଯେତେବେଳେ ସ୍ୱତନ୍ତ୍ର ଶ୍ରେଣୀଭୁକ୍ତ ଯୋଗାଣକାରୀଙ୍କ ଦ୍ୱାରା ଯୋଗାଣ ହୋଇଥିବ

୩. ଯେତେବେଳେ ଘୋଷିତ କାରବାର ମୂଲ୍ୟ ଭରସାଯୋଗ୍ୟ ହୋଇନଥିବ

**ପ୍ରଶ୍ନ-୧୧** **କାରବାର ମୂଲ୍ୟ ସନ୍ଦେହଜନକ ଘୋଷଣା କରାଯିବାର କାରଣ କ'ଣ ?**

ଉତ୍ତର କିଏସ୍‌ଟି ମୂଲ୍ୟାୟନ ନୀତିର ୭ (୩/୬) ନିୟମରେ ଏହାର କାରଣଗୁଡ଼ିକ ସମ୍ପର୍କରେ ବର୍ଣ୍ଣିତ ରହିଛି । ତାହା ହେଲା, (୧) ଉଚ୍ଚ ମୂଲ୍ୟଯୁକ୍ତ ତୁଳନାତ୍ମକ ଯୋଗାଣ, (୨) ବଜାର ଯୋଗାଣ ମୂଲ୍ୟ ଠାରୁ କାରବାର ଅତି କମ କିମ୍ବା ଅତି ଉଚ୍ଚରେ ରହିବା, (୩) ସାମଗ୍ରୀର ବର୍ଣ୍ଣନା, ପରିମାଣ, ଗୁଣବତ୍ତା କିମ୍ବା ନିର୍ମାଣ ତିଥି ସମ୍ପର୍କରେ ତ୍ରୁଟିଯୁକ୍ତ ଘୋଷଣା ।

**ପ୍ରଶ୍ନ-୧୨** **ଚିଠା ଜିଏସ୍‌ଟି ମୂଲ୍ୟାୟନ ନୀତି ଅନୁଯାୟୀ ମୂଲ୍ୟ ନିର୍ଦ୍ଧାରଣ ପାଇଁ କ'ଣ ପ୍ରଣାଳୀ ରହିଛି ?**

ଉତ୍ତର କାରବାର ମୂଲ୍ୟ ନିର୍ଦ୍ଧାରଣ ପାଇଁ ଜିଏସ୍‌ଟି ମୂଲ୍ୟାୟନ ନୀତିରେ ତିନୋଟି ପ୍ରଣାଳୀ ଧାର୍ଯ୍ୟ କରାଯାଇଛି । ତାହାହେଲା ତୁଳନାତ୍ମକ ପ୍ରଣାଳୀ, ଗଣନା ପ୍ରଣାଳୀ ଓ ବଳକା ପ୍ରଣାଳୀ । ଏହି ତିନି ପ୍ରଣାଳୀ ଗୋଟିଏ ପରେ ଗୋଟିଏ ଲାଗୁ ହୋଇଥାଏ । ଏହାବ୍ୟତୀତ ବିଶୁଦ୍ଧ ଏଜେଣ୍ଟ ଓ ମୁଦ୍ରା ବଦଳକାରୀଙ୍କ କ୍ଷେତ୍ରରେ ନିର୍ଦ୍ଦିଷ୍ଟ ମୂଲ୍ୟାୟନ ପ୍ରଣାଳୀ ନୀତିରେ ବର୍ଣ୍ଣିତ ହୋଇଛି । ତେବେ ବୀମା କମ୍ପାନୀ, ବିମାନଯାତ୍ରା ଏଜେଣ୍ଟ, ବଣ୍ଟନକାରୀ ଓ ଲଟେରୀ ବିକ୍ରେତାଙ୍କ କ୍ଷେତ୍ରରେ ନିର୍ଦ୍ଦିଷ୍ଟ ନିୟମ ପରବର୍ତ୍ତୀ ପର୍ଯ୍ୟାୟରେ ବିଜ୍ଞପିତ ହେବ ।

**ପ୍ରଶ୍ନ-୧୩** **ଅନୁଚ୍ଛେଦ ୧୫ (୨) ଅନୁଯାୟୀ କାରବାର ମୂଲ୍ୟରେ ମିଶିବାକୁ ଥିବା ମୂଲ୍ୟଗୁଡ଼ିକ କ'ଣ ?**

ଉତ୍ତର ଅନୁଚ୍ଛେଦ ୧୫(୨) ଅନୁଯାୟୀ କାରବାର ମୂଲ୍ୟରେ ସଂଯୁକ୍ତ ହେବାକୁ ଥିବା ମୂଲ୍ୟ ନିମ୍ନୋକ୍ତରେ ଦର୍ଶାଗଲା ।

କ. ଯୋଗାଣକାରୀଙ୍କୁ ବାଧ୍ୟତାମୂଳକ ଦେୟ ଭାବେ ଗ୍ରହୀତା ପଇଠ କରୁଥିବା ଟଙ୍କା

ଖ. ଗ୍ରହୀତାଙ୍କୁ ନିଃଶୁଳ୍କ ବା ରିହାତି ଭାବେ ଯୋଗାଇ ଦିଆଯାଉଥିବା ବସ୍ତୁର ବା ସେବାର ମୂଲ୍ୟ

ଗ. ଯୋଗାଣ ସର୍ତ୍ତ ଅନୁଯାୟୀ ଗ୍ରହୀତାଙ୍କ ଦେୟଯୋଗ୍ୟ ରୟାଲ୍‌ଟି ଓ ଲାଇସେନ୍ସ ଫି

# ୭. ଜିଏସ୍‌ଟି ଦେୟ ପଇଠ

ପ୍ରଶ୍ନ ୧. : ଜିଏସ୍‌ଟି ବ୍ୟବସ୍ଥାରେ କେଉଁ ଦେୟ ପଇଠ ହୁଏ ?

ଉତ୍ତର : ଜିଏସ୍‌ଟି ବ୍ୟବସ୍ଥାରେ ରାଜ୍ୟ ମଧ୍ୟରେ କୌଣସି ଯୋଗାଣ କରାଗଲେ ସିଜିଏସ୍‌ଟି ଭାବେ ଟିକସ ଦେୟ ପଡ଼ିବ। ଏହି କେନ୍ଦ୍ରୀୟ ଜିଏସ୍‌ଟି ବା ସିଜିଏସ୍‌ଟି କେନ୍ଦ୍ର ସରକାରଙ୍କ ଏକାଉଣ୍ଟରେ ଜମା ହେବ। ଏହାଛଡ଼ା ଏହି ଯୋଗାଣ ଉପରେ ମଧ୍ୟ ଲାଗୁ ହେଉଥିବା ଏସ୍‌ଜିଏସ୍‌ଟି ଦେୟ ସଂପୃକ୍ତ ରାଜ୍ୟର ସରକାରଙ୍କ ଏକାଉଣ୍ଟରେ ଜମା ହେବ। କିନ୍ତୁ ଆନ୍ତଃରାଜ୍ୟ ଯୋଗାଣ କ୍ଷେତ୍ରରେ ସମନ୍ୱିତ ଜିଏସ୍‌ଟି ଭାବେ ଟିକସ ଦେୟ ପଡ଼ିବ। ଅବଶ୍ୟ ସମନ୍ୱିତ ଜିଏସ୍‌ଟି ବା ଆଇଜିଏସ୍‌ଟି ପ୍ରାପ୍ତ ଟିକସର ଅଂଶ ସିଜିଏସ୍‌ଟି ଓ ଏସ୍‌ଜିଏସ୍‌ଟି ମଧ୍ୟ ପ୍ରାପ୍ତି ହେବ। ଏହାଛଡ଼ା, ନିର୍ଦ୍ଦିଷ୍ଟ ଶ୍ରେଣୀୟ ପଞ୍ଜୀକୃତ ବ୍ୟକ୍ତି ସରକାରଙ୍କୁ ସମ୍ବଳରୁ କଟିଥିବା ଟିକସ (ଟିଡିଏସ୍) ଓ ସମ୍ବଳ ସଂଗ୍ରହ ଟିକସ (ଟିସିଏସ୍) ପ୍ରଦାନ କରିବେ। ସର୍ବୋପରି ସୁଧ, ଅର୍ଥଦଣ୍ଡ, ଫି ଓ ଅନ୍ୟାନ୍ୟ ଦେୟ ଯେଉଁଠାରେ ଲାଗୁ ହେବ, ତାହା ମଧ୍ୟ ପ୍ରଦତ୍ତ ହେବ।

ପ୍ରଶ୍ନ ୨. : ଜିଏସ୍‌ଟି ଦେୟ ଦେବାକୁ କିଏ ଯୋଗ୍ୟ ?

ଉତ୍ତର : ସାଧାରଣତଃ ବସ୍ତୁ ଓ ସେବା ଯୋଗାଣକାରୀ ହିଁ ଜିଏସ୍‌ଟି ଦେବାକୁ ଯୋଗ୍ୟ। ତେବେ କେତେକ ନିର୍ଦ୍ଦିଷ୍ଟ କ୍ଷେତ୍ରରେ ଯଥା- ଆମଦାନୀ ଓ ଅନ୍ୟାନ୍ୟ ବିଜ୍ଞପିତ ଯୋଗାଣ ହେଲେ ଓଲଟା ଦେୟ ଯୁକ୍ତ ବ୍ୟବସ୍ଥାରେ ଗ୍ରହୀତାଙ୍କୁ ହିଁ ଦେୟ ଦେବାକୁ ପଡ଼ିବ। ଅନ୍ୟ କେତେକ କ୍ଷେତ୍ରରେ ତୃତୀୟ ପକ୍ଷକୁ ଦେୟ ଦେବାକୁ ପଡ଼ିଥାଏ। (ଧରାଯାଉ, ଇ-କମର୍ସ ସଞ୍ଚାଳକ ଟିସିଏସ୍ ଦେୟ କିମ୍ବା ସରକାରୀ ବିଭାଗ ଟିଡିଏସ୍ ଦେୟ ଦେବାକୁ ବାଧ୍ୟ)

ପ୍ରଶ୍ନ ୩. : ଟିକସଯୋଗ୍ୟ ବ୍ୟକ୍ତି କେତେବେଳେ ଜିଏସ୍‌ଟି ଦେୟ ଦେବେ ?

ଉତ୍ତର : ଅନୁଚ୍ଛେଦ-୧୨ରେ ବସ୍ତୁ ଯୋଗାଣ ସମୟ ଓ ଅନୁଚ୍ଛେଦ ୧୩ରେ ସେବା ଯୋଗାଣ ସମୟ ବର୍ଣ୍ଣିତ ହୋଇଛି। ଦେୟ ଗ୍ରହଣ, ଚାଲାନ୍ ଜାରି ଓ ଯୋଗାଣ ସମ୍ପୂର୍ଣ୍ଣ ହେବା- ଏହି ତିନୋଟି ସ୍ଥିତି ମଧ୍ୟରୁ ଯେଉଁଟି ଆଗ ଘଟିଥିବ, ସେହି ସମୟ ଅନୁସାରେ ଜିଏସ୍‌ଟି ଦେୟ ପଇଠ କରାଯିବ। ୧୨ ଓ ୧୩ ଅନୁଚ୍ଛେଦ ଦ୍ୱୟରେ ବିଭିନ୍ନ ପରିସ୍ଥିତି ଓ ବିଭିନ୍ନ ଟିକସ ପ୍ରସଙ୍ଗ ଉପରେ ବର୍ଣ୍ଣନା କରାଯାଇଛି।

ପ୍ରଶ୍ନ ୪. : ଜିଏସ୍‌ଟି ଦେୟ ପ୍ରଦାନ ପ୍ରକ୍ରିୟାର ମୁଖ୍ୟ ସୁବିଧା ସବୁ କ'ଣ ?

ଉତ୍ତର : ପ୍ରସ୍ତାବିତ ଜିଏସ୍‌ଟି ବ୍ୟବସ୍ଥାରେ ଦେୟ ପ୍ରଦାନ ପ୍ରକ୍ରିୟା ଲାଗି ନିମ୍ନଲିଖିତ ସୁବିଧା ରହିଛି।

- ସମସ୍ତ ପ୍ରକାରର ଦେୟ ଲାଗି ଜିଏସ୍‌ଟିଏନ୍ ସାଧାରଣ ପୋର୍ଟାଲରୁ ବୈଦ୍ୟୁତିକ ଉତ୍ପନ୍ନ ଚାଲାନ
- ଯେକୌଣସି ସମୟରେ , ଯେକୌଣସି ଠାରେ ଝିନ୍‌ଝଟମୁକ୍ତ ଟିକସ ଦେୟ ଭରଣା ଲାଗି ଟିକସଦାତାଙ୍କୁ ସୁବିଧା ପ୍ରଦାନ
- ଅନ୍‌ଲାଇନ୍ ଦେୟ ପ୍ରଦାନ ଲାଗି ସୁବିଧା
- ବୈଦ୍ୟୁତିକ ଢାଞ୍ଚାରେ ନ୍ୟାୟସଙ୍ଗତ ଟିକସ ସଂଗ୍ରହ ତଥ୍ୟ ପ୍ରଦାନ
- ସରକାରୀ ଏକାଉଣ୍ଟକୁ ତ୍ୱରିତ ଟିକସ ରାଜସ୍ୱ ପ୍ରେରଣ
- ବିନା କାଗଜପତ୍ରରେ ଦେଣନେଣ ପ୍ରକ୍ରିୟା
- ସବୁ ରସିଦର ବୈଦ୍ୟୁତିକ ସଂଯୁକ୍ତକରଣ
- ବ୍ୟାଙ୍କଗୁଡ଼ିକ ଲାଗି ସରଳୀକୃତ ମାର୍ଗଦର୍ଶନ

ପ୍ରଶ୍ନ ୫. : କିପରି ଭାବେ ଦେୟ ପ୍ରଦାନ କରାଯାଏ ?

ଉତ୍ତର : ନିମ୍ନଲିଖିତ ପଦ୍ଧତିରେ ପାଉଣା ଭରଣା କରାଯାଏ

୧. ସାଧାରଣତଃ ପୋର୍ଟାଲ୍‌ରେ ଥିବା ଟିକସଦାତାଙ୍କ କ୍ରେଡିଟ୍ ଲେଜରରୁ କେବଳ ଟିକସ ଦେୟକୁ କଟାଯାଏ। ତେବେ କ୍ରେଡିଟ୍ ଲେଜରରୁ ସୁଧ, ଅର୍ଥଦଣ୍ଡ ଓ ଫି କଟାଯାଇ ପାରିବ ନାହିଁ। ନିବେଶ ଉପରେ ବକେୟା ଟିକସ ଭରଣା (ଇନପୁଟ ଟ୍ୟାକ୍ସ କ୍ରେଡିଟ) ଲାଗି ଟିକସଦାତାଙ୍କୁ ଅନୁମତି ଦିଆଯିବ। ଠିକ୍ ଏକା ଭଳି, ଟିକସଦାତା ଉତ୍ପାଦନ ଟିକସ

ଲାଗି ମଧ୍ୟ ବକେୟା ଦେୟ ପ୍ରଦାନ କରିପାରିବେ। ତେବେ ସିଜିଏସ୍‌ଟି ଏକାଉଣ୍ଟରେ ଭରଣା ହୋଇନଥିବା ନିବେଶ ଟିକସ କ୍ରେଡିଟ (ଆଇଟିସି) ଏସ୍‌ଜିଏସ୍‌ଟି ଏକାଉଣ୍ଟରେ ଦେୟ ପ୍ରଦାନ ପାଇଁ ବ୍ୟବହାର କରାଯାଇପାରିବ। ସେହିପରି ଏସ୍‌ଜିଏସ୍‌ଟି ଏକାଉଣ୍ଟରେ ଭରଣୀ ପାଇଁ ହୋଇନଥିବା ନିବେଶ ଟିକସ କ୍ରେଡିଟ (ଆଇଟିସି) ସିଜିଏସ୍‌ଟି ଏକାଉଣ୍ଟରେ ଦେୟ ପ୍ରଦାନୟ ଲାଗି ବ୍ୟବହୃତ ହେବ। ଆଇଜିଏସ୍‌ଟି ବକେୟା ଦେୟ ଏହି କ୍ରମରେ ଆଇଜିଏସ୍‌ଟି, ସିଜିଏସ୍‌ଟି ଓ ଏସ୍‌ଜିଏସ୍‌ଟି ଦେୟ ଭରଣା ଲାଗି ବ୍ୟବହାର କରାଯିବ।

୨. ଟିକସଦାତାଙ୍କ କ୍ୟାସ ଲେଜରରୁ ନଗଦ ଅର୍ଥ କଟାଯିବା ସାଧାରଣ ପୋର୍ଟାଲରେ ହିଁ ପରିଚାଳିତ ହୋଇଥାଏ। ବିଭିନ୍ନ ପଦ୍ଧତିରେ କ୍ୟାସ ଲେଜରରେ ଟଙ୍କା ଜମା ହୋଇଥାଏ। ଯଥା-ଇ-ପେମେଣ୍ଟ (ଇଣ୍ଟରନେଟ ବ୍ୟାଙ୍କିଙ୍ଗ, କ୍ରେଡିଟ କାର୍ଡ, ଡେବିଟ କାର୍ଡ), ରିୟଲ ଟାଇମ ଗ୍ରସ ପେମେଣ୍ଟ (ଆର୍‌ଟିଜିଏସ୍), ନ୍ୟାସନାଲ ଇଲେକ୍ଟ୍ରୋନିକ ଫଣ୍ଡ ଟ୍ରାନ୍ସଫର୍ (ଏନ୍‌ଇଏଫ୍‌ଟି) ତଥା ଜିଏସ୍‌ଟି ଦେୟ ଜମା ଗ୍ରହଣ ଲାଗି କର୍ତ୍ତୃତ୍ୱ ପ୍ରଦାନ କରାଯାଇଥିବା ବିଭିନ୍ନ ବ୍ୟାଙ୍କର ଶାଖା (କାଉଣ୍ଟର ପେମେଣ୍ଟ ଜରିଆରେ)

ପ୍ରଶ୍ନ୬. : କେତେବେଳେ ଯୋଗାଣକାରୀ ଟିକସ ଦେୟ ଭରଣା କରେ ?

ଉତ୍ତର : ସାଧାରଣ ଟିକସଦାତା ମାସକ ଭିତରେ (ପ୍ରତି ମାସର ୨୦ ତାରିଖ)ରେ ଟିକସ ଦେୟ ଭରଣା କରିବେ। ପ୍ରଥମେ କ୍ୟାସ୍ ଲେଜରରେ ପ୍ରଥମେ ନଗଦ ଟଙ୍କା ଆକାରରେ ଦେୟ ଜମା କରିବେ। ମାସିକ ରିଟର୍ଣ୍ଣ ଭିତରେ ଦେୟ ପ୍ରଦାନ କେବଳ ଟିକସଦାତା ଲେଜରରୁ ଟଙ୍କା କାଟିପାରିବେ। ଏହାଛଡ଼ା ଟିକସଦାତା ତାଙ୍କର ରିଟର୍ଣ୍ଣରେ ଆବଶ୍ୟକ ଅର୍ଥ ଉଠାଣ ଏଣ୍ଟ୍ରି ନମ୍ବର ଚିହ୍ନିତ କରିବେ। ପୂର୍ବରୁ କୁହାଯାଇଛି ଯେ କ୍ୟାସ ଲେଜରରୁ ମଧ୍ୟ ଦେୟ ଅର୍ଥ ଉଠାଯାଇପାରିବ। ମାର୍ଚ୍ଚ ମାସର ଟିକସ ଦେୟ ଏପ୍ରିଲ ୨୦ ତାରିଖରେ ଭରଣା କରାଯିବ। ଏକାଧିକ ଟିକସ ଦେଉଥିବା ଟିକସଦାତା ତ୍ରୈମାସିକ ହାରରେ ଟିକସ ଦେୟ ପ୍ରଦାନ କରିବେ। ଦେୟ ପ୍ରଦାନର ସମୟ ଦିନ ୧୨ଟାରୁ ୮ଟା ପର୍ଯ୍ୟନ୍ତ ଧାର୍ଯ୍ୟ କରାଯାଇଛି।

ପ୍ରଶ୍ନ୭. : ଟିକସ ଦେୟ ପ୍ରଦାନ ଲାଗି ସମୟସୀମା ବୃଦ୍ଧି କରାଯାଇପାରିବ କି କିମ୍ବା ଏହାକୁ ମାସିକ କିସ୍ତି ଆକାରରେ ଦିଆଯାଇପାରିବ କି ?

ଉତ୍ତର : ନା। ସ୍ୱୟଂ ଆକଳନଯୁକ୍ତ ଉତ୍ତରଦାୟିତ୍ୱ କ୍ଷେତ୍ରରେ ଏଥିପାଇଁ ଅନୁମତି ଦିଆଯିବ ନାହିଁ। ତେବେ ଅନ୍ୟାନ୍ୟ କ୍ଷେତ୍ରରେ ଉପଯୁକ୍ତ କର୍ତ୍ତୃପକ୍ଷ ସମୟସୀମା ବୃଦ୍ଧି କରିପାରନ୍ତି କିମ୍ବା ମାସିକ କିସ୍ତି ଭାବରେ ଦେୟ ରାଶି ଗ୍ରହଣ କରିପାରନ୍ତି। (ଏମ୍‌ଜିଏଲ୍‌ର ଅନୁଚ୍ଛେଦ-୫୫ରେ ବର୍ଣ୍ଣିତ)

ପ୍ରଶ୍ନ୮. : ଯଦି ଟିକସଦାତା ରିଟର୍ଣ୍ଣ ଫାଇଲ୍ କରେ, କିନ୍ତୁ ଟିକସ ଦେୟ ଭରଣା ପାଇଁ ଏହାକୁ ଉପଯୋଗ ନ କରେ, ତାହେଲେ କ'ଣ ହେବ ?

ଉତ୍ତର : ଏଭଳି କ୍ଷେତ୍ରରେ ରିଟର୍ଣ୍ଣକୁ ବୈଧ ରିଟର୍ଣ୍ଣ ଭାବେ ବିବେଚନା କରାଯିବ ନାହିଁ। ଏମ୍‌ଜିଏଲ୍ ଅନୁଚ୍ଛେଦ ୨୭ (୩)ରେ ବର୍ଣ୍ଣିତ ଅଛି ଯେ ଯେପର୍ଯ୍ୟନ୍ତ ରିଟର୍ଣ୍ଣ ଅନୁଯାୟୀ ପୂରା ଟିକସ ଦେୟ ଭରଣା କରା ନ ଯାଇଛି, ଟିକସଦାତାଙ୍କ ଦ୍ୱାରା ପ୍ରଦତ୍ତ ରିଟର୍ଣ୍ଣ ବୈଧ ରିଟର୍ଣ୍ଣ ଭାବେ ବିବେଚିତ ହେବ ନାହିଁ। ବୈଧ ରିଟର୍ଣ୍ଣ କେବଳ ଗ୍ରହୀତାଙ୍କୁ ନିବେଦ ଟିକସ କ୍ରେଡିଟ (ଆଇଟିସି) ପାଇଁ ଅନୁମତି ପ୍ରଦାନରେ ବ୍ୟବହୃତ ହେବ। ଅନ୍ୟପକ୍ଷରେ କହିବାକୁ ଗଲେ, ଯେପର୍ଯ୍ୟନ୍ତ ଯୋଗାଣକାରୀ ସମ୍ପୂର୍ଣ୍ଣ ସ୍ୱୟଂ ଆକଳନଯୁକ୍ତ ଟିକସ ଦେୟ ଭରଣା କରିବା ସହ ରିଟର୍ଣ୍ଣ ଫାଇଲ୍ କରିଛି ଏବଂ ଗ୍ରହୀତା ମଧ୍ୟ ରିଟର୍ଣ୍ଣ ଫାଇଲ୍ କରିଛି, ଗ୍ରହୀତା ନିବେଶ ଟିକସ କ୍ରେଡିଟ (ଆଇଟିସି)କୁ ସ୍ୱୀକୃତି ମିଳିବ ନାହିଁ। ଅନୁଚ୍ଛେଦ-୨୮ ଅନୁଯାୟୀ, ଯେପର୍ଯ୍ୟନ୍ତ ଟିକସଦାତା ସ୍ୱୟଂ ଆକଳନଯୁକ୍ତ ଟିକସ ଉତ୍ତରଦାୟିତ୍ୱରୁ ନିବୃତ୍ତ ନ ରହିଛି, ସେ କୌଣସି ବୈଧ ରିଟର୍ଣ୍ଣ ଦାଖଲ କରିପାରିବ ନାହିଁ କି ତା'କୁ ଏଭଳି ବକେୟା ଦେୟ ପରିଶୋଧ (ଆଇଟିସି) ନିମନ୍ତେ ଅନୁମତି ଦିଆଯିବ ନାହିଁ।

ପ୍ରଶ୍ନ୯. : ଟିକସ ଦେୟ ଜମା କରିବାର ପ୍ରକୃତ ତିଥି କେବେ ? ଚେକ୍ ଦାଖଲ ତିଥି ନା ଦେୟ ଭରଣା କରିବା ତିଥି ନା ସରକାରୀ ଏକାଉଣ୍ଟରେ ବକେୟା ଦେୟ ଜମା କରିବା ତିଥି ?

ଉତ୍ତର : ସରକାରୀ ଏକାଉଣ୍ଟରେ ବକେୟା ଦେୟ ଜମା କରିବା ତିଥି ହିଁ ପ୍ରକୃତ ତିଥି।

ପ୍ରଶ୍ନ୧୦. : ଇ-ଲେଜର୍ କ'ଣ ?

ଉତ୍ତର : ପ୍ରତ୍ୟେକ ପଞ୍ଜୀକୃତ ଟିକସଦାତାଙ୍କ ନଗଦ ଅର୍ଥ ଓ ନିବେଶ ଟିକସ କ୍ରେଡିଟ (ଆଇଟିସି)ର ବିବରଣୀ ଇ-ଲେଜର୍ ବା ଇଲେକଟ୍ରୋନିକ ଲେଜର୍‌ରେ ଦର୍ଶିତ ହୁଏ। ଏହା ବାଦ୍, ପ୍ରତ୍ୟେକ ଟିକସଦାତାଙ୍କ ଇଲେକଟ୍ରୋନିକ ଟ୍ୟାକ୍ସ ଲିଆବିଲିଟି

ରେଜିଷ୍ଟର ରହିଛି। ସାଧାରଣ ପୋର୍ଟାଲ (ଜିଏସ୍‌ଟିଏନ୍‌)ରେ ଥରେ ଟିକସଦାତା ପଞ୍ଜୀକୃତ ହୋଇଗଲେ, ୨ଟି ଇ-ଲେଜର (କ୍ୟାସ ଏଣ୍ଡ ଇନପୁଟ ଟ୍ୟାକ୍ସ କ୍ରେଡିଟ) ଓ ଇଲେକଟ୍ରୋନିକ୍ସ ଟ୍ୟାକ୍ସ ଲିଆବିଲିଟି ରେଜିଷ୍ଟର ଆପେ ଆପେ କାର୍ଯ୍ୟକ୍ଷମ ହୁଏ। ଏହା ସବୁ ସମୟରେ ଟିକସଦାତାଙ୍କ କମ୍ପ୍ୟୁଟରର ଡ୍ୟାସବୋର୍ଡରେ ପ୍ରଦର୍ଶିତ ହୁଏ।

ପ୍ରଶ୍ନ ୧୧. : ଟ୍ୟାକ୍ସ ଲିଆବିଲିଟି ରେଜିଷ୍ଟର କ'ଣ?

ଉତ୍ତର : ଗୋଟିଏ ନିର୍ଦ୍ଦିଷ୍ଟ ମାସ ପାଇଁ ଟିକସଦାତାଙ୍କ ସମ୍ପୂର୍ଣ୍ଣ ଦେୟଯୋଗୀ ଟିକସ (ନେଟିଙ୍ଗ ପରେ) ଏହି ଲିଆବିଲିଟି ରେଜିଷ୍ଟରରେ ଉଲ୍ଲିଖିତ ହୁଏ।

ପ୍ରଶ୍ନ ୧୨. : କ୍ୟାସ ଲେଜର୍ କ'ଣ?

ଉତ୍ତର : ଟିକସଦାତାଙ୍କ ଏକାଉଣ୍ଟରେ ଜମା ହୋଇଥିବା ସମସ୍ତ ନଗଦ ରାଶି, ଟିଡିଏସ୍ ଓ ଟିସିଏସ୍ ଆଦି କ୍ୟାସ୍ ଲେଜର୍‌ରେ ଉଲ୍ଲିଖିତ ହୁଏ। ଏହି ତଥ୍ୟ ଠିକଣା ସମୟରେ ଦର୍ଶିତ ହୁଏ।

ପ୍ରଶ୍ନ ୧୩. : ଆଇଟିସି ଲେଜର୍ କ'ଣ?

ଉତ୍ତର : ମାସିକ ରିଟର୍ଣ୍ଣରେ ସ୍ୱୟଂ ଆକଳନଯୁକ୍ତ ନିବେଶ ଟିକସ କ୍ରେଡିଟ ଆଇଟିସି ଲେଜରରେ ଦର୍ଶିତ ହୁଏ। ଏହି ଲେଜରରେ ଥିବା ଜମାରାଶି କେବଳ ଟିକସ ଦେୟ ଭରଣା ଲାଗି ଉଦ୍ଦିଷ୍ଟ। ଏହି ଜମାରାଶିରୁ ସୁଧ, ଅର୍ଥଦଣ୍ଡ, ଫି ଆଦି ଦିଆଯାଇପାରିବ ନାହିଁ।

ପ୍ରଶ୍ନ ୧୪. : ଜିଏସ୍‌ଟିଏନ୍ ଓ ପ୍ରାଧିକୃତ ବ୍ୟାଙ୍କ ମଧ୍ୟରେ କିଭଳି ସଂଯୋଗ ରକ୍ଷା କରାଯାଇପାରିବ?

ଉତ୍ତର : ଜିଏସ୍‌ଟିଏନ୍ ଓ ବ୍ୟାଙ୍କର କୋର ବ୍ୟାଙ୍କିଙ୍ଗ ସଲ୍ୟୁସନ୍ (ସିବିଏସ୍) ଭଳି ଦ୍ୱି-ପକ୍ଷୀୟ ସଂଯୋଗ ସର୍ବକାଳୀନ ରହିଥାଏ। ଇଲେକ୍ଟ୍ରୋନିକ ଯାଞ୍ଚ ପ୍ରକ୍ରିୟା ମାଧ୍ୟମରେ ସିପିଆଇଏନ୍ ଆପେ ଆପେ ବ୍ୟାଙ୍କକୁ ଗତି କରିଥାଏ। ଦେୟ ଗ୍ରହଣ ଓ ଚାଲାନ୍ ଚିହ୍ନିତ ସଂଖ୍ୟା (ସିଆଇଏନ୍) ସାଧାରଣତଃ ପୋର୍ଟାଲକୁ ଦେୟ ରସିଦ ସ୍ୱୀକାର ଆପେ ଆପେ ବ୍ୟାଙ୍କ ଦ୍ୱାରା ପ୍ରେରିତ ହୁଏ। ବ୍ୟାଙ୍କ କ୍ୟାସିୟର କିମ୍ବା ଟେଲର କିମ୍ବା ଟିକସଦାତାଙ୍କ ମଧ୍ୟରେ କୌଣସି ହସ୍ତଲିଖିତ ବୁଝାମଣା ହୋଇପାରିବ ନାହିଁ।

ପ୍ରଶ୍ନ ୧୫. : ଟିକସଦାତା କ'ଣ ବହୁଥର ଲାଗି ଚାଲାନ୍ କାଢ଼ିବେ?

ଉତ୍ତର : ହଁ। ଜଣେ ଟିକସଦାତା ଚାଲାନ୍ ଫର୍ମ ଆଂଶିକ ପୂରଣ କରିବେ। ପରବର୍ତ୍ତୀ ସମୟରେ ଚାଲାନର ଅବଶିଷ୍ଟାଂଶ ପୂରଣ କରାଯିବ। ଆଂଶିକ ପୂରଣ ହୋଇଥିବା ଚାଲାନ୍ ଚୂଡ଼ାନ୍ତ କରାଯିବା ପୂର୍ବରୁ ଲେଖା ସମ୍ପାଦିତ ହେବ। ଟିକସଦାତା ଚାଲାନ୍‌କୁ ଚୂଡ଼ାନ୍ତ ରୂପ ଦେବା ପରେ ଟିକସ ଦେୟ ଭରଣା ଲାଗି ବ୍ୟବହାର ନିମନ୍ତେ ଚାଲାନ୍ କାଢ଼ିପାରିବେ। ଅର୍ଥ ହସ୍ତାନ୍ତରକକାରୀ ବା ଅର୍ଥ ପ୍ରଦାନକାରୀ ତାଙ୍କ ରେକର୍ଡ ପାଇଁ ଚାଲାନ୍‌କୁ ମୁଦ୍ରଣ କରିବା ପାଇଁ ସୁଯୋଗ ଦିଆଯାଇଛି।

ପ୍ରଶ୍ନ ୧୬. : ଅନ୍‌ଲାଇନ୍‌ରେ ପ୍ରଦର୍ଶିତ ଚାଲାନ୍ କ'ଣ ପରିବର୍ତ୍ତିତ ହୋଇପାରିବ?

ଉତ୍ତର : ନା। ଚାଲାନ୍ ସୃଷ୍ଟି କରିବା ଲାଗି ଜିଏସ୍‌ଟିଏନ୍ ପୋର୍ଟାଲ୍‌ରେ ଲଗିଙ୍ଗ୍ ହେବା ପରେ ଟିକସଦାତା କିମ୍ବା ତାଙ୍କ ପ୍ରାଧିକୃତ ବ୍ୟକ୍ତି ଦେୟ ବିବରଣୀ ସମ୍ପର୍କରେ ଅବଗତ ହେବେ। ପରବର୍ତ୍ତୀ ଅପ୍‌ଡେଟ୍ ପାଇଁ ଟିକସଦାତା ଅଧାବାଟରୁ ଚାଲାନ୍‌କୁ ବ୍ୟବହାର କରିପାରିବେ। ତେବେ ଥରେ ଚାଲାନ୍ ଚୂଡ଼ାନ୍ତ ହୋଇ ସିପିଆଇଏନ୍ ସୃଷ୍ଟି ହେବା ପରେ ଟିକସଦାତା ଚାଲାନ୍‌ରେ କୌଣସି ସଂଶୋଧନ କରିପାରିବେ ନାହିଁ।

ପ୍ରଶ୍ନ ୧୭. : ଚାଲାନ୍‌ର କ'ଣ ବୈଧ ସମୟସୀମା ରହିଛି?

ଉତ୍ତର : ହଁ। ଚାଲାନ୍ ସୃଷ୍ଟି ହେବା ପରେ ପନ୍ଦରଦିନ ପର୍ଯ୍ୟନ୍ତ ଏହା ବୈଧ ଥାଏ। ତତ୍ପରେ ଏହା ଟିକସ ପଦ୍ଧତିରୁ ଅଲଗା ହୋଇଥାଏ। ତେବେ ଟିକସଦାତା ନିଜ ସୁବିଧା ଲାଗି ଆଉ ଏକ ଚାଲାନ୍ କାଢ଼ିପାରିବେ।

ପ୍ରଶ୍ନ ୧୮. : ସିପିଆଇଏନ୍ କହିଲେ କ'ଣ ବୁଝାଏ?

ଉତ୍ତର : ସିପିଆଇଏନ୍ କହିଲେ କମନ୍ ପୋର୍ଟାଲ୍ ଆଇଡେଣ୍ଟିଫିକେସନ ନମ୍ବର ଚାଲାନ୍ ବାହାର କଲାବେଳେ ଚିହ୍ନିତ ହୁଏ। ଚାଲାନ୍‌କୁ ଚିହ୍ନଟ ପାଇଁ ଏହା ହେଉଛି ୧୪ଟି ଅଙ୍କ ବିଶିଷ୍ଟ ଏକକ ସଂଖ୍ୟା। ତେବେ ସିପିଆଏନ୍ ପନ୍ଦର ଦିନ ପର୍ଯ୍ୟନ୍ତ ବୈଧ ରହେ।

ପ୍ରଶ୍ନ ୧୯. : ସିଆଇଏନ୍ କ'ଣ ଓ ଏହାର କି ପ୍ରାସଙ୍ଗିକତା ରହିଛି?

ଉତ୍ତର : ସିଆଇଏନ୍ ହେଉଛି ଚାଲାନ୍ ଚିହ୍ନିତ ସଂଖ୍ୟା। ଏହା ହେଉଛି ୧୭ଟି ଅଙ୍କ ବିଶିଷ୍ଟ ଏକକ ସଂଖ୍ୟା। ସିପିଆଇଏନ୍ ୧୪ ଅଙ୍କ ଓ ବ୍ୟାଙ୍କ କୋଡ୍ ୩ ଅଙ୍କ ବିଶିଷ୍ଟ। ପ୍ରାଧିକୃତ ବ୍ୟାଙ୍କ ବା ରିଜର୍ଭ ବ୍ୟାଙ୍କ ଯାଉଣା ଗ୍ରହଣ କଲେ ସିଆଇଏନ୍ କାଢ଼ନ୍ତି। ଏହାକୁ ସଂପୃକ୍ତ ସରକାରଙ୍କ ଏକାଉଣ୍ଟରେ ଜମା କରନ୍ତି। ସିଆଇଏନ୍ ହେଉଛି ଏକ ସୂଚକ, ଯାହା ହିଁ ପାଉଣା ବା ଦେୟ ଗ୍ରହଣ ଓ ଯଥାପଯୁକ୍ତ ସରକାରୀ ଏକାଉଣ୍ଟରେ ଜମା ରଖିବାକୁ ବୁଝାଏ। ପ୍ରାଧିକୃତ ବ୍ୟାଙ୍କ ପକ୍ଷରୁ ଟିକସଦାତା ଓ ଜିଏସ୍‌ଟିଏନ୍‌କୁ ସିଆଇଏନ୍ ସମ୍ପର୍କରେ ଅବଗତ କରାଯାଇଥାଏ।

ପ୍ରଶ୍ନ ୨୦. : ଟିକସଦେୟ ଭରଣା ଲାଗି ଏମିତି କିଛି ଧାରା ଅଛି କି ଯେଉଁଭଳି ଗତ ମାସଗୁଡ଼ିକର ଦେୟ ପ୍ରଦାନ ଲାଗି ଟିକସଦାତା ଦାୟୀ ରହିବେ ?

ଉତ୍ତର : ଅନୁଚ୍ଛେଦ ୩୫ (୮) ଅନୁଯାୟୀ ଦେୟ ଭରଣା ଲାଗି ଏମିତି ନିୟମ କରାଯାଇଛି ଯେ ଚଳିତ ରିଟର୍ଣ୍ଣ ପିରିୟଡ୍ ପରେ ମଧ୍ୟ ଟିକସଦାତାଙ୍କୁ ଟିକସ ଦେୟ ପାଇଁ ଉତ୍ତରଦାୟିତ୍ୱ ମୁଣ୍ଡାଇବାକୁ ପଡ଼ିବ। ଏଭଳି ସ୍ଥିତିରେ ଦେୟ ଭରଣା କ୍ରମ ନିମ୍ନଲିଖିତ ମତେ ହେବା ବିଧେୟ। ପ୍ରଥମେ ସ୍ୱୟଂଆକଳନଯୁକ୍ତ ଟିକସ ଓ ପୂର୍ବ ପିରିୟଡର ସୁଧ, ପରେ ସ୍ୱୟଂଆକଳନଯୁକ୍ତ ଟିକସ ଓ ଚଳିତ ପିରିୟଡର ସୁଧ ଭରଣା କରାଯିବ। ତତ୍ପରେ ଅନୁଚ୍ଛେଦ-୫୧ ଅନୁଯାୟୀ ଯେକୌଣସି ସ୍ୱୀକୃତ ଦାବି ସମେତ ଅନ୍ୟାନ୍ୟ ଦେୟ ଭରଣା କରାଯିବ। ଏହି ଟିକସ ଦେୟ ଭରଣା ଧାରା ଅନିବାର୍ଯ୍ୟ ଭାବେ ଅନୁସରିତ ହେବ।

ପ୍ରଶ୍ନ ୨୧. : ଇ-ଏଫ୍‌ପିବି କ'ଣ ?

ଉତ୍ତର : ଇ-ଏଫ୍‌ପିବିର ପୂର୍ଣ୍ଣ ରୂପ ହେଲା ଇଲେକ୍ଟ୍ରୋନିକ ଫୋକାଲ ପଏଣ୍ଟ ବ୍ରାଞ୍ଚ। ଜିଏସ୍‌ଟି ଦେୟ ସଂଗ୍ରହ ଲାଗି ପ୍ରାଧିକୃତ ବ୍ୟାଙ୍କଗୁଡ଼ିକର ଶାଖା ଇ-ଏଫ୍‌ପିବି ରୂପେ ପରିଚିତ। ନିଜ ଇ-ଏଫ୍‌ପିବି ପାନ୍ ଭାରତର ଦେଣନେଣ ଲାଗି ପ୍ରତ୍ୟେକ ପ୍ରାଧିକୃତ ବ୍ୟାଙ୍କ କେବଳ ଗୋଟିଏ ଶାଖା ମନୋନୀତ କରିବେ। ସବୁ ସରକାରଙ୍କ ପାଇଁ ପ୍ରତ୍ୟେକ ବରିଷ୍ଠ ମୁଖ୍ୟଙ୍କ ଅଧୀନରେ ଇ-ଏଫ୍‌ପିବି ଏକାଉଣ୍ଟ ଖୋଲିପାରିବେ। ମୋଟ ୩୮ଟି ଆକାଉଣ୍ଟ (ସିଜିଏସ୍‌ଟି ଓ ଆଇଜିଏସଟି ପାଇଁ ପ୍ରତ୍ୟେକ ଗୋଟାଏ ଲେଖାଏଁ ଏବଂ ପ୍ରତ୍ୟେକ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ପାଇଁ ଏସ୍‌ଜିଏସ୍‌ଟି ଭାବେ ଗୋଟିଏ ଲେଖାଏଁ) ଖୋଲାଯିବ। ଇ-ଏଫ୍‌ପିବି ଦ୍ୱାରା ଗୃହୀତ ଯେକୌଣସି ଜିଏସ୍‌ଟି ଦେୟ ଇ-ଏଫ୍‌ପିବି ଅଧୀନସ୍ଥ ଯଥାଯୋଗ୍ୟ ଆକାଉଣ୍ଟରେ ଜମା ଦିଆଯିବ।

ପ୍ରଶ୍ନ ୨୨. : ଟିଡିଏସ୍ କ'ଣ ?

ଉତ୍ତର : ଟିଡିଏସ୍‌ର ସମ୍ପୂର୍ଣ୍ଣ ରୂପ ହେଲା ଟ୍ୟାକ୍ସ ଡିଡକ୍ଟେଡ ଆଟ ସୋର୍ସ। ଅନୁଚ୍ଛେଦ ୩୭ ଅନୁଯାୟୀ ଏହି ବ୍ୟବସ୍ଥା ସରକାର, ସରକାରୀ ପ୍ରାଧିକୃତ ସଂସ୍ଥା ତଥା ଅନ୍ୟାନ୍ୟ ବିଜ୍ଞପିତ ସଂସ୍ଥା ଯୋଗାଣକାରୀଙ୍କୁ ୧୦ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ଚୁକ୍ତିଭିତ୍ତିକ ଭରଣା କରିପାରିବେ। ଏଭଳି ଭରଣାବେଳେ ସଂପୃକ୍ତ ସରକାର ଓ ସରକାରୀ ପ୍ରାଧିକୃତ ସଂସ୍ଥା ସମୁଦାୟ ଦେୟଯୋଗ୍ୟ ରାଶିରୁ ୧% ବିଯୁକ୍ତ କରି ଯଥାଯୋଗ୍ୟ ଜିଏସ୍‌ଟି ଏକାଉଣ୍ଟକୁ ହସ୍ତାନ୍ତର କରିପାରିବେ।

ପ୍ରଶ୍ନ ୨୩. : ଯେତେବେଳେ ଯୋଗାଣକାରୀ ତାଙ୍କ ରିଟର୍ଣ୍ଣ ଫାଇଲ୍ କରିବେ, ଟିଡିଏସ୍‌କୁ କେମିତି ଏକାଉଣ୍ଟକୁ ନେବେ

ଉତ୍ତର : ଟିଡିଏସ୍ ଅର୍ଥରାଶି ସଂପୃକ୍ତ ଯୋଗାଣକାରୀଙ୍କ ବୈଦ୍ୟୁତିକ କ୍ୟାସ ଲେଜର୍‌ରେ ପ୍ରଦର୍ଶିତ ହୋଇଥାଏ। ଟିକସ, ସୁଧ, ଫି ଓ ଅନ୍ୟ କୌଣସି ଅର୍ଥରାଶି ଦେବାବେଳେ ଟିଡିଏସ୍ ଅର୍ଥରାଶି ବ୍ୟବହୃତ ହୁଏ।

ପ୍ରଶ୍ନ ୨୪. : ଏଭଳି ଟିଡିଏସ୍ ଅର୍ଥକୁ ଟିଡିଏସ୍ ଉପଭୋକ୍ତା କିଭଳି ଭାବେ ହିସାବ ରଖିପାରିବେ ?

ଉତ୍ତର : ଟିଡିଏସ୍ ଉପଭୋକ୍ତା ନିମ୍ନଲିଖିତ ଉପାୟରେ ଟିଡିଏସ୍ ଅର୍ଥର ହିସାବ ରଖିପାରିବେ–

୧. ଏମ୍‌ଜିଏଲ୍‌ର ତୃତୀୟ ଧାରାର ଉନବିଂଶ ଅନୁଚ୍ଛେଦ ଅନୁଯାୟୀ ଟିଡିଏସ୍ ଉପଭୋକ୍ତା ପଞ୍ଜୀକୃତ ହେବା ବାଧ୍ୟତାମୂଳକ।

୨. ଉପଭୋକ୍ତା ପ୍ରତିମାସର ୧୦ ତାରିଖରେ ସଂଗୃହୀତ ଟିଡିଏସ୍‌କୁ ହସ୍ତାନ୍ତର କରିପାରିବେ। ପରବର୍ତ୍ତୀ ମାସରେ ଟିଡିଏସ୍ ଆଦାୟ କରାଯାଇ ଜିଏସ୍‌ଟିଆର୍ ୭କୁ ଅବଗତ କରାଯିବ।

୩. ଜମା ହୋଇଥିବା ଟିଡିଏସ୍ ଅର୍ଥ ଯୋଗାଣକାରୀଙ୍କ ବୈଦ୍ୟୁତିକ କ୍ୟାସ ଲେଜର୍‌ରେ ଚିହ୍ନିତ କରାଯିବ।

୪. ଟିଡିଏସ୍ କଟାଯିବାର ୫ ଦିନ ମଧ୍ୟରେ ଟିଡିଏସ୍ ଉପଭୋକ୍ତାଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯିବା ଉଚିତ। ଯଦି ଏହା ପାଳନ ନ ହୁଏ, ତାହେଲେ ଅର୍ଥ କାଟିଥିବା ସଂସ୍ଥା ଦୈନିକ ୧୦୦ ଟଙ୍କା ଲେଖାଏଁ ତଥା ସର୍ବୋଚ୍ଚ ୫୦୦୦ ଟଙ୍କା ଫିସ୍ ଉପଭୋକ୍ତାଙ୍କୁ ଦେବେ।

ପ୍ରଶ୍ନ ୨୫. : ସମ୍ବଳରୁ ଟିକସ ସଂଗ୍ରହ (ଟିସିଏସ୍) କ'ଣ ?

ଉତ୍ତର : ଏମ୍‌ଜିଏଲ୍‌ର ୪୩ (ଗ) ଅନୁଚ୍ଛେଦ ଅନୁଯାୟୀ ଏହି ବ୍ୟବସ୍ଥା କେବଳ ଇ-କମର୍ସ ଅପରେଟର୍‌ଙ୍କ ପାଇଁ ପ୍ରଯୁଜ୍ୟ। ପ୍ରତ୍ୟେକ ଇ-କମର୍ସ ଅପରେଟର୍ କିଛି ଶତାଂଶ ଅର୍ଥ ସ୍ଥଗିତ ରଖିପାରିବେ। ଏହି ଶତାଂଶ ଅର୍ଥ ପରିମାଣ ଜିଏସ୍‌ଟି ପରିଷଦର ସୁପାରିଶ କ୍ରମେ ବିଜ୍ଞପିତ ହେବ। ଯୋଗାଣକାରୀଙ୍କୁ ପ୍ରକୃତ ପାଉଣା ଦେବାବେଳେ ଏହି ଅର୍ଥରାଶି ଯୋଗାଣକାରୀଙ୍କ ପାଇଁ ଇ-କମର୍ସ ଅପରେଟର୍‌ଙ୍କ ଦେୟଯୋଗ୍ୟ। ଏହି ସ୍ଥଗିତ ଅର୍ଥ ପରବର୍ତ୍ତୀ ମାସର ୧୦ ତାରିଖରେ ଉପଯୁକ୍ତ ଜିଏସ୍‌ଟି ଏକାଉଣ୍ଟରେ ଇ-କମର୍ସ ଅପରେଟର ଜମା କରିବେ। ଟିସିଏସ୍ ରୂପେ ଜମା ହୋଇଥିବା ରାଶି ଯୋଗାଣକାରୀଙ୍କ ବୈଦ୍ୟୁତିକ କ୍ୟାସ ଲେଜର୍‌ରେ ଚିହ୍ନିତ ହେବ।

ପ୍ରଶ୍ନ ୨୬. : ଜିଏସ୍‌ଟି ଭରଣା ପାଇଁ ଜିଏସ୍‌ଟିଏନ୍ ପୋର୍ଟାଲରେ କ୍ରେଡିଟ୍ କାର୍ଡର ପ୍ରାକ୍-ପଞ୍ଜୀକରଣ ଆବଶ୍ୟକ କି ?

ଉତ୍ତର : ଜିଏସ୍‌ଟିଏନ୍ ସାଧାରଣ ପୋର୍ଟାଲ ଜରିଆରେ ଟିକସଦାତା ଯାହାଙ୍କୁ ଦେୟ ପ୍ରଦାନ ଲାଗି ଇଚ୍ଛା କରିବେ, ସେହି କ୍ଷେତ୍ରରେ କ୍ରେଡିଟ କାର୍ଡ ପ୍ରାକ୍-ପଞ୍ଜୀକରଣ କରିବା ଆବଶ୍ୟକ। କ୍ରେଡିଟ କାର୍ଡ ଯାଞ୍ଚ କରିବା ପାଇଁ କ୍ରେଡିଟ କାର୍ଡ ସେବା ଯୋଗାଣକାରୀଙ୍କ ଠାରୁ ସ୍ୱୀକୃତି ହାସଲ ନିମନ୍ତେ ବ୍ୟାଙ୍କଗୁଡ଼ିକୁ ପଦ୍ଧତିଭୁକ୍ତ କରିବାକୁ ଜିଏସ୍‌ଟିଏନ୍ ପକ୍ଷରୁ ପ୍ରୟାସ କରାଯିବ। ବ୍ୟବସାୟକୁ ସୁରୁଖୁରୁରେ ଚଳାଇବା ଲାଗି କୌଣସି ଆର୍ଥିକ ସୀମା ରଖା ନ ଯାଇ କ୍ରେଡିଟ କାର୍ଡ ଯୋଗେ ଦେୟ ଭରଣା ଲାଗି ଅନୁମତି ଦିଆଯାଇଛି।

# ୮. ବୈଦ୍ୟୁତିକ ବ୍ୟବସାୟ

**ପ୍ରଶ୍ନ-୧ ଇ-କମର୍ସ କ'ଣ ?**

ଉତ୍ତର ଏମ୍.ଜି.ଏଲ୍ ଅନୁଚ୍ଛେଦ ୪୩ ଖ(ଘ) ଅନୁଯାୟୀ ବୈଦ୍ୟୁତିକ ନେଟ୍‌ୱାର୍କ ମୁଖ୍ୟତଃ ଇଣ୍ଟରନେଟ୍ ମାଧ୍ୟମରେ ବସ୍ତୁ ଓ ସେବା ଯୋଗାଣ ଓ ଗ୍ରହଣ ତଥା ପାଣ୍ଠି ଓ ତଥ୍ୟ ପ୍ରେରଣ ବ୍ୟବସ୍ଥାକୁ ବୈଦ୍ୟୁତିକ ବ୍ୟବସାୟ (ବିଦ୍ୟୁତ୍‌ଚାଳିତ ପ୍ରଯୁକ୍ତି ଜ୍ଞାନ ବ୍ୟବହୃତ ବ୍ୟବସାୟ ବା ଇଲେକ୍‌ଟ୍ରୋନିକ୍ସ କମର୍ସ କୁହାଯାଏ । ଇ-କମର୍ସର ସବୁ ସ୍ତର ଇଣ୍ଟରନେଟ୍ ଉପରେ ନିର୍ଭରଶୀଳ । ଇ-ମେଲ୍, ଇନ୍‌ଷ୍ଟାଣ୍ଟ ମାସେଜିଙ୍ଗ୍, ସପିଙ୍ଗ୍ କାର୍ଟସ୍, ୱେବ୍ ସର୍ଭିସେସ୍, ୟୁନିଭର୍ସାଲ୍ ଡେସ୍କ୍ରିପସନ୍ ଡିସକଭରି ଆଣ୍ଡ ଇଣ୍ଟେଗ୍ରେସନ୍ (ୟୁ.ଡି.ଡି.ଆଇ) ଫାଇଲ୍‌ଏ ଟ୍ରାନ୍ସ'ର ପ୍ରଟୋକଲ୍ (ଏଫ୍.ଟି.ପି) ଓ ଇଲେକ୍‌ଟ୍ରୋନିକ୍ ଡାଟା ଇଣ୍ଟର ଚେଞ୍ଜ(ଇ.ଡ଼ି.ଆଇ) ଖାଲି ଯେ ଇଣ୍ଟରନେଟ୍ ମାଧ୍ୟମରେ ସଂପନ୍ନ ହୁଏ ତାହା ନୁହେଁ । ଅନ୍‌ଲାଇନ୍‌ରେ ଦେୟ ପଏଠ ହୋଇଛି କି ନାହିଁ ଓ ବସ୍ତୁ ଓ ସେବାର ଚୂଡ଼ାନ୍ତ ଅର୍ପଣ ହୋଇଛି କି ନାହିଁ ତାହା ମଧ୍ୟ ଅପରେଟର୍ ଦ୍ୱାରା ପରିଚାଳିତ ହୁଏ ।

**ପ୍ରଶ୍ନ-୨ କିଏ ଇ-କମର୍ସ ଅପରେଟର୍ ?**

ଉତ୍ତର ଏମ୍.ଜି.ଏଲ୍ ଅନୁଚ୍ଛେଦ ୪୩ (ଙ) ବର୍ଣ୍ଣିତ ଅଛି ଯେ, ଯେ କୌଣସି ବସ୍ତୁ ଓ ସେବା ଯୋଗାଣ ପ୍ରକ୍ରିୟାକୁ ସହାୟତା ଯୋଗାଉଥିବା ବୈଦ୍ୟୁତିକ ବ୍ୟବସ୍ଥାର ସ୍ୱତ୍ୱ, ସଞ୍ଚାଳନ ଓ ପରିଚାଳନ ପ୍ରତ୍ୟକ୍ଷ ବା ପରୋକ୍ଷ ଭାବେ କରୁଥିବା ବ୍ୟକ୍ତିଙ୍କୁ ଇଲେକ୍‌ଟ୍ରୋନିକ କମର୍ସ ଅପରେଟର୍ ବା ଇ-କମର୍ସ ଅପରେଟର କୁହାଯାଏ । ଯେଉଁ ବ୍ୟକ୍ତି ବୈଦ୍ୟୁତିକ ବ୍ୟବସ୍ଥା ମାଧ୍ୟମରେ ବସ୍ତୁ ଓ ସେବା ଯୋଗାଣ ସଂପର୍କିତ ତଥ୍ୟ ବା ସେବା ଘଟଣାକ୍ରମେ ବା ସଂଯୋଗବଶତଃ ହେଉ ପ୍ରଦାନ କରନ୍ତି ତାଙ୍କୁ ଅପରେଟର (ସଞ୍ଚାଳକ) କୁହାଯାଏ । ଉଦାହରଣ ସ୍ୱରୂପ : ଆମାଜନ୍ ଓ ଫ୍ଲିପ୍ କାର୍ଟ ହେଉଛନ୍ତି ଇ-କମର୍ସ ଅପରେଟର । କାରଣ ସେମାନେ ନିଜ ନିଜ ବ୍ୟବସ୍ଥା ମାଧ୍ୟମରେ ବସ୍ତୁ ଯୋଗାଣ କରି ବାସ୍ତବ ଯୋଗାଣକାରୀଙ୍କୁ ସହାୟତା କରିଥାନ୍ତି । ଏହା ମାର୍କେଟ ପ୍ଲେସ୍ ମଡ଼େଲ୍ ବା ଫୁଲ୍‌ଫିଲ୍‌ମେଣ୍ଟ ମଡ଼େଲ୍ ଭାବେ ଲୋକପ୍ରିୟ । ଯଦିଓ ଟାଇଟନ୍ ନିଜ ୱେବ୍‌ସାଇଟ୍ ମାଧ୍ୟମରେ ଘଣ୍ଟା ଓ ଅଳଙ୍କାର ଯୋଗାଣ କରୁଥିଲେ ହେଁ ବ୍ୟବସ୍ଥାର ଉଦ୍ଦେଶ୍ୟ ଦୃଷ୍ଟିରୁ ଏହା ଇ-କମର୍ସ ଅପରେଟର ଭାବେ ବିବେଚିତ ହେବ ନାହିଁ । ଅନୁରୂପ ଭାବେ ଆମାଜନ୍ ଓ ଫ୍ଲିପ୍ କାର୍ଟଙ୍କୁ ଇ-କମର୍ସ ଅପରେଟର ଭାବେ ଗଣ୍ୟ କରାଯିବ ନାହିଁ । ନିଜ ଏକାଉଣ୍ଟରୁ ଏଭଳି ଯୋଗାଣ (ଯାହାକି ଇନ୍‌ଭେଟୋରୀ ମଡ଼େଲ୍ ଭାବେ ଲୋକପ୍ରିୟ) କରୁଥିବାରୁ ସେମାନେ ଇ-କମର୍ସ ଅପରେଟର ଭାବେ ପଦବାଚ୍ୟ ହେବେ ନାହିଁ ।

**ପ୍ରଶ୍ନ-୩ ଇ-କମର୍ସ ଅପରେଟର ପଞ୍ଜୀକୃତ ହେବା ଅନିବାର୍ଯ୍ୟ କି ?**

ଉତ୍ତର ହଁ । ଏମ୍.ଜି.ଏଲ୍ ର ତୃତୀୟ ଧାରାର ଅନୁଚ୍ଛେଦ – ୧ ୯ ଆର୍/ ଡବ୍ଲ୍ୟୁ ଦର୍ଶାଯାଇଛି ଯେ, ଇ-କମର୍ସ ଅପରେଟରଙ୍କ ପ୍ରତି ସର୍ବନିମ୍ନ ଛାଡ଼ ସୀମା ଲାଗୁ ହେବ ନାହିଁ । ସେମାନଙ୍କ ଦ୍ୱାରା ସଞ୍ଚାଳିତ ଯୋଗାଣ ମୂଲ୍ୟ ଯାହାଥାଉ ନା କାହିଁକି, ସେମାନେ ପଞ୍ଜୀକୃତ ହେବାକୁ ଯୋଗ୍ୟ ।

**ପ୍ରଶ୍ନ-୪ ଇ-କମର୍ସ ଅପରେଟରଙ୍କ ଜରିଆରେ ବସ୍ତୁ ଓ ସେବା ଯୋଗାଣକାରୀ କ'ଣ ସର୍ବନିମ୍ନ ଛାଡ଼ ସୀମା ସୁବିଧା ପାଇପାରିବେ ?**

ଉତ୍ତର ନାଁ । ଏମଜିଏଲର ତୃତୀୟ ଧାରା ଅନୁଚ୍ଛେଦ-୧ ୯ ଆର/ଡବ୍ଲ୍ୟୁ ଦର୍ଶାଇଛି ଯେ, ଏଭଳି ଯୋଗାଣକାରୀ ସର୍ବନିମ୍ନ ଛାଡ଼ସୀମା ସୁବିଧା ପାଇପାରିବେ ନାହିଁ । ସେମାନଙ୍କ ଦ୍ୱାରା ସଞ୍ଚାଳିତ ଯୋଗାଣ ମୂଲ୍ୟ ଯାହା ଥାଉନା କାହିଁକି, ସେମାନେ ପଞ୍ଜୀକୃତ ହେବାକୁ ଯୋଗ୍ୟ ।

**ପ୍ରଶ୍ନ-୫ ଏକତ୍ର ଅଂଶଧାରୀ (ଏଗ୍ରିଗେଟର) କିଏ ?**

ଉତ୍ତର ଏମ୍‌କିଏଲ୍‌ର ଅନୁଛେଦ ୪୩ ଖ (କ)ରେ ବର୍ଣ୍ଣିତ ଅଛି ଯେ ଯେଉଁ ବ୍ୟକ୍ତି ବୈଦ୍ୟୁତିକ ସ୍ୱତ୍ୱ ଓ ପରିଚାଳନା କରେ, ନିଜର ଏବଂ ପ୍ରୟୋଗ ଓ ଯୋଗାଯୋଗ ଯନ୍ତ୍ର ସାହାଯ୍ୟରେ ଜଣେ ଗୁରୁତ୍ୱପୂର୍ଣ୍ଣ ଗ୍ରାହକଙ୍କୁ ବ୍ରାଣ୍ଡ ନେମ୍ ବା ଟ୍ରେଡ ନେମ ଖ୍ୟାତି ଥିବା ଏକ ନିର୍ଦ୍ଦିଷ୍ଟ ନାମୀ କମ୍ପାନୀର ସେବା ଉପଲବ୍ଧ ଲାଗି ସଂଯୁକ୍ତ କରେ ତାଙ୍କୁ ହିଁ ସମାହାର କର୍ତ୍ତା ବା ଏଗ୍ରିଗେଟର କୁହାଯାଏ । ଉଦାହରଣସ୍ୱରୂପ, ଓଲା ଭଡ଼ା କାର କମ୍ପାନୀ ଜଣେ ଏଗ୍ରିଗେଟର ।

**ପ୍ରଶ୍ନ-୬ ଏଗ୍ରିଗେଟର କ'ଣ ଜିଏସ୍‌ଟି ଅଧୀନରେ ପଞ୍ଜୀକୃତ ହେବା ଆବଶ୍ୟକ କି ?**

ଉତ୍ତର ହଁ । ଏମ୍‌ଜିଏଲ୍‌ର ତୃତୀୟ ଧାରା ଅନୁଛେଦ ୧ ୯ ଆର୍/ଡବ୍ଲ୍ୟୁ ଅନୁଯାୟୀ ଏଗ୍ରିଗେଟରମାନଙ୍କ ପାଇଁ ସର୍ବନିମ୍ନ ଛାଡ଼ ସୀମା ଲାଗୁ ହେବ ନାହିଁ । ସେମାନଙ୍କ ଦ୍ୱାରା ସଞ୍ଚାଳିତ ଯୋଗାଣ ମୂଲ୍ୟ ଯାହା ଥାଉନା କାହିଁକି, ସେମାନେ ପଞ୍ଜୀକୃତ ହେବାକୁ ଯୋଗ୍ୟ ।

**ପ୍ରଶ୍ନ-୭ ସୟଳରୁ ଟିକସ ସଂଗ୍ରହ (ଟିସିଏସ୍) କହିଲେ କ'ଣ ବୁଝାଏ ?**

ଉତ୍ତର ଏମ୍‌କିଏଲ୍‌ର ଅନୁଛେଦ ୪୩ ଗ ( ୧ ) ଅନୁଯାୟୀ, ଇ-କମର୍ସ ଅପରେଟର ତାଙ୍କ ଦ୍ୱାରା ସଞ୍ଚାଳିତ ହୋଇଥିବା ବସ୍ତୁ ଓ ସେବା ଯୋଗାଣ ଦୃଷ୍ଟିରୁ ପ୍ରକୃତ ଯୋଗାଣକାରୀଙ୍କୁ ଦେୟଯୋଗ୍ୟ ବା ପଇଠ ହୋଇଥିବା କିଛି ରାଶି ବିନା ବିଚାରରେ ସଂଗ୍ରହ (କାଟିବା) କରନ୍ତି । ଯେଉଁ ରାଶି ସଂଗୃହୀତ/ବିଯୁକ୍ତ ହୋଇଥାଏ, ତାହାକୁ ସମ୍ବଳରୁ ଟିକସ ସଂଗ୍ରହ (ଟିସିଏସ୍) କୁହାଯାଏ ।

**ପ୍ରଶ୍ନ-୮ କେଉଁ ସମୟରେ ବା କେଉଁ ମଧ୍ୟାନ୍ତରରେ ଇ-କମର୍ସ ଅପରେଟର ଏଭଳି ରାଶି କାଟିପାରିବେ ?**

ଉତ୍ତର ଏଭଳି ରାଶି ସଂଗ୍ରହ/ବିୟୋଗର ସମୟ ହେଉଛି ନିମ୍ନଲିଖିତ ଦୁଇଟି ଘଟଣା ଯାହା ଆଗରୁ ଘଟିଥିବ-

୧. ବସ୍ତୁ ଓ ସେବା ଯୋଗାଣ ପ୍ରକୃତ ଯୋଗାଣକାରୀଙ୍କ ଏକାଉଣ୍ଟରେ କିଛି ରାଶି ଅନ୍ତର୍ଭୁକ୍ତ ହେବାର ସମୟ

୨. ଏଭଳି ଯୋଗଣକାରୀଙ୍କୁ ନଗଦ ଅର୍ଥ ହେଉ ବା ଅନ୍ୟ କିଛି ପଦ୍ଧତିରେ ହେଉ କିଛି ରାଶି ପାଉଣା ଆକାରରେ ପ୍ରଦାନ ବେଳେ

**ପ୍ରଶ୍ନ-୯ ଇ-କମର୍ସ ଅପରେଟରଙ୍କ ଦ୍ୱାରା ସରକାରୀ ଏକାଉଣ୍ଟକୁ ଟିସିଏସ୍ ଅର୍ଥ ହସ୍ତାନ୍ତର ହେବାର ସମୟସୀମା କେତେ ? ଏହି ଉଦ୍ଦେଶ୍ୟରେ ଅପରେଟର ରିଟର୍ଣ୍ଣ ଫାଇଲ୍ କରିବା ଆବଶ୍ୟକ କି ?**

ଉତ୍ତର ଏମ୍‌ଜିଏଲ୍‌ର ୪୩ ଗ(୩) ଅନୁଛେଦ ଅନୁଯାୟୀ, ଅପରେଟରଙ୍କ ଦ୍ୱାରା ସଂଗୃହୀତ ରାଶି ମାସ ଶେଷର ୧୦ ଦିନ ପରେ ଉପଯୁକ୍ତ ସରକାରଙ୍କ ବ୍ୟାଙ୍କ ଜମାରେ ପଇଠ କରିବେ । ଅଧିକନ୍ତୁ ଏମ୍‌କିଏଲ୍‌ର ୪୩ ଗ(୪) ଅନୁଚ୍ଛେଦ ଅନୁଯାୟୀ ଅପରେଟର ତାଙ୍କ ପୋର୍ଟାଲ ଜରିଆରେ ବାହ୍ୟ ଯୋଗାଣ ପାଇଁ ସଂଗୃହୀତ ସମସ୍ତ ରାଶି ସମ୍ବଳିତ ବିବରଣୀ ଥାଇ ଇଲୋକ୍ଟ୍ରୋନିକ ପଦ୍ଧତିରେ ଏକ ସୂଚନା ଫାଇଲ୍ କରିବେ । ଏହି ସୂଚନା କ୍ୟାଲେଣ୍ଡର ମାସ ଶେଷର ୧୦ ଦିନ ମଧ୍ୟରେ ଫାଇଲ୍ କରିବେ । ଏହି ସୂଚନାରେ ପ୍ରକୃତ ଯୋଗାଣକାରୀଙ୍କ ନାମ, ତାଙ୍କ ଦ୍ୱାରା ହୋଇଥିବା ବିଭିନ୍ନ ଯୋଗାଣ ବିରଣୀ ଓ ସେମାନଙ୍କ ଦ୍ୱାରା ସଂଗୃହୀତ ରାଶି ବର୍ଣ୍ଣିତ ହେବ । ଜିଏସ୍‌ଟି ନିୟମରେ ଏହି ସୂଚନା (ଷ୍ଟେଟମେଣ୍ଟ)ର ଢାଞ୍ଚା (ଫର୍ମ) ଓ ପଦ୍ଧତି ଉଲ୍ଲେଖ କରାଯାଇଛି ।

**ପ୍ରଶ୍ନ-୧୦ ପ୍ରକୃତ ଯୋଗାଣକାରୀ ଟିସିଏସ୍‌ର ଜମାରାଶିକୁ କିଭଳି ଦାବି କରିପାରିବେ ?**

ଉତ୍ତର ଅପରେଟରଙ୍କ ଦ୍ୱାରା ଫାଇଲ୍ ହୋଇଥିବା ସୂଚନା ଭିତ୍ତିରେ ପ୍ରକୃତ ପଞ୍ଜୀକୃତ ଯୋଗାଣକାରୀଙ୍କ (ଯାହାଙ୍କ ଏକାଉଣ୍ଟରୁ ଟିସିଏସ୍ ସଂଗୃହୀତ ହୋଇଛି) କ୍ୟାସ ଲେଜର୍‌ରେ ସରକାରୀ ଏକାଉଣ୍ଟରେ ଜମା ଅର୍ଥ ପ୍ରଦର୍ଶିତ ହେବ । ଅପରେଟର ଯୋଗାଣକାରୀଙ୍କ ଟିସିଏସ୍‌କୁ ସରକାରୀ ଏକାଉଣ୍ଟରେ ଜମା କରିଥାନ୍ତି । ଠିକ୍ ସେହିପରି ପ୍ରକୃତ ଯୋଗାଣକାରୀଙ୍କ ଦ୍ୱାରା ହୋଇଥିବା ଯୋଗାଣ ଦୃଷ୍ଟିରୁ ଟିକସ ଦେୟ ପରିଶୋଧବେଳେ ମଧ୍ୟ ଉପରୋକ୍ତ ପ୍ରଣାଳୀ ବ୍ୟବହୃତ ହୋଇଥାଏ ।

**ପ୍ରଶ୍ନ-୧୧ ଇ-କମର୍ସ ଅପରେଟର ସରକାରଙ୍କୁ ତଥ୍ୟ ପ୍ରଦାନ କରିବା ଆବଶ୍ୟକ କି ?**

ଉତ୍ତର ହଁ । ଅନୁଚ୍ଛେଦ ୪୩ ଗ(୧୦) ଅନୁଯାୟୀ, ଯୁଗ୍ମ ଆୟୁକ୍ତ ପାହ୍ୟାର ଜଣେ ଅଧିକାରୀ ଅପରେଟରଙ୍କ ନିମ୍ନଲିଖିତ ବିବରଣୀ ଲୋଡ଼ିପାରନ୍ତି-

୧. ଯେକୌଣସି ସମୟରେ ଅପରେଟରଙ୍କ ଜରିଆରେ ହୋଇଥିବା ବସ୍ତୁ ଓ ସେବା ଯୋଗାଣ ତଥ୍ୟ

୨. ଅପରେଟରଙ୍କ ଥିବା ଗୋଦାମ ଘର ବା ପଣ୍ୟାଗାରରେ ତାଙ୍କ ଜରିଆରେ ପ୍ରକୃତ ଯୋଗାଣକାରୀଙ୍କ ଦ୍ୱାରା ଯୋଗାଣ ହୋଇଥିବା ବସ୍ତୁର ଷ୍ଟକର ତଥ୍ୟ । ତେବେ ଅପରେଟରଙ୍କ ଏହି ଗୋଦାମ ଘର ବା ପଣ୍ୟାଗାର ପ୍ରକୃତ ଯୋଗାଣକାରୀଙ୍କ ଦ୍ୱାରା ଅତିରିକ୍ତ ବ୍ୟବସାୟସ୍ଥଳ ବୋଲି ପଞ୍ଜୀକୃତ ହୋଇଥିବ ।

ନୋଟିସ ଜାରି ହେବାର ୫ ଦିନ ମଧ୍ୟରେ (ଛୁଟିଦିନକୁ ଛାଡ଼ି) ଅପରେଟର ଉପରୋକ୍ତ ତଥ୍ୟ ପ୍ରଦାନ କରିବେ । ଯଦି ଅପରେଟର ଏଭଳି ତଥ୍ୟ ଦେବାରେ ବିଫଳ ହୁଅନ୍ତି, ତା'ହେଲେ ତାଙ୍କ ଉପରେ ୨୫ ହଜାର ଟଙ୍କା ପର୍ଯ୍ୟନ୍ତ ଅର୍ଥଦଣ୍ଡ ଲାଗୁ ହୋଇପାରେ ।

**ପ୍ରଶ୍ନ-୧୨ ଇ-କମର୍ସ ଅପରେଟର କୌଣସି ଜମାନବନ୍ଦୀ (ଷ୍ଟେଟମେଣ୍ଟ) ଦାଖଲ କରିବା ଆବଶ୍ୟକ କି ? ଜମାନବନ୍ଦୀରେ କେଉଁ ପ୍ରକାର ବିବରଣୀ ଦାଖଲ କରାଯିବ ?**

ଉତ୍ତର ହଁ । ଅନୁଚ୍ଛେଦ ୪୩ ଗ (୪) ଅନୁଯାୟୀ, ପ୍ରତ୍ୟେକ ଅପରେଟର ବୈଦ୍ୟୁତିକ ବ୍ୟବସ୍ଥା ଜରିଆରେ ଏକ ଜମାନବନ୍ଦୀ ଦାଖଲ କରିବେ । ଗୋଟିଏ କ୍ୟାଲେଣ୍ଡର ମାସ ଶେଷ ହେବାର ୧୦ ଦିନ ମଧ୍ୟରେ ମାସକ ମଧ୍ୟରେ ବସ୍ତୁ ଓ ସେବାର ବାହ୍ୟ ଯୋଗାଣରୁ ସଂଗୃହୀତ ସମସ୍ତ ଅର୍ଥରାଶି ଟିସିଏସ୍ ଆକାରରେ ସଂଗୃହୀତ ହେବ । ଏ ପ୍ରସଙ୍ଗ ଜମାନବନ୍ଦୀରେ ଉଲ୍ଲେଖ ରହିବ । ଜମାନବନ୍ଦୀରେ ମଧ ଅପରେଟର ଜରିଆରେ ହୋଇଥିବା ବସ୍ତୁ ଓ ସେବାର ସମସ୍ତ ଯୋଗାଣ ଦୃଷ୍ଟିରୁ ପ୍ରତ୍ୟେକ ଯୋଗାଣକାରୀଙ୍କ ଠାରୁ ସଂଗୃହୀତ ଅର୍ଥରାଶିର ବିବରଣୀ ତଥା ଏକ କ୍ୟାଲେଣ୍ଡର ମାସ ମଧ୍ୟରେ ହୋଇଥିବା ଏଭଳି ଯୋଗାଣର ବିବରଣୀ ଅନ୍ତର୍ଭୁକ୍ତ ହେବ ।

**ପ୍ରଶ୍ନ-୧୩ ଇ-କମର୍ସ ବ୍ୟବସ୍ଥାରେ ସମାନ ପ୍ରକ୍ରିୟା ସମ୍ପର୍କରେ ଧାରଣା କ'ଣ ? ଏହା କିଭଳି ଭାବେ କାର୍ଯ୍ୟ କରେ ?**

ଉତ୍ତର ଅନୁଚ୍ଛେଦ ୪୩ ଗ (୬) ଅନୁଯାୟୀ ଯୋଗାଣ ତଥା ଏକ କ୍ୟାଲେଣ୍ଡର ମାସ ମଧ୍ୟରେ ସଂଗୃହୀତ ଅର୍ଥରାଶିର ବିବରଣୀକୁ ପ୍ରତ୍ୟେକ ଅପରେଟର ତାଙ୍କ ଜମାନବନ୍ଦୀରେ ଦର୍ଶାଇବେ । ପରେ ଅନୁଚ୍ଛେଦ-୨୭ ଅନୁଯାୟୀ ସମାନ କ୍ୟାଲେଣ୍ଡର ମାସ ବା ଏହା ପୂର୍ବବର୍ତ୍ତୀ ମାସରେ ସଂପୃକ୍ତ ଯୋଗାଣକାରୀଙ୍କ ଦାଖଲ ହୋଇଥିବା ବୈଧ ରିଟର୍ଣ୍ଣରେ ବାହ୍ୟ ଯୋଗାଣ ବିବରଣୀକୁ ଅପରେଟରଙ୍କ ଜମାନବନ୍ଦୀ ସହ ମିଳାଯିବ । ଅପରେଟର ତାଙ୍କ ଜମାନବନ୍ଦୀରେ ବାହ୍ୟ ଯୋଗାଣର ବିବରଣୀ ତଥା କେଉଁଠାରୁ ଟିକସ ସଂଗୃହୀତ ହୋଇଛି, ସେ ସମ୍ପର୍କରେ ଘୋଷଣା କରିବେ । ତେବେ ଯୋଗାଣକାରୀଙ୍କ ଦ୍ୱାରା ଘୋଷିତ ହୋଇ ପ୍ରେରିତ ବିବରଣୀ ସହ ଅପରେଟରଙ୍କ ଜମାନବନ୍ଦୀକୁ ମିଳାଯିବ ନାହିଁ । ତେବେ ଦୁହିଁଙ୍କ କ୍ଷେତ୍ରରେ ଥିବା ଅର୍ଥ ଅସଙ୍ଗତିକୁ ଉଭୟଙ୍କୁ ଅବଗତ କରାଯିବ ।

**ପ୍ରଶ୍ନ-୧୪ ଯଦି ବିଭିନ୍ନ ବିବରଣୀ ଅମେଳ ହୁଏ, ତା'ହେଲେ କ'ଣ କରାଯିବ ?**

ଉତ୍ତର ଅନୁଚ୍ଛେଦ ୪୩ ଗ (୮) ଅନୁଯାୟୀ, ଦେୟ ଭରଣାବେଳେ ଯୋଗାଣ ମୂଲ୍ୟରେ କୌଣସି ଅସଙ୍ଗତି ପରିଦୃଷ୍ଟ ହେଲେ ଓ ଯୋଗାଣକାରୀ ମାସିକ ବୈଧ ରିଟର୍ଣ୍ଣବେଳେ ସଂଶୋଧନ ନ କରେ, ତା'ହେଲେ ଗୋଟିଏ କ୍ୟାଲେଣ୍ଡର ମାସରେ ଉପରୋକ୍ତ ଯୋଗାଣକାରୀଙ୍କ ଉପରେ ଉତ୍ପାଦନ ଦେୟ ଭରଣା ଦାୟିତ୍ୱ ନ୍ୟସ୍ତ ହୁଏ । ପରବର୍ତ୍ତୀ କ୍ୟାଲେଣ୍ଡର ମାସରେ ଯଦି ଅସଙ୍ଗତି ପରିଦୃଷ୍ଟ ହୁଏ, ସଂପୃକ୍ତ ଯୋଗାଣକାରୀ ଯାହାଙ୍କୁ ଉତ୍ପାଦନ ଦେୟ ଭରଣା ଦାୟିତ୍ୱ ଦିଆଯାଇଛି, ସେହି ଅର୍ଥରାଶିକୁ ଅନ୍ତର୍ଭୁକ୍ତ କରାଯିବ । ତେବେ ସଂପୃକ୍ତ ଯୋଗାଣକାରୀ ଏଭଳି ଯୋଗାଣ ପାଇଁ ସୁଧ ସହ ଦେୟଯୋଗ୍ୟ ଟିକସ ଭରସା କରିବେ । ଅନୁଚ୍ଛେଦ-୩୬ର ଉପ-ଅନୁଚ୍ଛେଦ (୧) ଅନୁଯାୟୀ ଏଭଳି କ୍ଷେତ୍ରରେ ଅର୍ଥରାଶି ଉପରେ ଲାଗୁ ହେବାକୁ ଥିବା ଟିକସ ହାର ବର୍ଣ୍ଣିତ ହୋଇଛି । ଦେୟ ପ୍ରଦାନର ତାରିଖ ପର୍ଯ୍ୟନ୍ତ ଏଭଳି ଟିକସ ଦେୟଯୋଗ୍ୟ, ଯେଉଁ ଦିନ ଠାରୁ ଅର୍ଥରାଶି ଏଭଳି ଟିକସ ସହ ସଂଯୁକ୍ତ ହୋଇଛି ।

# ୯. ନିଯୁକ୍ତିଭିତ୍ତିକ କାର୍ଯ୍ୟ ବା ଜବ୍ ୱାର୍କ

**ପ୍ରଶ୍ନ-୧** ନିଯୁକ୍ତି ଭିତ୍ତିକ କାର୍ଯ୍ୟ କ'ଣ ?

**ଉତ୍ତର** ଏମ୍.ଜି.ଏଲ୍ ଅନୁଚ୍ଛେଦ ୨(୬୨)ରେ ବର୍ଣ୍ଣିତ ଅଛି ଯେ, ଜଣେ ପଞ୍ଜୀକୃତ ଦେୟ ଯୋଗ୍ୟ ଯୋଗାଣକାରୀଙ୍କ ଥିବା ଦ୍ରବ୍ୟକୁ ଜଣେ ବ୍ୟକ୍ତି ଗ୍ରହଣ କରି ଉପଯୁକ୍ତ ବ୍ୟବହାର ସହ ଦାୟିତ୍ୱ ସମ୍ପାଦନ କରିବାକୁ "ଜବ୍ ୱାର୍କ" କୁହାଯାଏ । ସାମୟିକ ଭାବେ ନିଯୁକ୍ତି ପାଇ ସ୍ୱତନ୍ତ୍ର କାର୍ଯ୍ୟ ସଂପୂର୍ଣ୍ଣ ପର୍ଯ୍ୟନ୍ତ ଦାୟିତ୍ୱ ତୁଲାଉଥିବା ବ୍ୟକ୍ତିଙ୍କୁ "ଜବ୍ ୱାର୍କର" ଭାବେ ପରିଗଣିତ ।

୧୯୮୬, ମାର୍ଚ୍ଚ ୨୩ରେ ଜାରି ବିଜ୍ଞପ୍ତି ନଂ ୨୧୪/୮୬ (ସିଇ) ସଂଶୋଧିତ କରାଯାଇ "ଜବ୍ ୱାର୍କ"ର ସଂଜ୍ଞାକୁ ଆହୁରି ବ୍ୟାପକ ଭାବେ ନିରୂପଣ କରାଯାଇଛି । ଜବ୍ ୱାର୍କରଙ୍କ କାର୍ଯ୍ୟ ସଂପାଦନ କେବଳ ନିର୍ମାଣ କ୍ଷେତ୍ରରେ ସଂପୃକ୍ତ ଲାଗି ଏହି ସଂଶୋଧନ ଅଣାଯାଇଛି । ପ୍ରସ୍ତାବିତ ଜି.ଏସ୍.ଟି. ବ୍ୟବସ୍ଥାରେ ଜବ୍ ୱାର୍କ ସଂପର୍କରେ ମୌଳିକ ଟିକସ ପଦ୍ଧତି ନେଇ ପରିବର୍ତ୍ତନ ଅଣାଯାଇଛି ।

**ପ୍ରଶ୍ନ-୨** **ଜଣେ ଟିକସଯୋଗ୍ୟ ବ୍ୟକ୍ତି ଜବ୍ ୱାର୍କରଙ୍କ ନିକଟକୁ ଦ୍ରବ୍ୟ ପଠାଇଲେ, ଏହା ଯୋଗାଣ ବୋଲି ଧରାଯାଇ ଜିଏସ୍‌ଟି ଦେୟଯୋଗ୍ୟ ହେବ କି ? କାହିଁକି ?**

**ଉତ୍ତର** ନାଁ । ଏହା ଯୋଗାଣ ବୋଲି ବିବେଚିତ ହେବ ନାହିଁ । ଏମ୍.ଜି.ଏଲ୍‌ର ପ୍ରଥମ ଅନୁଚ୍ଛେଦର ପଞ୍ଚମ ପାରାଗ୍ରାଫ୍ ଅନୁଯାୟୀ ଜଣେ ପଞ୍ଜିକୃତ ଟିକସଯୋଗ୍ୟ ବ୍ୟକ୍ତି ଜବ୍ ୱାର୍କରଙ୍କ ନିକଟକୁ ଦ୍ରବ୍ୟ ଯୋଗାଣ କଲେ ଅନୁଚ୍ଛେଦ ୪୩(କ) ବଳରେ ଏହା ଦ୍ରବ୍ୟ ଯୋଗାଣ ବୋଲି ପରିଗଣିତ ହେବ ନାହିଁ । ତେଣୁ ଏହା ଉପରେ କୌଣସି ଜିଏସ୍‌ଟି ଦେୟ ଲାଗୁ ହେବ ନାହିଁ ।

**ପ୍ରଶ୍ନ-୩** **ଜଣେ ପଞ୍ଜୀକୃତ ଟିକସଦାତା ଟିକସ ଦେୟ ପଏଠ ନ କରି ଜବ୍ ୱାର୍କରଙ୍କ ନିକଟକୁ ଦ୍ରବ୍ୟ ପଠାଇପାରିବ କି ?**

**ଉତ୍ତର** ହଁ । ଏମ୍‌ଜିଏଲ୍‌ର ଅନୁଚ୍ଛେଦ ୪୩(କ) ଅନୁଯାୟୀ ଜଣେ ପଞ୍ଜୀକୃତ ଟିକସ ଦେୟ ଭରଣା ନକରି ସୁଦ୍ଧା ଜବ୍ ୱାର୍କ ପାଇଁ ଜବ୍ ୱାର୍କରଙ୍କ ନିକଟକୁ ଟିକସଯୋଗ୍ୟ ଦ୍ରବ୍ୟ ପଠାଇପାରିବ । ତେବେ ଟିକସଦାତା କେତେକ ନିର୍ଦ୍ଦିଷ୍ଟ ସର୍ତ୍ତ ଅନୁସାରେ ଜଣେ ଜବ୍ ୱାର୍କରଙ୍କ ଠାରୁ ଦ୍ରବ୍ୟ ଅନ୍ୟ ଜଣେ ଜବ୍ ୱାର୍କରଙ୍କ ନିକଟକୁ ପଠାଇପାରିବେ । ଏଠାରେ ଉଲ୍ଲେଖ କରାଯାଇପାରେ ଯେ, ଅନୁଚ୍ଛେଦ ୪୩ (କ)ରେ ଥିବା ବ୍ୟବସ୍ଥା ଅନୁଯାୟୀ ଜବ୍ ୱାର୍କ ଲାଗି ପଠାଯିବାକୁ ଥିବା ଅଣ-ଟିକସଯୁକ୍ତ ଓ କରଛାଡ଼ ହୋଇଥିବା ଦ୍ରବ୍ୟ ଉପରେ ଟିକସ ଲାଗୁ ହେବ ନାହିଁ ।

**ପ୍ରଶ୍ନ-୪** **ଜବ୍ ୱାର୍କେର ପଞ୍ଜୀକୃତ ହେବା ଆବଶ୍ୟକ କି ?**

**ଉତ୍ତର** ହଁ । ଜବ୍ ୱାର୍କର ଜଣେ ସେବା ଯୋଗାଣକାରୀ । ତେବେ ତାଙ୍କର ସାମଗ୍ରିକ କାରବାର ନିର୍ଦ୍ଧାରିତ ସୀମା ଅତିକ୍ରମ କଲେ, ତାଙ୍କ ପଞ୍ଜୀକରଣ ଆବଶ୍ୟକ ।

**ପ୍ରଶ୍ନ-୫** **ଯେତେବେଳେ ଦ୍ରବ୍ୟ ବ୍ୟବସାୟୀ ଜବ୍ ୱାର୍କରଙ୍କ ବ୍ୟବସାୟ ସ୍ଥଳ ପରିସରକୁ ସିଧାସଳଖ ଯୋଗାଣ କରିଛି, ତାହାଲେ ଏହା ଜବ୍ ୱାର୍କରଙ୍କ ସାମଗ୍ରିକ କାରବାରରେ ଅନ୍ତର୍ଭୁକ୍ତ ହେବ କି ?**

**ଉତ୍ତର** ନାଁ । ଏହା ଦ୍ରବ୍ୟ ବ୍ୟବସାୟୀଙ୍କ ସାମଗ୍ରିକ କାରବାରରେ ହିଁ ଅନ୍ତର୍ଭୁକ୍ତ ହେବ ।

**ପ୍ରଶ୍ନ-୬** **ଦ୍ରବ୍ୟ ବ୍ୟବସାୟୀ ତାଙ୍କ ବ୍ୟବସାୟସ୍ଥଳ ପରିସରକୁ ଦ୍ରବ୍ୟ ନ ଆଣି ଜବ୍ ୱାର୍କରଙ୍କ ବାସସ୍ଥାନ ପରିସର ମଧ୍ୟରୁ ସିଧାସଳଖ ଦ୍ରବ୍ୟ ଯୋଗାଣ କରିପାରିବେ କି ?**

ଉତ୍ତର ହଁ । କିନ୍ତୁ ଦ୍ରବ୍ୟ ବ୍ୟବସାୟୀ ଜବ୍ ୱାର୍କରଙ୍କ ପରିସରକୁ ନିଜର ଅତିରିକ୍ତ ବ୍ୟବସାୟସ୍ଥଳ ବୋଲି ଘୋଷଣା କରିବା ଆବଶ୍ୟକ । ଏହି ଅତିରିକ୍ତ ବ୍ୟବସାୟସ୍ଥଳରେ ଜବ୍ ୱାର୍କର ପଞ୍ଜୀକୃତ ହୋଇଥିବେ କିମ୍ବା ଦ୍ରବ୍ୟ ଯୋଗାଣ ପାଇଁ ଏହି ବ୍ୟବସାୟସ୍ଥଳ ବିଜ୍ଞପିତ ହୋଇଥିବ ।

**ପ୍ରଶ୍ନ-୭ କେଉଁ ପରିସ୍ଥିତିରେ ଦ୍ରବ୍ୟ ବ୍ୟବସାୟୀ ଜବ୍ ୱାର୍କରଙ୍କ ବ୍ୟବସାୟସ୍ଥଳ ପରିସରରୁ ସିଧାସଳଖ ଦ୍ରବ୍ୟ ଯୋଗାଣ କରିପାରିବେ ?**

ଉତ୍ତର କେବଳ ଦୁଇଟି ପରିସ୍ଥିତିରେ ଜବ୍ ୱାର୍କରଙ୍କ ବ୍ୟବସାୟ ସ୍ଥଳକୁ ଅତିରିକ୍ତ ବ୍ୟବସାୟ ସ୍ଥଳ ଘୋଷଣା କରାନଯାଇ ସିଧାସଳଖ ଦ୍ରବ୍ୟ ଯୋଗଣ ହୋଇପାରିବ । ଦ୍ୱିତୀୟତଃ ଦ୍ରବ୍ୟ ବ୍ୟବସାୟୀ ତାଙ୍କ ତରଫରୁ ବିଜ୍ଞପିତ କରି ଦ୍ରବ୍ୟ ଯୋଗାଣ କରିପାରିବେ ।

**ପ୍ରଶ୍ନ-୮ ଜବ୍ ୱାର୍କରକୁ ପ୍ରେରିତ ଦ୍ରବ୍ୟର ନିବେଶ ଅର୍ଥ ଓ ମୂଳଧନ ବିଚାରକୁ ନେଲେ ଇନ୍‌ପୁଟ ଟ୍ୟାକ୍ସ କ୍ରେଡ଼ିଟ୍ ଗ୍ରହଣ ଲାଗି କ'ଣ ବ୍ୟବସ୍ଥା ରହିଛି ?**

ଉତ୍ତର ଏମ୍.ଜି.ଏଲ୍ ଅନୁଚ୍ଛେଦ ୧୬ (କ)ରେ ଜବ୍ ୱାର୍କ ଲାଗି ପ୍ରେରିତ ନିବେଶ ଅର୍ଥ ଓ ମୂଳଧନ ଦୃଷ୍ଟିରୁ ଆଇ.ଟି.ସି ଗ୍ରହଣ ବିଷୟ ନିର୍ଦ୍ଦିଷ୍ଟ ଭାବେ ଉଲ୍ଲିଖିତ ରହିଛି । ନିବେଶ ଅର୍ଥ ଓ ମୂଳଧନ ପାଇଁ ବକେୟା ଟିକସ ଦେୟ ପରିଶୋଧ ନିମ୍ନଲିଖିତ ପଦ୍ଧତିରେ କରାଯିବ ।

ଜବ୍ ୱାର୍କରଙ୍କୁ ପ୍ରେରିତ ଇନ୍‌ପୁଟ୍ କ୍ରେଡ଼ିଟ୍ ଦ୍ରବ୍ୟ ବ୍ୟବସାୟୀ ଗ୍ରହଣ କରିବେ । ଏହି ଇନ୍‌ପୁଟ୍ କ୍ରେଡ଼ିଟ୍ ଜବ ୱାର୍କ ଶେଷ ହେବାର ୧୮୦ ଦିନ ମଧ୍ୟରେ ଗ୍ରହଣ କରାଯିବ । (ଇନ୍‌ପୁଟ୍ କ୍ରେଡ଼ିଟ୍ ପଠାଯିବା ତାରିଖ ଠାରୁ ୧୮୦ ଦିନ ମଧ୍ୟରେ) । ତେବେ ଇନ୍‌ପୁଟ ବା ନିବେଶ ଅର୍ଥ ସିଧାସଳଖ ଭାବେ ଜବ୍ ୱାର୍କରକୁ ଦିଆଗଲେ, ଇନ୍‌ପୁଟ୍ ଗ୍ରହଣ ତାରିଖଠାରୁ ସମୟ ଗଣନା କରାଯିବ । ଧାର୍ଯ୍ୟ ସମୟ ମଧ୍ୟରେ ଇନ୍‌ପୁଟ୍ ଗ୍ରହଣ କରାନଗଲେ, ଆଇ.ଟି.ସି ତୁଲ୍ୟ ଅର୍ଥରାଶି ସହ ସୁଧ ମିଶାଇ ଦେୟ ଭରଣା କରାଯିବ । ତେବେ, ଇନ୍‌ପୁଟ୍ ଗ୍ରହଣ କରାଯିବା ପରେ କ୍ରେଡ଼ିଟ୍ ଅର୍ଥ ପାଇବା ପାଇଁ ପୁନର୍ବାର ଦାବୀ କରାଯାଇପାରିବ ।

**ପ୍ରଶ୍ନ-୯ ସବୁ ପ୍ରକାରର ଦ୍ରବ୍ୟ ଲାଗି କ'ଣ ଜବ୍ ୱାର୍କ ବ୍ୟବସ୍ଥା ଲାଗୁ ହେବ ?**

ଉତ୍ତର ନାଁ । ଯେତେବେଳେ ପଞ୍ଜୀକୃତ ଟିକସଯୋଗ୍ୟ ବ୍ୟକ୍ତି ଟିକସଯୁକ୍ତ ଦ୍ରବ୍ୟ ପ୍ରେରଣ କରିବେ, ସେତେବେଳେ ଜବ୍‌ୱାର୍କ ସଂପର୍କିତ ବ୍ୟବସ୍ଥା ଲାଗୁ ହେବ । ଅନ୍ୟପକ୍ଷରେ କହିବାକୁ ଗଲେ, କରଛାଡ଼ କିମ୍ବା ଅଣଟିକସଯୁକ୍ତ ଦ୍ରବ୍ୟ କ୍ଷେତ୍ରରେ କିମ୍ବା ଯୋଗାଣକାରୀ ପଞ୍ଜୀକୃତ ଟିକସଯୋଗ୍ୟ ବ୍ୟକ୍ତି ଛଡ଼ା ଅନ୍ୟ କେହି ହୋଇଥିବେ, ସେ କ୍ଷେତ୍ରରେ ଜବ୍ ୱାର୍କ ସଂପର୍କିତ ବ୍ୟବସ୍ଥା କାର୍ଯ୍ୟକାରୀ ହେବ ନାହିଁ ।

# ୧୦. ନିବେଶ ଟିକସ ଜମାରାଶି
# (INPUT TAX CREDIT)

**ପ୍ରଶ୍ନ-୧ : ନିବେଶ ଟିକସ (INPUT TAX) କ'ଣ ?**

ଉତ୍ତର : MGLର ଅନୁଚ୍ଛେଦ ୨(୫୭) ଓ IGST ଆଇନର ଅନୁଚ୍ଛେଦ-୨ (୧) (ଘ)ରେ ନିବେଶ ଟିକସର ସଂଜ୍ଞା ନିରୂପିତ ହୋଇଛି । ନିବେଶ ଟିକସର ଟିକସଯୋଗ୍ୟ ବ୍ୟକ୍ତିଙ୍କ ସହ ସମ୍ପର୍କ ରହିଛି । ଟିକସଯୋଗ୍ୟ ବ୍ୟକ୍ତି CGST ଆଇନ ଅନୁଯାୟୀ IGST ଓ CGST ଏବଂ SGST ଆଇନ ଅନୁଯାୟୀ IGST ଓ CGST ଟିକସ ଦେୟ ଭରଣା କରିବେ । ଟିକସଦାତା ଯେକୌଣସି ଦ୍ରବ୍ୟ ଓ ସେବା ଯୋଗାଣ ବ୍ୟବହାର କରିବେ ବା ବ୍ୟବହାର ପାଇଁ ଇଚ୍ଛୁକ ତାହା ଉପରେ ଦେୟ ଦେବେ । ଅନୁଚ୍ଛେଦ-୭ର ଉପଅନୁଚ୍ଛେଦ (୩) ବଳରେ ବ୍ୟବସାୟ ଚଳାଇବାପାଇଁ ଟିକସଦାତାଙ୍କୁ ଦେୟଯୋଗ୍ୟ ଟିକସ ଭରଣା କରିବାକୁ ପଡ଼ିବ ।

IGST ଆଇନ ଅନୁଯାୟୀ କୌଣସି ଦ୍ରବ୍ୟ ଓ ସେବା ଯୋଗାଣ ଉପରେ ଯେଉଁ IGST, CGST କିମ୍ବା SGST ଦେୟ ଦେବାକୁ ତାହା ନିବେଶ ଟିକସ ରୂପେ ସଂଜ୍ଞା ନିରୂପିତ ହୋଇଛି ।

**ପ୍ରଶ୍ନ-୨ : CGST, SGST ଓ IGST ଆଇନରେ ନିବେଶ ଟିକସର ବିଭିନ୍ନ ନିରୂପିତ ସଂଜ୍ଞାର କି ପ୍ରଭାବ ରହିଛି ?**

ଉତ୍ତର : CGST ଆଇନର IGST, CGST ଓ SGST ଆଇନର IGST ଓ SGST କୁ ନେଇ ନିବେଶ ଟିକସ ଗଠିତ । ସମସ୍ତ ତିନୋଟି ଟିକସ IGST, CGST ଓ SGSTକୁ ନେଇ ନିବେଶ ଟିକସ ଗଠିତ । IGST ଦେୟଯୋଗ୍ୟ ଟିକସ ଦେବାକୁ ହେଲେ ଏହି ୩ଟି ଟିକସର ଜମାରାଶି ବ୍ୟବହୃତ ହେବ; କିନ୍ତୁ IGST ଓ CGSTର ଜମାରାଶି CGST ଆଇନ ବଳରେ ଏବଂ IGST ଓ SGSTର ଜମାରାଶି SGST ଆଇନ ବଳରେ ଗ୍ରହଣ କରାଯାଇ ପାରିବ । ତେବେ CGST ଓ SGST ର ଜମାରାଶି ଅଦଳବଦଳ ଭାବେ ବ୍ୟବହୃତ ହୋଇପାରିବ ନାହିଁ ।

**ପ୍ରଶ୍ନ-୩ : ବିପରୀତ ଯୋଗାଣ ଉପରେ ଭରଣା ହେଉଥିବା GST ନିବେଶ ଟିକସ ଭାବେ ଗଣ୍ୟ ହେବ କି ?**

ଉତ୍ତର : ହଁ, ଅନୁଚ୍ଛେଦ-୭ର ଉପ-ଅନୁଚ୍ଛେଦ(୩) ଅନୁଯାୟୀ ଦେୟ ଯୋଗ୍ୟ ଟିକସ ନିବେଶ ଟିକସରେ ଅନ୍ତର୍ଭୁକ୍ତ ହେବ (ବିପରୀତ ଯୋଗାଣ ଭଡ଼ା) । ଏହି କ୍ରମରେ ବା ବ୍ୟବସାୟିକ ଅଗ୍ରଗତି ନିମନ୍ତେ ଯଦି ଏଭଳି ଦ୍ରବ୍ୟ ବା ସେବା ଯୋଗାଣ ବ୍ୟବହୃତ ହୁଏ ବା ବ୍ୟବହାର ପାଇଁ ଇଚ୍ଛା ପୋଷଣ କରାଯାଏ, ତା'ହେଲେ ଜମାରାଶି ବା କ୍ରେଡ଼ିଟ୍ ପ୍ରାପ୍ତ ହୋଇଥାଏ ।

**ପ୍ରଶ୍ନ-୪ : ନିବେଶ ଦ୍ରବ୍ୟ, ସେବା କିମ୍ବା ଉତ୍ପାଦନକାରୀଙ୍କ ଦ୍ରବ୍ୟ (CAPITAL GOODS) ପାଇଁ ଭରଣା ହେଉଥିବା CGST, IGST ବା SGST ଟିକସ୍‌ରେ ନିବେଶ ଟିକସ ସମ୍ମିଶ୍ରିତ ହେବ କି ?**

ଉତ୍ତର : ହଁ MGL ର ଅନୁଚ୍ଛେଦ ୨ (୫୪), ୨(୫୫) ଓ ୨(୨୦)ରେ ଏହା ଯଥାକ୍ରମେ ଦର୍ଶାଯାଇଛି । ଉତ୍ପାଦନକାରୀଙ୍କ ଦ୍ରବ୍ୟ ଉପରେ ଭରଣା ହେଉଥିବା ଟିକସର ଜମାରାଶି ଗୋଟିଏ କିସ୍ତିରେ ପ୍ରାପ୍ତ ହେବାଲାଗି ଅନୁମତି ମିଳିଥାଏ ।

**ପ୍ରଶ୍ନ-୫ : ଅନୁଚ୍ଛେଦ-୧୬(୨) ଅନୁଯାୟୀ ଜଣେ ବ୍ୟକ୍ତି ଏହି ଆଇନ ବଳରେ ପଞ୍ଜୀକରଣ ପାଇଁ ଆବେଦନ କଲେ ପଞ୍ଜୀକରଣ ପାଇଁ ଯୋଗ୍ୟ ହେବାର ୩୦ ଦିନ ମଧ୍ୟରେ ଓ ପରେ ପଞ୍ଜୀକରଣ ମଞ୍ଜୁରୀ ପାଇଲେ ITC ପାଇଁ ଦାବୀ କରିପାରିବେ କି ?**

ଉତ୍ତର : ଷ୍ଟକ୍‌ରେ ଥିବା ନିବେଶ ଦ୍ରବ୍ୟ କିମ୍ବା ଷ୍ଟକ୍‌ରେ ଥିବା ଅର୍ଦ୍ଧନିର୍ମିତ ବା ନିର୍ମିତ ଦ୍ରବ୍ୟଯୁକ୍ତ ନିବେଶ ଦ୍ରବ୍ୟ ଦୃଷ୍ଟିରୁ ବ୍ୟକ୍ତି ନିବେଶ ଟିକସର ଜମାରାଶି ଗ୍ରହଣ କରିପାରିବେ । ତେବେ ଏହି ଆଇନର ଧାରାନୁଯାୟୀ, ବ୍ୟକ୍ତି ଟିକସଯୋଗ୍ୟ ହେବା

ତିଥି ପୂର୍ବରୁ ତୁରନ୍ତ ନିବେଶ ଟିକସର ଜମାରାଶି ଗ୍ରହଣ କରିପାରିବେ । ବ୍ୟକ୍ତି ପଞ୍ଜୀକରଣଯୋଗ୍ୟ ହେବାର ୩୦ ଦିନ ମଧ୍ୟରେ ପଞ୍ଜୀକୃତ ହୋଇନଥିଲେ ପ୍ରାକ୍-ପଞ୍ଜୀକରଣ ଷ୍ଟକ୍ ଉପରେ ଜମାରାଶି ପ୍ରାପ୍ତ ହେବେ ନାହିଁ ।

**ପ୍ରଶ୍ନ-୬ : ଜଣେ ବ୍ୟକ୍ତି ୨୦୧୭ ଅଗଷ୍ଟ ପହିଲାରେ ଟିକସ ଦେବାକୁ ଯୋଗ୍ୟ ହେଲେ, ମାତ୍ର ୨୦୧୭ ଅଗଷ୍ଟ ୧୫ ତାରିଖରେ ପଞ୍ଜୀକରଣ ପ୍ରାପ୍ତ ହେଲେ । ତେବେ ସେହି ବ୍ୟକ୍ତିଙ୍କୁ ଷ୍ଟକ୍‌ରେ ଥିବା ନିବେଶ ଉପରେ କେଉଁ ସମୟ ପର୍ଯ୍ୟନ୍ତ ନିବେଶ ଟିକସ ଜମାରାଶି ଦିଆଯିବ ।**

**ଉତ୍ତର :** ୩୧ ଜୁଲାଇ, ୨୦୧୭ ।

**ପ୍ରଶ୍ନ-୭ : ଯେଉଁ ବ୍ୟକ୍ତି ସ୍ୱେଚ୍ଛାକୃତ ପଞ୍ଜୀକରଣ ପାଇଥିବେ, ତାଙ୍କର ଷ୍ଟକ୍‌ରେ ଥିବା ନିବେଶ ଉପରେ ନିବେଶ ଟିକସ ଜମାରାଶି ଗ୍ରହଣ କରିବାଲାଗି ଯୋଗ୍ୟତା ରହିଛି କି ?**

**ଉତ୍ତର :** MGL ର ଅନୁଚ୍ଛେଦ-୧୬ (୨କ) ଅନୁଯାୟୀ ଯେଉଁ ବ୍ୟକ୍ତି ସ୍ୱେଚ୍ଛାକୃତ ପଞ୍ଜୀକରଣ ପ୍ରାପ୍ତ ହୋଇଥିବେ ତାହା ହେଲେ ତାଙ୍କୁ ପଞ୍ଜୀକରଣ ତିଥି ପୂର୍ବରୁ ଷ୍ଟକ୍‌ରେ ଥିବା ଅର୍ଦ୍ଧ-ନିର୍ମିତ ଓ ନିର୍ମିତ ଦ୍ରବ୍ୟର ନିବେଶ ଏବଂ ଷ୍ଟକ୍‌ରେ ନିବେଶ ଯୋଗୁ ନିବେଶ ଟିକସ ଜମାରାଶି ଗ୍ରହଣ ସୁବିଧା ମିଳିବ ।

**ପ୍ରଶ୍ନ-୮ : ଜଣେ ଟିକସଯୋଗ୍ୟ ବ୍ୟକ୍ତିଙ୍କ ଦ୍ୱାରା ଗ୍ରହଣ ହୋଇଥିବା ଦ୍ରବ୍ୟ ଓ ସେବା ଉଭୟ ଟିକସଯୁକ୍ତ ଓ ଅଣ-ଟିକସଯୁକ୍ତ ଯୋଗାଣ ନିମନ୍ତେ ବ୍ୟବହାର କରାଗଲେ ପଞ୍ଜୀକୃତ ଟିକସଯୋଗ୍ୟ ବ୍ୟକ୍ତି କ'ଣ ନିବେଶ ଟିକସ ଜମାରାଶି ପାଇପାରିବେ ?**

**ଉତ୍ତର :** MGL ର ଅନୁଚ୍ଛେଦ-୧୬ (୬) ଅନୁଯାୟୀ, ଦ୍ରବ୍ୟ ଓ ସେବାର ନିବେଶ ଟିକସ ଜମାରାଶି ଯାହାକି କେବଳ ଟିକସଯୁକ୍ତ ଯୋଗାଣ ରୂପେ ବିବେଚିତ ହେବ, ତାହା କେବଳ ପଞ୍ଜୀକୃତ ଟିକସଦାତା ହିଁ ଗ୍ରହଣ କରିପାରିବେ । MGL ର ଅନୁଚ୍ଛେଦ ୧୬(୭)ରେ ଧାର୍ଯ୍ୟ ପଦ୍ଧତି ଅନୁଯାୟୀ ଯଥୋଚିତ ଜମାରାଶିର ପରିମାଣ ଗଣନା କରାଯିବ । ଏହା ମଧ୍ୟରେ GST ITC ନିୟମ (ଜାରି ହେବା ଅପେକ୍ଷାରେ)ରେ ଦର୍ଶାଯାଇଛି । ତେବେ ପ୍ରଣିଧାନର ବିଷୟ ଏହା ଯେ, ଉତ୍ପାଦନକାରୀଙ୍କ ଦ୍ରବ୍ୟ (Capital Goods) ଉପରେ ଜମାରାଶିକୁ ସମାନୁପାତିକ ଭିତ୍ତିରେ ଅନ୍ତର୍ଭୁକ୍ତ ଲାଗି ଅନୁମତି ଦିଆଯିବ ।

**ପ୍ରଶ୍ନ-୯ : ଜଣେ ଟିକସଦାତାଙ୍କ ଦ୍ୱାରା ଗ୍ରହଣ କରାଯାଇଥିବା ଦ୍ରବ୍ୟ ଓ ସେବା ବ୍ୟବସାୟିକ ଓ ଅଣ-ବ୍ୟବସାୟିକ ଯୋଗାଣ ଲାଗି ବ୍ୟବହାର କରାଗଲେ ତାହା ପଞ୍ଜୀକୃତ ଟିକସଦାତାଙ୍କୁ ନିବେଶ ଟିକସ ଜମାରାଶି ମିଳିବ କି ?**

**ଉତ୍ତର :** MGL ର ଅନୁଚ୍ଛେଦ-୧୬ (୫) ଅନୁଯାୟୀ, ବ୍ୟବସାୟିକ ଉଦ୍ଦେଶ୍ୟରେ କେବଳ ଯୋଗାଣ ହୋଇଥିବା ବସ୍ତୁ ଓ ସେବାର ନିବେଶ ଟିକସ ଜମାରାଶି ପଞ୍ଜୀକୃତ ଟିକସଦାତାହିଁ ଗ୍ରହଣ କରିପାରିବେ । MGL ର ଅନୁଚ୍ଛେଦ-୧୬(୭)ରେ ଧାର୍ଯ୍ୟ ପଦ୍ଧତି ଅନୁଯାୟୀ ଯଥୋଚିତ ଜମାରାଶିର ପରିମାଣ ଗଣନା କରାଯିବ । ଏହା ମଧ୍ୟ GST ITC ନିୟମ (ଜାରି ହେବା ଅପେକ୍ଷାରେ)ରେ ଦର୍ଶାଯାଇଛି । ପ୍ରଣିଧାନଯୋଗ୍ୟ ଯେ, ଉତ୍ପାଦନକାରୀଙ୍କ ଦ୍ରବ୍ୟ ଉପରେ ଜମାରାଶିକୁ ସମାନୁପାତିକ ଭିତ୍ତିରେ ଅନ୍ତର୍ଭୁକ୍ତ ଲାଗି ଅନୁମତି ଦିଆଯିବ ।

**ପ୍ରଶ୍ନ-୧୦ : ପଞ୍ଜୀକୃତ ଟିକସଦାତାଙ୍କ ରୂପରେଖ ପରିବର୍ତ୍ତିତ ହେଲେ ସେ କ୍ଷେତ୍ରରେ ନିବେଶ ଟିକସ ଯୋଗ୍ୟତା ମାନଦଣ୍ଡ କ'ଣ ହେବ ?**

**ଉତ୍ତର :** ଅନୁଚ୍ଛେଦ-୧୬ (୮) ଅନୁଯାୟୀ, ହସ୍ତାନ୍ତରକାରୀ ନିବେଶ ଟିକସ ଜମାରାଶି ହସ୍ତାନ୍ତର କରିବାଲାଗି ଅନୁମତିପ୍ରାପ୍ତ । ତେବେ ଏହି ଜମାରାଶି ହସ୍ତାନ୍ତରିତ ବ୍ୟକ୍ତିଙ୍କ ଏକାଉଣ୍ଟ୍ ଖାତାରେ ଅବ୍ୟବହୃତ ହୋଇ ରହିବ । ଏହାଛଡ଼ା ଜମାରାଶି ହସ୍ତାନ୍ତରର ଉତ୍ତର ଦାୟିତ୍ୱବୋଧ ସମ୍ପର୍କରେ ନିର୍ଦ୍ଦିଷ୍ଟ ସର୍ତ୍ତ ଦର୍ଶାଇବାକୁ ପଡ଼ିବ ।

**ପ୍ରଶ୍ନ-୧୧ : ଯଦି ଜଣେ ପଞ୍ଜୀକୃତ ଟିକସଦାତାଙ୍କ ଦ୍ୱାରା ଯୋଗାଣ ହେଉଥିବା ଦ୍ରବ୍ୟ ଓ ସେବା ସମ୍ପୂର୍ଣ୍ଣ ଟିକସ ଛାଡ଼ ହୋଇଥାଏ, ତେବେ ଏ କ୍ଷେତ୍ରରେ ନିବେଶ ଟିକସର ଯୋଗ୍ୟତା ମାନଦଣ୍ଡ କ'ଣ ହେବ ?**

ଉତ୍ତର : MGL ର ଅନୁଚ୍ଛେଦ-୧୬ (୧୨) ଅନୁଯାୟୀ, ଯଦି ଜଣେ ପଞ୍ଜୀକୃତ ଟିକସଦାତା ଯୋଗାଇଥିବା ଦ୍ରବ୍ୟ ଓ ସେବା ସମ୍ପୂର୍ଣ୍ଣ ଟିକସମୁକ୍ତ ହୋଇଥାଏ, ତେବେ ଟିକସ ଛାଡ଼ ତିଥି ପୂର୍ବରୁ ତୁରନ୍ତ ଷ୍ଟକ୍‌ରେ ଥିବା ନିବେଶ ଓ ଅର୍ଦ୍ଧନିର୍ମିତ ତଥା ନିର୍ମିତ ଦ୍ରବ୍ୟରେ ଥିବା ନିବେଶ ଅନୁରୂପ ନିବେଶ ଟିକସ ଜମାରାଶି ପ୍ରଦାନ କରିବେ । ଏହି ଦ୍ରବ୍ୟର ଜମାରାଶି ପରିମାଣ ପ୍ରଦାନ ପରେ ଇଲେକ୍ଟ୍ରୋନିକ୍ କ୍ରେଡ଼ିଟ୍ ଲେଜର୍‌ରେ ଯଦି କୌଣସି ବଳକା ରାଶି ଥାଏ ତାହାଲେ ଏହା ନିଃଶେଷ ହୋଇଯିବ । MGL ର ଅନୁଚ୍ଛେଦ ୧୬(୧୩)ର GAAP ନିୟମ ଭିତ୍ତିରେ ପଏଠ ହେବାକୁ ଥିବା ଜମାରାଶିକୁ ଗଣନା କରାଯିବ ।

**ପ୍ରଶ୍ନ-୧୨ : ଯଦି ଟିକସଦାତାଙ୍କ ଅନୁଚ୍ଛେଦ-୭ ଅନୁଯାୟୀ ଟିକସ ପଏଠ କରୁଥିବେ, ସେ ଅନୁଚ୍ଛେଦ-୮ ଅନ୍ତର୍ଗତ ବହୁ ଟିକସ ଦେୟ (ଯୌଗିକ) ଯୋଜନାକୁ ପସନ୍ଦ କରନ୍ତି ତାହାଲେ ସେ କ୍ଷେତ୍ରରେ ନିବେଶ ଟିକସର ଯୋଗ୍ୟତା ମାନଦଣ୍ଡ କ'ଣ ହେବ ?**

ଉତ୍ତର : ଯଦି ଟିକସଦାତା ଅନୁଚ୍ଛେଦ-୭ ଅନୁଯାୟୀ, ଟିକସ ପଏଠ କରୁଥିବେ, ସେ ଅନୁଚ୍ଛେଦ-୮ ଅନ୍ତର୍ଗତ ବହୁ ଟିକସ ଦେୟ ଯୋଜନାକୁ ପସନ୍ଦ କରନ୍ତି ତାହାଲେ ସେ ବିଷୟରେ MGL ଅନୁଚ୍ଛେଦ ୧୬(୧୨)ରେ ବର୍ଣ୍ଣିତ ରହିଛି । ସେ ଅନୁଚ୍ଛେଦ-୮କୁ ପସନ୍ଦ କଲେ, ତାହା ପୂର୍ବରୁ ତାଙ୍କୁ ଷ୍ଟକ୍‌ରେ ଥିବା ନିବେଶ ଏବଂ ଷ୍ଟକ୍‌ରେ ଥିବା ଅର୍ଦ୍ଧନିର୍ମିତ ଓ ନିର୍ମିତ ଦ୍ରବ୍ୟରେ ଥିବା ନିବେଶ ଅନୁରୂପ ନିବେଶ ଟିକସ ଜମାରାଶି ପଏଠ କରିବେ । ଏଭଳି ଦ୍ରବ୍ୟର ଜମାରାଶି ପରିମାଣ ପ୍ରଦାନ ପରେ ଇଲେକ୍ଟ୍ରୋନିକ୍ କ୍ରେଡ଼ିଟ୍ ଲେଜର୍‌ରେ ଥିବା ଯଦି କୌଣସି ବଳକା ରାଶି ଥାଏ ତାହାଲେ ଏହା ନିଃଶେଷ ହୋଇଯିବ । MGL ର ଅନୁଚ୍ଛେଦ ୧୬(୧୩)ର GAAP ନିୟମ ଭିତ୍ତିରେ ପଏଠ ହେବାକୁ ଥିବା ଜମାରାଶିକୁ ଗଣନା କରାଯିବ ।

**ପ୍ରଶ୍ନ-୧୩ : ଯୌଗିକ ଟିକସ ଦେଉଥିବା ଜଣେ ଡିଲର୍ ସର୍ବନିମ୍ନ ସୀମା ଅତିକ୍ରମ କରି ନିୟମିତ ଟିକସଦାତା ରୂପେ ପରିଗଣିତ ହେଲା, ତେବେ ସେ କ'ଣ ITC ପ୍ରାପ୍ତ କରିପାରିବ ? ଯଦି ହଁ, ତାହାଲେ କେଉଁ ତିଥିଠାରୁ ସେ ITC ପ୍ରାପ୍ତ କରିବ ?**

ଉତ୍ତର : MGL ର ଅନୁଚ୍ଛେଦ-୧୬ (୩) ଅନୁଯାୟୀ, ଡିଲର୍ ଜଣଙ୍କ ଅନୁଚ୍ଛେଦ-୭ ଅନୁଯାୟୀ ଟିକସ ପଏଠ କରିବାକୁ ଯୋଗ୍ୟ ହେବା ତିଥି ପୂର୍ବରୁ ତୁରନ୍ତ ଷ୍ଟକ୍‌ରେ ଥିବା ନିବେଶ ଓ ଅର୍ଦ୍ଧନିର୍ମିତ ତଥା ନିର୍ମିତ ଦ୍ରବ୍ୟରେ ଥିବା ନିବେଶ ଅନୁସାରେ ITC ପ୍ରାପ୍ତ କରିପାରିବ ।

**ପ୍ରଶ୍ନ-୧୪ : ମିଷ୍ଟର ବି ଜଣେ ପଞ୍ଜୀକୃତ ଟିକସଦାତା ଓ ସେ ୩୦ ଜୁଲାଇ, ୨୦୧୭ ପର୍ଯ୍ୟନ୍ତ ଯୌଗିକ ହାରରେ ଟିକସ ପଏଠ କରିଛନ୍ତି । ତେବେ ୩୧ ଜୁଲାଇ, ୨୦୧୭ ଠାରୁ ମିଷ୍ଟର ବି ନିୟମିତ ଯୋଜନାରେ ଟିକସ ପଏଠ କରିବାକୁ ଯୋଗ୍ୟ ହେଲେ ITC ପ୍ରାପ୍ତି ପାଇଁ ସେ ଯୋଗ୍ୟ ହେବେ କି ?**

ଉତ୍ତର : ୩୦ ଜୁଲାଇ, ୨୦୧୭ ପର୍ଯ୍ୟନ୍ତ ଷ୍ଟକ୍‌ରେ ଥିବା ନିବେଶ ଓ ଅର୍ଦ୍ଧନିର୍ମିତ ତଥା ନିର୍ମିତ ଦ୍ରବ୍ୟରେ ଥିବା ନିବେଶ ଅନୁସାରେ ନିବେଶ ଟିକସ ଜମାରାଶି ଲାଗି Mr. B ଯୋଗ୍ୟ ବିବେଚିତ ହେବେ ।

**ପ୍ରଶ୍ନ-୧୫ : ମିଷ୍ଟର ଏ ୫ ଜୁନ୍, ୨୦୧୭ରେ ସ୍ୱେଚ୍ଛାକୃତ ପଞ୍ଜୀକରଣ ଲାଗି ଆବେଦନ କଲେ ଓ ୨୨ ଜୁନ୍, ୨୦୧୭ରେ ପଞ୍ଜୀକରଣ ପ୍ରମାଣପତ୍ର ହାସଲ କଲେ, ତେବେ ମିଷ୍ଟର ଏ କେଉଁ ତିଥି ପର୍ଯ୍ୟନ୍ତ ଷ୍ଟକ୍‌ରେ ଥିବା ନିବେଶ ଉପରେ ITC ପ୍ରାପ୍ତି ପାଇଁ ଯୋଗ୍ୟ ହେବେ ?**

ଉତ୍ତର : ୨୧ ଜୁନ୍, ୨୦୧୭ ପର୍ଯ୍ୟନ୍ତ ଷ୍ଟକ୍‌ରେ ଥିବା ନିବେଶ ଓ ଅର୍ଦ୍ଧନିର୍ମିତ ତଥା ନିର୍ମିତ ଦ୍ରବ୍ୟରେ ଥିବା ନିବେଶ ଅନୁସାରେ ନିବେଶ ଟିକସ ଜମାରାଶି ପାଇଁ Mr. A ଯୋଗ୍ୟ ବିବେଚିତ ହେବେ ।

**ପ୍ରଶ୍ନ-୧୬ : ଜଣେ ଟିକସଦାତାଙ୍କୁ ବସ୍ତୁ ଓ ସେବା ଯୋଗାଣ ହେଉଥିଲେ ମଧ୍ୟ ଅନୁଚ୍ଛେଦ-୧୬ର ଉପ-ଅନୁଚ୍ଛେଦ(୨)(୨କ) କିମ୍ବା (୩) ଅନୁଯାୟୀ ITC ଗ୍ରହଣ ଲାଗି କେତେବେଳେ ଯୋଗ୍ୟ ହେବେନାହିଁ ?**

ଉତ୍ତର : MGL ର ଅନୁଚ୍ଛେଦ ୧୬(୪) ଅନୁଯାୟୀ, ଏଭଳି ଯୋଗାଣର ଟିକସ ଚାଲାନ କାରୀ ହେବାର ବର୍ଷେ ସରିବା ପରେ (ଅକାମୀ ହେବା ପରେ) ସେ ITC ପ୍ରାପ୍ତ ହେବେ ନାହିଁ ।

**ପ୍ରଶ୍ନ-୧୭ : ନିଯୁକ୍ତିଭିତ୍ତିକ ଶ୍ରମିକ (ଜବ୍ ୱାର୍କର)ଙ୍କୁ ପ୍ରେରିତ ନିବେଶ ଉପରେ ଗୋଦାମ ମାଲିକ (PRINCIPAL) ନିବେଶ ଟିକସ ଜମାରାଶି ପାଇବାକୁ ଯୋଗ୍ୟ ହେବେ କି ?**

ଉତ୍ତର : ହଁ, MGL ର ଅନୁଚ୍ଛେଦ ୧୬କ(୨) ଅନୁଯାୟୀ, ନିଯୁକ୍ତିଭିତ୍ତିକ ଶ୍ରମିକଙ୍କ ନିକଟକୁ ପ୍ରେରିତ ନିବେଶ ଉପରେ ଗୋଦାମ ମାଲିକ (Principal) ନିବେଶ ଟିକସ ଜମାରାଶି ପାଇବାକୁ ଯୋଗ୍ୟ ବିବେଚିତ ହେବେ ।

**ପ୍ରଶ୍ନ-୧୮ : ନିଯୁକ୍ତିଭିତ୍ତିକ କାର୍ଯ୍ୟ (ଜବ୍ ୱାର୍କ) ଲାଗି ପ୍ରେରିତ ନିବେଶକୁ ଗୋଦାମ ମାଲିକ କେତେଦିନ ମଧ୍ୟରେ ପୁନଶ୍ଚ ଗ୍ରହଣ କରି ପାରିବେ ?**

ଉତ୍ତର : ୧୮୦ ଦିନ ।

**ପ୍ରଶ୍ନ-୧୯ : ଯଦି ଜବ୍ ୱାର୍କରଙ୍କଠାରୁ ନିବେଶକୁ ୧୮୦ ଦିନ ମଧ୍ୟରେ ଗ୍ରହଣ ନ କରିପାରିଲେ ଗୋଦାମ ମାଲିକ ITCକୁ ଫେରସ୍ତ କରିବେ କି ?**

ଉତ୍ତର : ହଁ, ଯଦି ଜବ୍ ୱାର୍କରଙ୍କଠାରୁ ନିବେଶକୁ ୧୮୦ ଦିନ ମଧ୍ୟରେ ଗ୍ରହଣ କରି ନ ପାରନ୍ତି, ତାହାଲେ ଗୋଦାମ ମାଲିକ ITCକୁ ସୁଧ ସହ ଫେରାଇବେ । ପରେ ଅବଶ୍ୟ ଗୋଦାମ ମାଲିକ ନିବେଶ ରସିଦ୍ ଦେଖାଇ ଜମାରାଶି ପାଇବାକୁ ଦାବୀ କରିପାରିବେ ।

**ପ୍ରଶ୍ନ-୨୦ : ଜମାରାଶି ପ୍ରାପ୍ତ ଉଦ୍ଦେଶ୍ୟରେ କେଉଁ ଟିକସଯୋଗ୍ୟ ଯୋଗାଣକୁ ହିସାବକୁ ନିଆଯାଇଛି ? (କ) ଶୂନ୍ୟହାରଭିତ୍ତିକ ଯୋଗାଣ, (ଖ) କରମୁକ୍ତ ଯୋଗାଣ, (ଗ) ଉଭୟ ?**

ଉତ୍ତର : କେବଳ ଶୂନ୍ୟ ହାରଭିତ୍ତିକ ଯୋଗାଣ ଦ୍ୱାରା ଜମାରାଶି ପ୍ରାପ୍ତ ହୋଇପାରିବ ।

**ପ୍ରଶ୍ନ-୨୧ : କେତେଦିନ ମଧ୍ୟରେ ଜବ୍ ୱାର୍କକୁ ପ୍ରେରିତ ମୂଳଧନୀ ଦ୍ରବ୍ୟ ବା ଉତ୍ପାଦନକାରୀଙ୍କ ଦ୍ରବ୍ୟ (Capital Goods)କୁ ଗୋଦାମ ମାଲିକ ପୁନଶ୍ଚ ଗ୍ରହଣ କରିପାରିବେ ?**

ଉତ୍ତର : ଦୁଇବର୍ଷ ।

**ପ୍ରଶ୍ନ-୨୨ : ଯଦି ଜବୱାର୍କଙ୍କୁ ନିକଟକୁ ପ୍ରେରିତ ମୂଳଧନୀ ଦ୍ରବ୍ୟକୁ ଗୋଦାମ ମାଲିକ ଦୁଇବର୍ଷ ମଧ୍ୟରେ (ପ୍ରେରଣ ତିଥିଠାରୁ) ଗ୍ରହଣ ନ କରନ୍ତି, ତାହାଲେ ଗୋଦାମ ମାଲିକଙ୍କ ଉତ୍ତରଦାୟିତ୍ୱ କ'ଣ ରହିବ ?**

ଉତ୍ତର : ଏଭଳି ମୂଳଧନୀ ଦ୍ରବ୍ୟ ଉପରେ ଗ୍ରହଣ କରିଥିବା ଜମାରାଶି ଅନୁରୂପ ପରିମାଣ ସହ ସୁଧକୁ ମିଶାଇ ଗୋଦାମ ମାଲିକ ଟିକସ ପଏଠ କରିବେ, ତେବେ ପରେ ନିବେଶ ରସିଦ ଦେଖାଇ ଗୋଦାମ ମାଲିକ ଜମାରାଶି ପାଇବାକୁ ଦାବୀ କରି ପାରିବେ ।

**ପ୍ରଶ୍ନ-୨୩ : ଜଣେ ଟିକସଦାତାଙ୍କ ସୂଚନା ପ୍ରଯୁକ୍ତି ଜ୍ଞାନ କୌଶଳ ଉପରେ ବ୍ୟବସାୟ କରୁଛନ୍ତି । ସେ ତାଙ୍କ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକଙ୍କ ବ୍ୟବହାର ପାଇଁ ଏକ ମଟରଗାଡ଼ି କିଣିଲେ । ମଟରଗାଡ଼ି କିଣା ଉପରେ ପଏଠ ହୋଇଥିବା GST ଦୃଷ୍ଟିରୁ ଟିକସଦାତା ITC ପ୍ରାପ୍ତ ହେବେ କି ?**

ଉତ୍ତର : ନାଁ, MGL ର ଅନୁଚ୍ଛେଦ-୧୬(୯)(କ) ଅନୁଯାୟୀ, ଯଦି ଟିକସ ଯୋଗ୍ୟ ବ୍ୟକ୍ତିଙ୍କ ଯାତ୍ରୀ ବା ମାଲ ପରିବହନ ବ୍ୟବସାୟ ଥାଏ କିମ୍ବା ମୋଟରଗାଡ଼ି ପ୍ରଶିକ୍ଷଣ ସେବା ଦେଉଥାନ୍ତି, ତାହାଲେ ତାଙ୍କୁ ମୋଟର ଗାଡ଼ି କ୍ରୟ ଉପରେ ITC ପ୍ରାପ୍ତ ହେବ ।

**ପ୍ରଶ୍ନ-୨୪ : ୧୯୬୧ ଆୟକର ଆଇନ ଅନୁଯାୟୀ ମୂଳଧନୀ ସାମଗ୍ରୀର ମୂଲ୍ୟ ଉପରେ ସମ୍ମିଶ୍ରିତ ଟିକସର ଅବମୂଲ୍ୟାୟନ ପାଇଁ ପଞ୍ଜୀକୃତ ଟିକସଦାତା ଦାବୀ କଲେ, ଏଭଳି କ୍ଷେତ୍ରରେ ତାଙ୍କୁ ITC ପ୍ରାପ୍ତ ହେବ କି ?**

ଉତ୍ତର : MGLର ଅନୁଚ୍ଛେଦ-୧୬(୧୦) ଅନୁଯାୟୀ, ମୂଳଧନୀ ସାମଗ୍ରୀର ମୂଲ୍ୟ ଉପରେ ସମ୍ମିଶ୍ରିତ ଟିକସ କ୍ଷେତ୍ରରେ ITC ପ୍ରାପ୍ତିର ଅନୁମତି ମିଳିବ ନାହିଁ ।

**ପ୍ରଶ୍ନ-୨୫ : ITC ପ୍ରାପ୍ତି ପାଇଁ କେଉଁ କେଉଁ ସର୍ତ୍ତ ଆବଶ୍ୟକ ?**

ଉତ୍ତର : MGLର ଅନୁଚ୍ଛେଦ-୧୬(୧୧) ଅନୁଯାୟୀ, ଏ କ୍ଷେତ୍ରରେ ୪ଟି ସର୍ତ୍ତ ଆରୋପିତ ହୋଇଛି –

(କ) ଯୋଗାଣକାରୀଙ୍କ ଦ୍ୱାରା ଜାରି ଟିକସ ପଏଠ ଦଲିଲ୍ ପଞ୍ଜୀକୃତ ଟିକସଦାତା ପାଖରେ ରଖିଥିବେ,

(ଖ) ଟିକସଦାତା ଦ୍ରବ୍ୟ ଓ ସେବା ଗ୍ରହଣ କରୁଥିବା ଆବଶ୍ୟକ,

(ଗ) ଏଭଳି ଯୋଗାଣ ଉପରେ ଲାଗୁଥିବା ଟିକସକୁ ଟିକସଦାତା ସରକାରଙ୍କୁ ନଗଦ ଅର୍ଥ କିମ୍ବା ITC ଉପଯୋଗ ଜରିଆରେ ପଏଠ କରୁଥିବେ,

(ଘ) ଅନୁଚ୍ଛେଦ-୨୭ ଅନୁଯାୟୀ, ଟିକସଦାତା ରିଟର୍ଣ୍ଣ ଦାଖଲ କରୁଥିବେ ।

**ପ୍ରଶ୍ନ-୨୬ : ଯଦି ଚାଲାନ୍ ମାଧ୍ୟମରେ ଦ୍ରବ୍ୟ ବହୁଳାଂଶରେ କିମ୍ବା କିସ୍ତି ଅନୁଯାୟୀ ମିଳୁଥାଏ, ତାହାଲେ ଜଣେ ପଞ୍ଜୀକୃତ ଟିକସଦାତା ITC ପାଇଁ ଯୋଗ୍ୟ ହେବ କି ?**

ଉତ୍ତର : MGLର ଅନୁଚ୍ଛେଦ-୧୬(୧୧) ଅନୁଯାୟୀ, ଟିକସଦାତା ଶେଷଥରର ଯୋଗାଣ (ବହୁଳାଂଶ ବା କିସ୍ତି ହେଉ) ରସିଦ୍ ଦେଖାଇଲେ, ଜମାରାଶି ଗ୍ରହଣ ଲାଗି ଯୋଗ୍ୟ ହେବେ ।

**ପ୍ରଶ୍ନ-୨୭ : ଟିକସଯୋଗ୍ୟ ବ୍ୟକ୍ତି ପରିବର୍ତ୍ତେ ଅନ୍ୟ ଜଣେ ବ୍ୟକ୍ତିଙ୍କୁ ଦ୍ରବ୍ୟ ପ୍ରେରଣ କରାଗଲେ କିଏ ITC ପାଇବେ ?**

ଉତ୍ତର : MGLର ଅନୁଚ୍ଛେଦ-୧୬(୧୧)ର କ୍ଲଜ୍‌ରେ ଏ ବିଷୟ ବର୍ଣ୍ଣିତ ହୋଇଛି । ଯେତେବେଳେ ଏକ ତୃତୀୟପକ୍ଷକୁ ଟିକସଦାତାଙ୍କ ନିର୍ଦ୍ଦେଶରେ ଦ୍ରବ୍ୟ ପଠାଯାଏ, ତାହାଲେ ସେହି ଟିକସଦାତା ହିଁ ଦ୍ରବ୍ୟ ଗ୍ରହଣ କରିବେ । ଯାହାଙ୍କ ନିର୍ଦ୍ଦେଶରେ ତୃତୀୟପକ୍ଷଙ୍କୁ ଦ୍ରବ୍ୟ ପ୍ରଦାନ କରାଯାଇଛି, ତାଙ୍କୁହିଁ ITC ପ୍ରାପ୍ତ ହେବ ।

**ପ୍ରଶ୍ନ-୨୮ : ITC ଗ୍ରହଣ କରିବାର ସମୟସୀମା କେତେ ରହିଛି ?**

ଉତ୍ତର : MGLର ଅନୁଚ୍ଛେଦ-୧୬(୧୫) ଅନୁଯାୟୀ, ଗୋଟିଏ ଆର୍ଥିକ ବର୍ଷର ସେପ୍ଟେମ୍ବର ମାସ ପରେ ITC ଗ୍ରହଣ କରାଯିବ ନାହିଁ । ବାର୍ଷିକ ରିଟର୍ଣ୍ଣ ଫାଇଲ୍ ତାରିଖ ହେଉ ବା ଚାଲାନ କାରି ତାରିଖ ହେଉ ଏଥିରୁ ଯେଉଁଟି ଆଗ ଘଟିଥିବ, ସେହି ଅନୁଯାୟୀ ITCର ଦିନାଙ୍କ ହିସାବ ହେବ ।

**ପ୍ରଶ୍ନ-୨୯ : କେଉଁ କେଉଁ ନକାରାତ୍ମକ ପ୍ରସଙ୍ଗ ଉପରେ ITC ପ୍ରାପ୍ତି ଅନୁମତିଯୋଗ୍ୟ ନୁହେଁ ?**

ଉତ୍ତର : MGLର ଅନୁଚ୍ଛେଦ-୧୬(୯) ଅନୁଯାୟୀ, ନିମ୍ନଲିଖିତ ନକାରାତ୍ମକ ପ୍ରସଙ୍ଗ ଯୋଗୁ ITC ପ୍ରାପ୍ତି ଲାଗି ଅନୁମତି ଦିଆଯିବ ନାହିଁ । ନିମ୍ନଲିଖିତ ବିଷୟବସ୍ତୁ ଉପରେ ITC ପ୍ରାପ୍ତ ହେବନାହିଁ ।

(କ) ବ୍ୟବସାୟିକ ଧାରାରେ ଯୋଗାଣ ହେଉଥିବା କିମ୍ବା ନିମ୍ନଲିଖିତ ଟିକସଯୋଗ୍ୟ ସେବାରେ ଲାଗୁଥିବା ମୋଟରଗାଡ଼ି ବ୍ୟତୀତ ଅନ୍ୟ ମୋଟରଗାଡ଼ି ଉପରେ ITC ପ୍ରାପ୍ତ ହେବ ନାହିଁ ।

(୧) ଯାତ୍ରୀ ପରିବହନ କରୁଥିବା ମୋଟରଗାଡ଼ି କିମ୍ବା

(୨) ମାଲ୍ ପରିବହନ କରୁଥିବା ମୋଟରଗାଡ଼ି କିମ୍ବା

(୩) ମୋଟରଗାଡ଼ି ଚାଳନା ପାଇଁ ତାଲିମ୍ ଦେଉଥିବା ମୋଟରଗାଡ଼ି ।

(ଖ) ଖାଦ୍ୟ ଓ ପାନୀୟ, ବାହ୍ୟ ଖାଦ୍ୟଯୋଗାଣ, ସୌନ୍ଦର୍ଯ୍ୟ ଉପଚାର, ସ୍ୱାସ୍ଥ୍ୟସେବା, ପ୍ରସାଧନ ସାମଗ୍ରୀ ଓ ପ୍ଲାଷ୍ଟିକ ସର୍ଜରୀ, କ୍ଲବ୍‌ର ସଦସ୍ୟତା ଗ୍ରହଣ, ସ୍ୱାସ୍ଥ୍ୟରକ୍ଷା କେନ୍ଦ୍ର, ଜୀବନବୀମା, ସ୍ୱାସ୍ଥ୍ୟବୀମା, କର୍ମଚାରୀଙ୍କୁ ଛୁଟି ପରିଭ୍ରମଣ ସୁବିଧା (ଲିଭ୍ ବା ହୋମ୍ ଟ୍ରାଭେଲ୍ କନ୍‌ସେସନ୍), ଯେକୌଣସି କର୍ମଚାରୀଙ୍କ ବ୍ୟକ୍ତିଗତ ବ୍ୟବହାର୍ଯ୍ୟ କିମ୍ବା ଆହରଣ ଉପଯୋଗୀ ପ୍ରମୁଖ ଦ୍ରବ୍ୟ ଓ ସେବା,

(ଗ) ପ୍ଲାଣ୍ଟ ଓ ଯନ୍ତ୍ରପାତି ସମେତ ଅଚଳନ୍ତି ସମ୍ପତ୍ତିର ନିର୍ମାଣ ପାଇଁ ଚୁକ୍ତିଭିତ୍ତିକ କାର୍ଯ୍ୟ ସମ୍ପାଦନବେଳେ ମୁଖ୍ୟ କାର୍ଯ୍ୟ ପରିଚାଳକଙ୍କ ଦ୍ୱାରା ଉପଯୋଗ ହେଉଥିବା ଦ୍ରବ୍ୟ ଓ ସେବା,

(ଘ) ପ୍ଲାଣ୍ଟ ଓ ଯନ୍ତ୍ରପାତି ସମେତ ଅଚଳନ୍ତି ସମ୍ପତ୍ତିର ନିର୍ମାଣ ପାଇଁ ବ୍ୟବହୃତ ଦ୍ରବ୍ୟ (ଦ୍ରବ୍ୟ ହେଉ ବା ଅନ୍ୟ କିଛି ହେଉ) ଯାହାକି ଅନ୍ୟ କୌଣସି ବ୍ୟକ୍ତିଙ୍କୁ ହସ୍ତାନ୍ତର ହେବନାହିଁ ତଥା ମୁଖ୍ୟ କାର୍ଯ୍ୟ ପରିଚାଳକଙ୍କ ଦ୍ୱାରା ଆନୀତ ବସ୍ତୁ,

(ଙ) ଅନୁଚ୍ଛେଦ-୮ ଅନୁଯାୟୀ ଯେଉଁ ଦ୍ରବ୍ୟ ଓ ସେବା ଉପରେ ଟିକସ ପଏଠ କରାଯାଏ,

(ଚ) ଘରୋଇ ଓ ବ୍ୟକ୍ତିଗତ କ୍ଷେତ୍ରରେ ପ୍ରଚୁର ପରିମାଣରେ ବ୍ୟବହୃତ ଦ୍ରବ୍ୟ ଓ ସେବା ।

**ପ୍ରଶ୍ନ-୩୦ : MGLର ଅନୁଚ୍ଛେଦ-୨୯ରେ ବର୍ଣ୍ଣିତ ଅଛି ଯେ, ଯଦି ଗ୍ରହୀତାଙ୍କ ଦ୍ୱାରା ଫାଇଲ ହୋଇଥିବା ଆଭ୍ୟନ୍ତରୀଣ ବିବରଣୀ, ଯୋଗାଣକାରୀଙ୍କ ବୈଧ ରିଟର୍ଣ୍ଣରେ ପ୍ରଦର୍ଶିତ ବାହ୍ୟ ବିବରଣୀ ମେଳ ଖାଇଲା, ତାହାଲେ ଏହା ITC ପଦବାଚ୍ୟ ହେବ । ଯଦି ଏହି ବିବରଣୀଦ୍ୱୟ ମେଳ ନ ଖାଇଲା, ତାହାଲେ କ'ଣ ହେବ ?**

ଉତ୍ତର : ଆଭ୍ୟନ୍ତରୀଣ ଓ ବାହ୍ୟ ବିବରଣୀରେ ମେଳ ନ ଖାଇଲେ, ଦୁଇମାସ ମଧ୍ୟରେ ଯୋଗାଣକାରୀ ଏହି ଅମେଳକୁ ଶୋଧନ କରିବା ଆବଶ୍ୟକ । ଯଦି ଏହା ନ ହୁଏ ତାହାଲେ ITC ଗ୍ରହୀତାଙ୍କ ନିକଟକୁ ଲେଉଟିଯିବ ।

**ପ୍ରଶ୍ନ-୩୧ : ଯଦି ITC ଗ୍ରହଣଯୋଗ୍ୟ ମୂଳଧନୀ ସାମଗ୍ରୀକୁ ଟିକସଯୋଗ୍ୟ ବ୍ୟକ୍ତି ଯୋଗାଣ କରନ୍ତି, ତାହାଲେ ଏହାର ଟିକସ ପ୍ରଭାବ କ'ଣ ରହିବ ?**

ଉତ୍ତର : MGLର ଅନୁଚ୍ଛେଦ-୧୬(୧୫) ଅନୁଯାୟୀ, ITC ଗ୍ରହଣଯୋଗ୍ୟ ମୂଳଧନୀ ସାମଗ୍ରୀ ଯୋଗାଣ କ୍ଷେତ୍ରରେ ପଞ୍ଜୀକୃତ ଟିକସଯୋଗ୍ୟ ବ୍ୟକ୍ତି ମୂଳଧନୀ ସାମଗ୍ରୀ ଉପରେ ଗ୍ରହଣ କରିଥିବା ITC ଅନୁରୂପ ଦେୟ ପଏଠ କରିବେ । ତେବେ ତାଙ୍କ ପକ୍ଷରୁ ଦର୍ଶାଯାଇଥିବା ଶତାଂଶ ପଏଣ୍ଟ କିମ୍ବା ଏହି ମୂଳଧନୀ ସାମଗ୍ରୀର ଦେଣନେଣ ମୂଲ୍ୟ ଉପରେ ପଡୁଥିବା ଟିକସ ହ୍ରାସ କରାଯିବ (ଯେଉଁଟି ସବୁଠୁ ବେଶୀ ଥିବ ।

**ପ୍ରଶ୍ନ-୩୨ : ତ୍ରୁଟିପୂର୍ଣ୍ଣ ଭାବେ ପ୍ରଦତ୍ତ ଜମାରାଶିକୁ ଆଦାୟ ଲାଗି କି ପ୍ରକାର ବ୍ୟବସ୍ଥା ରହିଛି ?**

ଉତ୍ତର : MGLର ଅନୁଚ୍ଛେଦ-୧୬(୧୬) ଅନୁଯାୟୀ, ପଞ୍ଜୀକୃତ ଟିକସଦାତାଙ୍କଠାରୁ MGLର ଅନୁଚ୍ଛେଦ-୫୧ ଉପଯୋଗ କରାଯାଇ ଭୁଲକ୍ରମେ ଯାଇଥିବା ଜମାରାଶିକୁ ଉଦ୍ଧାର କରାଯାଇ ପାରିବ ।

---

# ୧୧. ଜିଏସ୍‌ଟିରେ ନିବେଶ ସେବା ବିତରକ ସଂକ୍ରାନ୍ତ ଧାରଣା

**ପ୍ରଶ୍ନ-୧ : ଇନ୍‌ପୁଟ୍ ସର୍ଭିସ ଡିଷ୍ଟ୍ରିବ୍ୟୁଟର (ISD) ନିବେଶ ସେବା ବିତରକ କ'ଣ ?**

ଉତ୍ତର : MGLର ଅନୁଚ୍ଛେଦ ୨(୫୬) ଓ ISD ହେଉଛି ଏକ କାର୍ଯ୍ୟାଳୟ, ଯାହାକି ଦ୍ରବ୍ୟ ଉତ୍ପନ୍ନ ଓ ସେବା ଯୋଗାଣ କରିବା ସହ ଅନୁଚ୍ଛେଦ-୨୩ ବଳରେ ନିବେଶ ସେବା ରସିଦ ଭିତ୍ତିରେ ଟିକସ ଚାଲାନ୍ ଗ୍ରହଣ କରିଥାଏ । ଏହାଛଡ଼ା ISD ସମାନ ପାନ୍ ନମ୍ବର ଥିବା ଟିକସଯୁକ୍ତ ଦ୍ରବ୍ୟ ଓ ସେବା ଯୋଗାଣକାରୀଙ୍କ ଦ୍ୱାରା ଏହି ଯୋଗାଣ ଲାଗି ପଏଠ ହୋଇଥିବା ଓ CGST (ରାଜ୍ୟ ଆଇନରେ SGST) କିମ୍ବା IGSTର ଜମାରାଶି ବଣ୍ଟନ ପାଇଁ ଟିକସ ଚାଲାନ୍ ଓ ଏହି ଉଦ୍ଦେଶ୍ୟରେ ଥିବା ଅନ୍ୟାନ୍ୟ ଦଲିଲଙ୍କୁ ଜାରି କରିଥାଏ । ଜମାରାଶି ବଣ୍ଟନ ଉଦ୍ଦେଶ୍ୟ ଯୋଗୁ ISDକୁ ସେବା ଯୋଗାଣକାରୀ ରୂପେ ବିବେଚନା କରାଯାଇଥାଏ ।

**ପ୍ରଶ୍ନ-୨ : ISD ପଞ୍ଜୀକରଣ ଲାଗି କ'ଣ ଆବଶ୍ୟକ ?**

ଉତ୍ତର : ତୃତୀୟ ଧାରାର ଅନୁଚ୍ଛେଦ-୧୯ ଅନ୍ତର୍ଗତ ପାରାଗ୍ରାଫ୍ ୫(୭) ଅନୁଯାୟୀ ସେବା ଯୋଗାଣକାରୀର ମାନ୍ୟତା ଦୃଷ୍ଟିରୁ ISD ପଞ୍ଜୀକୃତ ହୋଇପାରିବ । ପଞ୍ଜୀକରଣ ପାଇଁ ଥିବା ସର୍ବନିମ୍ନ ସୀମା ISD ପାଇଁ ଲାଗୁ ହେବନାହିଁ । ପ୍ରଚଳିତ ବ୍ୟବସ୍ଥା ଅନୁଯାୟୀ (ସେବା ଟିକସ ବଳରେ) ହୋଇଥିବା ISDର ପଞ୍ଜୀକରଣ GST ବ୍ୟବସ୍ଥାରେ ଅନ୍ତର୍ଭୁକ୍ତ ହେବନାହିଁ । ସଂପ୍ରତି କାର୍ଯ୍ୟକ୍ଷମ ଥିବା ISD ଭବିଷ୍ୟତରେ ସଞ୍ଚାଳନ କରିବାକୁ ଇଚ୍ଛୁକ ଥିଲେ ନୂତନ ବ୍ୟବସ୍ଥାନୁଯାୟୀ ସାନି ପଞ୍ଜୀକରଣ କରିବା ଆବଶ୍ୟକ ।

**ପ୍ରଶ୍ନ-୩ : ଜମାରାଶିର ବଣ୍ଟନ ଲାଗି କିଭଳି ସର୍ତ୍ତ ବା ନିୟନ୍ତ୍ରଣ ରହିଛି ?**

ଉତ୍ତର : ନିମ୍ନଲିଖିତ ସର୍ତ୍ତାନୁଯାୟୀ ଜମାରାଶି ବଣ୍ଟନ କରାଯିବ –

(କ) ନିର୍ଦ୍ଧାରିତ ନିୟମାନୁଯାୟୀ ଟିକସ ଚାଲାନ୍ ବା ଅନ୍ୟାନ୍ୟ ଦଲିଲ ଜରିଆରେ ଜମାରାଶି ବଣ୍ଟନ କରାଯିବ,

(ଖ) ବଣ୍ଟନ ହେଉଥିବା ଜମାରାଶିର ପରିମାଣ ଲଭ୍ୟ ଜମାରାଶିଠାରୁ ଅଧିକ ହେଉନଥିବ,

(ଗ) କେବଳ ଉପଯୁକ୍ତ ସେବା ଯୋଗାଣକାରୀଙ୍କୁ ହିଁ ଜମାରାଶି ବଣ୍ଟନ କରାଯିବ,

(ଘ) ଏକାଧିକ ସେବା ଯୋଗାଣକାରୀ ଥିଲେ ପୂର୍ବ ଆର୍ଥିକ ବର୍ଷ ମଧ୍ୟରେ ସେମାନଙ୍କ କାରବାର ଭିତ୍ତିରେ ଜମାରାଶି ସମାନୁପାତିକ ଭାବେ ବଣ୍ଟନ କରାଯିବ ।

ଉତ୍ତର ଯଦି କୌଣସି ବ୍ୟକ୍ତିଙ୍କର କର ଦେବାକୁ ଅଛି ଏବଂ ସେ ତାଙ୍କର ବ୍ୟବସାୟ ଅନ୍ୟକୁ ସ୍ଥାନାନ୍ତରଣ କଲେ ଏହା ସମ୍ପୂର୍ଣ୍ଣ ଭାବେ ଦାନ, ବିକ୍ରି, ଲାଇସେନ୍ସ ବା ଅନ୍ୟ କିଛି ଭାବରେ ପ୍ରଦାନ କଲେ ଗ୍ରହଣ ବ୍ୟବସାୟୀ ଯୁଗ୍ମଭାବରେ ବା ଅନୁପାତିକ ଭାବରେ କର ସହ ସୁଧ ପ୍ରଦାନ କରିବେ । କର ସମ୍ବନ୍ଧୀୟ ରାଶି ବ୍ୟବସାୟ ସ୍ଥାନାନ୍ତରଣ ପୂର୍ବ ବା ପରବର୍ତ୍ତୀ ସମୟରେ ହେଲେ ମଧ୍ୟ କର ଉପରେ କୌଣସି ପ୍ରଭାବ ନାହିଁ ।

**ପ୍ରଶ୍ନ -୧୭ ବ୍ୟବସାୟ ପ୍ରତିଷ୍ଠାନର ସମାପନ ଅବସ୍ଥା ହେଲେ କର ଦେୟ ଉପରେ କି ପ୍ରଭାବ ପଡ଼ିବ ?**

ଉତ୍ତର ଯଦି କୌଣସି ପ୍ରତିଷ୍ଠାନ ବନ୍ଦ ହୁଏ, ଏବଂ କର ସମ୍ବନ୍ଧରେ ଜଣାପଡ଼େ ତେବେ ଅନାଦେୟ କର ନିମିତ୍ତ ସେ ସମୟର ମୁଖ୍ୟ ଓ ବର୍ତ୍ତମାନର ମୁଖ୍ୟ ଉଭୟେ ଦାୟୀ ରହିବେ । ନଚେତ୍ କମିଶନରଙ୍କର ସନ୍ତକ ମୁତାବକ ତଥ୍ୟ ଦେବାକୁ ହେବ । ଯାହା ପ୍ରତିଷ୍ଠାନର ଅଭ୍ୟନ୍ତରୀଣୀୟ ବେପାର ସମ୍ପର୍କ ଓ ଧୋକାବାଜୀଙ୍କ ବ୍ୟବହାରରେ କୌଣସି ପ୍ରଭାବ ପକାଇବ ନାହିଁ ।

**ପ୍ରଶ୍ନ-୧୮ ଭାଗିଦାରୀ ପ୍ରତିଷ୍ଠାନର କର ବକେୟା କିପରି ନିର୍ଦ୍ଧାରିତ ହେବ ?**

ଉତ୍ତର ଯୁଗ୍ମ ଭାବେ ସମସ୍ତେ ଦାୟୀ ରହିବେ । ବକେୟ କର, ସୁଧ ଓ ତଣ୍ଡ ଦେବା ପର୍ଯ୍ୟନ୍ତ ଯଦି କୌଣସି ସଭ୍ୟ ଅବସର ନିଅନ୍ତି, ତେବେ ପ୍ରତିଷ୍ଠାନ ସମ୍ବନ୍ଧରେ କମିଶନରଙ୍କୁ ଲିଖିତ ଅବଗତି କରାଇବେ । ସେଦିନ ପର୍ଯ୍ୟନ୍ତ ବକେୟା ଦେୟର ସମ୍ପୃକ୍ତ ହିସାବ ଉପଯୁକ୍ତ ଭାବେ ନିର୍ଦ୍ଧାରିତ ହେବ । ଯଦି ଏକ ମାସ ମପଧରେ କୌଣସି ତଥ୍ୟ ଦିଆନଯାଏ, ତେବେ ଅବସର ତାରିଖ ଓ ଦେୟ ଉଭୟର ତାରିଖ କମିଶନର ଚାହିଁବା ପର୍ଯ୍ୟନ୍ତ ଘୁଞ୍ଚିହେବ ।

**ପ୍ରଶ୍ନ-୧୯ ନାବାଳକଙ୍କ ବ୍ୟବସାୟ ଚଳାଉଥିବା ଅଭିଭାବକ, ଟ୍ରଷ୍ଟି ଅଥବା ଏଜେଣ୍ଟ କ୍ଷେତ୍ରରେ କର ଦେୟର ଦାୟିତ୍ୱ କାହାର ?**

ଉତ୍ତର ଯଦି କୌଣସି ବ୍ୟବସାୟର କର ଦେୟ ରହିଛି ଏବଂ ତାହା କୌଣସି ଅଭିଭାବକ, ଟ୍ରଷ୍ଟି ଓ ଏଜେଣ୍ଟ ଦ୍ୱାରା ପରିଚାଳିତ ବା ଅପାରଗତା ବ୍ୟକ୍ତିଙ୍କ ନିମିତ୍ତ ଅନ୍ୟ କେହି ଏବଂ ଲାଭାଂଶଟି ନାବାଳକ, ଅପାରକ ବ୍ୟକ୍ତିର, ତେବେ ସେ କର, ସୁଧ ଓ ତଣ୍ଡ ପ୍ରଦାନ ଦାୟିତ୍ୱବାନ ଅଭିଭାବକ, ଟ୍ରଷ୍ଟି ଓ ଏଜେଣ୍ଟର ଦାୟିତ୍ୱ ଓ ଅସୁଲିଯୋଗ୍ୟ ।

**ପ୍ରଶ୍ନ-୨୦ ବିଚାରାଳୟର ଅଧିନରେ ଥିବା କରଯୋଗ୍ୟ ସମ୍ପତ୍ତିର କ୍ଷେତ୍ରରେ କ'ଣ ହେବ ?**

ଉତ୍ତର ବ୍ୟବସାୟ ସମ୍ବନ୍ଧରେ କର ଯୋଗ୍ୟ ସମ୍ପତ୍ତିର କର, ସୁଧ ଓ ତଣ୍ଡ ପ୍ରଶାସନ, ଟ୍ରଷ୍ଟି, ବିଚାରକଙ୍କ ଦ୍ୱାରା ପରିଚାଳନା ଅଧିକାରୀଙ୍କ ଦ୍ୱାରା ନିୟନ୍ତ୍ରିତ । କର, ସୁଧ ଓ ତଣ୍ଡ ମଧ ସମାନୁପାତିକ ଭାବେ ପ୍ରଶାସନ, ଟ୍ରଷ୍ଟି ଓ ବିଚାରାଳୟ ଦ୍ୱାରା ନିଯୁକ୍ତ ପରିଚାଳକଙ୍କ ଦ୍ୱାରା ଅସୁଲ କରାହେବ ।

# ୧୬. ସାଧାରଣ ବିକ୍ରି କରରେ ଆବେଦନ, ସମୀକ୍ଷା ଓ ପୁନଃନିରୀକ୍ଷଣ

**ପ୍ରଶ୍ନ-୧** **ଯଦି କୌଣସି ବ୍ୟକ୍ତି ବିପକ୍ଷରେ କୌଣସି ବ୍ୟଥିତ ନିର୍ଦ୍ଦେଶ ବା ନିଷ୍ପତ୍ତି ପାରିତ ହୋଇଛି, ତେବେ ସେ ଆବେଦନ କରିପାରିବ କି ?**

ଉତ୍ତର ହଁ, ଯଦି କୌଣସି ବ୍ୟକ୍ତି ବିପକ୍ଷରେ କୌଣସି ବ୍ୟଥିତ ନିର୍ଦ୍ଦେଶ ବା ନିଷ୍ପତ୍ତି ପାରିତ ହୋଇଛି, ସେ ଆବେଦନ କରିପାରିବେ । ଏହା ନ୍ୟାୟ ନିର୍ଣ୍ଣୟକାରୀଙ୍କ ଦ୍ୱାରା ପାରିତ ହୋଇଥିବା ଆବଶ୍ୟକ । ଯଦିଓ କିଛି ନିଷ୍ପତ୍ତି କିମ୍ବା ନିର୍ଦ୍ଦେଶ ଧାରା (୯୩) ଅନୁଯାୟୀ ଆବେଦନଯୋଗ୍ୟ ନୁହେଁ ।

**ପ୍ରଶ୍ନ-୨** **ଯେତେବେଳେ କେନ୍ଦ୍ରୀୟ ସାଧାରଣ ବିକ୍ରି କର କମିଶନର ଅନୁଭବ କରନ୍ତି ଯେ, ସେ ପାରିତ ନିର୍ଦ୍ଦେଶ ନ୍ୟାୟସଂଗତ ନୁହେଁ । ତେବେ ସେ ଏହାର ପୁନଃ ସମୀକ୍ଷା କରିପାରିବେ କି ?**

ଉତ୍ତର ନାଁ, କେନ୍ଦ୍ରୀୟ ସାଧାରଣ ବିକ୍ରିକର କମିଶନର ପାରିତ ନିର୍ଦ୍ଦେଶକୁ ପୁନଃ ନିରୀକ୍ଷଣ କରିପାରିବେ ନାହିଁ । ଆଇନ୍ ପ୍ରକରଣରେ CGST ଏବଂ SGST ରେ ଅଲଗା ବ୍ୟବସ୍ଥା ରହିଅଛି । CGST ରେ ଧାରା ୭୯ (୨) ଅନୁଯାୟୀ ଯଦି କମିଶନର ପାରିତ ନିଷ୍ପତ୍ତି, ନିର୍ଦ୍ଦେଶ (ନ୍ୟାୟ ନିର୍ଣ୍ଣୟକାରୀଙ୍କ ଦ୍ୱାରା ନ୍ୟାୟସଙ୍ଗତ ଓ ଠିକ୍ ବୋଲି ଅନୁଭବ ନ କରନ୍ତି, ତେବେ ବିଭିନ୍ନ ଦିଗକୁ ନେଇ ଆଉ ଏକ ନିର୍ଦ୍ଦେଶକ ପ୍ରସ୍ତୁତ କରିପାରିବେ ଓ ଜି.ଏସ୍.ଟି. ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ପ୍ରଥମ ଆବେଦନ କର୍ତ୍ତୃପକ୍ଷଙ୍କ ନିକଟରେ କେସ୍ ଆରମ୍ଭ ନିମନ୍ତେ ନିର୍ଦ୍ଦେଶ ଦେଇପାରିବେ । ସେହି ହେତୁ ଆବେଦନଗୁଡ଼ିକ ପ୍ରଥମ ଆବେଦନକାରୀଙ୍କ ଦ୍ୱାରା ବିଚାର କରାଯାଇ ପାରିବ ।

**ପ୍ରଶ୍ନ-୩** **ପ୍ରଥମ ଆବେଦନକାରୀଙ୍କ ନିକଟରେ କେସ୍ ତାରିଖ କରିବାର ସମୟ ଅବଧି କେତେ ?**

ଉତ୍ତର ସମୟ ବା ନିଷ୍ପତ୍ତି ବା ନିର୍ଦ୍ଦେଶ ପାରିତ ହେବାର ତିନି ମାସ ମଧ୍ୟରେ ନିର୍ଦ୍ଧାରିତ ଅବଧି ମଧ୍ୟରେ ପ୍ରଥମ ଆବେଦନକାରୀଙ୍କ ନିକଟରେ କେସ୍ ଦାଖଲ କରିହେବ ।

**ପ୍ରଶ୍ନ-୪** **କମିଶନର CGSTଙ୍କର ନିର୍ଦ୍ଦେଶ ପରେ ବିଭାଗୀୟ ଅଧିକାରୀ ବା କୌଣସି ଏକ ଆବେଦନ କରିବାର ସମୟ ଅବଧି ଲାଗୁ ହେବ କି ?**

ଉତ୍ତର ହଁ, ଏହା ଆବେଦନଯୋଗ୍ୟ । ଆବେଦନ ପ୍ରଦାନ କରିହେବ ଏବଂ ସମସ୍ତ ଆବେଦନର ବ୍ୟବସ୍ଥା ପାଇଁ ବିଧି ରହିବ ।

**ପ୍ରଶ୍ନ-୫** **ପ୍ରଥମ ଆବେଦନର ବିଚାର ସମ୍ବନ୍ଧୀୟ ବିଳମ୍ବକୁ କ୍ଷମା କରିବାର ଅଧିକାର ପ୍ରଥମ ଆପିଲେଟ୍ ଅଧିକାରୀଙ୍କର ଅଛି କି ?**

ଉତ୍ତର ହଁ ସେ ବିଳମ୍ବକୁ କ୍ଷମା କରିପାରିବେ । କିନ୍ତୁ ୧ ମାସରୁ ୩ ମାସ ମଧ୍ୟରେ ଉପଯୁକ୍ତ କାରଣ ଦର୍ଶାଇ ଧାରା ୭୯ (୪) ଅନୁଯାୟୀ ଆବେଦନ ଦାଖଲ କରିବେ ।

**ପ୍ରଶ୍ନ-୬** **ପ୍ରଥମ ଆପିଲେଟ ଅଧିକାରୀଙ୍କର କିଛି ଅତିରିକ୍ତ ବିଚାର ସମ୍ବନ୍ଧୀୟ ବିଷୟରେ ଅନୁମତି ଦେବାର କ୍ଷମତା ଅଛି କି ନାହିଁ ?**

ଉତ୍ତର ହଁ, ଯଦି ଅଧିକାରୀ ସନ୍ତୁଷ୍ଟ ହୁଅନ୍ତି ଓ ଯେ ଇଚ୍ଛାକୃତ ବା ସ୍ୱଇଚ୍ଛାରେ ଆବେଦନ ହୋଇନାହିଁ, ତେବେ ଏହା ଅନୁମୋଦନ ହୋଇପାରେ ।

**ପ୍ରଶ୍ନ-୭** **ପ୍ରଥମ ଆପିଲେଟ୍ ଅଧିକାରୀଙ୍କର ନିଷ୍ପତ୍ତିକୁ କାହାକୁ ଜଣାଇବା ଦରକାର ?**

ଉତ୍ତର ପ୍ରଥମ ଆପିଲେଟ୍ ଅଧିକାରୀଙ୍କ ନିଷ୍ପତ୍ତିକୁ ଆବେଦନକାରୀ, ନ୍ୟାୟ ନିର୍ଣ୍ଣୟକାରୀ ଓ କମିଶନର CGST ଓ SGST ଜଣାଇବା ଦରକାର ।

**ପ୍ରଶ୍ନ-୮** **ପ୍ରତ୍ୟେକ ଆବେଦନ ସହିତ କେତେ ପରିମାଣର ଅଗ୍ରୀମ ଜମା କରିବାକୁ ଆବଶକ ?**

ଉତ୍ତର ବିବାଦମାନ ମୂଲ୍ୟର ୧୦ପ୍ରତିଶତ (CGST ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ମାନକ ନିୟମରେ Q-12 ଏବଂ 13) ପରିମାଣ ଜମା ପ୍ରଦାନ କରିବାକୁ ପଡ଼ିବ ।

**ପ୍ରଶ୍ନ-୯** **ବିବାଦର ପରିମାଣ କେତେ ?**

ଉତ୍ତର ମାନକ ସାଧାରଣ ବିକ୍ରିକର ନିୟମ ଅନୁଯାୟୀ ଧାରା ୭୯ (୬)ରେ ବିବାଦର ପରିମାଣ ସମ୍ବନ୍ଧରେ ବର୍ଣ୍ଣନା କରାଯାଇଛି ।

(କ) ଧାରା ୪୬, ୪୭, ୪୮, ୫୦ ଅନୁମାନ ପରିମାଣ ନିର୍ଦ୍ଧାରିତ ହେବ ।

(ଖ) GST କ୍ରେଡ଼ିଟ୍ ନିୟମ ଅନୁସାରେ ଦେୟ ପ୍ରଦାନ କରାଯିବ ।

(ଗ) ପରିମାଣର ଦେୟ ଅଥବା ଜୋରିମାନା ଆରୋପ କରାଯିବ ।

**ପ୍ରଶ୍ନ-୧୦** **କୌଣସି ଏକ ଆବେଦନରେ ମୂଳ କର୍ତ୍ତୃପକ୍ଷଙ୍କ ଦ୍ୱାରା ପାରିତ ହୋଇଥିବା ଶୁଳ୍କ / ଜୋରିମାନା / ଶାସ୍ତି / ଫେରସ୍ତ ପରିମାଣ / ଅର୍ନ୍ତଗ୍ରହିତ କରକୁ (ITC) କମ୍ ବା ବେଶିକରିବାର ଆଦେଶ ଦେଇପାରିବେ କି ?**

ଉତ୍ତର ପ୍ରଥମ ଆବେଦନ ଅଧିକାରୀ ବ୍ୟାଜାପ୍ତି ବଦଳରେ ଦେୟ, ଜୋରିମାନା ବୃଦ୍ଧି କରିପାରିବେ ବା ଫେରସ୍ତ ଦେୟ ବା ଅର୍ନ୍ତଗ୍ରହିତ କରକୁ କମ୍ କରିପାରିବେ । ଏଥିନିମନ୍ତେ ଉପଯୁକ୍ତ କାରଣ ଦର୍ଶାଇ ଏକ କ୍ଷତିକାରକ ନିର୍ଦ୍ଦେଶ ଧାରା -୭୯ (୧୦) ପ୍ରସ୍ତାବ ହେବ । ଦେୟର ବୃଦ୍ଧି ବା ଅର୍ନ୍ତଗ୍ରହିତ କରକୁ ଭୁଲ୍ ହିସାବକୁ କେବଳ ପ୍ରଥମ ଆବେଦନ ଅଧିକାରୀ ବିଚାର କରି SCN ପ୍ରସ୍ତୁତ କରି ଆବେଦନ କାରୀଙ୍କ ବିରୋଧରେ ନିର୍ଦ୍ଦେଶ ଦେବେ । ନିର୍ଦ୍ଦେଶଟି ସମୟସୀମା ମଧ୍ୟରେ ଧାରା ୫୧ ଅନୁଯାୟୀ ପାରିତ ହେବ ।

**ପ୍ରଶ୍ନ-୧୧** **(କେବଳ SGST ନିୟମ ପାଇଁ) - SGST ଅନୁଯାୟୀ ପ୍ରଥମ ଆବେଦନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିବା ପୂର୍ବରୁ ଆବେଦନ ପାଇଁ ଅଗ୍ରୀମ ଜମା ପାଇଁ ବ୍ୟବସ୍ଥା କ'ଣ ?**

ଉତ୍ତର ଆବେଦନ ପରିମାଣର ୧୦ ପ୍ରତିଶତ ଅଗ୍ରୀମ ଦେୟ ଆବେଦନ ପୂର୍ବରୁ ପୈଠ କରିବାକୁ ହେବ । ଉଭୟ CGST ଓ SGST ରେ ସମାନ ଅଟେ । SGST କ୍ଷେତ୍ରରେ ଅତିରିକ୍ତ ଭାବେ ୧୦ପ୍ରତିଶତ ଅଧିକ ଅଗ୍ରୀମ ଜମା ଦେବାକୁ ପଡ଼ିବ । ଏହି ଅତିରିକ୍ତ ଅର୍ଥ, ସୁଧ, କର, ଜୋରିମାନାକୁ ଆକ୍ଷେପ କରି ଗ୍ରହଣ କରାଯିବ । ପୁନଶ୍ଚ ଯଦି କମିଶନର STST ଗୁରୁତ୍ୱ ମାମଲା ଭାବେ ବିଚାର କରନ୍ତି, ତେବେ ବିଭାଗୀୟ ଅଧିକାରୀ ପ୍ରଥମ ଆବେଦନ କର୍ତ୍ତୃପକ୍ଷଙ୍କ ନିକଟରେ ଅଧିକ ଦେୟ ପାଇଁ ଆବେଦନ କରିବେ ।

**ପ୍ରଶ୍ନ-୧୨** **(କେବଳ SGST ନିୟମ ପାଇଁ) ଧର୍ତ୍ତବ୍ୟ ମାମଲାର ଅର୍ଥ କ'ଣ ?**

ଉତ୍ତର ୨୫କୋଟିରୁ କମ୍ ହୋଇନଥିବା ବିବାଦମାନ ଦେୟ ଏହି ସଂସ୍କାରର ଅନ୍ତର୍ଭୁକ୍ତ ଅଟେ । ଏବଂ ଯଦି କମିଶନର SGST ଙ୍କ ମତରେ (ଲିଖିତ (ବିଭିନ୍ନ କାରଣ ଉଲ୍ଲେଖ ଥାଇ) ଏହା ଏକ ଭଲ ବିଭାଗୀୟ ମାମଲା) ହେବ ।

**ପ୍ରଶ୍ନ-୧୩** **ଅଧସ୍ତନ ଅଧିକାରୀଙ୍କ ଦ୍ୱାରା ନିୟମ ଅନୁଯାୟୀ ପାରିତ ହୋଇଥିବା କୌଣସି ଆଦେଶକୁ SGSTର କମିଶନର ପୁନଃ ନିରୀକ୍ଷଣ କରିପାରିବେ କି ?**

ଉତ୍ତର  ହଁ ଧାରା-୮୦ (୧)ର SGST ର ନିୟମ ଅନୁଯାୟୀ କମିଶନର ମାମଲାଟିର ପରୀକ୍ଷଣ ଓ ନାକଚ ନିମନ୍ତେ ନିର୍ଦ୍ଦେଶ ଦେଇପାରିବେ । ଯଦି ସେ ଅନୁଭବ କରନ୍ତି ଯେ, ଅଧିନସ୍ଥ ଅଧିକାରୀଙ୍କ ଦ୍ୱାରା ପ୍ରସ୍ତାବିତ କର, ଶୁଳ୍କ ବା ପୂର୍ବ ନିର୍ଦ୍ଧାରିତ ଆୟ ମତେ, ସେ ତାହାକୁ ପୁନଃନିରକ୍ଷଣ ନିମନ୍ତେ ନିର୍ଦ୍ଦେଶ ଦେବାପୂର୍ବରୁ କର ଦାତାଙ୍କୁ ଜଣାଇ ନିର୍ଦ୍ଦେଶ ଦେଇପାରିବେ ।

**ପ୍ରଶ୍ନ-୧୪  ଅଧିନସ୍ଥ ଅଧିକାରୀଙ୍କ ଦ୍ୱାରା ବିଚାରାଧିନ ବିଷୟରେ କମିଶନର SGST କୌଣସି ନିର୍ଦ୍ଦେଶ ଜାରି କରିପାରିବେ କି ?**

ଉତ୍ତର  ହଁ ।

**ପ୍ରଶ୍ନ-୧୫  ଅଧିନସ୍ଥ ଅଧିକାରୀଙ୍କର ନିଷ୍ପତ୍ତିକୁ ପୁନଃ ନିରୀକ୍ଷଣ କରିବା ପାଇଁ SGST ଅଧିନରେ କମିଶନରଙ୍କର କ୍ଷମତା ଉପରେ କେଉଁ ପ୍ରତିବନ୍ଧକ ରହିଛି ?**

ଉତ୍ତର  ହଁ, କମିଶନର ନିର୍ଦ୍ଦେଶକୁ ପୁନଃ ନିରୀକ୍ଷଣ କରିବେ ନାହିଁ । ଯଦି

(କ) ନିର୍ଦ୍ଦେଶଟି ଧାରା ୭୯ ଅଧିନରେ ଓ ୮୨, ୮୭, ୮୮ ଅଧିନରେ ଆବେଦନ କରାଯାଇଛି ।

(ଖ) ତିନି ବର୍ଷ ଅତିକ୍ରାନ୍ତ ହୋଇଯାଇଥିବା ନିଷ୍ପତ୍ତି ବା ପୁନଃ ନିରିକ୍ଷଣ ନିଷ୍ପତ୍ତି (Ref. Sec.-80 of MDL)

**ପ୍ରଶ୍ନ-୧୬  କେତେବେଳେ ଏକ ଆବେଦନକୁ ଟ୍ରିବୁନାଲ୍ ମନା କରପାରିବେ ?**

ଉତ୍ତର  ଯଦି କୌଣସି ଏକ ଆବେଦନର କର ପରିମାଣ ବା ଅର୍ନ୍ତଗ୍ରହିତ କର ବା କର ର ଅସମାନତା ରହିଲେ ବା ଅର୍ନ୍ତଗ୍ରହିତ କର ବା ଜୋରିମାନା ମଧ୍ୟରେ ପ୍ରାର୍ଥକ୍ୟ ବା ଜୋରିମାନାର ପରିମାଣ ବା fees ର ପରିମାଣ ଯଦି ୧୦ ହଜାରରୁ କମ୍ ହୁଏ, ତେବେ ଟ୍ରିବୁନାଲ୍ ଆବେଦନ ଗ୍ରହଣ କରିବାକୁ ମନା କରପାରିବେ (ଧାରା-୮୨ (୨) MGN) ।

**ପ୍ରଶ୍ନ-୧୭  ଟ୍ରିବୁନାଲ୍‌ରେ ଆବେଦନ କରିବା ପାଇଁ କେତେ ସମୟ ଆବଶ୍ୟକ ରହିଛି ?**

ଉତ୍ତର  ଆଦେଶ ପ୍ରାପ୍ତିର ୩ ମାସ ମଧ୍ୟରେ ଟ୍ରିବୁନାଲ୍ ନିକଟରେ ଆବେଦନ କରିପାରିବେ ।

**ପ୍ରଶ୍ନ-୧୮  ୩ ମାସରୁ ଉର୍ଦ୍ଧ୍ୱ ଏକ ଆବେଦନକୁ ଟ୍ରିବୁନାଲ୍ କ୍ଷମା ବା ନାକଚ କରିପାରିବେ କି ? ଯଦି ହଁ, ତେବେ ଏହା କେତେ ଦିନ ପାଇଁ ?**

ଉତ୍ତର  ଆବେଦନକାରୀଙ୍କର ଉପଯୁକ୍ତ ପ୍ରମାଣ ଥାଇ ୩ ମାସରୁ ଉର୍ଦ୍ଧ୍ୱ ଆବେଦନକୁ ଟ୍ରିବୁନାଲ ଯେକୌଣସି ସମୟ ଅବଧି ପର୍ଯ୍ୟନ୍ତ କ୍ଷମା ପ୍ରଦାନ କରିପାରିବେ ।

ପ୍ରଶ୍ନ-୧୯  ପ୍ରତି-ଆପତ୍ତି ଉପରେ ଟ୍ରିବୁନାଲ୍‌କୁ ମେମୋରାଣ୍ଡମ୍ ଦେବାର ସମୟ ଅବଧି କେତେ ?

ଉତ୍ତର  ଆବେଦନର ଆପତ୍ତି ପାଇବାର ୪୫ ଦିନ ମଧ୍ୟରେ ପ୍ରତି-ଆପତ୍ତି କରି ପାରିବେ ।

**ପ୍ରଶ୍ନ-୨୦  CGST ଏବଂ SGST ଅଧିନରେ ଥିବା ବିଭିନ୍ନ ପ୍ରକାର ଆବେଦନର ଆବେଦନ ପାଇଁ (ଟ୍ରିବୁନାଲ) କି ବ୍ୟବସ୍ଥା ରହିଛି ?**

ଉତ୍ତର  (କ) CGST ଧାରା ୮୨ ଅଧିନରେ ପ୍ରଥମ ଆବେଦନ କର୍ତ୍ତୃପକ୍ଷଙ୍କ କୌଣସି ନିର୍ଦ୍ଦେଶ ବା ନିଷ୍ପତ୍ତିରେ କ୍ଷୁବ୍ଧ ହେବାପରେ ଆବେଦନକାରୀଙ୍କ ପାଇଁ କେଉଁ ବ୍ୟବସ୍ଥା ରହିଛି ତାହା CGST ଧାରା ୮୨ ସହ ପ୍ରାୟ ସମାନ । ସେଥିରେ ଥିବା ଧାରା ୮୨ SGST ସହ ସମାନ ।

(ଖ) SGST ଧାରା ୮୨ ଅନୁଯାୟୀ କମିଶନରଙ୍କର ନିର୍ଦ୍ଦେଶ ବିରୋଧରେ ଅପିଲ୍ ଟ୍ରିବୁନାଲ୍‌ରେ ଆବେଦନ କରାଯାଇପାରିବ ।

(ଗ) ଯଦି ଆବେଦନ ପ୍ରକ୍ରିୟା ହେତୁ ପ୍ରଥମ ଅପିଲ୍ କର୍ତ୍ତୃପକ୍ଷଙ୍କ CGST ଆଇନ୍ ଯାହା SGST ରେ କମିଶନରଙ୍କୁ ପ୍ରଦତ୍ତ ଅଛି ତାହା ବ୍ୟବସ୍ଥାର ଆୟ ବିରୋଧରେ ଯାଉଥିବ ।

(ଘ) SGST ଧାରା କ୍ଷୁବ୍ଧ ହେଲେ ବ୍ୟକ୍ତିଙ୍କୁ ଅଗ୍ରୀମ ଜମା ସ୍ୱରୂପ ସୁଧକର ଏବଂ ଜୋରିମାନା ଦେବାକୁ ଅଧିନରେ ହେବ । ଏହା ଅଧିକାରୀଙ୍କର ଆକ୍ଷେପ ନିର୍ଦ୍ଦେଶରେ ଥିବ ।

**ପ୍ରଶ୍ନ-୨୧ ଅଗ୍ରୀମ ଜମା ଫେରସ୍ତ ରାଶି ଉପରେ ସୁଧ ପ୍ରଦାନ କରିହେବ କି ?**

ଉତ୍ତର ହଁ, ମାନକ ସାଧାରଣ ବିକ୍ରି କର ଧାରା-୮୫ ଯେଉଁଠି ଆବେଦନକାରୀଙ୍କ ଦ୍ୱାରା ଧାରା-୭୯ ଉପଧାରା-୬ (୪) ଅନୁଯାୟୀ ଜମା କରିଥିବେ ବା ଧାରା-୮୨ର ଉପଧାରା ୧୦ / ୭ ପ୍ରଥମ ଆବେଦନ ଅଧିକାରୀ ବା ଟ୍ରିବୁନାଲ୍ ନିର୍ଦ୍ଦେଶମତେ ଫେରସ୍ତ ରାଶି ଉପରେ ଧାରା ୩୯ ଅନୁଯାୟୀ ନିର୍ଦ୍ଦିଷ୍ଟ ସୁଧହାରରେ ପ୍ରଦାନ କରିବା ତାରିଖଠୁ ଫେରସ୍ତ ତାରିଖ ପର୍ଯ୍ୟନ୍ତ ପ୍ରଦାନ କରାଯିବ ।

**ପ୍ରଶ୍ନ-୨୨ ଟ୍ରିବୁନାଲ୍‌ଙ୍କ ଆଦେଶ ପରେ କେଉଁଠି ପୁନଃ ଆବେଦନ କରାଯାଇପାରିବ ?**

ଉତ୍ତର ଯଦି ଉଚ୍ଚ ନ୍ୟାୟାଳୟର ସନ୍ତୁଷ୍ଟି କ୍ରମେ ବାସ୍ତବ ନିୟମ ଆଧାରରେ ଧାରା ୮୭ (୧) ଯଦି ବାସ୍ତବ କାରଣ ଥାଇ ତେବେ ଆବେଦନ ଗ୍ରହଣ କରାଯାଇପାରିବ । ଯଦି କୌଣସି ଟ୍ରିବୁନାଲ୍‌ରେ ସମ୍ପର୍କିତ କୌଣସି ନିର୍ଦ୍ଦେଶନାମା ପ୍ରକାଶ ପାଇଥାଏ ଓ ଘଟଣାଟି ୨/୩ଟି ରାଜ୍ୟରେ ହୋଇଥାଏ ବା ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ମଧ୍ୟରେ ଭିନ୍ନମତ ପ୍ରକାଶ ପାଇଥାଏ ବା ବ୍ୟାପାରଟି ଅନ୍ତଃରାଜ୍ୟ ହୋଇଥିଲେ ବା ଯେଉଁ କ୍ଷେତ୍ରରେ ଦୁଇଟି ରାଜ୍ୟର ନିୟନ୍ତ୍ରଣ ଥାଏ ବା କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ଭିନ୍ନମତ ଥାଏ ତେବେ ଆବେଦନଟି ସର୍ବୋଚ୍ଚ ନ୍ୟାୟାଳୟରେ ବିଚାର କରାଯାଇପାରିବ ।

**ପ୍ରଶ୍ନ-୨୩ ଉଚ୍ଚ ନ୍ୟାଳୟରେ ଆବେଦନ ନିମିତ୍ତ ସମୟ ଅବଧି କେତେ ?**

ଉତ୍ତର ନିର୍ଦ୍ଦେଶ ପାଇବାର ୧୮୦ ଦିନ ମଧ୍ୟରେ ପୂର୍ବ ଆବେଦନ ବିଷୟରେ ଆବେଦନ କରିପାରିବେ । କିନ୍ତୁ ଉଚ୍ଚ ନ୍ୟାୟାଳୟ ଆବେଦନର ଅଧିକ ବିଳମ୍ବ ପାଇଁ ଉପଯୁକ୍ତ କାରଣ ଥିଲେ କ୍ଷମା କରିପାରନ୍ତି ।

# ୧୭. ଅଗ୍ରୀମ ନିୟମାବଳୀ

ପ୍ରଶ୍ନ-୧ ଅଗ୍ରୀମ ବା ଆଗୁଆ ନିୟମାବଳୀର ଅର୍ଥ କ'ଣ ?

ଉତ୍ତର ମାନକ ସାଧାରଣ ବିକ୍ରିକର (CGST & SGS) ଆଇନ୍ ଅଧିନ ଧାରା ୯୪ ଅନୁଯାୟୀ ଅଗ୍ରୀମ ନିୟମାବଳୀର ଅର୍ଥ ହେଲା : ଜଣେ ଅଧିକାରୀଙ୍କ ଦ୍ୱାରା ଯେକୌଣସି ଲିଖିତ ନିଷ୍ପତ୍ତିବିଷୟରେ ଯଦି କୌଣସି ଆବେଦକଙ୍କୁ ପ୍ରଦାନ କରାଯାଇଥାଏ ବା ପଚରାଯାଇଥିବା ପ୍ରଶ୍ନ ଓ ଧାରା ୯୭, ୯୯ ର ସମ୍ପର୍କିତ ଆବେଦନକୁ ଅଗ୍ରୀମ ନିୟମାବଳୀ କହନ୍ତି ।

ପ୍ରଶ୍ନ-୨ କେଉଁ ବିଷୟରେ ଧାରା୯୮ ଅନୁଯାୟୀ ଅଗ୍ରୀମ ନିୟମାବଳୀ ଆହ୍ୱାନ କରିବେ ?

ଉତ୍ତର ନିମ୍ନଲିଖିତ ସମୟରେ ଅଗ୍ରୀମ ନିୟମାବଳୀ ଆହ୍ୱାନ କରିହେବ ।

(କ) ଆଇନଗତ ସେବା ବା ଦ୍ରବ୍ୟର ବିଭାଗୀକରଣ

(ଖ) ସୁଧହାରକୁ ନେଇ ଆଇନଗତ ଭାବେ ଯେକୌଣସି ନୋଟିସ୍ ଉପରେ ଆବେଦନ ।

(ଗ) ଆଇନଗତ ବସ୍ତୁ ବା ସେବାର ମୂଲ୍ୟ ନିର୍ଦ୍ଧାରଣ ନିମିତ୍ତ ଲାଗୁ ହେବାକୁ ଥିବା ନିଷ୍ପତ୍ତି ।

(ଘ) ପ୍ରଦାନ କରାଯାଇଥିବା ବା ପ୍ରଦାନ ହେବାକୁ ଥିବା ଅର୍ନ୍ତଗ୍ରହିତ କର ସମ୍ପର୍କିତ ପ୍ରବେଶିକା ନିୟମ ।

(ଙ) ଆଇନ୍ ଅନ୍ତର୍ଗତ ପ୍ରଦାନ ହେବାକୁ ଥିବା ବସ୍ତୁ ବା ସେବାର କର ସମ୍ବନ୍ଧୀତ ବ୍ୟୟ ନିର୍ଦ୍ଧାରଣ ।

(ଚ) ଆବେଦନକାରୀମାନଙ୍କ ଆଇନ୍ ଅନୁଯାୟୀ ପଞ୍ଜିକୃତ କରିବା ।

(ଛ) କୌଣସି ନିର୍ଦ୍ଦିଷ୍ଟ କ୍ଷେତ୍ରରେ ବସ୍ତୁ ବା ସେବା ଦେୟ ନିର୍ଦ୍ଧାରଣ ବା ବସ୍ତୁ / ସେବା ଯୋଗାଣ ସମ୍ବନ୍ଧିତ ଦେୟର ପରିମାଣ ନିର୍ଦ୍ଧାରଣ ।

ପ୍ରଶ୍ନ-୩ ଅଗ୍ରୀମ ନିୟମ କରି ବ୍ୟବସ୍ଥାର ଉଦ୍ଦେଶ୍ୟ କ'ଣ ?

ଉତ୍ତର ଏପରି ଏକ ଉତ୍ତରଦାୟୀ ବ୍ୟବସ୍ଥାର ନିମ୍ନଲିଖିତ ଉଦ୍ଦେଶ୍ୟଗୁଡ଼ିକ ହେଲା-

(କ) ଆବେଦକଙ୍କ ପ୍ରସ୍ତାବିତ ବ୍ୟବସାୟିକ କାର୍ଯ୍ୟକ୍ରମ ସମ୍ପର୍କରେ ଆଗୁଆ ନିଶ୍ଚିତ କର ର ଦେୟ ସମ୍ପର୍କରେ ଅବଗତ କରାଇବା ।

(ଖ) ସିଧାସଳଖ ବିଦେଶୀ ପୁଞ୍ଜିବିନିଯୋଗକୁ ଆକର୍ଷିତ କରିବା ।

(ଗ) ଦ୍ୱନ୍ଦ୍ୱ ବା ମୋକଦ୍ଦମା କମ୍ କରିବା ।

(ଘ) ନିୟମ ଉଦ୍‌ଘୋଷଣାରେ ସ୍ୱଚ୍ଛ ଓ ଶସ୍ତା କରିବା

ପ୍ରଶ୍ନ-୪ ସାଧାରଣ ବିକ୍ରିକର ଅଧିନରେ ଅଗ୍ରୀମ ନିୟମକାରୀ କର୍ତ୍ତୃପକ୍ଷ (AAR) ର ସଂରଚନା କ'ଣ ହେବ ?

ଉତ୍ତର ।କେନ୍ଦ୍ରୀୟ ସାଧାରଣ ବିକ୍ରିକର (CGST) ରୁ ଜଣେ ଓ ରାଜ୍ୟ ସାଧାରଣ ବିକ୍ରୀକର (SGST) ରୁ ଜଣେ ସଦସ୍ୟଙ୍କୁ ନେଇ ଅଗ୍ରୀମ ନିୟମକାରୀ କର୍ତ୍ତୃପକ୍ଷ ଗଠିତ । ଏହି ଦୁଇଜଣ ରାଜ୍ୟ ଓ କେନ୍ଦ୍ରସରକାରଙ୍କ ଦ୍ୱାରା ନିଯୁକ୍ତ ହେବେ । ଯୋଗ୍ୟତା ଓ କେଉଁ ପରିସ୍ଥିତିରେ ନିଯୁକ୍ତ ହେବେ ତା'ର ବିବରଣୀ ମାନକ ସାଧାରଣ ବିକ୍ରିକର ଧାରା ୯୫ରେ ଉଲ୍ଲେଖ ଅଛି ।

ପ୍ରଶ୍ନ-୫ ଅଗ୍ରୀମ ନିୟମକାରୀ କର୍ତ୍ତୃପକ୍ଷଙ୍କ ଅପିଲ୍ ଅଧିକାରଙ୍କ (AAAR) ସଂରଚନା କ'ଣ ହେବ ?

ଉତ୍ତର ଅଗ୍ରୀମ ନିୟମକାରୀ କର୍ତ୍ତୃପକ୍ଷଙ୍କ ଅପିଲ୍ ଅଧିକାରୀ (AAAR) , ଅଗ୍ରୀମ ନିୟମକାରୀ କର୍ତ୍ତୃପକ୍ଷଙ୍କ ଅଗ୍ରୀମ ନିୟମାବଳୀ ବିରୋଧରେ ଶୁଣାଣି କରିବେ । ଏଥିରେ ଦୁଇଜଣ ସଦସ୍ୟ ରହନ୍ତି, ଯଥା- ମୁଖ୍ୟ

କମିଶନର CGST ଯେ କେନ୍ଦ୍ରୀୟ ଉତ୍ପାଦନ ଶୁଳ୍କ ବିଭାଗ ଦ୍ୱାରା ମନୋନୀତ ହେବେ ଓ ସେ ଅଞ୍ଚଳର SGST କମିଶନର (ଧାରା-୯୬)

ପ୍ରଶ୍ନ-୬ ସାଧାରଣ ବିକ୍ରିକର ଅଧିନରେ କେତେଗୋଟି AAR & AAAR ଢାଞ୍ଚା ରହିବ ?

ଉତ୍ତର ପ୍ରତ୍ୟେକ ରାଜ୍ୟରେ ଗୋଟିଏ AAR ଓ ଗୋଟିଏ AAAR କାର୍ଯ୍ୟ କରିବ (ଧାରା ୯୫ ଓ ୯୬)

ପ୍ରଶ୍ନ-୭ କେଉଁ ବ୍ୟକ୍ତି ବା ପ୍ରତିଷ୍ଠାନଙ୍କୁ ଅଗ୍ରୀମ ନିୟମ ଆବଶ୍ୟକ ଅଛି ?

ଉତ୍ତର ଧାରା ୧୦୨ ଅନୁଯାୟୀ AAR ଓ AAAR ଆବେଦନକାରୀଙ୍କ ପାଇଁ ଆବଶ୍ୟକ ଏବଂ କୌଣସି ଅଞ୍ଚଳର କର ସମ୍ବନ୍ଧୀୟ ବିଚାରାଳୟ ପାଇଁ ଆବଶ୍ୟକ । ଗୋଟିଏ ରାଜ୍ୟର ସମାନୁପାତିକ ଭାବେ କରଦାତାଙ୍କ ପାଇଁ ନୁହେଁ ବରଂ ସେହି ବ୍ୟକ୍ତି ଯେତେବେଳେ ଅଗ୍ରୀମ ନିୟମ ଆବଶ୍ୟକ କରିବେ ଓ ଅନୁଭବ ପୂର୍ବକ ଆବେଦନ କରିବେ ।

ପ୍ରଶ୍ନ-୮ ଅଗ୍ରୀମ ନିୟମ ଉପଯୋଗର ସମୟ ଅବଧି କେତେ ?

ଉତ୍ତର ଅଗ୍ରୀମ ନିୟମ ଉପଯୋଗ ହେବାର କୌଣସି ନିର୍ଦ୍ଦିଷ୍ଟ ସମୟ ଅବଧି ନାହିଁ । କିନ୍ତୁ ଧାରା ୧୦୨ ଅନୁଯାୟୀ ଅଗ୍ରୀମ ନିୟମ ସେତେଦିନ ପର୍ଯ୍ୟନ୍ତ ଲାଗୁ ରହିବ, ଯେତେଦିନ ପର୍ଯ୍ୟନ୍ତ ନିୟମ, ତଥ୍ୟ ବା ପରିସ୍ଥିତି ଅନୁକୂଳ ଘଟଣା ବା ନିୟମର ପରିବର୍ତ୍ତନ ନହୋଇଛି ।

ପ୍ରଶ୍ନ-୯ ଗୋଟିଏ ଅଗ୍ରୀମ ନିୟମ କେବେ ବାତିଲ୍ ହୋଇପାରେ କି ?

ଉତ୍ତର ଧାରା ୧୦୩ ଅନ୍ତର୍ଗତ, ଯଦି AAR ବା AAAR ଅନୁଭବ କରନ୍ତି ଯେ, ଅଗୀମ ନିୟମଟି ଦ୍ୱାରା ଠକାମୀ ଓ ମୂଲ୍ୟଯୁକ୍ତ ବସ୍ତୁ ସମୂହକୁ ଲୁଚାଇବା ପାଇଁ ବିଭ୍ରାନ୍ତିକରଣ ତଥ୍ୟ ପ୍ରଦାନ କରାଯାଇଛି, ତେବେ ନିୟମଟିକୁ ଭିତ୍ତିଶୂନ୍ୟ ବା ବାତିଲ୍ ବୋଲି ଘୋଷଣା କରିପାରିବେ । ଯଦି କୌଣସି ପରିସ୍ଥିତିରେ ଅଗ୍ରୀମ ନିୟମ ହୋଇନାହିଁ ତେବେ CGST ଓ SGST ର ସମସ୍ତ ଦେୟ ବ୍ୟବସ୍ଥା ଆବେଦନକାରୀଙ୍କ ଉପରେ ଲାଗୁ ହେବ । (କେବଳ ଅଗ୍ରୀମ ନିୟମ ବଳବତ୍ତର ଥିବା ସମୟଟିକୁ ଛାଡ଼ିଦେଇ କେବଳ ଆବେଦନକାରୀଙ୍କୁ ଶୁଣିସାରିଲା ପରେ ଅଗ୍ରୀମ ନିୟମ ନିଷ୍ପତ୍ତିକୁ ବାତିଲ୍ ବୋଲି ଘୋଷଣା କରିହେବ ।)

ପ୍ରଶ୍ନ-୧୦ ଅଗ୍ରୀମ ନିୟମ ହାସଲ କରିବା ନିମିତ୍ତ ଉପାୟ ସବୁ କ'ଣ ?

ଉତ୍ତର ଧାରା-୯୭ ଓ ୯୮ ଅନ୍ତର୍ଗତ ଅଗ୍ରୀମ ନିୟମ ହାସଲର ପ୍ରକ୍ରିୟାଗତ ଉପାୟଗୁଡ଼ିକ ହେଲା :

ଧାରା ୯୭ ହିସାବରେ ଆବେଦକ ସ୍ୱେଚ୍ଛାକୃତ ଭାବେ ନିୟମକାରୀ କର୍ତ୍ତୃପକ୍ଷଙ୍କ ନିକଟରେ ଫର୍ମ ଓ ତଥ୍ୟ ସହ ଆବେଦନ କରିବେ । ଆବେଦନର ଫର୍ମ ଓ ବିସ୍ତାରିତ ପ୍ରକ୍ରିୟଗତ ଉପାୟ ସମୂହ ମାନଙ୍କ ସାଧାରଣ ବିକ୍ରିକର ନିୟମାବଳୀରେ ଉଲ୍ଲେଖ ରହିଛି ।

ଧାରା ୯୮ରେ ଅଗ୍ରୀମ ନିୟମାବଳୀର ପ୍ରକ୍ରିୟାଗତ ଉପାୟଗୁଡ଼ିକ ହେଲା ନିୟମାବଳୀ କର୍ତ୍ତୃପକ୍ଷ ଆବେଦନକାରୀଙ୍କ ଆବେଦନର ନକଲ ଆବେଦନକାରୀଙ୍କ କ୍ଷେତ୍ରାଧିକାରୀଙ୍କୁ ପଠାଇ ଦିଆଯିବ । କ୍ଷେତ୍ରାଧିକାରୀ ସମସ୍ତ ପ୍ରାସଙ୍ଗିକ ରେକର୍ଡ ନିମିତ୍ତ ଆବେଦନକାରୀଙ୍କୁ ନିର୍ଦ୍ଦେଶ ଦେବେ । ଅଗ୍ରୀମ ନିୟମାବଳୀ କର୍ତ୍ତୃପକ୍ଷ, ତତ୍‌ପରେ ସମସ୍ତ ରେକର୍ଡକୁ ଯାଞ୍ଚ କଲାପରେ ଆବେଦନକାରୀଙ୍କଠାରୁ ଶୁଣିବା ହେବେ । ତା'ପରେ AAR ଅଗ୍ରୀମ ନିୟମର ଗ୍ରହଣୀୟ ବା ଖାରଜ ସମ୍ପର୍କରେ ନିର୍ଦ୍ଦେଶ ଦେବେ ।

ପ୍ରଶ୍ନ-୧୧ କେଉଁ ପରିସ୍ଥିତିରେ ଅଗ୍ରୀମ ନିୟମାବଳୀ ବାଧ୍ୟତାମୂଳକ ଭାବେ ଖାରଜ ହେବ ?

ଉତ୍ତର ଧାରା ୯୮ (୨) ଅନୁଯାୟୀ କିଛି ନିର୍ଦ୍ଦିଷ୍ଟ ପରିସ୍ଥିତିରେ ଅଗ୍ରୀମ ନିୟମ ଖାରଜ ହୋଇଥାଏ । ସେ ସବୁ ନିମ୍ନରେ ଦିଆଗଲା ।

(କ) ଯଦି କୌଣସି ସମୟରେ ଜଣାପଡ଼େ ଯେ, ଆବେଦନ ସମ୍ପର୍କିତ ନିଷ୍ପତ୍ତି ପୂର୍ବରୁ ପ୍ରଥମ ଅପିଲ୍ ଅଧିକାରୀ, ଅପିଲ୍ ଟ୍ରିବୁନାଲ୍ ବା ବିଚରାଳୟରେ ମହଜୁଦ୍ ଅଛି

(ଖ) ଯଦି ଆବେଦନକାରୀଙ୍କ କୌଣସି ପ୍ରଶ୍ନ ପୂର୍ବରୁ କୌଣସି ଅପିଲ୍ ଅଧିକାରୀଙ୍କ ବା ଅପିଲ୍ ଟ୍ରିବୁନାଲ୍ ବା ବିଚାରାଳଳୟ ଦ୍ୱାରା ନିଷ୍ପତ୍ତି ହୋଇଥିବ ।

(ଗ) ଯଦି କୌଣସି ଆବେଦନକାରୀଙ୍କ ପ୍ରଶ୍ନ ଆଇନ୍ ଅନୁମୋଦିତ କୌଣସି ବିଚରାଳୟରେ ନିଷ୍ପତ୍ତି ପାଇଁ ଅପେକ୍ଷା କରିଥିବ ।

(ଘ) ଯଦି ଆବେଦନକାରୀଙ୍କ ତରଫରୁ ଆଗ୍ରହ କରାଯାଇଥିବା ବିଷୟ ଅନ୍ୟ କୌଣସି ଆବେଦନକାରୀଙ୍କ କେସ୍ ସହ ସମାନ ହୋଇଥିବ ଓ ନ୍ୟାୟ ନିର୍ଣ୍ଣୟକାରୀ ବା ମୂଲ୍ୟ ନିର୍ଣ୍ଣୟକାରୀଙ୍କ ଦ୍ୱାରା ନିଷ୍ପତ୍ତି ନିର୍ଦ୍ଧାରିତ ହୋଇଥିବ ।

ପ୍ରଶ୍ନ-୧୨ ଅଗ୍ରୀମ ନିୟମ କର୍ତ୍ତୃପକ୍ଷଙ୍କ ଦ୍ୱାରା ଗ୍ରହଣ କରାଯାଇଥିବା ଆବେଦନ ପତ୍ରର ପ୍ରକ୍ରିୟାଗତ ବ୍ୟବସ୍ଥା କ'ଣ ?

ଉତ୍ତର ଯଦି ଆବେଦନପତ୍ରଟି ଗ୍ରହଣ କରାଯାଇଛି, ତେବେ ଅଗ୍ରୀମ ନିୟମ କର୍ତ୍ତୃପକ୍ଷ ଦରଖାସ୍ତ ଗ୍ରହଣ କରିବାର ୯୦ ଦିନ ମଧ୍ୟରେ ନିୟମଟିକୁ ଶୁଣାଇଦେବେ । ନିୟମଟି ଦେବା ପୂର୍ବରୁ ଆବେଦନ ପତ୍ରଟିକୁ ଯାଞ୍ଚ କରିବେ ଓ ଯଦି ଅଧିକ କିଛି ତଥ୍ୟ ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥାଏ, ତେବେ ଆବେଦକ ବା ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କ ତଥ୍ୟକୁ ପରୀକ୍ଷା କରିବେ । କୌଣସି ନିୟମ ଦେବା ପୂର୍ବରୁ ଅଗ୍ରୀମ ନିୟମ କର୍ତ୍ତୃପକ୍ଷ ବା ତାଙ୍କଦ୍ୱାରା ପ୍ରେରିତ ବ୍ୟକ୍ତିବିଶେଷଙ୍କ ମତ ଓ ବିଧି ଶାସ୍ତ୍ର ଅଧିକାରୀ (CGST / SGST) ଙ୍କ ମତ ଶୁଣିବେ ।

ପ୍ରଶ୍ନ-୧୩ ଯଦି ଅଗ୍ରୀମ ନିୟମ କର୍ତ୍ତୃପକ୍ଷ ସଦସ୍ୟଙ୍କ (AAR) ସମଧରେ କୌଣସି ବିଷୟରେ ଭିନ୍ନ ମତ ପ୍ରକାଶ ପାଇଲା, ତେବେ କ'ଣ ହେବ ?

ଉତ୍ତର ଯଦି ଅଗ୍ରୀମ ନିୟମ କର୍ତ୍ତୃପକ୍ଷଙ୍କ ମଧ୍ୟରେ କୌଣସି ବିନ୍ଦୁରେ ଭିନ୍ନମତ ପ୍ରକାଶ ପାଏ, ତେବେ ସେ ବିନ୍ଦୁ ବିଷୟଟି ଅପିଲ୍ କର୍ତ୍ତୃପକ୍ଷଙ୍କ (AAAR) ନିକଟରେ ଶୁଣାଣୀ ହେବ । ଯଦି ଅପିଲ୍ କର୍ତ୍ତୃପକ୍ଷ (AAAR) ମଧ୍ୟ ସମାନ ଧରଣର ଦ୍ୱନ୍ଦ୍ୱରେ ରହିଲେ ଓ ବିବାଦଟିକୁ ସମାଧାନ କରିପାରିଲେ ନାହିଁ, ତେବେ ଧରିନିଆଯିବ ଯେ, ସେ ବିଷୟରେ କୌଣସି ଅଗ୍ରୀମ ନିୟମ ପ୍ରଦାନ କରାଯାଇପାରିବ ନାହିଁ । କାରଣ ଭିନ୍ନ ସ୍ତରରେ ଅପିଲ୍ କର୍ତ୍ତୃପକ୍ଷଙ୍କ (AAAR) ନିକଟରେ ମଧ୍ୟ ଭିନ୍ନତା ରହିଛି ।

ପ୍ରଶ୍ନ-୧୪ ଅଗ୍ରୀମ ନିୟମ କର୍ତ୍ତୃପକ୍ଷଙ୍କ (AAR) ବିପକ୍ଷରେ କେଉଁଠି ଆବେଦନ କରିବାର ବ୍ୟବସ୍ଥା ରହିଛି ?

ଉତ୍ତର ମାନକ ବିକ୍ରିକର ନିୟମାବଳୀର ଧାରା ୯୯ ଓ ୧୦୦ ଅନୁଯାୟୀ ଅପିଲ୍ ଅଧିକାରୀ (AAAR) ଙ୍କ ନିକଟରେ ଏ ବିଷୟରେ ଅପିଲ୍ ଗ୍ରହଣ କରିବାର ବ୍ୟବସ୍ଥା ଅଛି ।

ଯଦି ଆବେଦକ (AAR) ଙ୍କ ନିଷ୍ପତ୍ତିରେ କ୍ଷୁବ୍ଧ ହୁଅନ୍ତି, ତେବେ ସେ ଅପିଲ୍ ଅଧିକାରୀଙ୍କ ନିକଟରେ ଆପତ୍ତି କରିପାରିବେ । ସମାନୁପାତିକ ଭାବେ ଯଦି ବିଧିଶାସ୍ତ୍ର ଅଧିକାରୀ (CGST / SGST) (AAR) ଙ୍କ ମତ ସହ ଏକମତ ନୁହଁନ୍ତି, ତେବେ ସେ ମଧ୍ୟ ଅପିଲ୍ ଅଧିକାରୀ (AAAR) ଙ୍କ ନିକଟରେ ଆପତ୍ତି କରିପାରିବେ । ପ୍ରଶାସନ ଦ୍ୱାରା ଦାୟିତ୍ୱ ଦିଆଯାଇଥିବା ବା ନାମିତ କରାଯାଇଥିବା

ଅଧିକାରୀଙ୍କୁ ବିଧିଶାସ୍ତ୍ର ଭାବେ ଚିହ୍ନିତ ହେବ । ସାଧାରଣ ପରିସ୍ଥିତିରେ ଆବେଦକଙ୍କ ଅଞ୍ଚଳର ସମ୍ପୃକ୍ତ କ୍ଷେତ୍ରାଧିକାରୀ ହିଁ ଅଧିକାରୀ ଭାବେ ଗଣାହେବେ । ଏ କ୍ଷେତ୍ରରେ ସମ୍ପୃକ୍ତ ଅଧିକାରୀ ହିଁ ବିଧିଶାସ୍ତ୍ର (CGST / SGST) ଅଧିକାରୀ ।

ଅଗ୍ରୀମ ନିୟମ ପାଇବାର ୩୦ଦିନ ମଧ୍ୟରେ ଯେକୌଣସି ଆପତ୍ତି ଦାଖଲ କରିହେବ । ଅପିଲ୍‌ଟିକୁ ନିର୍ଦ୍ଧାରିତ ଫର୍ମ ଓ ନିର୍ଦ୍ଦିଷ୍ଟ ଭାବେ ଯାଞ୍ଚ କରିବାକୁ ପଡ଼ିବ । ମାନକ ସାଧାରଣ ବିକ୍ରିକର ନିୟମରେ ବିହିତ ହୋଇଅଛି । ଅପିଲ୍ କର୍ତ୍ତୃପକ୍ଷ ଉଭୟ ପକ୍ଷଙ୍କ ବୟାନ ଶୁଣିସାରିବା ପରେ ୯୦ ଦିନ ମଧ୍ୟରେ ନିର୍ଦ୍ଦେଶ ପାରିତ କରାଇବେ । ଅପିଲ୍‌କୁ ନେଇ ଯଦି ଅପିଲ୍ କର୍ତ୍ତୃପକ୍ଷ (AAAR) ଭିନ୍ନ ମତ ରଖନ୍ତି, ତେବେ ଏହା ଧରି ନିଆଯିବ ଯେ, କୌଣସି ଅଗ୍ରୀମ ନିୟମ ଏ ପରିପ୍ରେକ୍ଷୀରେ ପାରିତ ହୋଇନାହିଁ ।

ପ୍ରଶ୍ନ-୧୫ ଅଗ୍ରୀମ ନିୟମ କର୍ତ୍ତୃପକ୍ଷ (AAR) ଓ ଅଗ୍ରୀମ ନିୟମ କର୍ତ୍ତୃପକ୍ଷଙ୍କ ଅପିଲ୍ ଅଧିକାରୀ (AAAR) ଭୁଲ୍ ନିୟମର ସଂଶୋଧନ କରିପାରିବେ କି ?

ଉତ୍ତର ହଁ, ଧାରା-୧୦୧ ଅନୁସାରେ (AAR) ଓ (AAAR) ନିଷ୍ପତ୍ତି ବଳୟରେ ଦୃଶ୍ୟମାନ ସଂଶୋଧନ ଆବେଦନ ତାରିଖର ୬୦ ଦିନ ମଧ୍ୟରେ କରିପାରିବେ । ଏହି ଭୁଲ୍‌ଟିକୁ କର୍ତ୍ତୃପକ୍ଷ ନିଜ ନଥିରେ ନଥିଭୁକ୍ତ କରିବେ । ବା ଆବେଦକଙ୍କ ଦୃଷ୍ଟିକୁ ଆଣିବେ ବା ବିଧିଶାସ୍ତ୍ର ଅଧିକାରୀ (CGST / SGST) ଙ୍କୁ ଜଣାଇବେ । ଯଦି ସଂଶୋଧନ ଫଳରେ କର ହାର କମ୍ ହେଉଛି ବା ଅର୍ନ୍ତଗ୍ରହୀତ (ITC) କର ପରିମାଣ କମ୍ ହେଉଛି, ତେବେ ଆବେଦକଙ୍କୁ ଏ ବିଷୟରେ ପାରିତ ନିର୍ଦ୍ଦେଶର ନିର୍ଦ୍ଦିଷ୍ଟ ଶୁଣାଣି କରାଯିବ ।

# ୧୮. ସମାଧାନ କମିଶନ

**ପ୍ରଶ୍ନ-୧ କମିଶନର ମୂଳ ଉଦ୍ଦେଶ୍ୟ ଗୁଡ଼ିକ କ'ଣ ?**

ଉତ୍ତର କମିଶନର ମୂଳ ଉଦ୍ଦେଶ୍ୟ ଗୁଡ଼ିକ ହେଲା -

(କ) କରଦାତାଙ୍କୁ ବିବାଦମାନ ନିଷ୍ପତ୍ତିର ଭିନ୍ନ ବା ଅନ୍ୟ ଏକ ବ୍ୟବସ୍ଥା ପ୍ରଦାନ କରିବା ।

(ଖ) ବ୍ୟୟ ଓ ସମୟ ସାପେକ୍ଷ ବିବାଦମାନ ପର ପ୍ରାପ୍ୟର ଧାରାକୁ ତ୍ୱରାନ୍ୱିତ କରି ବିବାଦ ପଦ କଳହରୁ ଦୂରେଇ ରହିବା ।

(ଗ) କର କୁ ଏଡ଼ାଇ ଯାଇଥିବା କର ଦାତାଙ୍କୁ ସ୍ୱଚ୍ଛ ହେବା ନିମନ୍ତେ ଏକ ସୁଯୋଗ ପ୍ରଦାନ କରିବା ।

(ଘ) ସତ୍ୟ ଓ ସମ୍ପୂର୍ଣ୍ଣ କର ପୈଠ ଓ କର ଭାର ପରିମାଣ ପରିପ୍ରକାଶ କରିବା ନିମନ୍ତେ କରଦାତାଙ୍କୁ ଏକ ସମାଧାନ ଫୋରମ୍ ଯୋଗାଇଦେବା ।

(ଙ) ତ୍ୱରିତ ସମାଧାନ ପ୍ରୋତ୍ସାହନ ଯୋଗାଇବା ଓ ବ୍ୟବସାୟକୁ ଅତର୍କିତ ଦଣ୍ଡ ଓ ଦ୍ୱେଶରୁ ମୁକ୍ତ କରିବା ।

**ପ୍ରଶ୍ନ-୨ ମାନକ GST ନିୟମ ଅଧିନରେ ଅନ୍ତଃରାଜ୍ୟ ଓ ରାଜ୍ୟ ଅଭ୍ୟାନ୍ତର କର ସମ୍ବର୍ଦ୍ଧିତ ବିବାଦୀୟ କର ବାର ଗୁଡ଼ିକର ସମାଧାନ କରେ ?**

ଉତ୍ତର IGST ଆଇନ୍ ଅନ୍ତର୍ଗତ ମାନକ GSTରେ ସମାଧାନ କମିଶନର ବ୍ୟବସ୍ଥା କରାଯାଇଛି । (ଧାରା ୧୧-୨୬) ଅନ୍ତଃରାଜ୍ୟ କାରବାରରେ ଏହା ସୂଚିତ କରେ ଯେ, କେସ୍ ଗୁଡ଼ିକ କର ସମ୍ବର୍ଦ୍ଧିତ ବ୍ୟାପାର ହେତୁ ସମାଧାନ କରିହେବନାହିଁ । IGST ଓ CGST ନିୟମ ଅନ୍ତର୍ଗତ ପ୍ରଦତ୍ତ ଫର୍ମ ଅନୁଯାୟୀ ସମାଧାନ ଚାହୁଁଥିବା ରାଜ୍ୟଗୁଡ଼ିକ ସମାଧାନ କମିଶନ ଗଠନ କରିପାରିବେ ଓ ସମାଧାନ ନିମିତ୍ତ IGST ନିୟମ ଅନୁଯାୟୀ କରିପାରିବେ ।

**ପ୍ରଶ୍ନ-୩ ମାନକ GST ନିୟମ ଅନୁସାରେ ଗୋଟିଏ କେସ୍‌ର ସମାଧାନ ବ୍ୟବସ୍ଥା ମାନେ କ'ଣ ?**

ଉତ୍ତର IGST ର ଧାରା ୧୧ ଅନୁସାରେ କେସ୍‌ର ଅର୍ଥ ହେଲା ଯେକୌଣସି ଦଣ୍ଡବିଧାନ ସମ୍ପର୍କିତ କର ଛାଡ଼, ଆକଳନ ଓ କର ସମ୍ବର୍ଦ୍ଧିତ ଆବେଦନ IGST ଅଫିସର ବା ପ୍ରଥମ ଅପିଲ୍ ଅଧିକାରୀଙ୍କ ନିକଟରେ ଆବେଦନ ଦାଖଲ କରିବା ଓ ନିର୍ଦ୍ଦିଷ୍ଟ ତାରିଖରେ ସମାଧାନ କରିବା । କେସ୍‌ର ଅର୍ଥ ହେଲା ଯେକୌଣସି ନ୍ୟାୟ ନିର୍ଣ୍ଣୟକାରୀ ଦ୍ୱାରା ଆଦେଶ ପାରିତ କରିବା, ଯାହାପାଇଁ ଅପିଲ୍ ଅଧିକାରୀଙ୍କ ନିକଟରେ ସମୟଲବ୍ଧ ସରିଯାଇନଥିବ । ସମୟ ଅତକ୍ରାନ୍ତ ଅପିଲ୍‌କୁ ଯଦି ପୁନଃ ଅପିଲ୍ ଭାବେ ଦାଖଲ ଓ ଉଚ୍ଚ ବିଭାଗୀୟଠୁ ନିମ୍ନ ବିଚାରାଳୟଙ୍କୁ ପ୍ରଦାନ କରାଯାଇଥାଏ, ତେବେ ସେ କେସ୍‌ଟିକୁ ଗ୍ରହଣ କରିହେବ ନାହିଁ ।

**ପ୍ରଶ୍ନ-୪ ଆବେଦନର ସମାଧାନ ଓ ଶୁଣାଣୀ କରିବା ନିମନ୍ତେ ସଦସ୍ୟଙ୍କ ସମୀକରଣ କ'ଣ ହେବ ?**

ଉତ୍ତର ଦୁଇ ସଦସ୍ୟ ସହିତ ରାଜ୍ୟ ସଭାପତିଙ୍କୁ ନେଇ ଗଠିତ ବେଞ୍ଚ ଯେଉଁଠି ପ୍ରତ୍ୟେକ ଆବେଦନ ପତ୍ରର ସମାଧାନ ପାଇଁ ଶୁଣାଣି ହେବ । ରାଜ୍ୟ ସଭାପତି ଜଣେ କାର୍ଯ୍ୟରତ ବା ଅବସରପ୍ରାପ୍ତ ବିଚାରପତି ହେବା ଆବଶ୍ୟକ । ଅନ୍ୟ ଦୁଇଜଣ ସଦସ୍ୟ ବୈଷୟିକ ଭାବେ CGST ପ୍ରଶାସନର ବ୍ୟକ୍ତି ହୋଇଥିବେ ।

**ପ୍ରଶ୍ନ-୫ ଆବେଦନ ପତ୍ର ଶୁଣାଣି ବେଳେ ସଦସ୍ୟଙ୍କ ମଧ୍ୟରେ ଭିନ୍ନ ମତ ପ୍ରକାଶ ପାଇଲେ କ'ଣ ହେବ ?**

ଉତ୍ତର IGST ନିୟମର ଧାରା ୧୪ ଅନୁଯାୟୀ ଯେଉଁଠି ସାଧାରଣ କମିଶନରଙ୍କ ସଦସ୍ୟଙ୍କ ମଧ୍ୟରେ ଭିନ୍ନମତ ପ୍ରକାଶ ପାଏ, ତେବେ ନିଷ୍ପତ୍ତି ସଂଖ୍ୟାଗରିଷ୍ଠତା ଭିତରେ ଅନୁମୋଦିତ ହୋଇଥାଏ । କୌଣସି ବ୍ୟକ୍ତିଗତ ଓ ଅସୁସ୍ଥତା କାରଣରୁ ଜଣେ ସଦସ୍ୟ ଅନୁପସ୍ଥିତ ରହିଲେ, ଦୁଇଜଣିଆ ବେଞ୍ଚ ନିଷ୍ପତ୍ତି ନେଇପାରିବେ । ଯଦି ଏହି ଦୁଇଜଣ ସଦସ୍ୟଙ୍କ ମଧ୍ୟରେ ମତପାର୍ଥକ୍ୟ ରହେ, ତେବେ କେସ୍‌ଟି ଅନୁପସ୍ଥିତ ସଦସ୍ୟଙ୍କୁ ପ୍ରେରିତ କରାଯାଇପାରିବ ଓ ସଂଖ୍ୟାଗରିଷ୍ଠତା ଭିତରେ ନିଷ୍ପତ୍ତି ନିଆଯିବ ।

**ପ୍ରଶ୍ନ-୬ ସମାଧାନ ପାଇଁ କିଏ ଆବେଦନ କରିବେ ?**

ଉତ୍ତର IGST ର (ଧାରା-୧୫) ଅନୁଯାୟୀ ଜଣେ କର ଦାତା କେସ୍‌ର ସମାଧାନ ପାଇଁ ଆବେଦନ କରିପାରିବେ । ଯେଉଁଠି ପାଇଁ ତାଙ୍କୁ କାରଣ ଦର୍ଶାଅ ନୋଟିସ୍ ପ୍ରେରିତ ହୋଇଛି ଓ ସେହି କେସ୍‌ଟି ନ୍ୟାୟ ନିର୍ଣ୍ଣୟକାରୀ ବା ପ୍ରଥମ ଅଧିକାରୀଙ୍କ ନିକଟରେ ପଡ଼ିରହିଛି ।

**ପ୍ରଶ୍ନ-୭ ସମାଧାନ ପାଇଁ ଆବେଦନ ପତ୍ରରେ କ'ଣ ରହିବା ଆବଶ୍ୟକ ?**

ଉତ୍ତର ସମାଧାନ ହେବାକୁ ଥିବା ଆବେଦନପତ୍ରରେ ନିମ୍ନଲିଖିତ ସମ୍ପୂର୍ଣ୍ଣ ଓ ସତ୍ୟ ବିବରଣୀ ରହିବା ଆବଶ୍ୟକ ।

(କ) କର ଦେୟ = ଯାହାକି ନିର୍ଦ୍ଦିଷ୍ଟ ଅଧିକାରୀଙ୍କୁ ଅବଗତ କରାଯାଇନଥିବ ।

(ଖ) କର ଦେୟ କେଉଁ ହିସାବରେ ପ୍ରସ୍ତୁତ କରାଯାଇଛି ?

(ଗ) ଅତିରିକ୍ତ କର, ଯାହାକି କରଦାତା ପୈଠ ପାଇଁ ଗ୍ରହଣ କରୁଛନ୍ତି ।

(ଘ) ଅନ୍ୟ ବିବରଣୀ ଯଥା- ଶ୍ରେଣୀଭୁକ୍ତ ହୋଇନଥିବା ବସ୍ତୁ, କରମୁକ୍ତ ନୋଟିସ୍ ଓ ଅନ୍ୟ କିଛି ପରିମାଣ ଯାହା ଯଥାଶୀଘ୍ର ପ୍ରଦାନ ପାଇଁ ସହମତି ଅଟନ୍ତି ।

**ପ୍ରଶ୍ନ-୮ ସମାଧାନକୁ ଯିବା ପୂର୍ବରୁ ଯେଉଁ ସର୍ତ୍ତ ସମୂହ ପୂରଣ ହେବା ଦରକାର ?**

ଉତ୍ତର IGST ର ଧାରା ୧୫ ଅନୁଯାୟୀ ନିମ୍ନଲିଖିତ ସର୍ତ୍ତ ପୂରଣ ହେବା ଦରକାର ।

(କ) IGST ଅନୁଯାୟୀ ଆବେଦକ ସମସ୍ତ ରିଟର୍ଣ୍ଣ ଓ ବିବରଣୀ ପ୍ରଦାନ କରିବେ । ବା ଏହି ଆବଶ୍ୟକତାକୁ କମିଶନର ଛାଡ଼ କରିପାରିବେ । (ଯଦି ତାଙ୍କର ସନ୍ତୋଷକ୍ରମେ କାରଣ ସମୂହ ଉଲ୍ଲେଖ ହୋଇଥିବ ଓ ଉପଯୁକ୍ତ ଅବ୍ୟବସ୍ଥାର ବର୍ଣ୍ଣନା ଥିବ ।)

(ଖ) ଆବେଦକ କର ଖିଲାପର ଏକ କାରଣ ଦର୍ଶାଅ ନୋଟିସ୍ ପାଇଥିବେ ବା IGST ଅଧିକାରୀ କର ମୂଲ୍ୟାଙ୍କନର ଲିଖିତ ପତ୍ର ଦେଇଥିବେ ବା ତାହା ଅପିଲ ଅଧିକାରୀଙ୍କ ନିକଟରେ ପଡ଼ିରହିଥିବ ।

(ଗ) ଆବେଦକ ନିଜ ଆବେଦନପତ୍ରରେ ୫ଲକ୍ଷ ରୁ ଅଧିକ ଅତିରିକ୍ତ କର କୁ ଗ୍ରହଣ କରିବାର ସହମତି ପ୍ରକାଶ କରିଥିବେ ।

(ଘ) CGST ର ଧାରା ୩୬ ଅନୁଯାୟୀ ଆବେଦକ ଅତିରିକ୍ତ କର ସୁଧ ସହ ପୈଠ କରିଥିବେ ।

**ପ୍ରଶ୍ନ-୯ କେଉଁ ପରିସ୍ଥିତିରେ ଆବେଦନ ପତ୍ର ଗ୍ରହଣୀୟ ହେବ ନାହିଁ ?**

ଉତ୍ତର IGST ନିୟମର ଧାରା ୧୫ ଅନୁଯାୟୀ ନିମ୍ନଲିଖିତ ପରିସ୍ଥିତିରେ ସମାଧାନ କମିଶନର ଆବେଦନ ପତ୍ର ଗ୍ରହଣ କରିବେ ନାହିଁ ।

(କ) ଯଦି କେସ୍‌ଟି କୌଣସି ଅପିଲ୍ ଅଧିକାରୀ ବା ଟ୍ରିବ୍ୟୁନାଲ୍ ବା ବିଚାରାଳୟରେ ମହଜୁଦ୍

(ଖ) ଯଦି ଆବେଦନ ପତ୍ରଟି କର ହାର ନିର୍ଦ୍ଧାରଣ ପାଇଁ ଅଟକି ଥିବ, ବସ୍ତୁ ବା ସେବା ଉପରେ କର ଦେୟ ରହିଥିବ ।

(ଗ) ଯଦି ଉପଯୁକ୍ତ ଦେୟ ବକେୟା ଥିବ ।

**ପ୍ରଶ୍ନ-୧୦ ସମାଧାନ ଆବେଦନ ପତ୍ରରେ ଆବେଦନ କଲାପରେ ଉଠାଇନେଇ ପାରିବେ କି ?**

ଉତ୍ତର ନାଁ, IGST ନିୟମର ଧାରା ୧୫ ଅନୁଯାୟୀ ଆବେଦକ ଥରେ ସମାଧାନ ଆବେଦନ କରବା ପରେ ଉଠାଇ ନେଇପାରିବେ ନାହିଁ ।

**ପ୍ରଶ୍ନ-୧୧ ସମାଧାନ କମିଶନର କେଉଁ ଆଦେଶ ସମୂହ ପାରିତ କରିପାରିବେ ?**

ଉତ୍ତର ସମାଧାନ କମିଶନ, ସମାଧାନ ସମ୍ପର୍କିତ ନିମ୍ନଲିଖିତ ନିର୍ଦ୍ଦେଶ ପାରିତ କରିପାରିବେ ।

(କ) ଆବେଦକଙ୍କ ଦ୍ୱାରା ପ୍ରଦାନ ହେବାକୁ ଥିବା କର, ସୁଧ ଓ ଦଣ୍ଡର ପରିମାଣ ଯଦି ପ୍ରାପ୍ୟ ୩୦ ଦିନ ବା ତିନି ମାସ ମଧ୍ୟରେ ପ୍ରଦାନ କରାନଯାଏ, ତେବେ ସୁଧ ସହ ଆଦାୟ ବ୍ୟବସ୍ଥା ରହିଛି । (GST ଧାରା ୫୪, ଧାରା୧୬)

(ଖ) କେଉଁ ହିସାବରେ ସମସ୍ତ ପ୍ରାପ୍ୟ ପ୍ରଦାନ କରାହେବ ?

(ଗ) IGST ନିୟମ ଅନୁସାରେ ଦୋଷରୁ ମୁକ୍ତି ଓ ପ୍ରତିଷୋଧକ ବ୍ୟବସ୍ଥା କରିବା, ଯଦି କୌଣସି ନିଷ୍ପତ୍ତି ବଳରେ ଆବେଦନ ତାରିଖଠାରୁ ଦୋଷୀ ସାବ୍ୟସ୍ତ ହୋଇଥାଆନ୍ତି ଏବଂ କମିଶନ ଆବେଦକଙ୍କ ସନ୍ତୁଷ୍ଟି କ୍ରମେ କର ଦେୟ ଓ ଅନ୍ୟାନ୍ୟ ଦେୟ ଦିଅନ୍ତି ।

(ଘ) ଦଣ୍ଡ ଦେବାରୁ ବିରତି ରଖି ପୁନଃ ବା ଅର୍ଦ୍ଧାଧିକ ଦେୟର ନିର୍ଦ୍ଦେଶ ଦେବା । (ଧାରା-୨୦)

(ଙ) ବକେୟା ଅର୍ଥ ପ୍ରଦାନ ହେତୁ ସମ୍ପତ୍ତିକୁ ଉତ୍ତରଦାୟୀ କରି ନିର୍ଦ୍ଦେଶ ପାରିତ କରିବା । ଏ ପ୍ରକାର ବ୍ୟବସ୍ଥା ଉତ୍ତର ଦାୟିତ୍ୱ ସମ୍ପନ୍ନ । ଥରେ ଦେୟ ପୈଠ ହେଲେ ସମ୍ପତ୍ତିଟି ଆପେ ଆପେ ପୂର୍ବ ସର୍ତ୍ତକୁ ଫେରିଆସେ ଓ ତାହା ସମାଧାନ କମିଶନଙ୍କୁ ଜଣାଇ ଦିଆଯାଏ ।

(ଚ) କେସ୍‌ଟିକୁ IGST ର ବିଧି ଶାସ୍ତ୍ର ଅଧିକାରୀଙ୍କ ନିକଟରେ ଫେରାଇ ଦେଇପାରିବେ । ଯଦି ସମାଧାନ କମିଶନ ଅନୁଭବ କରନ୍ତି ଯେ, ଆବେଦନକାରୀ ଅଧିକାରୀଙ୍କ ସହ ସହଯୋଗ କରୁନାହାଁନ୍ତି ।

(ଛ) ପୂର୍ବରୁ ବନ୍ଦ ହୋଇଥିବା ଯେକୌଣସି କେସ୍ ପୁନଃ ଖୋଲିପାରିବ ଏବଂ ଉପଯୁକ୍ତ ନିର୍ଦ୍ଦେଶ ପାରିତ କରିପାରିବେ । ଅପିଲ୍ ଅଧିକାରୀଙ୍କ ଅନୁମତି ନେଇ ଏ କାମଟି କରିପାରିବେ । ଯଦି ନିର୍ଦ୍ଦେଶର ଅବଧି ସରିନଥାଏ ଆବେଦନ ତାରିଖଠୁ ପାଞ୍ଚ ବର୍ଷ ହୋଇନଥିଲେ ସମାଧାନ କରିପାରିବେ । (ଧାରା-୨୧)

**ପ୍ରଶ୍ନ-୧୨** କେଉଁ ପରିସ୍ଥିତିରେ ସମାଧାନ କମିଶନରଙ୍କ ଆଦେଶକୁ ପୁନଃ କାର୍ଯ୍ୟକ୍ଷମ କରିହେବ ?

ଉତ୍ତର (କ) ସମାଧାନ କମିଶନଙ୍କ ନିର୍ଦ୍ଦେଶଟି ଭୟ ଓ ବଳ ପୂର୍ବକ କରାଯାଇଥାଏ ବୋଲି ପରବର୍ତ୍ତୀ ସମୟରେ ଜଣାପଡ଼େ ତେବେ ନିର୍ଦ୍ଦେଶଟିକୁ ବାତିଲ୍ କରିହେବ । ତା'ପରେ ସମାଧାନ କମିଶନ ଯେଉଁଠାରୁ ସଠିକ୍ ଅନୁମତି ଦେଇଥିଲେ ସେ ସ୍ତରରୁ ପୁନଃ ଶୁଣାଣି କରି ମୂଳ ପ୍ରମାଣ ପତ୍ର ସହ ବା ଅପିଲ୍ ଅଧିକାରୀଙ୍କ ଦ୍ୱାରା ଦୁଇବର୍ଷ ମଧ୍ୟରେ ପାରିତ କରାଇବେ ।

(ଖ) ପାରିତ ହୋଇଥିବା ସମୟସୀମା ମଧ୍ୟରେ ଦେୟ ଦାଖଲ ନକଲେ ବା ତଥ୍ୟ ଲୁଚାଇବା ବା ମିଥ୍ୟା ଆରୋପ ପ୍ରମାଣିତ ହେଲେ ମଧ୍ୟ ପରବର୍ତ୍ତୀ ସମୟରେ ସମାଧାନ କମିଶନ ଦଣ୍ଡରୁ ବର୍ତ୍ତାଇ ପାରିବେ ଓ ଉପଯୁକ୍ତ ପ୍ରତିଶୋଧକର ବ୍ୟବସ୍ଥା କରିପାରିବେ ।

**ପ୍ରଶ୍ନ-୧୩ କିଏ ସମାଧାନ କମିଶନର ର ସାହାଯ୍ୟ ନେଇପାରିବେ ନାହିଁ ?**

**ଉତ୍ତର** ନିମ୍ନଲିଖିତ ବ୍ୟକ୍ତିବିଶେଷ ସମାଧାନ କମିଶନଙ୍କ ସୁବିଧା ପାଇପାରିବେ ନାହିଁ –

(କ) ଜଣେ ବ୍ୟକ୍ତି ସମାଧାନର ସୁଯୋଗ ଦ୍ୱିତୀୟଥର ନେଇପାରିବେ ନାହିଁ ।

(ଖ) IGST ନିୟମ ଅନ୍ତର୍ଗତ ଯଦି ଜଣେ ବ୍ୟକ୍ତି ଦୋଷୀ ବୋଲି ବିବେଚିତ ହୋଇଥାଆନ୍ତି ବା ସମାଧାନ କମିଶନରଙ୍କ ନିର୍ଦ୍ଦେଶ ପରେ ଆଉ ଆବେଦନ କରିପାରିବେ ନାହିଁ ବା ସେ କେସ୍‌ଟିକୁ ନ୍ୟାୟ ନିର୍ଣ୍ଣୟକାରୀଙ୍କ ନିକଟକୁ ପ୍ରେରଣ କରାଇବେ ।

**ପ୍ରଶ୍ନ-୧୪ ସମାଧାନ କମିଶନରଙ୍କ କ୍ଷମତା ସମୂହ କ'ଣ ?**

**ଉତ୍ତର** IGST ନିୟମ ଅନ୍ତର୍ଗତ ଧାରା ୨୫ ଓ ୨୬ ଅନୁଯାୟୀ ସମାଧାନ କମିଶନରଙ୍କୁ କ୍ଷମତା ଓ ପ୍ରକ୍ରିୟା ସମୂହ ପ୍ରଦତ୍ତ ଅଛି । ଦେୱାନି ବିଚାରାଳୟ ୧୯୦୮, ଧାରା ଅନୁସାରେ ସମାଧାନ କମିଶନକୁ ତଦନ୍ତ ପରୀକ୍ଷଣ, ଦଣ୍ଡବିଧାନ, ଶପଥ ପ୍ରଦାନ, ହିସାବ ପୁସ୍ତିକା ଯାଞ୍ଚ ଓ ଅନ୍ୟାନ୍ୟ ତଥ୍ୟ ନିମିତ୍ତ କ୍ଷମତା ପ୍ରଦାନ କରାଯାଇଛି । ଦେୱାନି ଅଦାଲତ ପରି ସମାଧାନ କମିଶନ କାମ କରିବେ । ଅପରାଧ ବିଚାରାଳୟ ଧାରା- ୧୯୫, ୧୯୨୩ ଅନୁଯାୟୀ ସମାଧାନ କମିଶନ ଦେୱାନୀ ଅଦାଲତ ଭାବେ କାମ କରିବେ । ଯେକୌଣସି ପ୍ରକ୍ରିୟା ବିଚାରାଳୟ କରି ଧାରା ୧୯୩, ୨୨୮ ଓ ଧାରା ୧୯୬ ଭାରତୀୟ ପିଙ୍ଗଳକୋର୍ଟ ୧୮୬୦ ଅନୁସାରେ ପକ୍ଷ କରିବେ । ନିଜ କ୍ଷମତା ଓ ପ୍ରକ୍ରିୟାକୁ ସନ୍ତୁଳିତ ବା ନିୟନ୍ତ୍ରିତ କରିପାରିବେ ।

୧୮୬୦ ଭାରତୀୟ ପିଙ୍ଗଳ କୋର୍ଟ (IPC-193) ଅନୁସାରେ ମିଥ୍ୟା ଅଭିଯୋଗରେ ଦଣ୍ଡ ବ୍ୟବସ୍ଥା ଓ ଧାରା (IPC-228) ଅନୁସାରେ ଜାଣିଶୁଣି ତଥ୍ୟ ଲୁଚାଇଲେ ଅର୍ଥଦଣ୍ଡ ବ୍ୟବସ୍ଥା କରିପାରିବେ । ପିଙ୍ଗଳକୋର୍ଟର ବ୍ୟବସ୍ଥା ହିସାବରେ ମିଥ୍ୟା ପ୍ରମାଣ ବା ତଦନ୍ତ ପ୍ରକ୍ରିୟାରେ ବାଧା ସୃଷ୍ଟି କଲେ କେସ୍ ଆବାହନ କରିପାରିବେ ।

IGST ଧାରା ୨୪ ଅନ୍ତର୍ଗତ ସମାଧାନ କମିଶନ ସୁନିର୍ଦ୍ଦେଶର ତଥ୍ୟକୁ ତିନିମାସ ଭିତରେ ପରିଶୋଧ କରି ପୁନଃନିର୍ଦ୍ଦେଶନାମା ଜାରି କରିପାରିବେ । ଏହି ଭୁଲ୍‌ଟି କମିଶନର ବା ଆବେଦକ ବା IGST ବିଧିଶାସ୍ତ୍ର ଅଧିକାରୀଙ୍କ ହୋଇପାରେ । ଯଦି ପରିଶୋଧନ ପ୍ରକ୍ରିୟା ହେତୁ କର ଭାର କମ୍ ବା ବେଶୀ ହୋଇଥାଏ, ତେବେ ଆବେଦନଙ୍କ ମତ ଶୁଣାଣୀ ପରେ ନିଷ୍ପତ୍ତି କରାଯିବ ।

# ୧୯. ନିରୀକ୍ଷଣ, ତଲାସି, ଅଭିଗ୍ରହଣ ଓ ଗିରଫ

**ପ୍ରଶ୍ନ-୧ ତଲାସି ଶବ୍ଦର ଅର୍ଥ କ'ଣ ?**

ଉତ୍ତର ଆଇନ୍ ଅଭିଧାନ ମୁତାବକ ବିଭିନ୍ନ ନ୍ୟାୟିକ ବ୍ୟବସ୍ଥାରେ ତଲାସିର ଅର୍ଥ ଖୁବ୍ ସରଳ । ଯଦି କୌଣସି ସରକାର ବିରୋଧି ଗତିବିଧି ଦେଖାଦିଏ ବା କୌଣସି ସ୍ଥାନ ଅଞ୍ଚଳ ବ୍ୟକ୍ତି ଇତ୍ୟାଦିକୁ ସହଯତ୍ନର ସହ ପରିକ୍ଷଣ କରିବା ଓ କିଛି ଲୁଚାଯାଇଥିବା ବସ୍ତୁକୁ ଖୋଜିବା ବା ଅପରାଧିର ଗତିବିଧିକୁ ଆବିସ୍କାର କରିବା । ଗୋଟିଏ ବ୍ୟକ୍ତି ବା ଗାଡ଼ି ସେବା ଘରୋଇ ଉଦ୍ଦେଶ୍ୟକୃତ ଅଞ୍ଚଳକୁ ଉପଯୁକ୍ତ ଓ ସଠିକ୍ ଆଇନ୍ କର୍ତ୍ତୃପକ୍ଷଙ୍କ ତତ୍ତ୍ୱାବଧାନରେ ଖୋଜିବା ।

**ପ୍ରଶ୍ନ-୨ ନିରୀକ୍ଷଣ ଶବ୍ଦର ଅର୍ଥ କ'ଣ ?**

ଉତ୍ତର ନିରୀକ୍ଷଣ ମାନକ କର ସେବା ନିୟମରେ ଏକ ସ୍ୱତନ୍ତ୍ର ବ୍ୟବସ୍ଥା ଅଛି । ଏହା ତଲାସିଠୁ ଟିକେ ଅଧିକ ଯାହା ଅଧିକାରୀଙ୍କୁ କର ଦାତାଙ୍କ ବ୍ୟବସାୟୀଙ୍କ ତଳ ପର୍ଯ୍ୟନ୍ତ ପ୍ରବେଶ କରାଇଥାଏ । ଏଣୁ ଯେକୌଣସି ବ୍ୟୟସାପେକ୍ଷ ସ୍ଥଳ, ଯେଉଁ ବସ୍ତୁ ସ୍ଥାନାନ୍ତର ହୁଏ ବା ମାଲିକ ଜାଣିବା ପାଇଁ ବା କୌଣସି ଗୋଦାମ ପରିଚାଳକ ସମ୍ବନ୍ଧରେ ଅବଗତ କରାଇବା ।

**ପ୍ରଶ୍ନ-୩ କିଏ ଓ କେଉଁ ପରିସ୍ଥିତିରେ ନିରୀକ୍ଷଣ ଅନୁମତି ଦେଇପାରିବେ ?**

ଉତ୍ତର ମାନକ କର ନିୟମ ଅନୁଯାୟୀ ଧାରା ୬୦ ଅନୁଯାୟୀ ନିରୀକ୍ଷଣ ଯେକୌଣସି CGST ବା SGST ଅଧିକାରୀ ଯୁଗ୍ମ କମିଶନର ବା ତଦୁର୍ଦ୍ଧ ଦ୍ୱାରା ପ୍ରାଧିକୃତ ହୋଇ କରିପାରିବ । ଜଣେ ଯୁଗ୍ମ କମିଶନର ବା ତା'ଠାରୁ ଉକ୍ତ ପଦାଧିକାରୀ କୌଣସି ନିମ୍ନଲିଖିତ କାରଣ ପାଇଁ ଯଦି ବ୍ୟକ୍ତିର କାର୍ଯ୍ୟକଳାପର ସନ୍ଦେହ ଉପୁଜି କରନ୍ତି ଯଥା-

(କ) ଯୋଗାଣର ଯେକୌଣସି କାରବାରକୁ ଗୋପନ ଦେଇଥିବା

(ଖ) ମହଜୁଦ୍ ବସ୍ତୁକୁ ଗୋପନ ରଖିବା

(ଗ) ଅଧିକ ଅନ୍ତଃଗ୍ରହଣ କର ଦାବୀ କରିବା

(ଘ) CGST ବା SGST ର କୌଣସି ବ୍ୟବସ୍ଥାକୁ କର ବାଦ ଦେବାପାଇଁ ଉଲ୍ଲଙ୍ଘନ କରିବା ।

(ଙ) କର ପ୍ରଦାନକୁ ଏଡାଇ ଦେବାପାଇଁ ଗୋଦାମ ବା ବସ୍ତୁକୁ ଗଚ୍ଛିତ କରିବା ବା ନିଜ ହିସାବ ଖାତା ଓ ବସ୍ତୁତର ବ୍ୟବସାୟିକ ଧାରା ଏମିତି ଯେ, ଯାହା କରଯୋଗ୍ୟ ହେଉନଥିବ ।

**ପ୍ରଶ୍ନ-୪ ଏ ଧାରାରେ କୌଣସି ନିର୍ଦ୍ଧାରିତ ଅଧିକାରୀ ଯେ, କୌଣସି ବ୍ୟକ୍ତିକର ସମ୍ପତ୍ତି ବା ଅଞ୍ଚଳ ନିରୀକ୍ଷଣ କରିପାରିବେ କି ?**

ଉତ୍ତର ନାଁ, ପ୍ରଥାକରଣ କେବଳ CGST ବା SGST ର ଅଧିକାରୀ ନିମ୍ନଲିଖିତ ସମୟରେ ତଲାସ କରିପାରିବେ ।

(କ) କରଦାତାଙ୍କ ବ୍ୟବସାୟୀକ ସ୍ଥଳ

(ଖ) ଯେକୌଣସି ବ୍ୟକ୍ତିଙ୍କର ବସ୍ତୁ ସ୍ଥାନାନ୍ତରଣର ବ୍ୟବସାୟ ଥିବା ବା ସେ ପଞ୍ଜିକୃତ କରଦାତା ହୋଇଥିବେ ।

(ଗ) ଯେକୌଣସି ମାଲିକଙ୍କ ବ୍ୟବସାୟ ବା ଗୋଦାମ ଗୃହର ପରିଚାଳକ

**ପ୍ରଶ୍ନ-୫ ମାନକର ନିୟମ ଅନୁଯାୟୀ କିଏ ତଲାସୀ ଓ ଅଭିଗ୍ରହଣ ପାଇଁ ନିଷ୍ପତ୍ତି ପାରିତ କରିପାରିବେ ?**

ଉତ୍ତର ଯୁଗ୍ମ କମିଶନର ବା ତତୋଧିକ ସଦର ଅଧିକାରୀ ଅନ୍ୟ କାହାକୁ ତଲାସି ଓ ଅଭିଗ୍ରହଣ ପାଇଁ ପ୍ରାଧିକୃତ କରିପାରିବେ । ଅଭିଗ୍ରହଣରେ ବସ୍ତୁ, ପୋଥି, ବହି ଓ ଅନ୍ୟାନ୍ୟ ଇତ୍ୟାଦି ପ୍ରକାର ପ୍ରାଧିକରଣ ଯେତେବେଳେ ଦେଇହେବ । ଯେତେବେଳେ ଯୁଗ୍ମ କମିଶନର ବିଶ୍ୱାସ କରିବାର କାରଣ ଯେ, ବସ୍ତୁ ସବୁ କରଯୋଗ୍ୟ ହୋଇ ବାଜ୍ୟାପ୍ତି ହେବ ବା ବସ୍ତୁ ସମ୍ପର୍କିତ ରସିଦ୍ ବହି ଓ ଅନୁସାଙ୍ଗିକ ଜିନିଷ କୌଣସିଠାରେ ଚଲାଯାଇଛି ।

**ପ୍ରଶ୍ନ-୬ ବିଶ୍ୱାସ କରିବାର କାରଣ କହିଲେ କ'ଣ ବୁଝାଯାଏ ?**

ଉତ୍ତର ବିଶ୍ୱାସ କରିବାର କାରଣ ଏହିକିଯେ, ଜ୍ଞାନମତେ ତଥ୍ୟ ଯଦିଓ ସିଧାସଳଖ ଜ୍ଞାନ ନୁହେଁ, ଯାହା ବ୍ୟକ୍ତିଙ୍କୁ କାରଣ ଯୋଗାଇବାକୁ ଖୋରାକ ଯୋଗାଇବ । ସମାନ ତଥ୍ୟ ଜାଣି ମଧ ଉପଯୁକ୍ତ ପ୍ରମାଣପୂର୍ବକ ନିର୍ଣ୍ଣୟକ ସ୍ଥିତିରେ ପହଞ୍ଚିବ । ଭାରତୀୟ ପିଙ୍ଗଳକୋର୍ଟ ଧାରା ୧୮୬୦, ଧାରା ୨୬ ମୁତାବକ ଜଣେ ବ୍ୟକ୍ତିଙ୍କୁ ସେତେବେଳେ ବିଶ୍ୱାସ କରିବାର କାରଣ କୁହାଯିବ, ଯଦି ତାଙ୍କଠାରେ ପର୍ଯ୍ୟାପ୍ତ କାରଣ ଥାଇ ସେ ବିଶ୍ୱାସ କରୁଥିବେ । ବିଶ୍ୱାସ କରିବାର କାରଣ ଅନ୍ୟପକ୍ଷେ ଉଦ୍ଦେଶ୍ୟ ନିର୍ଦ୍ଧାରଣ କ୍ଷେତ୍ରରେ ଏକ ବୁଦ୍ଧିମତା ସମ୍ପର୍ଣ୍ଣ ନିଷ୍ପତ୍ତି ଓ ମୂଲ୍ୟ ନିର୍ଦ୍ଧାରଣ ସମ୍ପୂର୍ଣ୍ଣରୂପେ ଅଲଗା ଓ ବିଷୟଗତ ବିଚାର । ଏହା ଏମିତି ହେବା ଆବଶ୍ୟକ ଯେ, ସାଧୁ ଯୁକ୍ତିଯୁକ୍ତ ବ୍ୟକ୍ତି ଉପଯୁକ୍ତ ବସ୍ତୁ ଓ ପରିସ୍ଥିତିରେ ବିଶ୍ୱାସ କରୁଥିଲେ ।

**ପ୍ରଶ୍ନ-୭ ଉପଯୁକ୍ତ ଅଧିକାରୀ ହିଁ କେବଳ ଲିଖିତ ନିର୍ଦ୍ଦେଶକ୍ରମେ ବିଶ୍ୱାସ କରିବାର କାରଣ ପାଇଁ ଉପଯୁକ୍ତ କି ?**

ଉତ୍ତର ନିରୀକ୍ଷଣ, ତଲାସୀ ଓ ଅଭିଗ୍ରହଣ ପାଇଁ ପ୍ରାଧିକୃତ ହେବା ପୂର୍ବରୁ ତଲାସି ନିମିତ୍ତ କୌଣସି ଅଧିକାରୀଙ୍କୁ ପ୍ରାଧିକୃତ କରିବା ପୂର୍ବରୁ ଯଦିଓ ଅଧିକାରୀଙ୍କୁ କାରଣ ଜଣାଇବାକୁ ପଡ଼ିବ ନାହିଁ, କିନ୍ତୁ ତାଙ୍କୁ କେଉଁ ବସ୍ତୁ ଅଭିପ୍ରାୟ କରି ଏ ପ୍ରକାର ବିଶ୍ୱାସ ସୃଷ୍ଟି ହୋଇଛି, ସେ ସମ୍ବନ୍ଧରେ ଅବଗତ କରାଇବାକୁ ହେବ ।

**ପ୍ରଶ୍ନ-୮ ତଲାସୀ ଓ ପରୱାନା (ଆଜ୍ଞାପତ୍ର) କହିଲେ କ'ଣ ? ଏବଂ ଏହା ଭିତରେ କ'ଣ ଅଛି ?**

ଉତ୍ତର ଗୋଟିଏ କର୍ତ୍ତୃପକ୍ଷଙ୍କ ଲିଖିତ ନିର୍ଦ୍ଦେଶ ସାଧାରଣତଃ ତଲାସୀର ପରବାନା ହୋଇଥାଏ । ଜଣେ ଉପଯୁକ୍ତ କର୍ତ୍ତୃପକ୍ଷଠୁ ଲିଖିତ ତଲାସି ପାଇବା କେବଳ ଯୁଗ୍ମ କମିଶନ ପଦର ଅଧିକାରୀ ହିଁ ହକ୍‌ଦାର । ଗୋଟିଏ ତଲାସୀର ପରୱାନା ନିଶ୍ଚିତ ରୂପେ ଜାରୀ ଓ ଏହାର ଉପଯୁକ୍ତ କାରଣକୁ ବିଶ୍ୱାସ କରି ତଲାସି ଜାରୀ ହୁଏ । ତଲାସୀ ହେଲାପରେ ପରୱାନାରେ ନିମ୍ନଲିଖିତ ବିଷୟବସ୍ତୁ ରହିବା ଆବଶ୍ୟକ ।

(କ) ନୀତି ଉଲ୍ଲଘଂନ କଲେ

(ଖ) ପରିସର ତଲାସୀ

(ଗ) ତଲାସି ପାଇଁ ପ୍ରାଧିକୃତ ଅଧିକାରୀଙ୍କ ନାମ ଓ ପଦ ଉଲ୍ଲେଖ ରହିବ ।

(ଘ) ତଲାସି ନୋଟିସ୍ ଜାରି କରୁଥିବା ଅଧିକାରୀଙ୍କ ନାମ, ପଦଭୁକ୍ତ ରହିବ ।

(ଙ) ତାରିଖ ସ୍ଥାନର ସେବା ମଧ ରହିବ ।

(ଚ) ତଲାସୀଠାରେ ପରୱାନାର କ୍ରମିକ ନଂ ରହିବ

(ଛ) ବୈଦ୍ଧ ସମୟ ଅବଧି ରହିବା ଦରକାର ।

**ପ୍ରଶ୍ନ-୯ ମାନକ କର ନିୟମ ଅନୁଯାୟୀ କେଉଁ ବସ୍ତୁ ବାଜ୍ୟାପ୍ତି ହୋଇପାରିବ ?**

ଉତ୍ତର ମାନକ ବିକ୍ରକର ଧାରା ୭୦ ଅନୁସାରେ ବସ୍ତୁ ସମୂହ ବା ବାଜ୍ୟାପ୍ତି ପାଇଁ ଜଣେ ବ୍ୟକ୍ତି ନିମ୍ନଲିଖିତ କାର୍ଯ୍ୟ କଲେ ହୋଇପାରିବ ?

(କ) ନିୟମର ଯେକୌଣସି ଭିତ୍ତିରେ ଯୋଗାଣଜାରୀ ନିୟମ ଉଲ୍ଲଙ୍ଘନ କଲେ ।

(ଖ) କରଦେୟ ପ୍ରାପ୍ୟ ବସ୍ତୁଟି ଯଦିବି ହିସାବ ଖାତାକୁ ଯାଇନଥିବ ।

(ଗ) ଯୋଗାଣ କର ଦେୟ ଯୁକ୍ତ ବସ୍ତୁ ରଖିବା ପଞ୍ଜିକରଣ ପାଇଁ ଆବେଦନ କରିନଥିବେ ?

(ଘ) CGST ବା SGST ବ୍ୟବସ୍ଥାର ଯେକୌଣସି ନିୟମ ଉଲ୍ଲଙ୍ଘନ କଲେ ବା କର ନଦେବାର ଇଚ୍ଛା ପ୍ରକଟ କଲେ ।

**ପ୍ରଶ୍ନ-୧୦ ଏକ ସଠିକ୍ ତଲାସି ସମୟରେ ଅଧିକାରୀ ଜଣକ କେଉଁ କ୍ଷମତା ବଳରେ କାର୍ଯ୍ୟ କରିବେ ?**

ଉତ୍ତର ଯେଉଁ ପରିସରରୁ ତଲାସୀ ହେବ (MGL ଅନ୍ତର୍ଗତ ସଠିକ୍ ପ୍ରକ୍ରିୟାଗତ) ସେଠାରେ ଜଣେ ଅଧିକାରୀ ତଲାସୀର କ୍ଷମତା ବଳରେ ବସ୍ତୁ,ନଥି, ବହି ଓ ଆନୁସଙ୍ଗିକ ଦ୍ରବ୍ୟ ଅଭିଗ୍ରହଣ କରିପାରିବ । ତଲାସୀ ସମୟରେ ଅଧିକାରୀଙ୍କର କ୍ଷମତା ବଳରେ ଯଦି ଭିତରକୁ ପ୍ରବେଶ ପାଇଁ ଯଦି କିଛି ଅସୁବିଧା ହୁଏ, ଆପେକ୍ଷିତ ପରିସରର କବାଟ ବା ଗେଟ୍ ଭାଙ୍ଗିପାରିବେ । ସେହିପରି ପରିସରରେ ତଲାସୀ ସମୟରେ ଯେକୌଣସି ନଥି, ବହି, ହିସାବଖାତା ପଞ୍ଜିକରଣ ସେ ମଧ୍ୟ ପରିସରକୁ ପ୍ରବେଶ କରିବାରେ ବିଫଳ ହେଲେ ତେବେ ମୁଦ ଦେଇ ବନ୍ଦ କରିପାରିବେ ଏବଂ ଯଦି ଆଲମିରା ବା ବାକ୍ସ ଖୋଲିବାରେ ବିଫଳ ହେଲେ ତାହେଲେ ମଧ୍ୟ କାର୍ଯ୍ୟକାରୀ ନିଜ ହିସାବରେ ନେଇପାରିବେ ?

**ପ୍ରଶ୍ନ-୧୧ ତଲାସୀ କାର୍ଯ୍ୟକାରୀ ନିମିତ୍ତ କି ପ୍ରକ୍ରିୟା ରହିଛି ?**

ଉତ୍ତର MGLର ଧାରା ୬୦ (୮) ବ୍ୟବସ୍ଥା ଭିତ୍ତିରେ ଅପରାଧିକ ପ୍ରକ୍ରିୟାଗତ ୧୯୨୩ ଅନ୍ତର୍ଗତ ଧାରା ୧୦୦ରେ ବର୍ଣ୍ଣିତ ଅପରାଧିକ ତଲାସ ନୀତିରେ କାର୍ଯ୍ୟ ନିର୍ବାହ କରାଯିବ ।

**ପ୍ରଶ୍ନ-୧୨ ତଲାସୀ କାର୍ଯ୍ୟକ୍ରମ ପାଇଁ କେଉଁ ମୌଳିକ ଆବଶ୍ୟକତା ନିହିତ ହେବା ଆବଶ୍ୟକ ?**

ଉତ୍ତର ନିମ୍ନଲିଖିତ ନିୟମ ଅନୁସାରେ ତଲାସୀ କରାଯିବା ଦରକାର ।

(କ) ଉପଯୁକ୍ତ ଖାନତଲାସୀ ବା ୱାରେଣ୍ଟ ବିନା ଅଧିକାରୀ କୌଣସି ପରିସରକୁ ତଲାସୀ କରିପାରିବେ ନାହିଁ ।

(ଖ) ତଲାସୀ ଗୋଷ୍ଠୀର ଜଣେ ମହିଳା ଅଫିସର ରହିବା ନିହାତି ଆବଶ୍ୟକ ।

(ଗ) ପରିସର ଦାୟୀତ୍ୱରେ ଥିବା ବ୍ୟକ୍ତି କୁ ହିଁ ନିଜର ଉପଯୁକ୍ତ ପରିଚୟପତ୍ର ତଲାସୀ ଅଫିସର ଦେଖାଇବେ । ତା'ପରେ କାର୍ଯ୍ୟ ଆରମ୍ଭ କରିବେ ।

(ଘ) ତଲାସୀ ୱାରେଣ୍ଟ ମଧ୍ୟ ତଲାସୀ ଆରମ୍ଭ କରିବା ପୂର୍ବରୁ ପରିସରର ଦାୟୀତ୍ୱରେ ଥିବା ବ୍ୟକ୍ତିକୁ କହିଁ ଦେଖାଇବେ ଓ ସେଥିରେ ଦସ୍ତଖତ ନେବେ । ଦୁଇଜଣ ଉପସ୍ଥିତ ସାକ୍ଷୀଙ୍କର ମଧ୍ୟ ୱାରେଣ୍ଟ ଉପରେ ଦସ୍ତଖତ ନେବେ ।

(ଙ) ଦୁଇଜଣ ସ୍ଥାନୀୟ ସାକ୍ଷୀଙ୍କ ଉପସ୍ଥିତିରେ ଖାନ୍‌ତଲାସୀ କରିବା ଆବଶ୍ୟକ । ଯଦି ସ୍ଥାନୀୟ ସାକ୍ଷୀ ନାହିଁ ବା ସାକ୍ଷୀ ରହିବାକୁ ଅନିଚ୍ଛାକୃତ, ତେବେ ଅନ୍ୟ ଅଞ୍ଚଳର ଦୁଇଜଣ ସାକ୍ଷୀଙ୍କ ଉପସ୍ଥିତିରେ ତଲାସୀ କରିବେ ।

(ଚ) ତଲାସୀ କାର୍ଯ୍ୟକ୍ରମ ଆରମ୍ଭ ପୂର୍ବରୁ ଅଧିକାରୀ ଦଳ ଓ ସହଯୋଗୀ ସାକ୍ଷୀମାନେ ପରିସର ଦାୟୀତ୍ୱ ବ୍ୟକ୍ତିକୁ ହିଁ କହି ନିଜର ବ୍ୟକ୍ତିଗତ ତଲାସୀ କରାଇବେ । ସେହିପରି ତଲାସ କାମ ଶେଷରେ ସମସ୍ତ ଅଧିକାରୀ ଓ ସାକ୍ଷୀମାନେ ପରିସର ଦାୟିତ୍ୱରେ ଥିବା ବ୍ୟକ୍ତିକୁ ହିଁ କହି ନିଜର ତଲାସି କରାଇବେ ।

(ଛ) ଘଟଣାସ୍ଥଳରେ ଏକ ବିଶଦ ଲେଖା ପ୍ରସ୍ତୁତ (ପଞ୍ଚନାମା) ହେବ । ସମସ୍ତ ବସ୍ତୁର ଚିଠା ଉଦ୍ଧାର ହୋଇଥିବା ନଥି ଅଭିଗ୍ରହଣ ହୋଇଥିବା ବସ୍ତୁ ଏହି ପଞ୍ଚନାମା ପୃଷ୍ଠରେ ଲେଖାଇ ଦିଆଯିବ । ପଞ୍ଚନାମା ଓ ଅଧିଗ୍ରହଣ ହୋଇଥିବା ବସ୍ତୁ ଓ ତଥ୍ୟ ସମସ୍ତ ସାକ୍ଷୀମାନଙ୍କ ଦ୍ୱାରା ଦସ୍ତଖତ ହେବ । ପରିସର ଦାୟୀତ୍ୱରେ ଥିବା ବ୍ୟକ୍ତି ଯାହାଙ୍କ ସମ୍ମୁଖରେ ତଲାସ କରାଗଲା, ସେ ମଧ୍ୟ ଦସ୍ତଖତ କରିବେ ଏବଂ ଅଧିକାରୀ ଶେଷରେ ତଲାସୀ କମିର ପ୍ରାଧିକୃତ ଦାୟିତ୍ୱ ଭାବେ ନିଜର ଦସ୍ତଖତ ଦେବେ ।

(ଜ) ତଲାସୀ ବିବରଣୀ ସହ ମୂଳ ତଲାସୀ ୱାରେଣ୍ଟକୁ ପ୍ରଦାନ କରିଥିବା ଅଧିକାରୀଙ୍କୁ ଫେରାଇବେ । ଯେଉଁ ଅନ୍ୟ ଅଧିକାରୀମାନେ ସେଠାରେ ରହିଥିଲେ, ସେମାନଙ୍କ ନାମ ତଲାସ ୱାରେଣ୍ଟ ପଛରେ ଲେଖାଯିବ ।

(ଝ) ତଲାସ ପ୍ରଦାନ କରୁଥିବା ଅଧିକାରୀ ସମସ୍ତ ତଲାସ ୱାରେଣ୍ଟକୁ ଏକ ପଞ୍ଜିକରଣ କରାଇବେ ଏବଂ ଫେରସ୍ତ ୱାରେଣ୍ଟର ତଥ୍ୟ ମଧ୍ୟ ରଖିବେ ।

(ଞ) ପ୍ରସ୍ତୁତ ପଞ୍ଚନାମାରେ ଲଗାଯାଇଥିବା ବିଭିନ୍ନ ତଥ୍ୟର ପ୍ରମାଣପତ୍ର ପରିସରର ଦାୟିତ୍ୱରେ ଥିବା ବ୍ୟକ୍ତିଙ୍କୁ ତଲାସ ହେବାର ପ୍ରମାଣପତ୍ର ଭାବେ ପ୍ରଦାନ କରାଯିବ ।

**ପ୍ରଶ୍ନ-୧୩ CGST ଓ SGST ଅଧିକାରୀ ବ୍ୟବସାୟୀକ ପରିସରକୁ କୌଣସି ପରିସ୍ଥିତିରେ ପ୍ରବେଶ କରିପାରିବେ କି ?**

ଉତ୍ତର ହଁ, MGL ଧାରା ୬୪ ଅନୁସାରେ ପରିସରକୁ ପ୍ରବେଶ କରିହେବ । ବ୍ୟବସାୟୀକ ପ୍ରତିଷ୍ଠାନର ଆକଳନ, ଯାଞ୍ଚ ଓ ସତ୍ୟ ପ୍ରମାଣ ପରଖିବା ପାଇଁ ସରକାରୀ ରାଜସ୍ୱ ସପକ୍ଷରେ CGST ଓ SGST ର ନିରୀକ୍ଷଣ ଅଧିକାରୀ ମୂଲ୍ୟ ହିସାବକାରୀ କିମ୍ବା ହିସାବ ରକ୍ଷକ ଧାରା ୫୦ ଅନୁଯାୟୀ ମନୋନୀତ ହୋଇ ମାନକ କର ବ୍ୟବସ୍ଥା ପୂର୍ବକ ପ୍ରବେଶ କରିପାରିବେ । ତଥାପି CGST / SGST ଜଣେ ଯୁଗ୍ମ କମିଶନରଙ୍କଠାରୁ ଏକ ପ୍ରାଧିକୃତ ଲିଖିତ ନିର୍ଦ୍ଦେଶ ଆବଶ୍ୟକ । ମୂଳ ବା ଅତିରିକ୍ତ ବ୍ୟବସାୟିକ ପ୍ରତିଷ୍ଠାନର ପଞ୍ଜିକୃତ ବ୍ୟବସାୟଙ୍କ ମାର୍ଫତରେ ପଞ୍ଜିକୃତ ହୋଇନଥିଲେ ପ୍ରବେଶ କରିବା ନିମିତ୍ତ ବ୍ୟବସ୍ଥା ଅଛି ବା ହିସାବ ଖାତା ଓ କମ୍ପ୍ୟୁଟର ଇତ୍ୟାଦି ନିରୀକ୍ଷଣ କରିପାରିବେ ଓ କରଦାତାଙ୍କ ସତ୍ୟନିଷ୍ଠାକୁ ଯାଞ୍ଚ କରିବେ ।

**ପ୍ରଶ୍ନ-୧୪ ତଲାସିଟିକୁ କେତେବେଳେ ଅବଧ୍ୟ କୁହାଯିବ ? କୌଣସି ଅବଧ୍ୟ ତଲାସରେ ମିଳିଥିବା ପ୍ରମାଣ ସମୂହକୁ ବିଚାରାଳୟରେ ଉପସ୍ଥାପନ କରିହେବ କି ?**

ଉତ୍ତର ତଲାସଟି ଯଦି ତଲାସ ୱାରେଣ୍ଟ ବିନା କରାଯାଇଛି (ଉପଯୁକ୍ତ ମାନ୍ୟତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ବା ତଲାସ ୱାରେଣ୍ଟ ବିନା) ତେବେ ଆଇନ୍ ପ୍ରାଧିକରଣରେ ତାହା ଅବଧ । କିନ୍ତୁ ଏହି କାରଣ ପାଇଁ ଦୋଷି ଛାଡ଼ ପାଇବେ ନାହିଁ । ସେହି ଅନୁସାରେ ଅବଧ ତଲାସ ସମୟରେ ସଂଗ୍ରହିତ ତଥ୍ୟ ଓ ଅଭିଗ୍ରହଣ ବିଚାରାଳୟରେ ଗ୍ରହଣୀୟ ହେବ ଓ ନ୍ୟାୟ ନିର୍ଣ୍ଣୟକାରୀଙ୍କ କ୍ଷେତ୍ରରେ ଏହା ଲାଗୁ ହେବ ।

**ପ୍ରଶ୍ନ-୧୫ ଅଭିଗ୍ରହଣ ଶବ୍ଦର ଅର୍ଥ କ'ଣ ?**

ଉତ୍ତର ଅଭିଗ୍ରହଣ ଶବ୍ଦମାନକ ବସ୍ତୁ ବା ସେବା ନିୟମରେ ଉଲ୍ଲେଖ ନାହିଁ । ଆଇନର ଶବ୍ଦକୋଷରେ

ଅଭିଗ୍ରହଣ ସଂଜ୍ଞା ଏହିପରି । ଏହା ଏକ ବୈଦ୍ଧ ପ୍ରକ୍ରିୟାରେ ଅଧିକାରୀଙ୍କ ଦ୍ୱାରା ଅଟକ ରଖାଯାଇଥିବା ଦ୍ୱାରା ସମ୍ପତ୍ତି, କିନ୍ତୁ ସାଧାରଣ ଭାଷାରେ ବଳପୂର୍ବକ ମାଲିକଙ୍କ ଅନିଚ୍ଛାରେ ଅଟକ ରହିବା ସମ୍ପତ୍ତି ।

**ପ୍ରଶ୍ନ-୧୬ MGLରେ ବସ୍ତୁକୁ ଅଟକ ରଖିବା ନିମିତ୍ତ କ୍ଷମତା ଅଛି କି ?**

ଉତ୍ତର ହଁ MGL ର ଧାରା ୬୯ ଅନୁଯାୟୀ ଜଣେ ଅଧିକାରୀ ବସ୍ତୁକୁ ଅଟକ ରଖିବା, ପରିବହନ କରୁଥିବା ଯାନକୁ ମଧ୍ୟ ଅଟକ ରଖିପାରିବେ । MGL ବ୍ୟବସ୍ଥାକୁ ଅମାନ୍ୟ କରି ଯଦି କିଛି ବସ୍ତୁ ପରିବହନ ହେଉଥିବ ବା ପରିବାହିତ ଅବସ୍ଥାରେ କାରବାର ଚାଲିଥିବ, ଗଚ୍ଛିତ ଥିବା ବସ୍ତୁ ବା ଗୋଦାମରେ ମହଜୁଦ୍ ଥାଁଇ ହିସାବରେ ନଥିବ ତା'ହେଲେ ସେହି ବସ୍ତୁକୁ ଅଟକ କରିହେବ । ସେହି ବସ୍ତୁ ଓ ପରିବହନକାରୀ ଜାନକୁ ଉପଯୁକ୍ତ କର ବା କର ସମତୁଲ ସୁରକ୍ଷା ରାଶି ଦେବାପରେ ମୁକ୍ତ କରାଯିବ ।

**ପ୍ରଶ୍ନ-୧୭ ଅଭିଗ୍ରହଣ ଓ ଅଟକ ଭିତରେ ଆଇନ୍ ଭାଷାରେ କି ପ୍ରକାର ଭେଦ ରହିଛି ?**

ଉତ୍ତର ଆଇନ୍‌ର ନିର୍ଦ୍ଦେଶକ୍ରମେ ବସ୍ତୁ ମାଲିକଙ୍କୁ ବସ୍ତୁଠାରୁ ଦୂରେଇ ରଖିବା ବା ଗୋଟିଏ ସମୟରେ ଦଖଲରେ ରଖିଥିବା ବ୍ୟକ୍ତିଙ୍କୁ ବସ୍ତୁଠାରୁ ଦୂରେଇ ଦେବାହିଁ ଅଟକ । କିନ୍ତୁ ଅଭିଗ୍ରହଣ କ୍ଷେତ୍ରରେ ବସ୍ତୁତ ବା ସମ୍ପତ୍ତି ଉପରେ ସରକାରୀ ବିଭାଗର ନିୟନ୍ତ୍ରଣ ରହିବ । ବସ୍ତୁ ସମୂହ ଆଇନ୍ ଉଲ୍ଲଙ୍ଘନ କରିଥିବା ଜଣାପଡ଼ିଲେ ଅଟକ ପାଇଁ ଲିଖିତ ନିର୍ଦ୍ଦେଶ ପ୍ରସ୍ତୁତ ହୋଇଥାଏ । ଅଭିଗ୍ରହଣ ଉଲ୍ଲଙ୍ଘନ କରିଥିବା ଜଣାପଡ଼ିଲେ, ଅଟକ ପାଇଁ ଲିଖିତ ନିର୍ଦ୍ଦେଶ ପ୍ରସ୍ତୁତ ହୋଇଥାଏ । ଯେତେବେଳେ ଉପଯୁକ୍ତ କାରଣ ଥାଇ ଅନୁସନ୍ଧାନ ପରେ ବସ୍ତୁଗୁଡ଼ିକର ଯଦି କର ଉଲ୍ଲଙ୍ଘନ ହୋଇଥାଏ , ତେବେ ତାହା ଅଧିଗ୍ରହଣ ହେବ ।

**ପ୍ରଶ୍ନ-୧୮ MGLରେ ତଲାସ ଓ ଅଭିଗ୍ରହଣ ପାଇଁ କି ପ୍ରକାର ବ୍ୟବସ୍ଥା ରହିଛି ?**

ଉତ୍ତର ମାନକ ନିୟମ CGST / SGST ର ଧାରା ୬୦ ଅନୁଯାୟୀ ତଲାସୀ ଓ ରକ୍ଷା ଅଧିଗ୍ରହଣ ପାଇଁ କିଛି କ୍ଷମତା ପ୍ରଦାନ କରାଯାଇଛି । ସେଗୁଡ଼ିକ ହେଲା-

(କ) ଅଭିଗ୍ରହଣ ହୋଇଥିବା ବସ୍ତୁ ବା ନଥି ତଦାରଖ ନିମନ୍ତେ ଆବଶ୍ୟକତାଠାରୁ ଅଧିକ ଦିନ ରଖାଯିବ ନାହିଁ ।

(ଖ) ତଥି ସମୂହ ତତ୍ତ୍ୱାଧାରକ ଚାହିଁଲେ ନଥି ସମୂହର ନକଲ ନେଇପାରିବେ ।

(ଗ) ଅଭିଗ୍ରହଣର ୬୦ ଦିନ ମଧ୍ୟରେ ନୋଟିସ୍ କରାନଗଲେ ଅଭିଗ୍ରହଣ ବସ୍ତୁକୁ ଫେରାଇ ଦିଆଯିବ । ଏହି ୬୦ଦିନ ସମୟକୁ ଉପଯୁକ୍ତ କାରଣ ଦର୍ଶାଇ ୬ ମାସକୁ ଘୁଞ୍ଚାଇ ଦିଆଯାଇପାରେ ।

(ଘ) ଅଭିଗ୍ରହଣ କରିଥିବା ଅଧିକାରୀ ବସ୍ତୁମାନଙ୍କର ତାଲିକା ପ୍ରସ୍ତୁତ କରିବେ ।

(ଙ) କିଛି ବିଶେଷ ପ୍ରକାର ବସ୍ତୁମାନଙ୍କ GST ନିୟମର ଅନୁସାରେ (କ୍ଷତିକାରଣ ଓ ଭଗ୍ନାଶିଷ) ସଂଗେ ସଂଗେ ଫଇସଲା କରି ବସ୍ତୁକୁ ନିକାଶ କରିବା ।

(ଚ) ୧୯୭୩ ଅପରାଧିକ ପ୍ରକ୍ରିୟା ବ୍ୟବସ୍ଥା ଅନୁଯାୟୀ ଅଧିଗ୍ରହଣ ଓ ତଲାସୀ କରାଯାଏ । ଧାରା ୧୬୫ର ଉପଧାରା ୫ ଅନୁସାରେ ଅପରାଧ ପ୍ରକ୍ରିୟା କୋର୍ଡ ଯଦି କିଛି ତଥ୍ୟ ନଥି ଅଧିଗ୍ରହଣ ସମୟରେ ପ୍ରାପ୍ୟ ହୁଏ, ତେବେ ଆବଶ୍ୟକ ଅନୁଯାୟୀ ନିକଟତମ ଦଣ୍ଡାଧିକାରୀ (ମାଜିଷ୍ଟ୍ରେଟ୍) ଙ୍କ ନିକଟରେ ଧର୍ତ୍ତବ୍ୟ ଅପରାଧର ସଂଜ୍ଞା ମୁତାବକ ନିର୍ବାହ କରିବା ଆବଶ୍ୟକ ଏବଂ ସେ ସବୁକୁ ପ୍ରମୁଖ କମିଶନର CGST ଓ କମିଶନର SGST ଙ୍କୁ ପଠାଯିବ ।

**ପ୍ରଶ୍ନ-୧୯ କରଯୋଗ୍ୟ ବସ୍ତୁ ପରିବହନ ବେଳେ କିଛି ବିଶେଷ ନଥି ରଖିବାର ଆବଶ୍ୟକତା ଅଛି କି ?**

ଉତ୍ତର	MGL ର ଧାରା ୧୬ ଅନ୍ତର୍ଗତ ୫୦ ହଜାର ଉର୍ଦ୍ଧ୍ୱ ମୂଲ୍ୟର ବସ୍ତୁ ପରିବହନ ସମୟରେ (ବସ୍ତୁ ସମ୍ପର୍କିତ) ବିହିତ ନଥି ସାଙ୍ଗରେ ରହିବା ଆବଶ୍ୟକ ।

**ପ୍ରଶ୍ନ-୨୦ ଗିରଫ କହିଲେ କ'ଣ ବୁଝାଯାଏ ?**

ଉତ୍ତର	ଗିରଫ ଶବ୍ଦଟି ମାନକ ବସ୍ତୁ ସେବା କର ନିୟମରେ ଅବିହିତ ହୋଇଛି । କିନ୍ତୁ ବିଚାରାଳୟ ଶବ୍ଦ ରୂପେ ଏହାର ଅର୍ଥ କୌଣସି ବ୍ୟକ୍ତିକୁ ଆଇନଗତ ଅଧିକାରୀ ବା କର୍ତ୍ତୃପକ୍ଷଙ୍କ ହାଜରେ ରଖିବା । ଅନ୍ୟ ଅର୍ଥରେ ଜଣେ ବ୍ୟକ୍ତିଙ୍କୁ ଯେତେବେଳେ ଗିରଫ ବୋଲି କହିପାରିବା ସେ ସପକ୍ଷରେ ସ୍ୱାଧୀନ ବିଚରଣ କରିପାରିବେ ନାହିଁ ବା ଅଟକ ରହିବା ଆଇନରେ କବଳିତ ହେବ ।

**ପ୍ରଶ୍ନ-୨୧ MGL ଅନ୍ତର୍ଗତ କେତେବେଳେ ଜଣେ ସଠିକ୍ ଅଧିକାରୀ କୌଣସି ବ୍ୟକ୍ତିକୁ ଗିରଫ କରିପାରିବେ ?**

ଉତ୍ତର	କମିଶନର CGST ଓ SGST ଜଣେ ଅଧିକାରୀଙ୍କୁ ଗିରଫ କରିବା ପାଇଁ ନିର୍ଦ୍ଦେଶ ଦେଇପାରିବେ । ଯଦି ସେ CGST/ SGST ର ଧାରା (କ), ଧାରା ୨୩ (ଖ), ଧାରା ୨୩ (୨) ଅନୁସାରେ ଦୋଷୀ କରିଥାଆନ୍ତି ବା ଦୋଷ କରିବା ପରି ବିଶ୍ୱାସର କାରଣ ବଶବର୍ତ୍ତୀ ହୋଇଥାଆନ୍ତି । ଏହା ନିଶ୍ଚିତ ଯେ ୫୦ ଲକ୍ଷରୁ ଉର୍ଦ୍ଧ୍ୱ ରାଶିକର ଏଡ଼ାଇବା ଉଦ୍ଦେଶ୍ୟ ଥାଏ, ତେବେ ଗିରଫ ପ୍ରସ୍ତୁତ ହେବା ଓ ଯଦି ବ୍ୟକ୍ତି ପୂର୍ବରୁ MGL ର ଧାରା ୨୩ ମୁତାବକ ଦୋଷୀ ସାବ୍ୟସ୍ତ ହୋଇଥିବେ ତେବେ ଗିରଫ ହୋଇପାରିବେ ?

**ପ୍ରଶ୍ନ-୨୨ ଜଣେ ବ୍ୟକ୍ତିଙ୍କୁ ଗିରଫ ନିମିତ୍ତ MGL ଅଧିନରେ କି ପ୍ରକାର ରକ୍ଷା ବ୍ୟବସ୍ଥା କରାଯାଇଛି ?**

ଉତ୍ତର	ଧାରା ୬୯ ଅନୁସାରେ ନିମ୍ନଲିଖିତ ରକ୍ଷା ବ୍ୟବସ୍ଥାମାନ କରାଯାଇଛି ।

(କ) ଯଦି ଜଣେ ବ୍ୟକ୍ତି ଧର୍ତ୍ତବ୍ୟ ଅପରାଧରେ ଗିରଫ ହୁଅନ୍ତି, ତେବେ ଗିରଫର କାରଣ ସମ୍ପର୍କରେ ତାଙ୍କୁ ଲିଖିତ ନିର୍ଦ୍ଦେଶନ ପ୍ରଦାନ କରାଯିବ ଏବଂ ଜଣେ ଦଣ୍ଡାଧିକାରୀ (ମାଜିଷ୍ଟ୍ରେଟ୍)ଙ୍କ ସମ୍ମୁଖରେ ୨୪ ଘଣ୍ଟା ମଧ୍ୟରେ ଉପସ୍ଥାପନ କରାହେବ ।

(ଖ) ଅପରାଧିଙ୍କ ପ୍ରକ୍ରିୟାଗତ କୋର୍ଡ ଧାରା ୯୭୩ ଓ ଧାରା ୪୩୬ ଅନୁଯାୟୀ ଥାନାରେ କମିଶନର CGST ଓ SGST ଧର୍ତ୍ତବ୍ୟ ଅପରାଧ ପାଇଁ ଗିରଫ କରି ବେଲରେ ଛାଡ଼ିପାରିବେ ।

(ଗ) ସମସ୍ତ ଗିରଫ ଅପରାଧି ପ୍ରକ୍ରିୟାଗତ ୧୯୭୩ ଧାରା ଅନୁଯାୟୀ ସମ୍ପାଦିତ ହେବ ।

**ପ୍ରଶ୍ନ-୨୪ CBEC ଅନ୍ତର୍ଗତ ଗିରଫ ପରୱାନା ପାଇଁ ପ୍ରମୁଖ ନିୟମାବଳୀ ସବୁ କ'ଣ ?**

ଉତ୍ତର	ଗିରଫ ପାଇଁ ଆଲୋଚିତ ପ୍ରସଙ୍ଗରେ ସ୍ଥଳବିଶେଷରେ ବିଭିନ୍ନ ପ୍ରକାର କାରଣ ମାଧ୍ୟମରେ ଯଥା- ଦୋଷର ପ୍ରକୃତି ଓ ଗମ୍ଭୀରତା ଏଡ଼ାଇ ଦେଇଥିବା କର ପରିମାଣ ବା ମୂଲ୍ୟରେ କର ଅନ୍ତଃନିହୀତ କରିଥିଲେ ପ୍ରକୃତି ଓ ପ୍ରମାଣ ନଷ୍ଟ କରିବା ଉଦ୍ଦେଶ୍ୟରେ କର୍ମ ସାକ୍ଷୀଙ୍କୁ ପ୍ରଭାବିତ କରିବାର ଚେଷ୍ଟା, ପ୍ରୟାସ, ତଦନ୍ତ ସହ ଅସହଯୋଗ ଇତ୍ୟାଦି ନିର୍ଦ୍ଧାରିତ ହୋଇଥାଏ । ଗିରଫ କରିବାର କ୍ଷମତା ପ୍ରୟୋଗ କରିବା ପୂର୍ବରୁ ନାନା ବିଚାରଣୀୟ ତଥ୍ୟ ଉପରେ ଧ୍ୟାନ ଦେବା ଆବଶ୍ୟକ ।

(କ) ଦୋଷର ପ୍ରକୃତ ତଦନ୍ତକୁ ସୁନିଶ୍ଚିତ କରାଇବା ।

(ଖ) ବ୍ୟକ୍ତିଟି ଫେରାର ହୋଇଯିବାର କାରଣ ବାହାର କରିବା ।

(ଗ) ସଂଗଠିତ ଚୋରା କାରବାରରେ ଲିପ୍ତ ରହିବା ବା ଉତ୍ପାଦନ କରକୁ ଲୁଚାଇବା

(ଘ) ବେନାମୀ ଆମଦାନୀ ପ୍ରଚ୍ଛଦପଟ୍ଟ ନାୟକ, ମୁଖ୍ୟ ନାୟକ, ନକଲନାମ ବ୍ୟବହାର ବ୍ୟକ୍ତିର ଉପସ୍ଥାନ ଇତ୍ୟାଦି ।

(ଙ) ଇଚ୍ଛାକୃତ ଭାବେ କର ଏଡ଼ାଇଯିବା ଓ ଦୋଷ କର୍ମ କରିବାକୁ ବୁଦ୍ଧି ବା ଉପଯୋଗ ନକରିବା ।

(ଚ) ପ୍ରମାଣ ନଷ୍ଟ କରିବାରୁ କ୍ଷାନ୍ତ ରହିବା ।

(ଛ) ସାକ୍ଷୀମଧ୍ୟରେ ମଧ୍ୟସ୍ଥତା ଓ ପ୍ରଲୋଭନ କରାଇବା ।

(ଜ) ପ୍ରଚୁର ପରିମାଣର କର, ସେବାକର (ପ୍ରାୟ ୧ କୋଟିରୁ ଉର୍ଦ୍ଧ୍ୱ) ରୁ ଏଡ଼ାଇବା ପରି କର୍ମ କରିବା ।

**ପ୍ରଶ୍ନ-୨୫ ଧର୍ତ୍ତବ୍ୟ ଅପରାଧ କ'ଣ ?**

ଉତ୍ତର ସାଧାରଣତଃ ଧର୍ତ୍ତବ୍ୟ ଅପରାଧ କହିଲେ ଗୋଟିଏ ସାଙ୍ଘାତିକ ଶ୍ରେଣୀର ଦୋଷ । ଯେଉଁଠି ଜଣେ ପୋଲିସ୍ ଅଧିକାରୀ ବିନା କୌଣସି ୱାରେଣ୍ଟ ବା ତଦନ୍ତ ବା କୋର୍ଟର ଅନୁମତି ବିନା ଗିରଫ କରିପାରିବେ ।

**ପ୍ରଶ୍ନ-୨୬ ଅଣଧର୍ତ୍ତବ୍ୟ ଅପରାଧ କ'ଣ ?**

ଉତ୍ତର ଅଣଧର୍ତ୍ତବ୍ୟ ଅପରାଧ ର ଅର୍ଥ ଯଦି କୌଣସି କର୍ମଟି ସେତେ ସାଙ୍ଘାତିକ ନୁହେଁ, ଯେଉଁଥିପାଇଁ ପୋଲିସ୍ ଅଧିକାରୀଙ୍କ ଆବଶ୍ୟକ ପଡ଼ିବ ନାହିଁ । ବିନା ୱାରେଣ୍ଟରେ ଗିରଫ ହୋଇପାରିବ ନାହିଁ । ବିନା କୋର୍ଟ ନିର୍ଦ୍ଦେଶନାମା ଅନୁଯାୟୀ ତଦନ୍ତ ହୋଇପାରିବ ନାହିଁ । ତେବେ ତାହା ଅଣ ଧର୍ତ୍ତବ୍ୟ ଅପରାଧ ।

**ପ୍ରଶ୍ନ-୨୭ MGL ଅନ୍ତର୍ଗତ ଧର୍ତ୍ତବ୍ୟ ଓ ଅଣଧର୍ତ୍ତବ୍ୟ ଅପରାଧ କ'ଣ ?**

ଉତ୍ତର MGL ଧାରା -୭୩ (୪)ରେ ଯଦି ବସ୍ତୁ ବା ସେବାକରକୁ ଏଡ଼ାଇବାର ରାଶି ୨.୫କୋଟିରୁ ଅଧିକ ତେବେ ତାହାକୁ ଧର୍ତ୍ତବ୍ୟ ଅପରାଧ ଓ ଜାମିନ ବିହିନ ଅପରାଧ । ନଚେତ୍ ତାହା ଅଣଧର୍ତ୍ତବ୍ୟ ଅପରାଧ ଅଟେ ।

**ପ୍ରଶ୍ନ-୨୮ MGL ଅନ୍ତର୍ଗତ କେତେବେଳେ ଜଣେ ସଠିକ୍ ଅଧିକାରୀ ସମନ ଜାରୀ କରିପାରିବେ ?**

ଉତ୍ତର MGL ର ଧାରା ୬୩ ଅନ୍ତର୍ଗତ CGST ଓ SGST ଅଧିକାରୀ ଉପଯୁକ୍ତ ତଦ୍ୟ ପ୍ରମାଣ ପତ୍ର ଯୁକ୍ତ ନଥି ବା ଯେକୌଣସି ତଦନ୍ତ ଚାଲୁ ରହୁଥାଏ, ତେବେ ସଠିକ୍ ନିର୍ଦ୍ଦେଶ ବଳରେ ସମନ କରି ବ୍ୟକ୍ତିଙ୍କୁ ସ୍ୱଶରୀରେ ହାଜର କରିପାରିବେ । ତଥ୍ୟ ଉପସ୍ଥାପନ ପାଇଁ ସମନ ଏକ ନିର୍ଦ୍ଦିଷ୍ଟ ତଥ୍ୟ ନିମିତ ସମନ ବା ସମସ୍ତ ନଥିପତ୍ର ପ୍ରମାଣ ପତ୍ର ପାଇଁ ସମନ ବା କିଛି ଘଟଣା ବା ତଦ୍ୟ ବର୍ଣ୍ଣନା ଆଉ ପ୍ରମାଣପତ୍ର ବା ବ୍ୟକ୍ତିଙ୍କୁ ସମନ ପାଇଁ କହିବେ ।

**ପ୍ରଶ୍ନ-୨୯ ସମନ ଜାରୀ କରାଯାଉଥିବା ବ୍ୟକ୍ତିଙ୍କ ଦାୟିତ୍ୱ**

ଉତ୍ତର ଯଦି ଜଣଙ୍କୁ ସମନ ପ୍ରଦାନ ହେଉଛି ସେ ସେ ଆଇନତ୍ ବାଧ୍ୟତାମୂଳକ ଭାବେ ନିଜେ ବା ନିଜର ଯେକୌଣସି ପ୍ରତିନିଧିଙ୍କ ଜରିଆରେ ଉପସ୍ଥିତ ହେବେ ଏବଂ ଯେ ସମନ ଜାରି କରିଛନ୍ତି, ତାଙ୍କୁ ସେ ବିଷୟରେ ସାଧୁତା ପୂର୍ବକ ସତ୍ୟ କହିବ ଏବଂ ତଥ୍ୟ ପ୍ରମାଣପତ୍ର ଦାଖଲ କରିବେ ।

**୩୦. ସମନ ଜାରୀ ହେବାପରେ ଅନୁପସ୍ଥିତ ରହିଲେ ଫଳାଫଳ କ'ଣ ହୋଇପାରେ ?**

ଉତ୍ତର ଯେଉଁ ଅଧିକାରୀ ସମନ ଜାରୀ କରିଛନ୍ତି, ସେ ସମନଟି ବିଚାରାଳୟ ସମନ ସହ ସମାନ । ଯଦି ଜଣେ ସମନର ପ୍ରଦତ୍ତ ତାରିଖରେ ଅନୁପସ୍ଥିତ ରହନ୍ତି, ତେବେ ଉପଯୁକ୍ତ କାରଣ ଦର୍ଶାଇବାକୁ ପଡ଼ିବ । ସେ ଭାରତୀୟ ପିଙ୍ଗଳ କୋର୍ଟ ଆଇ.ପି.ସି. ଧାରା ୧୭୪ ଅନୁସାରେ ଦୋଷୀ ସାବ୍ୟସ୍ତ ହେବେ । ଯଦି ଠିକ୍ ପ୍ରମାଣପତ୍ର ଉପସ୍ଥାପନ ନକରନ୍ତି, ବା ଡିଜିଟାଲ୍ ନକଲ ଯଦି ପ୍ରଦାନ ନକରନ୍ତି

ତେବେ ଧାରା ୧୨୫ ଅନୁସାରେ ଦୋଷୀ ସାବ୍ୟସ୍ତ ହେବେ । ଯଦି ମିଥ୍ୟା ତଥ୍ୟ ପ୍ରଦାନ କରନ୍ତି, ତେବେ ସେ ଧାରା ୧୬୩ ଆଇ.ପି.ସି. ଅନୁଯାୟୀ ଦୋଷୀ ସାବ୍ୟସ୍ତ ହେବେ । ଯଦି ସମ୍ପୃକ୍ତ ବ୍ୟକ୍ତି ସମନ ଜାରି କରିଥିବା CGST / SGST ଙ୍କ ଅଧିକାରୀଙ୍କ ଆଗରେ ଅନୁପସ୍ଥିତ ରହନ୍ତି, ତେବେ ୨୦ହଜାର ଟଙ୍କା ଦଣ୍ଡର MGL ଧାରା -୬୬ (୩) ଅନୁଯାୟୀ ପ୍ରଦାନ କରିବେ ।

**ପ୍ରଶ୍ନ-୩୧ ସମନ ଜାରୀ ହେବାର ନିୟମାବଳୀ କ'ଣ ?**

ଉତ୍ତର କେନ୍ଦ୍ରୀୟ ଉତ୍ପାଦନ ଶୁଳ୍କ ବା ସୀମା ଶୁଳ୍କ ବା ରାଜସ୍ୱ ବିଭାଗ ସମନର ଅପବ୍ୟବହାର ରୋକିବା ପାଇଁ ନିୟମାବଳୀ ପ୍ରସ୍ତୁତ କରିଛନ୍ତି । ସେ ନିୟମାବଳୀର କିଛି ମୁଖ୍ୟ ଅଂଶଗୁଡ଼ିକ ହେଲା –

(କ) ସମନଟି ଶେଷ ପଦକ୍ଷେପ ସ୍ୱରୂପ ଯେଉଁ ବ୍ୟକ୍ତି ସହଯୋଗ ନକରନ୍ତି, ଏବଂ ଏହା ଅନୁଷ୍ଠାନର ସର୍ବୋଚ୍ଚ ପରିଚାଳନାକାରୀଙ୍କ ବିପକ୍ଷରେ ଜାରୀ ହେବା ଅନୁଚିତ୍ ।

(ଖ) ସମନ୍‌ର ଭାଷାରେ ଶାଳୀନତା ରହିବା ଆବଶ୍ୟକ । ରକ୍ଷ ହେବା ଅନାବଶ୍ୟକ । ଯାହା ବ୍ୟକ୍ତିଙ୍କୁ ଅତ୍ୟଧିକ ମାନସିକ ଚାପ, ଓ ଲଜ୍ଜା ଜନକ ଅବସ୍ଥାରେ ପହଞ୍ଚାଇବ ।

(ଗ) ସମନ୍ ସୁପରିନ୍‌ଟେଣ୍ଡେଣ୍ଟଙ୍କ ସହ କମିଶନରଙ୍କୁ ଉପଯୁକ୍ତ ଲିଖିତ ନିର୍ଦ୍ଦେଶ ବିନା ସମନ ପ୍ରସ୍ତୁତ କରିବେ ନାହିଁ ।

(ଘ) ପରିଚାଳନାଗତ କାରଣ ହେତୁ, ଯଦି ପୂର୍ବ ଅନୁମତି ନମିଳେ, ତେବେ ମୌଖିକ ବା ଟେଲିଫୋନ୍‌ରେ ଅନୁମତି ନେବା ଆବଶ୍ୟକ ଏବଂ ତାହା ଲିଖିତ ଅନୁମତରେ ଆସିବା ଦରକାର । ଏବଂ ସେହିପରି ସମନ ଜାରୀ କରିବା ପୂର୍ବରୁ ଅଧିକାରୀଙ୍କୁ ଅବଗତ କରାଇବା ଆବଶ୍ୟକ । ଏ ସବୁ କ୍ଷେତ୍ରରେ ଯେଉଁଠି ସମନ କରାଯାଏ, ସମନ ପାଇଁ ଆବଶ୍ୟକ କରୁଥିବା ଅଧିକାରୀ ଏକ ରିପୋର୍ଟ ଦେବା ଆବଶ୍ୟକ ଓ ଉପରୋକ୍ତ ଅଧିକାରୀଙ୍କୁ ସମନ କରିବା ସମ୍ବନ୍ଧୀୟ ଲେଖା ବା ତଥ୍ୟ ପ୍ରଦାନ କରିବା ଦରକାର ।

ଉପରିସ୍ଥ ପରିଚାଳନା ଅଧିକାରୀ ଯଥା CO, CFO ଓ ବଡ଼ ପ୍ରତିଷ୍ଠାନର ସାଧାରଣ ପରିଚାଳକ ବା ସହକାରୀ ଶିଳ୍ପ ଉଦ୍ୟୋଗ ଅଧିକାରୀଙ୍କୁ ସାଧାରଣ ଭାବରେ ପ୍ରଥମ ସମନ ଜାରୀ କରିବା ଆବଶ୍ୟକ । ସେମାନଙ୍କୁ ସମନ ପଠାଇବା ପୂର୍ବରୁ ତଦନ୍ତର କାରଣ ଓ ଲକ୍ଷଣ ସମ୍ବନ୍ଧରେ ଜାରୀକରିବା ଆବଶ୍ୟକ । ନଚେତ ତାହା ରାଜସ୍ୱ ହରାଇବା ପରି କାମ ହେବ ।

**ପ୍ରଶ୍ନ-୩୨ ସମନ ଜାରି କରିବା ସମୟ ପୂର୍ବରୁ କେଉଁ ସବୁ ସତର୍କତା ଅବଲମ୍ବନ କରିବା ଆବଶ୍ୟକ ?**

ଉତ୍ତର ନିମ୍ନଲିଖିତ ସତର୍କତା ଅବଲମ୍ବନ କରିବା ଆବଶ୍ୟକ ।

(କ) ଆବଶ୍ୟକ ନଥିବା ସମୟରେ ଉପସ୍ଥିତ ହେବାର ସମନ ଜାରି କରିବା ଅନାବଶ୍ୟକ । ସମନ ସେତେବେଳେ ଜାରୀ ହେବା ଦରକାର, ଯେତେବେଳେ ତଦନ୍ତ ଚାଲିଛି ଓ ବ୍ୟକ୍ତିଙ୍କର ଉପସ୍ଥିତି ଆବଶ୍ୟକ ଅଛି ।

(ଖ) ସାଧାରଣତଃ ସମନ ବାରମ୍ବାର ଜାରି ହେବା ବୈଧ ନୁହଁ । ପ୍ରୟାଗତ୍ମକ ଭାବେ ସର୍ବନିମ୍ନ ପରିସ୍ଥିତିରେ ଦୋଷୀର ଉକ୍ତି ବା ସାକ୍ଷୀର ଉକ୍ତି ଲିଖିତ ହେବା ଆବଶ୍ୟକ ।

(ଗ) ସମନରେ ଉଲ୍ଲେଖ ଥିବା ସମୟ ସମ୍ମାନ ଦେବା ଆବଶ୍ୟକ । କୌଣସି ବ୍ୟକ୍ତି ଲମ୍ବା ସମୟ ଧରି ଅପେକ୍ଷା ନକରି ବୁଦ୍ଧିମତ୍ତା ସହ ନିଜର ବକ୍ତବ୍ୟଟି ଲିଖିତ ହୋଇସାରିଲା ପରେ ଯାଇପାରିବେ ।

(ଘ) ସ୍ୱାଭାବିକ ଭାବେ ବକ୍ତବ୍ୟ ଅଫିସ୍ ସମୟରେ ଗ୍ରହଣ ହେବା ଆବଶ୍ୟକ । କିନ୍ତୁ ପରିସ୍ଥିତି ମୁତାବକ ବକ୍ତବ୍ୟ ଗ୍ରହଣ ହେବାର ସମୟ ଓ ସ୍ଥାନ ବଦଳିପାରେ । ଯେଉଁଠାରେ କେସ୍ ସମ୍ବନ୍ଧିତ ତଥ୍ୟ ଥିବ ।

**ପ୍ରଶ୍ନ-୩୩ ଅନ୍ୟ କୌଣସି ଶ୍ରେଣୀର ଅଧିକାରୀ CGST/ SGST ଅଧିକାରୀଙ୍କୁ ସାହାଯ୍ୟ କରିବାର ଆବଶ୍ୟକତା ଅଛି କି ?**

ଉତ୍ତର MGL ଧାରା ୬୫ ଅନୁସାରେ ନିମ୍ନଲିଖିତ କ୍ଷମତାପ୍ରାପ୍ତ ଅଧିକାରୀମାନେ CGST / SGST ର ଅଧିକାରୀଙ୍କୁ କାର୍ଯ୍ୟ ନିର୍ବାହ କ୍ଷେତ୍ରରେ ସାହାଯ୍ୟ କରିବେ । ସେ ଶ୍ରେଣୀଭୁକ୍ତ ଅଧିକାରୀମାନେ ହେଲେ,

(କ) ପୋଲିସ୍

(ଖ) ସୀମା ଶୁଳ୍କ

(ଗ) GST ସଂଗ୍ରହ ନିମିତ୍ତ ନିୟୋଜିତ ହୋଇଥିବା କେନ୍ଦ୍ର ଓ ରାଜ୍ୟସରକାରଙ୍କ ଅଧିକାରୀ ବା ଯେକୌଣସି ସ୍ଥାନୀୟ ଅଧିକାରୀ

(ଘ) ଯେକୌଣସି ଅନ୍ୟ ଶ୍ରେଣୀର ଅଧିକାରୀ ଯେଉଁମାନେ ରାଜ୍ୟ / କେନ୍ଦ୍ର ସରକାରଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତି ହୋଇଛନ୍ତି ।

# ୨୦. ଦୋଷ ଓ ଦଣ୍ଡ, ଅଭିଯୋଗ ଓ ବୁଝାମଣା

**ପ୍ରଶ୍ନ-୧** **MGL ଅଧିନରେ କେଉଁ ପ୍ରକାର ଦୋଷର ବ୍ୟବସ୍ଥା କରାଯାଇଛି ?**

ଉତ୍ତର ମାନକ GST ନିୟମ ମୁତାବକ ଦୋଷ ଓ ଦଣ୍ଡ ବିଷୟରେ ଅଧ୍ୟାୟ ୧୬ରେ ଉଲ୍ଲେଖ ଅଛି । ଏହି ନୀତି ଧାରା ୨୨ ଅନ୍ତର୍ଗତ ୨୧ ପ୍ରକାର ଦୋଷ, ଧାରା ୮ ଅନ୍ତର୍ଗତ ଦଣ୍ଡ ବ୍ୟବସ୍ଥା ସହ କରଦାତାଙ୍କ ବୁଝାମଣାର ବ୍ୟବସ୍ଥା ରହିଛି । ସେ ସବୁ ଦୋଷଗୁଡ଼ିକ ହେଲା

୧) ରସିଦ୍ ବିହୀନ ଯୋଗାଣ ବା ମିଛ/ ଠିକ୍ ନଥିବା ରସିଦ୍

୨) କେବଳ ରସିଦ୍ ପ୍ରଦାନ ହୋଇଛି ଯୋଗଣ ହୋଇନାହିଁ ।

୩) ୩ ମାସରୁ ଉର୍ଦ୍ଧ୍ୱ ସଂଗୃହୀତ କରକୁ ପୈଠ ନ କରିବା ।

୪) MGL ଅନୁସାରେ ୩ମାସରୁ ଅଧିକ ସମୟ ଧରି ସଂଗୃହୀତ କର ନଦେବା

୫) ଧାରା ୪୩ ଅନ୍ତର୍ଗତ ମୂଳ ଉତ୍ସରେ ନ କାଟିବା କମ୍ କର କାଟିବା ।

୬) ଧାରା ୪୩ (ଗ) ଅନ୍ତର୍ଗତ କର ସଂଗ୍ରହ ନ କରିବା ବା କମ୍ କର ସଂଗ୍ରହ କରିବା ବା ଉତ୍ସରେ ସଂଗୃହିତ କରକୁ ପ୍ରଦାନ ନକରିବା ।

୭) କୌଣସି ବସ୍ତୁବା ସେବା ଗ୍ରହଣ ନକରି କେବଳ ଅନ୍ତଗ୍ରହୀତ କର ଗ୍ରହଣ କରିବା ।

୮) ଶଠତା ପୂର୍ବକ କୌଣସି କର ସଂଗ୍ରହ କରିବା ।

୯) ଧାରା ୧୭ ଅନ୍ତର୍ଗତ, ସେବା ଅର୍ନ୍ତଗହଣ କାରୀ ଭାବରେ କର ଗ୍ରହଣ କରିବା ବା ବଣ୍ଟନ କରିବା ।

୧୦)ମିଥ୍ୟା ତଥ୍ୟ ପ୍ରଦାନ / ଆର୍ଥିକ ହିସାବର ମିଥ୍ୟା ପ୍ରମାଣ ତିଆରି କରିବା ବା ମିଥ୍ୟା ହିସାବ ପ୍ରଦାନ କରିବା / ବା କର ଏଡ଼ାଇବା ଉଦ୍ଦେଶ୍ୟ ପ୍ରମାଣପତ୍ର ପ୍ରସ୍ତୁତ କରିବା ।

୧୧) କର ଦେବାର ଯୋଗଡ଼ ଥାଇ ପଞ୍ଜିକରଣ ନକରିବା ।

୧୨) ବାଧ୍ୟତାମୂଳକ ତଥ୍ୟ ଦେବା ବଦଳରେ ପଞ୍ଜିକରଣ ନିମିତ୍ତ ମିଥ୍ୟାତଥ୍ୟ ପ୍ରଦାନ କରିବା ।

୧୩) କୌଣସି ଅଧିକାରୀଙ୍କୁ ତାଙ୍କର ଦାୟୀତ୍ୱ ସମ୍ପାଦନରେ ବାଧା ତିଆରି କରିବା ।

୧୪)ଉଚିତ୍ ପ୍ରମାଣ ପତ୍ର ବିନା ବସ୍ତୁ ପରିବହନ କରିବା

୧୫)କରନିମ୍ନକ କରିବା ପାଇଁ ଉତ୍ପାଦର ମୂଲ୍ୟକୁ କମ୍ କରିବା

୧୬)ନୀତି ମୁତାବକ ହିସାବ ଓ ପ୍ରମାଣପତ୍ର ରଖିବାରେ ବିଫଳ ହେବା ବା ନିର୍ଦ୍ଦିଷ୍ଟ ସମୟ ଅବଧିର ହିସାବ / ପ୍ରମାଣପତ୍ର ନରଖିବା ।

୧୭)ନୀତି ଅନୁଯାୟୀ ଅଧିକାରୀଙ୍କ ଆବଶ୍ୟକ ମୁତାବକ ତଥ୍ୟ /ପ୍ରମାଣପତ୍ରନ ଦେବା ବା ମିଥ୍ୟା ପ୍ରମାଣ ପତ୍ର ପ୍ରଦାନ କରିବା ।

୧୮)ବିବାଦମାନ ବସ୍ତୁ ଇତ୍ୟାଦିର ଯୋଗାଣ / ପରିବହନ /ମହଜୁଦ୍ ରଖିବା

୧୯)ଅନ୍ୟର GSTIN ବ୍ୟବହାରକରି ରସିଦ୍ ପ୍ରଦାନ କରିବା ।

୨୦)ପ୍ରମାଣଯୋଗ୍ୟ ଜନ୍ତାକୁ ନଷ୍ଟ କରିବା ବା ବିମୁଖ କରିବା ।

୨୧)ନୀତି ମୁତାବକ ଜବତ ହୋଇଥିବା ବସ୍ତୁ ଇତ୍ୟାଦିକୁ ନଷ୍ଟ କରିବା ବା ବିମୁଖ କରିବା

**ପ୍ରଶ୍ନ ୨** ଦଣ୍ଡଭଳି ଶବ୍ଦର ଅର୍ଥ କ'ଣ ?

ଉତ୍ତର ଯଦିଓ MGL ର ତଣ୍ଡ ପରି ଶବ୍ଦକୁ ବ୍ୟବହାର କରାଯାଇନାହିଁ । ତଥାପି ବିଚାର ବିଭାଗୀୟ ଶବ୍ଦାବଳୀରେ ଓ ନ୍ୟାୟ ପ୍ରସଙ୍ଗିକ ନୀତିରେ ତଣ୍ଡର ବ୍ୟବସ୍ଥାର ସମ୍ପର୍କରେ ନିମ୍ନରେ ବର୍ଣ୍ଣନା କରାଯାଉଛି ।

* କର୍ତ୍ତୃପକ୍ଷଙ୍କ ଦ୍ୱାରା ଦୋଷପାଇଁ ସାମୟିକ ଦଣ୍ଡ ବା ଦଣ୍ଡଭାବେ ଅର୍ଥପ୍ରଦାନର ନିର୍ଦ୍ଦେଶକୁ ତଣ୍ଡ କହନ୍ତି ।

* ଆଇନ୍ ଦ୍ୱାରା ଲଦାଯାଇଥିବା ଦଣ୍ଡ, କିଛି କରିବା ଠିକ୍ ପାଇଥିବା ବା ନକରିବାର ଦଣ୍ଡକୁ ତଣ୍ଡ କହନ୍ତି ।

**ପ୍ରଶ୍ନ-୩ ତଣ୍ଡ ନିର୍ଦ୍ଦେଶ ପ୍ରଦାନ କରିବା ନିମିତ୍ତ କେଉଁ ସତର୍କତା ଅବଲମ୍ବନ କରିବା ଆବଶ୍ୟକ ?**

ଉତ୍ତର ଆଇନ୍ ଅନୁସାରେ କିଛି ନିର୍ଦ୍ଦିଷ୍ଟ କାମ କରି ନପାରିଲେ ବା ଅନ୍ତର୍ଜାତୀୟ ବ୍ୟାପାରିକ ଚୁକ୍ତି ଓ ରାଜିନାମା ଅନୁଯାୟୀ କାର୍ଯ୍ୟ ସମ୍ପାଦନ ନକଲେ ତଣ୍ଡ ନିଶ୍ଚିତ ନିଷ୍ପତ୍ତି ହୋଇଥାଏ । ଧାରା ୬୮ରେ ଏହି ନିୟମମାନ ବର୍ଣ୍ଣନା ହୋଇଛି । ସେ ଧାରା ଅନୁସାରେ –

- କାରଣ ଦର୍ଶାଅ ନୋଟିସ୍ ଜାରି ନ କରି ତଣ୍ଡ ନିଷ୍ପତ୍ତି ପ୍ରଦାନ ହେବ ନାହିଁ ବା ଉପଯୁକ୍ତ ଶୁଣାଣି / ପ୍ରତିପକ୍ଷଙ୍କୁ ଦୋଷର ମୁକ୍ତି ପାଇଁ ସମୟ ଓ ସମ୍ଭାବନାର ସୁଯୋଗ ନଦେଇ ତଣ୍ଡ ନିଷ୍ପତ୍ତି ପ୍ରଦାନ ହେବନାହିଁ ।
- ତଣ୍ଡଟି ସମଗ୍ର ଘଟଣାର ତଥ୍ୟ ଓ ପରିସ୍ଥିତି ଉପରେ ଆଧାରିତ ।
- ତଣ୍ଡ ପ୍ରଦାନ ପୂର୍ବରୁ ଦୋଷର ଭୟାବହତା ଓ ବ୍ୟବସ୍ଥା ମୁତାବକ କେଉଁ ସ୍ତରର ଉଲ୍ଲଙ୍ଘନ ହୋଇଛି ତା ଆଇନତଃ ପରଖିବା ଆବଶ୍ୟକ ।

* କେଉଁ ପ୍ରକାର ଉଲଙ୍ଘନ ହୋଇଛି ତାହା ତଣ୍ଡ ଲଦିଦେବା ପୂର୍ବରୁ ବିଚାର ହେବା ଦରକାର ।

* ଆଇନଟିର କେଉଁ ଧାରା ଅନୁଯାୟୀ ତଣ୍ଡ ବିହିତ ହୋଇଛି ତାହା ଉଲ୍ଲେଖ ହେବା ଦରକାର ।

ପୁନଃ ଧାରା ୬୮ କୌଣସି ତଣ୍ଡ ନଦେବା ମଧ୍ୟ ନିଷ୍ପତ୍ତି କରେ, ସେ ପରିସ୍ଥିତି ଗୁଡ଼ିକ ହେଲା-

* ଯଦି କୌଣସି ସାଧାରଣ ଉଲଙ୍ଘନ ହୋଇଛି (ସାଧାରଣ ଉଲ୍ଲଙ୍ଘନ ବିଷୟରେ ବ୍ୟବସ୍ଥା ଭିତ୍ତିର ଯଦି କର ଅନାଦେୟ ୫୦୦୦ ଟଙ୍କା ଭିତରେ ଅଛି ବା

* ଏଥିନିମିତ୍ତ ଆଇନର ଏକ ପ୍ରକ୍ରିୟା ଆବଶ୍ୟକ ଅଛି ।

* ସହଜରେ ସୁଧାରି ହେଉଥିବା ଭୁଲ୍ / ଛାଡ଼ି ହୋଇଥିବା ପ୍ରମାଣପତ୍ର (ଆଇନ୍ ଅନ୍ତର୍ଗତ ଭୁଲ୍‌ର ଧାରଣା ବିଷୟରେ ବର୍ଣ୍ଣିତ ହୋଇଛି)କୁ ଦେଇ ଅବା ଉଦ୍ଦେଶ୍ୟକୃତ ଭାବେ ବେନିୟମ ବା ସମୂହ ଉଲ୍ଲଙ୍ଘନ ।

* ଏହା ବ୍ୟତୀତ MGL ଧାରାରେ ନିର୍ଦ୍ଦିଷ୍ଟ ଅନୁପାତର ଦୋଷ ପାଇଁ ତଣ୍ଡ ବ୍ୟବସ୍ଥା ରହିଛି , ଯାହା ସମସ୍ତଙ୍କୁ ଗ୍ରହଣୀୟ ।

**ପ୍ରଶ୍ନ-୪ MGLରେ ତଣ୍ଡ ପରିମାଣ କେତେ ହେବାର ବ୍ୟବସ୍ଥା ରହିଛି ?**

ଉତ୍ତର ଧାରା ୬୬ (୧) ଅନୁସାରେ ଯେଉଁ ଦୋଷ ଗୁଡ଼ିକ ଧାରାରେ ଉଲ୍ଲେଖ ରହିଛି ସେବେ କରଦାତା ସମାନ ବା ତୋତେଽଧିକ ତଣ୍ଡ ଦେବାର ବ୍ୟବସ୍ଥାଗୁଡ଼ିକ ହେଲା ।

* ଯେଉଁ ପରିମାଣରେ କର ଏଡ଼ାଇ ଦିଆଯାଇଛି, ଶଠତା ପୂର୍ବକ ଫେରସ୍ତ ନିଆଯାଇଛି । ବା ଗ୍ରହଣ କରାଯାଇଛି ବା ବାଦ୍ କରାଯାଇଛି ବା ଅନିୟମିତ ସଂଗ୍ରହ କରାଯାଇଛି ବା ବନ୍ଦ୍ କରାଯାଇଛି ।

* ଏ ସମସ୍ତ ଦୋଷର ପରିମାଣ ୧୦,୦୦୦ ଟଙ୍କା ମୂଲ୍ୟର ।

  ପୁନଃ ଧାରା ୬୬ (୨) ବ୍ୟବସ୍ଥାରେ ଯଦି ପଞ୍ଜିକୃତ ବ୍ୟବସାୟୀ ବାରମ୍ବାର ସ୍ୱଳ୍ପ ଦେୟ ମାଧ୍ୟମରେ କର ଦିଅନ୍ତି ତେବେ ସେ ତଣ୍ଡର ପରଧି ଭିତରକୁ ଆସିବେ ବା ଯାହା ଅଧିକ ହେବ ।

* କମ୍ ଥିବା କର ପରିମାଣର ୧୦%
* ୧୦,୦୦୦ ଟଙ୍କା

**ପ୍ରଶ୍ନ-୫ ତଣ୍ଡରୁ ବର୍ତ୍ତିବା ପାଇଁ ବାରମ୍ବାର କମ୍ ଦେୟ କହିଲେ କ'ଣ ବୁଝାଯାଏ ?**

ଉତ୍ତର ଧାରା ୬୬(୨)ରେ ବର୍ଣ୍ଣନା ଅନୁଯାୟୀ ଯଦି ଦାତା ଛଅ ଥର କର ପ୍ରଦାନ ସମୟରେଯଦି ତିନିଥର କମ୍ କର ପ୍ରଦାନ କରନ୍ତି ତେବେ ସେ ତଣ୍ଡପାଇଁ ଯୋଗ୍ୟ ଅଟନ୍ତି ।

**ପ୍ରଶ୍ନ-୬ କରଦାତାଙ୍କ ଭିନ୍ନ ଅନ୍ୟ କୌଣସି ବ୍ୟକ୍ତି ବିଶେଷଙ୍କୁ ଏଥିରେ ତଣ୍ଡ ପାଇଁ ବ୍ୟବସ୍ଥା ଅଛକି ?**

ଉତ୍ତର ଧାରା ୬୬ (୩) ବ୍ୟବସ୍ଥାରେ ଯଦି ତଣ୍ଡ ପରିମାଣ ୨୫୦୦୦ ଟଙ୍କା ରୁ ଅଧିକ ହୋଇଥାଏ, ତେବେ ଯେକୌଣସି ବ୍ୟକ୍ତି ଯେ

* ୨୧ଟି ଦୋଷରେ ଯୋଡ଼ିବେ ବା ଏଡ଼େଇଥିବେ ।
* ଯଦି କୌଣସି ମାଧ୍ୟମରେ (ଗ୍ରହଣ ପରିବହନ ମହଜୁଦ୍ ଯୋଗଣ) ଦ୍ରବ୍ୟ ସହ ସମ୍ପର୍କରେ ଆସନ୍ତି ଯାହା ସନ୍ଦେହଯୁକ୍ତ ।
* ନୀତି ବହିର୍ଗତ ଯଦି କୌଣସି ସେବା ଯୋଗାଇ ଦିଅନ୍ତି ବା ଗ୍ରହଣ କରନ୍ତି ।
* ସମନ ପାଇବା ପରେ କର୍ତ୍ତୃପକ୍ଷଙ୍କ ଆଗରେ ହାଜର ନହୁଅନ୍ତି ।
* କୌଣସି ଯୋଗାଣ ପାଇଁ ରସିଦ୍ ନ ଦିଅନ୍ତି ବା ରସିଦ୍ ଗୁଡ଼ିକ ନୀୟମିତ ହିସାବ ଖାତାରେ ଗ୍ରହଣ ନକରନ୍ତି

**ପ୍ରଶ୍ନ-୭ MGL ଅଧିନରେ ଯେଉଁ ସମୟ / ସ୍ତରରେ ଉଲ୍ଲଙ୍ଘନ କଲେ ଦଣ୍ଡ ବ୍ୟବସ୍ଥା ନାହିଁ । ଭିନ୍ନ ଏକ ଦଣ୍ଡ ପାଇଁ ବ୍ୟବସ୍ଥା ନଥିବ ତେବେ ତଣ୍ଡ କ'ଣ ହେବ ?**

ଉତ୍ତର ଧାରା ୬୭ ମୁତାବକ ଯେଉଁଠି କୌଣସି ଏକ ଉଲଂଘନ ପାଇଁ ନୀତି ନିୟମ ଆଧାରରେ ଭିନ୍ନ ଏକ ତଣ୍ଡ ବିଧି ନାହିଁ ତେବେ ତଣ୍ଡର ଦଣ୍ଡବିଧାନ ହେଉ ତଣ୍ଡର ପରିମାଣ ୨୫୦୦୦ ଟଙ୍କା ପର୍ଯ୍ୟନ୍ତ ହେବ ।

**ପ୍ରଶ୍ନ-୮ ଉଚିତ୍ ରସିଦ୍ ନଥାଇ ବା ହିସାବ ଖାତାରୁ ତଥ୍ୟ ବାଦ୍ ଦେଇ ବସ୍ତୁ ପରିବହନ କଲେ କେଉଁ ପ୍ରକାର ପଦକ୍ଷେପ ନିଆଯିବ ?**

ଉତ୍ତର ଯଦି କୌଣସି ବସ୍ତୁ ପରିବହନ ମହଜୁଦ୍ ସମୟରେ ରସିଦ୍ ନଥାଏ ବା ହିସାବ ଖାତାରେ ବସ୍ତୁର ଉଲ୍ଲେଖ ନଥାଏ ବା ଜ୍ଞାତପୂର୍ବକ ନଥିଭୁକ୍ତ ହୋଇନଥାଏ ତେବେ ନୀତି ବ୍ୟବସ୍ଥା ମୁତାବକ ସଂପୂର୍ଣ୍ଣ ପରିବହନକାରୀ ଯାନ ସହ ଅଟକ ରହିବ । ଉପଯୁକ୍ତ ସୁଧ, କର ଓ ତଣ୍ଡ ପ୍ରଦାନ ବା ଉପଯୁକ୍ତ ସୁରକ୍ଷା ବୀମା ରାଶି ପ୍ରଦାନ ପରେ ଛାଡ଼ ହେବ ।

**ପ୍ରଶ୍ନ-୯** ବୁଝମଣା ପାଇଁ ଆବେଦନ କରିଥିବା ବ୍ୟକ୍ତିର ତଣ୍ଡ ପରିମାପ କ'ଣ ହେବ ଯଦିଦେ ଆବେଦନ କରିଥିବା ଯୋଜନାରେ ତାଙ୍କର ଯୋଗ୍ୟତା ନଥାଏ ?

ଉତ୍ତର ଧାରା ୮ (୩) ମୁତାବକ ଯଦି ଜଣେ ବ୍ୟକ୍ତି ନିର୍ଦ୍ଦିଷ୍ଟ ଯୋଜନାରେ ବୁଝାମଣା ପାଇଁ ଆବେଦନ କରନ୍ତି, କିନ୍ତୁ ସେ ଉଲ୍ଲେଖଥିବା ଯୋଜନାର ଅନ୍ତର୍ଗତ ନହୁଅନ୍ତି ତେବେ ଯୋଗ୍ୟତା ମୁତାବକ କର ପରିମାଣର ଡଣ୍ଡ ମଧ ପ୍ରଦାନ କରିବେ (ସାଧାରଣ କରଦାତା ପରି କର ଅତିରିକ୍ତ ତଣ୍ଡ ପ୍ରଦାନ କରିବେ ।

**ପ୍ରଶ୍ନ-୧୦ କନ୍‌ଫିସ୍‌କେସନ ଶବ୍ଦର ଅର୍ଥ କ'ଣ ?**

ଉତ୍ତର କନ୍‌ଫିସ୍‌କେସନ୍ ଶବ୍ଦଟି ନୀତିମଧରେ ବ୍ୟବହାର କରାଯାଇନାହିଁ । କିନ୍ତୁ ରୋମାନ ନୀୟମ ଅନୁସାରେ ସଂଜ୍ଞାଭୂତ ଅର୍ଥ ହେଲା ଯଦି କୌଣସି କ୍ଷେତ୍ରରେ ରାଜାଙ୍କ ଦ୍ୱାରା କୌଣସି ବସ୍ତୁ ଅଭିଗ୍ରହଣ ହୁଏ, ଏବଂ ରାଜ୍ୟ ରାଜକୋଷକୁ ପରିବହନ କରାଯାଏ ।

ଆୟାରଙ୍କ ଆଇନ୍ ଶବ୍ଦାବଳୀରେ 'କନ୍‌ଫିସ୍‌କେଟ୍' ହେଉଛି ବ୍ୟକ୍ତିଗତ ଘରୋଇ ସମ୍ପତ୍ତି ଅଭିଗ୍ରହଣ କ୍ରମେ ତଣ୍ଡ ହେତୁ ରାଜକୋଷକୁ ସ୍ଥାନାନ୍ତରିତ ହୁଏ ।

**ପ୍ରଶ୍ନ-୧୧ MGLର ଅଧିନରେ କେଉଁ ପରିସ୍ଥିତିରେ ବସ୍ତୁ ଜବଦ୍ ହୋଇ ରାଜକୋଷକୁ ଯିବ (କନ୍‌ଫିସ୍‌କେଟ୍)**

ଉତ୍ତର MGL ଧାରା ୭୦ ଅନୁସାରେ, ଜବଦ ହେବାକୁ ଥିବା ବସ୍ତୁ ସମୂହ ହେଲା ।

* ନୀତି ବିରୁଦ୍ଧରେ ବସ୍ତୁ ଯୋଗାଡ଼ କଲେ ଏବଂ କର ନଦେବା ପାଇଁ ଯୋଜନା ପ୍ରସ୍ତୁତ କଲେ
* ନୀତି ଅନୁସାରେ ବସ୍ତୁ ସମୂହକୁ ହିସାବ ପରିସରକୁ ନ ଆଣିଲେ ।
* କର ପଞ୍ଜିକରଣ ନଥାଇ କର ଯୋଗ୍ୟ ବସ୍ତୁ ଯୋଗାଡ଼ କଲେ
* କର ଦେୟକୁ ଏଡ଼ାଇବା ଉଦ୍ଦେଶ୍ୟରେ ନୀତି/ ନିୟମର ବିରୁଦ୍ଧାଚରଣ କଲେ ।

**ପ୍ରଶ୍ନ-୧୨ ଉପଯୁକ୍ତ ଅଧିକାରୀଙ୍କ ଦ୍ୱାରା ବସ୍ତୁ କବଦ ହେବାପରେ କ'ଣ ହେବ ?**

ଉତ୍ତର ଜବତ ହେବାପରେ ବସ୍ତୁ ସରକାରଙ୍କ ମାର୍ଫତକୁ ଚାଲିଯାଏ । ଅଧିକାରୀଙ୍କ ଆବେଦନ ହେତୁ ପୋଲିସ୍ ବାବୁ ଏ କାମରେ ସାହାଯ୍ୟ କରିବେ ।

**ପ୍ରଶ୍ନ-୧୩ କବଦ ହେବା ପରେ, ଯଦି ଆବଶ୍ୟକ ବ୍ୟକ୍ତିଙ୍କୁ ବସ୍ତୁର ମୂଲ୍ୟାୟନ ଭିତ୍ତିକ ପ୍ରତ୍ୟାବର୍ତ୍ତନ ପାଇଁ ଇଚ୍ଛାଭିତ୍ତିକ ଅଧିକାର ଦେବା ଆବଶ୍ୟକ କି ?**

ଉତ୍ତର ହଁ, ଧାରା ୭୦(୬) ଅନୁସାରେ ଜବଦ ହୋଇଥିବା ବସ୍ତୁ ବା ଜବଦ୍ ଯୋଗ୍ୟ ବସ୍ତୁ ନିମିତ୍ତ ପ୍ରଥମେ ତଣ୍ଡ ବ୍ୟବସ୍ଥାକରିବା ଦରକାର (ଜବଦ ବସ୍ତୁର ବଜାର ମୂଲ୍ୟଠୁ କମ୍ ହେବା ଆବଶ୍ୟକ) କର ସହ ଅତିରିକ୍ତ ତଣ୍ଡ ଯୋଗ ହୋଇ ବସ୍ତୁ ଉପରେ ଯୋଡ଼ାଯିବ ।

**ପ୍ରଶ୍ନ-୧୪ କୌଣସି ବସ୍ତୁର ବାହ୍ୟ ଆବରଣ ମୂଲ୍ୟ ସୂଚିତ ହୋଇନଥିଲେ ଓ ପରିବହନ ହେଉଥିଲେ ତାହା କବତ୍ ହେବ କି ?**

ଉତ୍ତର ହଁ, ଧାରା ୭୧ ଅନୁସାରେ ଯେକୌଣସି ବସ୍ତୁ ପରିବହନ ଯଦି ବାହ୍ୟ ଆବରଣରେ ବସ୍ତୁର ବର୍ଣ୍ଣନା ନାହିଁ ତେବେ ନୀତି ବ୍ୟବସ୍ଥା ଭାବେ ବସ୍ତୁଟି ଜବତ୍‌ଯୋଗ୍ୟ, ଯଦି କୌଣସି ବସ୍ତୁ ବାହ୍ୟ ଆବରଣବିନା ମାଲିକଙ୍କର / ଜ୍ଞାନ ବାହାରେ ପରିବହନ ହେଉଥାଏ, ତେବେ ତାହା ଜବତ୍ ହେବା ତଥ୍ୟବିହୀନ ଉଚିତ୍ ନୁହେଁ ।

ଯଦି ତାଙ୍କର ଏଜେଣ୍ଟଙ୍କର ପରିବହନ ହେଉଥିବା ବସ୍ତୁ ବା ଯାତ୍ରୀ ଭଡ଼ା ଉଦ୍ଦେଶ୍ୟରେ କରାଯାଉଥାଏ ତେବେ, କର ସମାନୁପାତିକ ତଣ୍ଡ ଦେବା ନିମିତ୍ତ ବ୍ୟବସ୍ଥା କରାଯାଇପାରିବ । ଧାରା ୭୨ ବ୍ୟବସ୍ଥାରେ

ଜବତ୍ ବା ଦଣ୍ଡ ଧାରା ୭୦ ବା ୭୧ ଅନୁଯାୟୀ ବିନା ବିଚାରରେ ବିଧିମୁତାବକ କୌଣସି ଦଣ୍ଡ / ଦଣ୍ଡ କରିହେବ ଯଦି ବସ୍ତୁଟି ବିନା ପ୍ରମାଣପତ୍ର ସହ ପରିବହନ ହେଉଥାଏ ।

**ପ୍ରଶ୍ନ- ୧୫ ଅଭିଯୋଗ କହିଲେ କ'ଣ ବୁଝାଯାଏ ?**

ଉତ୍ତର ଅଭିଯୋଗ ହେଉଛି ଏକ ଅନୁଷ୍ଠାନ ବା କୌଣସି ଦୋଷୀ ବିରୁଦ୍ଧରେ ଔପଚାରିକ ଭାବେ ଆଇନଗତ ପ୍ରକ୍ରିୟା ଆରମ୍ଭ କରିବା । ଧାରା ୧୯୮ର ଅପରାଧ ପ୍ରକ୍ରିୟା ଧାର ସଂଜ୍ଞାମତେ ଅଭିଯୋଗ ହେଉଛି ଏକ ଅନୁଷ୍ଠାନ ବା ଜଣେ ବ୍ୟକ୍ତି ବିରୁଦ୍ଧରେ ଆଇନଗତ ପ୍ରକ୍ରିୟା ପ୍ରାରମ୍ଭ କରିବା ।

**ପ୍ରଶ୍ନ-୧୬ MGL ଅଧିନରେ ଅଭିଯୋଗ କେଉଁ ଦୋଷ ପାଇଁ କରିହେବ ?**

ଉତ୍ତର MGL ର ଧାରା ୭୩ର ଗୁରୁତ୍ୱର ଦୋଷ ବିରୁଦ୍ଧରେ ଅପରାଧ ପ୍ରକ୍ରିୟା ଓ ଅଭିଯୋଗର ୱାରେଣ୍ଟ ଭିତ୍ତିରେ ପ୍ରକ୍ରିୟା ଆରମ୍ଭ ହେବ । ୧୨ଟି ଗୁରୁତ୍ୱର ଦୋଷ ଭାବେ ନିମ୍ନରେ ପ୍ରଦତ୍ତ ହେଲା

୧) ରସିଦ୍ ବିହୀନ ଯୋଗାଣ ବା ମିଥ୍ୟା / ଭୁଲ୍ ରସିଦ୍ ପ୍ରଦାନ ।

୨) ଯୋଗାଣବିନା ରସିଦ୍ ପ୍ରଦାନ ।

୩) ୩ମାସରୁ ଉର୍ଦ୍ଧ୍ୱ ସମୟ ଧରି ସଂଗୃହିତ କର ଜମା ନ କରିବା ।

୪)ନୀତିର ବିରୁଦ୍ଧାଚରଣ କରି ୩ ମାସରୁ ଉର୍ଦ୍ଧ୍ୱ ସମୟ ପର୍ଯ୍ୟନ୍ତ କର ପୈଠ ନକରିବା ।

୫) କୌଣସି ସେବା ବା ବସ୍ତୁ ଗ୍ରହଣ ନକରି କେବଳ ଅର୍ନ୍ତଗ୍ରହୀତ କର ଗ୍ରହଣ କରିବା ।

୬) ଶଠତା ପୂର୍ବକ ଫେରସ୍ତ ଦାବୀ କରିବା ।

୭) ମିଥ୍ୟା ତଥ୍ୟ ପ୍ରଦାନ ବା ମିଛ ହିସାବ ଖାତାକୁ ନେଇ ବିତ୍ତୀୟ ନଥି ପ୍ରସ୍ତୁତ କରିବା ଓ ଇଚ୍ଛାକୃତ ଭାବେ କର ଏଡ଼ାଇଯିବା ।

୮) କୌଣସି ଅଧିକାରୀଙ୍କୁ ଦାୟିତ୍ୱ ନିର୍ବାହରେ ବାଧା ସୃଷ୍ଟି କରିବା ।

୯) ଜବତ୍ ହେବାକୁ ଥିବା ବସ୍ତୁ ଯଥା, ଗ୍ରହଣ ଯୋଗାଣ, ମହଜୁଦ୍ ଓ ପରିବହନ ସମ୍ପର୍କିତ ନଥିପତ୍ର ଜବତ୍ ଯୋଗ୍ୟ ।

୧୦)ନୀତି ବିରୁଦ୍ଧାଚରଣ କରୁଥିବା ବସ୍ତୁ ବା ସେବା ଗ୍ରହଣ / ଚୁକ୍ତି କରିବା ।

୧୧)ନୀତି ମୁତାବକ ଯୋଗାଣ ହେବାକୁ ଥିବା ବସ୍ତୁ ସମ୍ପର୍କରେ ତଥ୍ୟ ପ୍ରଦାନ ବା ମିଥ୍ୟା ତଥ୍ୟ ପ୍ରଦାନ ।

୧୨)ଉପରୋକ୍ତ ୧୧ଟି ଦୋଷ ମଧ୍ୟରୁ ଯେକୌଣସିଟିରେ ଦୋଷ ହେଲେ ବା ଏଡ଼ାଇବା ପାଇଁ ଚେଷ୍ଟା କଲେ ।

**ପ୍ରଶ୍ନ-୧୭ MGL ଅଧିନରେ ଦୋଷ ସାବ୍ୟସ୍ତ ହେଲେ କି ପ୍ରକାର ଦଣ୍ଡର ବ୍ୟବସ୍ଥା ରହିବ ?**

ଉତ୍ତର ଧାରା ୭୩ (୧)ରେ ନିମ୍ନ ସୂଚୀ ଅନୁଯାୟୀ ଦୋଷର ବିବରଣୀ ପ୍ରଦାନ କରାଯାଇଛି ।

| ସମ୍ପୃକ୍ତି / ଦୋଷ | ଦଣ୍ଡ (ବନ୍ଦୀ ଅବଧି) |
|---|---|
| ୨୫୦ ଲକ୍ଷ ଟଙ୍କା କର ଏଡ଼ାଇବା ନିମିତ୍ତ | ୫ ବର୍ଷ ଜେଲ / ଦଣ୍ଡ |
| ୫୦-୨୫୦ ଲକ୍ଷ ଟଙ୍କାର କର ଏଡ଼ାଇବା ନିମିତ୍ତ | ୩ ବର୍ଷ ପର୍ଯ୍ୟନ୍ତ ଜେଲ / ଦଣ୍ଡ |
| ୨୫-୫୦ ଲକ୍ଷ ଟଙ୍କାର କର ଏଡ଼ାଇବା ନିମିତ୍ତ | ୧ ଏବର୍ଷ ପର୍ଯ୍ୟନ୍ତ ଜେଲ / ଦଣ୍ଡ |

ଧାରା ୭୩ (୨) ଅନୁସାରେ ଦ୍ୱିତୀୟଥର ବା ଏକାଧିକ ଥର ଦୋଷ ସାବ୍ୟସ୍ତ ହେଲେ ୫ ବର୍ଷ ଜେଲ୍ ଓ ଦଣ୍ଡ ଦେବାକୁ ପଡ଼ିପାରେ । କୌଣସି ଛୋଟ ଛୋଟ ଛୋଟ ଦୋଷ ପାଇଁ ୬ ମାସରୁ କମ୍

ଜେଲ୍ ଦଣ୍ଡ ବ୍ୟବସ୍ଥା ନାହିଁ ।

**ପ୍ରଶ୍ନ-୧୮ MGL ଅଧିନରେ କ୍ଷମଣୀୟ ଏବଂ ଅକ୍ଷମଣୀୟ ଦୋଷସବୁ କ'ଣ ?**

ଉତ୍ତର MGL ର ଧାରା ୭୩ (୩) ଏବଂ ୭୩ (୪) ଅନୁଯାୟୀ ।

* ୨୫୦ ଲକ୍ଷରୁ କମ୍ ପରିମାଣରେ କର ଏଡ଼ାଇବା ଦୋଷ ଏକ କ୍ଷମଣୀୟ ଓ ଜାମିନ ପ୍ରଦାନ ଯୋଗ୍ୟ ।

* ୨୫୦ ଲକ୍ଷରୁ ଉର୍ଦ୍ଧ୍ୱ ପରିମାଣ କର ଏଡ଼ାଇବା ଦୋଷ, ଏକ ଅକ୍ଷମଣୀୟ ଓ ଜାମିନ ବିହୀନ ।

**ପ୍ରଶ୍ନ-୧୯ ଅଭିଯୋଗ ଆରମ୍ଭ କରିବା ପୂର୍ବରୁ ଉଚିତ୍ ଅଧିକାରୀଙ୍କ ଅନୁମତି ଆବଶ୍ୟକ କି ?**

ଉତ୍ତର ହଁ, ଉପଯୁକ୍ତ ଅଧିକାରୀଙ୍କ ଅନୁମତି ବିନା କୌଣସି ଦୋଷୀ ବିରୁଦ୍ଧରେ ଅଭିଯୋଗ ଆରମ୍ଭ କରି ହେବ ।

**ପ୍ରଶ୍ନ-୨୦ MGL ଅଧୀନରେ ଇଚ୍ଛାକୃତ ଭାବେ ଆବଶ୍ୟକୀୟ ଅଭିଯୋଗ ଆରମ୍ଭ କରିହେବ କି ?**

ଉତ୍ତର ହଁ ।

**ପ୍ରଶ୍ନ-୨୧ ଦୋଷଯୁକ୍ତ ମାନସିକ ସ୍ଥିତି କ'ଣ ?**

ଉତ୍ତର ଯେତେବେଳେ ପ୍ରତିଶ୍ରୁତିବଦ୍ଧ ହୋଇ ଜଣେ କାମ କରେ, ଗୋଟିଏ ଦୋଷଯୁକ୍ତ ମାନସିକ ସ୍ଥିତିରେ ଥାଏ ଯେଉଁଠି :

୧) କର୍ମଟି ଜାଣିଶୁଣି (ସ୍ୱେଚ୍ଛାକୃତ) ଭାବେ କରାଯାଏ ।

୨) କର୍ମ ଓ ତାର ପ୍ରତିଫଳ ସମ୍ପର୍କରେ ଅବଗତ ଥାଇ ଏବଂ ନିୟନ୍ତ୍ରଣରେ ରହିଥାଏ ।

୩) ବ୍ୟକ୍ତି ଜଣକ ପ୍ରତିଶ୍ରୁତିବଦ୍ଧ ହୋଇ କର୍ମ କରିବାକୁ ବାଧ୍ୟ ହୋଇନଥାଏ ଏବଂ ବାଧାସମୂହକୁ ଅତିକ୍ରମ କରିବା ପାଇଁ ପ୍ରତିଶ୍ରୁତିବଦ୍ଧ ହୋଇନଥାଏ ।

୪) ବ୍ୟକ୍ତି ଜଣକର ବିଶ୍ୱାସ ଏବଂ ବିଶ୍ୱାସ କରିବାର କାରଣ ଅଛି ଯେ ସେ ଆଇନ୍‌ର ବିରୁଦ୍ଧରେ କାମ କରୁଛି ।

**ପ୍ରଶ୍ନ-୨୨ ଗୋଟିଏ ବ୍ୟବସାୟିକ ପ୍ରତିଷ୍ଠାନ ବିରୋଧରେ ଅଭିଯୋଗ କରି ହେବ କି ବା MGLରେ ଅଭିଯୁକ୍ତ କରି ହେବ କି ?**

ଉତ୍ତର ହଁ, MGL ର ଧାରା ୭୭ ଅନୁସାରେ ବ୍ୟବସ୍ଥା ମୁତାବକ ବ୍ୟବସାୟୀକ ପ୍ରତିଷ୍ଠାନ ଦାୟିତ୍ୱରେ ଥିବା ବ୍ୟକ୍ତି ହିସାବରେ ପ୍ରତିଷ୍ଠାନଟି କାମ କରେ ଓ ବ୍ୟବସାୟ ଚାଳେ, ଏଣୁ ତାଙ୍କ ବିରୁଦ୍ଧରେ ଦୋଷ ପାଇଁ ଦଣ୍ଡ ବ୍ୟବସ୍ଥା ରହିଛି । ଯେତେବେଳେ ସେ ତାର ପରିଚାଳନା ଦାୟିତ୍ୱରେ ଅଛନ୍ତି, ପ୍ରତିଷ୍ଠାନ ଯଦି କୌଣସି ଭୁଲ୍ କରେ -

* ତେବେ ତାହା ତାଙ୍କ ସହମତିରେ ଭାଗିଦାରୀରେ ହୋଇଛି ବା

* ତାଙ୍କ କର୍ତ୍ତବ୍ୟର ଦାୟିତ୍ୱହୀନତାରୁ ହୋଇଛି ବୋଲି ଧରିନିଆଯିବ ଏବଂ ବ୍ୟକ୍ତିଙ୍କୁ ଦୋଷୀ ହିସାବରେ ମାନ୍ୟତା ଦେଇ, ପ୍ରକ୍ରିୟା ମୁତାବକ ଦଣ୍ଡ ବିଧାନ ହେବ ।

**ପ୍ରଶ୍ନ-୨୩ MGL ଅଧୀନରେ ଦୋଷୀ ଗୁଡ଼ିକର ବୁଝାମଣା ହୋଇପାରିବ କି ?**

ଉତ୍ତର MGL ର ଧାରା ୭୮ ଅନୁସାରେ ପ୍ରକ୍ରିୟା ହିସାବରେ ଦେୟ ପ୍ରଦାନର ବୁଝାମଣା ଏବଂ ବୁଝାମଣା ପାଇଁ ନିମ୍ନଲିଖିତ ଅନୁମୋଦିତ ପଦକ୍ଷେପମାନ ପୂର୍ବରୁ ବା ପରେ ଗ୍ରହଣ କରିହେବ ।

* ମୁଖ୍ୟ ୧୨ଟି ଦୋଷ (ଦୋଷ୧-୭) (ପ୍ରଶ୍ନ-୧୬) ଯଦି ଜଣେ ଦୋଷୀ ସାବ୍ୟସ୍ତ ବ୍ୟକ୍ତି ପୂର୍ବରୁ ଯେକୌଣସି ଦୋଷରେ ବୁଝାମଣା କରିଥାନ୍ତି ।

* ମୁଖ୍ୟ ୧୨ଟି ଦୋଷର ୧-୭ ଗୋଟି ଦୋଷରେ ଯଦି ଜଣେ ଛାଡ଼ ବା ଦଣ୍ଡ ପାଇଥାନ୍ତି ବା ଦଣ୍ଡ ପାଇଥିବା ବ୍ୟକ୍ତି ସେ ଦୋଷ ପରିପ୍ରେକ୍ଷୀରେ ବୁଝାମଣା କରିଥାନ୍ତି ।

* SGST / CGST ର ଅନ୍ୟ ଯେକୌଣସି ଦୋଷରେ (ପୂର୍ବ ଦୋଷଗୁଡ଼ିକୁ ଛାଡ଼ି) ଯଦି ଯୋଗାଣର ମୂଲ୍ୟ ଏକ କୋଟିରୁ ଊର୍ଦ୍ଧ୍ୱ ହୋଇଥାଏ, ଓ ଯଦିଏହି ଦୋଷ କ୍ରମରେ ପୂର୍ବରୁ ବୁଝାମଣା ହୋଇଥାଏ ।

* କୌଣସି ଦୋଷ ଯାହା NDPSA ବା FEMA ଅଧିନର ଦୋଷ ହୋଇଥାଏ ବା CGST/SGST ଛାଡ଼ି ଅନ୍ୟ ଯେକୌଣସି ଦୋଷ ।

* ଅନ୍ୟ ଯେକୌଣସି ଶ୍ରେଣୀର ଦୋଷୀ ବା ବ୍ୟକ୍ତି ଯାହା ତାଙ୍କ ନିମିତ୍ତ ବ୍ୟବସ୍ଥିତ ହୋଇଛି । ସୁଧ, କର ଓ ତଣ୍ଡ ପ୍ରଦାନ କରେ ହଁ କେବଳ ବୁଝାମଣା ହୋଇପାରିବ ଏବଂ ବୁଝାମଣା ଯେପରି ଆଇନ୍‌ଗତ ପ୍ରକ୍ରିୟାକୁ କୌଣସି ବାଧା ପହଞ୍ଚାଇବ ନାହିଁ ।

**ପ୍ରଶ୍ନ-୨୫ ଦୋଷ ବୁଝାମଣା ସ୍ୱରୂପ କୌଣସି ଆର୍ଥିକ ସୀମାରେଖା ଅଛି କି ?**

ଉତ୍ତର ହଁ, ବୁଝାମଣାର ସର୍ବନିମ୍ନ ସୀମାରେଖା ନିମ୍ନଲିଖିତ ପରିମାଣ ଅଧିକ ହୋଇଥିବ ।

* ଅନ୍ତର୍ଭୁକ୍ତ କରର ୫୦ ପ୍ରତିଶତ ।
* ୧୦,୦୦୦ ଟଙ୍କା

ବୁଝାମଣାର ପରିମାଣ ସୀମାରେଖା ନିମ୍ନଲିଖିତ ସର୍ତ୍ତଠୁ ଅଧିକ ହୋଇଥିବ ।

* ଅନ୍ତର୍ଭୁକ୍ତ କରର ୧୫୦ ପ୍ରତିଶତ
* ୩୦,୦୦୦ ଟଙ୍କା

**ପ୍ରଶ୍ନ-୨୬ MGL ଅଧିନରେ ଦୋଷର ବୁଝାମଣା ହେତୁ ଫଳ କ'ଣ ହୋଇପାରେ ?**

ଉତ୍ତର ଧାରା ୭୭ର ଉପଧାରା (୩)ର ବ୍ୟବସ୍ଥା ଏହିକିଯେ; ନୀତି ମୁତାବକ ବୁଝାମଣା ହେଲାପରେ ଆଉ କୌଣସି ପ୍ରକ୍ରିୟା ଆରମ୍ଭ ହୋଇପାରିବ ନାହିଁ ଏବଂ ଅପରାଧିକ ପ୍ରକ୍ରିୟାଗତ କାର୍ଯ୍ୟାନୁଷ୍ଠାନ ଯଦି ଆରମ୍ଭ ହୋଇଥାଏ, ତେବେ ତାହା ସ୍ୱତଃ ଅପସାରିତ ହେବ ।

# ୨୧. ସମନ୍ୱିତ ବସ୍ତୁ ଓ ସେବାକର (IGST) ନୀତିର ସାରାଂଶ

**ପ୍ରଶ୍ନ-୧ ସମନ୍ୱିତ ବସ୍ତୁ ଓ ସେବାକର (IGST) ନୀତି କ'ଣ ?**

ଉତ୍ତର IGST ନୀତି ଅଧିନରେ ସମନ୍ୱିତ ବସ୍ତୁ ଓ ସେବାକର (Intigrated Goods & Service Tax) ର ଅର୍ଥ ହେଲା ବସ୍ତୁ ଯୋଗାଣ ବା ଅନ୍ତରାଜ୍ୟ ସେବା ପ୍ରଦାନ ଓ ସମ୍ପର୍କିତ ବ୍ୟବସାୟ ।

**ପ୍ରଶ୍ନ-୨ ଅନ୍ତଃରାଜ୍ୟ ଯୋଗାଣ କହିଲେ କ'ଣ ବୁଝାଯାଏ ?**

ଉତ୍ତର ବସ୍ତୁ ଯୋଗାଣ ବା ରାଜ୍ୟ ସୀମା ବାହାରେ ସେବା ଯୋଗାଣ ବା ବ୍ୟବସାୟ ଯେଉଁଠି ଯୋଗାଣକାରୀର ରାଜ୍ୟ ଓ ବସ୍ତୁ ବା ସେବା ଗ୍ରହଣ କରୁଥିବା ରାଜ୍ୟ ଦୁଇଟି ଅଲଗା ବା ଭିନ୍ନ । (ଧାରା ୩(୧), ୩(୨)- IGST)

**ପ୍ରଶ୍ନ-୩ ଆନ୍ତଃରାଜ୍ୟ ବସ୍ତୁ ବା ସେବା ଯୋଗାଣ କ୍ଷେତ୍ରରେ ସାଧାରଣ ବିକ୍ରିକର ଦେୟ କିପରି ହେବ ?**

ଉତ୍ତର ସମନ୍ୱିତ ବସ୍ତୁ ଓ ସେବାକର କେନ୍ଦ୍ର ଦ୍ୱାରା ନିୟନ୍ତ୍ରିତ ଓ ପରିଚାଳିତ । IGST ମୂଳତଃ CGST (କେନ୍ଦ୍ରୀୟ ବସ୍ତୁ ଓ ସେବାକର) ଓ SGST (ରାଜ୍ୟ ବସ୍ତୁ ଓ ସେବାକର) ଏବଂ ଆନ୍ତଃରାଜ୍ୟ ବସ୍ତୁ ଓ ସେବା ଉପରେ କର ନିର୍ଦ୍ଧାରଣ କରିବା । ଆନ୍ତଃରାଜ୍ୟ ବିକ୍ରେତା CGST, SGST ଓ IGST ଅନୁଯାୟୀ ଯେକୌଣସି କ୍ରୟଠାରେ ଯେଉଁ ବସ୍ତୁ ବା ସେବା ଉପରେ ଯେଉଁ ମୂଲ୍ୟ ଯୋଗ (Value addition) କରନ୍ତି । ସେହି ଯୋଗ ଉପରେ IGST ଅନୁଯାୟୀ ନିକର ଉପଲବ୍ଧ କରକୁ ଛାଡ଼ି ବଳକା କର ଉପରେ କରପ୍ରଦାନ କରିବେ । ଯୋଗାଣକାରୀ ରାଜ୍ୟ SGST ଅଧୀନତଃ ଉତ୍ପାଦିତ କର କୁ କେନ୍ଦ୍ରକୁ ପ୍ରଦାନ କରିବେ । ଗ୍ରହୀତ ରାଜ୍ୟର କ୍ରେତା ଅନ୍ତରଣ ଜମା ରାଶିକୁ ଦାବୀ କରିବେ, କିନ୍ତୁ ନିଜର କର ପ୍ରଦାନ ପରେ । IGST ଅଧିନରେ କେନ୍ଦ୍ର ଅନ୍ତରଣ କର କୁ ଗ୍ରହୀତ ରାଜ୍ୟର କର ବ୍ୟୟ ବାଦ୍ CGST ଦେଲା ପରେ ସ୍ଥାନାନ୍ତରଣ କରିବେ । ପ୍ରାସଙ୍ଗିକ ତଥ୍ୟ କେନ୍ଦ୍ରକୁ ପ୍ରେରଣ କରିବେ ଯାହା ଏକ ହିସାବ ନିକସୀ ପ୍ରକ୍ରିୟା ଭାବେ କାମ କରିବ ଓ ରାଜ୍ୟର ଦାବୀ ଏବଂ ସମ୍ପୃକ୍ତ ସରକାରଙ୍କୁ ପାଣ୍ଠି ଅନ୍ତରଣ କରିବ ।

**ପ୍ରଶ୍ନ-୪ IGST ଚିଠାରେ ପ୍ରମୁଖ ବୈଶିଷ୍ଟ୍ୟ ଗୁଡ଼ିକ କ'ଣ ?**

ଉତ୍ତର ଏହି ନୀତିଟିରେ ୩୩ଟି ଧାରା, ୧୧ ଖଣ୍ଡ ବିଷୟରେ ବିଭକ୍ତ ହୋଇଛି । ଚିଠା ଅର୍ନ୍ତନିହିତ ତଥ୍ୟ, ଓ ନିୟମ ସମୂହ ବସ୍ତୁ ଯୋଗାଣର ସ୍ଥାନ ନିର୍ଦ୍ଧାରଣ କରିବ । ଯେଉଁଠି ଯୋଗାଣର ଅର୍ଥ ବସ୍ତୁର ସ୍ଥାନାନ୍ତରଣ ହେଉଥିବ, ଯୋଗାଣ ହେବାକୁ ଥିବା ବସ୍ତୁର ସ୍ଥାନାନ୍ତରଣ ଗ୍ରହୀତାଙ୍କ ନିକଟରେ ଶେଷ ହେଉଥିବ । ଯେଉଁଠି ଯୋଗାଣ ହେତୁ ବସ୍ତୁର ସ୍ଥାନାନ୍ତରଣ ହେଉନଥିବ, ଯୋଗାଣ ବସ୍ତୁର ସ୍ଥାନ ଓ ସ୍ଥାପନ ହେବାକୁ ଥିବା ପରିସର ସମାନ ଥିବ କିନ୍ତୁ ବିତରକ ଓ ପ୍ରାପ୍ତିକର୍ତ୍ତା ଥିବେ । ଯେଉଁ ସମୟରେ ବସ୍ତୁ ସମଂଚୀତ ଓ ସଂସ୍ଥାପନ ଗୋଟିଏ ସ୍ଥାନରେ ହେଉଥିବ ଓ ଯୋଗାଣର ସ୍ଥାନ ମଧ୍ୟ ସମାନ ଥିବ । ଶେଷରେ ସୁବିଧା ଅନୁରୂପ ବସ୍ତୁ ଯେଉଁଠି ଯୋଗାଣ ହେବ ସେଇଠି ବସ୍ତୁର ପ୍ରାପ୍ତି କର୍ତ୍ତା ମଧ୍ୟ ଥିବେ ଓ ବସ୍ତୁର ସ୍ଥାନାନ୍ତରଣ ଶେଷ ହେବ ।

**ପ୍ରଶ୍ନ-୫ IGST ପ୍ରତିରୂପର ସୁବିଧା ଗୁଡ଼ିକ ଖ'ଣ ?**

ଉତ୍ତର ପ୍ରମୁଖ ସୁବିଧା ଗୁଡ଼ିକ ହେଲା

(କ) ଅର୍ନ୍ତଗ୍ରହୀତ କର ଜମାର ନିରବଚ୍ଛିନ୍ନ ଧାରାବାହିକା ଆନ୍ତରାଜ୍ୟ କାରବାରରେ ମଧ୍ୟ ବଜାୟ ରହି ।

(ଖ) ଆନ୍ତରାଜ୍ୟ କ୍ରେତା ଓ ବିକ୍ରେତା ମଧ୍ୟରେ କୌଣସି ଆଗୁଆ କର ପ୍ରଦାନର ପାଣ୍ଠି ବନ୍ଦ ହେବାର ସମ୍ଭାବନା ନାହିଁ ।

(ଗ) ପ୍ରେରକ ରାଜ୍ୟର କୌଣସି ଫେରସ୍ତ ନଥାଏ ଏବଂ ଅନ୍ତଗ୍ରହଣ କର ହିଁ କର ପ୍ରଦାନ କରିଥାଏ ।

(ଘ) ସ୍ୱପର୍ଯ୍ୟାଲୋଚିତ ପ୍ରତିକୃତି ।

(ଙ) ନିରପେକ୍ଷ ରହି ସରଳ କର ପ୍ରାପ୍ତିକୁ ହାସଲ କରିବା

(ଚ) ସରଳ ହିସାବ ଲେଖନ ଓ କରଦାତାଙ୍କର ଅତିରିକ୍ତ ଅନୁପାଳନ ଅନାବଶ୍ୟକ ।

(ଛ) ଉଚ୍ଚସ୍ତରୀୟ ଅନୁପାଳନକୁ ପ୍ରୋତ୍ସାହନ ଯୋଗାଏ ଏବଂ କର ସଂଗ୍ରହ ଦକ୍ଷତା ବୃଦ୍ଧିପାଏ । ପ୍ରତିକୃତିଟି ଆନ୍ତଃବ୍ୟବସାୟିକ ଓ ବ୍ୟବସାୟୀ ଗ୍ରାହକ କାରବାରକୁ ସମ୍ପାଦିତ କରିଥାଏ ।

**ପ୍ରଶ୍ନ ୬ IGST ନୀତିଟି ସ୍ୱଚ୍ଛ ସଂଜ୍ଞା ସହ ସଂକ୍ଷିପ୍ତ ଏବଂ ପ୍ରମୁଖ ସମସ୍ୟା ସମାଧାନ କମିଶନ କରିଥାନ୍ତି । CGST ଓ SGST ନୀତି ସମୂହ IGSTକୁ ନିଷ୍ପାଦିତ କରିନ୍ତି କି ?**

ଉତ୍ତର ହଁ, IGST ନୀତି ଅନ୍ତର୍ଗତ, ଧାରା ୨୭, ମାଧ୍ୟମରେ ବିଭିନ୍ନ ବ୍ୟବସ୍ଥାମାନ ଉଲ୍ଲେଖ ରହିଛି, ଯେଉଁଠି IGST ଉଲ୍ଲେଖ ରହିଛି ତାହା CGST ର କର ବସାଇବା ସମ୍ପର୍କରେ ବିହିତ କରାଏ ।

**ପ୍ରଶ୍ନ-୭ IGST (ସମନ୍ୱିତ ବସ୍ତୁ ଓ ସେବା କର) କିଭଳି ପ୍ରଦାନ କରାଯିବ ?**

ଉତ୍ତର IGST ((ସମନ୍ୱିତ ବସ୍ତୁ ଓ ସେବା କର) ଅର୍ନ୍ତଗ୍ରହୀତ କର ଜମା ଭାବେ ପ୍ରଦତ୍ତ ଓ ନିଷ୍ପାଦିତ ବା ରୋକଡ଼ ମାଧ୍ୟମରେ ପ୍ରଦାନ କରିହେବ । ଯଦିଓ ଅର୍ନ୍ତଗ୍ରହୀତ କର ଜମାର ଦେୟ IGST ର ନିମ୍ନଲିଖିତ ଉପାୟରେ କରିହେବ ।

* ପ୍ରଥମ ଲଭ୍ୟ IGST ର ଅର୍ନ୍ତଗ୍ରହୀତ କର ଜମା (ITC) ଦେୟ ପାଇଁ ବ୍ୟବହାର କରିହେବ ।

* ଥରେ ITC ଶେଷ ହେଲେ, CGST (କେନ୍ଦ୍ରିୟ ବସ୍ତୁ ଓ ସେବା କର) ରୁ ଦେୟ ପ୍ରଦାନ କରିହେବ ।

* ଯଦି IGST ର ITC ଏବଂ CGST ର ITC ରୁ ଦେୟ ପ୍ରଦାନ ନିମିତ୍ତ ଅନୁମୋଦିତ । IGST ର ଅବଶିଷ୍ଟାଂଶ ପ୍ରାପ୍ୟ, ରୋକଡ଼ ପ୍ରଦାନ କରି ନିର୍ବାହ କରିହେବ । ଦେୟର କ୍ରମୋଚ୍ଚ ବ୍ୟବସ୍ଥା, GST ମାଧ୍ୟମରେ ସୁନିଶ୍ଚିତ କରାଯାଇପାରିଛି ।

**ପ୍ରଶ୍ନ-୮ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମଧ୍ୟରେ (ପ୍ରେରକ ଓ ଗ୍ରାହକ) ସମାଧାନର କିପରି ହେବ ?**

ଉତ୍ତର କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମଧ୍ୟରେ ସମାଧାନ ଦୁଇଟି ବିଭାଗରେ ହୋଇଥାଏ । ସେଗୁଡ଼ିକ ହେଲା ।

* କେନ୍ଦ୍ର ଓ ପ୍ରେରକ (ରପ୍ତାନିକାରୀ) ରାଜ୍ୟ ମଧ୍ୟରେ : ରପ୍ତାନିକାରୀ ରାଜ୍ୟ ସମପରିମାଣର ଅର୍ନ୍ତଗ୍ରହିତ କର ଜମା (ITC) ମାଧ୍ୟମରେ CGST ବ୍ୟବହାର କରି କେନ୍ଦ୍ରକୁ ପ୍ରଦାନ କରିବେ ।

* କେନ୍ଦ୍ର ଓ ଗ୍ରାହକ ରାଜ୍ୟ ମଧ୍ୟରେ : କେନ୍ଦ୍ର ସମପରିମାଣର ଅର୍ନ୍ତଗ୍ରହୀତ କର ଜମା (ITC) ଦେୟ ମାଧ୍ୟମରେ IGST ବ୍ୟବହାର କରି, ବ୍ୟବସାୟୀଙ୍କୁ SGST ର ଆନ୍ତଃରାଜ୍ୟ ଧାରା ମାଧ୍ୟମରେ ପ୍ରଦାନ କରିବେ ।

ସଂଗୃହୀତ କର ରାଜ୍ୟ ଭିତ୍ତିରେ ହିସାବକୁ ନେଇ ନିଷ୍ପାଦିତ କରି ସମାଧାନ ଅବଧି ଭିତରେ ବ୍ୟବସାୟିକ ଦ୍ୱାରା ପ୍ରଦତ୍ତ ରାଶି ଭିତରେ ଶେଷ ହେବ । ସେହି ସମାନଧରଦାର କର CGST ଓ SGST ମଧ୍ୟରେ ବୁଝାମଣା କରିହେବ ।

# ୨୨. ବସ୍ତୁ ଓ ସେବା ଯୋଗାଣର ସ୍ଥାନ

**ପ୍ରଶ୍ନ-୧ ବସ୍ତୁ ବା ସେବା କର ଅଧିନରେ ବସ୍ତୁ ଓ ସେବା ଯୋଗାଇଥିବା ସ୍ଥାନର ଆବଶ୍ୟକତା କ'ଣ ଅଛି ?**

ଉତ୍ତର ବସ୍ତୁ ଓ ସେବା କର ମୌଳିକ ନୀତି ହେଉଛି ଲକ୍ଷ୍ୟ ସ୍ଥଳରେ ବା ଶେଷ ପର୍ଯ୍ୟାୟରେ ଯୋଗାଇ ଦିଆଯାଇଥିବା ବସ୍ତୁ ବା ସେବା ଉପଭୋଗ ଆଧାରରେ କର ଆଦାୟ କରିବା । ଏହା ଯୋଗାଣ ହେଉଥିବା ସ୍ଥଳ ହିଁ ସଠିକ୍ ସ୍ଥାନ ନିରୂପଣ କରେ । (କର ଯୋଗ୍ୟ ଇଲାକା ଏବଂ କେଉଁଠି କର ଦେୟ ପୈଠ ହେବ) । ଯୋଗାଣ ସ୍ଥଳ ହିଁ ନିରୂପଣ କରିଥାଏ କେଉଁଟି ଆନ୍ତଃରାଜ୍ୟ ବା ରାଜ୍ୟ ଅଭ୍ୟନ୍ତର । ଅନ୍ୟଭାବରେ କହିଲେ ଯୋଗାଣ ସ୍ଥାନ ଅନୁସାରେ କେନ୍ଦ୍ରୀୟ (CGST) ବା ରାଜ୍ୟର (SGST) କରଭେଦ କିମ୍ବା ତାହା ଏକୀଭୂତ କର (IGST) ଅର୍ନ୍ତଗତ ଆନ୍ତଃରାଜ୍ୟ କାରବାର ହୋଇପାରେ ।

**ପ୍ରଶ୍ନ-୨ ବସ୍ତୁ ଓ ସେବା କ୍ଷେତ୍ରରେ ଯୋଗାଣ ବ୍ୟବସ୍ଥା କାହିଁକି ଭିନ୍ନ ଅଟେ ?**

ଉତ୍ତର ବସ୍ତୁ ଭୌତିକ ଓ ସ୍ପର୍ଶନୀୟ ହେତୁ ଉପଭୋଗର ସ୍ଥାନ ନିରୁପଣରେ କୌଣସି ସମସ୍ୟା ନାହିଁ । ସେବା କିନ୍ତୁ ଅଧିଭୌତିକ ବା ସ୍ପର୍ଶହୀନ ହେତୁ ଉପଭୋଗର ସ୍ଥାନ ନିରୂପଣ କରିବା ନିମିତ୍ତ ନିମ୍ନଲିଖିତ କାରଣ ପାଇଁ ସମସ୍ୟା ଆସିପାରେ ।

(କ) ସେବା ପ୍ରଦାନ ମାଧ୍ୟମ / ପ୍ରକ୍ରିୟାକୁ କୌଣସି ମୁହୂର୍ତ୍ତରେ ପରିବର୍ତ୍ତନ କରାଯାଇପାରେ । ଉଦାହରଣ ସ୍ୱରୂପ ଦୂରସଞ୍ଚାର ବା ଟେଲିଫୋନ୍ କ୍ଷେତ୍ରରେ ସେବା ପରବର୍ତ୍ତୀ ଦେୟ (Post paid) ଓ ପୂର୍ବ ଦେୟ (Prepaid) ମଧ୍ୟରେ ପରିବର୍ତ୍ତନ ବିଲ୍‌ର ଠିକଣା, ବିଲ୍ କରୁଥିବା ଏଜେଣ୍ଟ ସମସ୍ତେ ପରିବର୍ତ୍ତନଶୀଳ । ଠିକ୍ ସେହିପରି ସଫ୍ଟୱେରର ମରାମତି ଓ ରକ୍ଷଣାବେକ୍ଷଣର ସ୍ଥାନ ନିର୍ଦ୍ଦିଷ୍ଟ ସ୍ଥାନ ବଦଳରେ ଇଣ୍ଟରନେଟ୍ ମାଧ୍ୟମରେ ଯେକୌଣସି ମଧ୍ୟରେ କେଉଁଠୁ ବି କରିହେବା ପରି ପରିବର୍ତ୍ତନ, ବ୍ୟକ୍ତିଗତ ଉପସ୍ଥାନରେ ବ୍ୟାଙ୍କ ସେବା ବଦଳରେ ଇଣ୍ଟରନେଟ୍ ମାଧ୍ୟମରେ ବ୍ୟାଙ୍କ ସେବା ପରିବର୍ତ୍ତନ ହେତୁ ସ୍ଥାନର ସଂଜ୍ଞା ବଦଳି ଯାଇଛି ।

(ଖ) ସେବା ପ୍ରଦାନକାରୀ ଓ ସେବା ଗ୍ରହୀତା ଏବଂ ସେବା ଯୋଗାଣ ନିଶ୍ଚିତ ହୋଇନଥାଏ ବା ଅତି ସହଜରେ ଗୁପ୍ତ ରହିପାରେ କାରଣ ଅଧିଭୌତିକ ସେବାର କୌଣସି ଚିହ୍ନ (ସୁରାକ) ନଥାଏ ।

(ଗ) ସେବା ପ୍ରଦାନ ନିମିତ୍ତ, ସଠିକ୍ ସ୍ଥାନର ସେବା ପ୍ରଦାନକାରୀ କିଛି ନିଶ୍ଚିତ ନଥାଏ ଏବଂ ଭ୍ରାମ୍ୟମାଣ ସେବା ମଧ୍ୟ ଗ୍ରହଣ କରାଯାଇପାରେ । ବିଲ୍‌ର ଠିକଣା ମଧ୍ୟ ରାତି ଅଧରେ ବଦଳିପାରେ ।

(ଘ) ବେଳେବେଳେ ସମାନ ତତ୍ତ୍ୱଟି ପରିବର୍ତ୍ତନଶୀଳ, ଉଦାହରଣସ୍ୱରୂପ ନଦୀ ଉପରେ ଜାତୀୟ ରାଜପଥ ଓ ପୋଲ ନିର୍ମାଣ ଇତ୍ୟାଦି, ସେହିପରି ସିନେମା ବିତରଣ କାର୍ଯ୍ୟ ଅନେକ ରାଜ୍ୟ ସହ ଜଡ଼ିତ କିନ୍ତୁ ତାହା ଗୋଟିଏ କାର୍ଯ୍ୟକ୍ରମ, ଗୋଟିଏ ବିଜ୍ଞାପନ ବା ସମାନ ସିନେମାଟି ଅନେକ ରାଜ୍ୟରେ ଏକ ସଂଗରେ ପ୍ରଦର୍ଶିତ ହୋଇପାରେ । ଯାତ୍ରୀବାହୀ ବିମାନ ବ୍ୟବସାୟୀ ଉତ୍ସବ କାଳୀନ (ଋତୁକାଳୀନ) ସେବାରେ ୧୦ଟି ଟିକେଟ୍ ବିକ୍ରି କରି ଦେଶର ଯେକୌଣସି ଦୁଇଟି ସ୍ଥାନକୁ କିଛି ଥର ଭ୍ରମଣ ସେବା ପ୍ରଦାନ କରନ୍ତି । ଦିଲ୍ଲୀ ମହାନଗର ମେଟ୍ରୋ ରେଳ ସେବାର ଟିକଟ୍ ମାଧ୍ୟମରେ ଜଣେ ବ୍ୟକ୍ତି ନୋଇଡ଼ା ବା ଦିଲ୍ଲୀ ବା ଫରିଦାବାଦ ଯେକୌଣସି ଜାଗା ଭ୍ରମଣ କରିପାରିବ କିନ୍ତୁ ମେଟ୍ରୋ ଅଧିକାରୀ ଗୋଟିଏ ସ୍ଥାନର ଦେୟ ମାଧ୍ୟମରେ ସେବା ପ୍ରଦାନ କରନ୍ତି ।

(ଙ) ସେବା ଯୋଗାଣ କ୍ରମଶଃ ନୂତନ ଦିଗ ଓ ବିଭବ ସହିତ ଏକ ନୂତନ ଆହ୍ୱାନ ସୃଷ୍ଟି କରିଛି । ୧୫-୨୦ ବର୍ଷ ତଳେ କେହି ସିଧାସଳଖ ଘରକୁ ଦୂରଦର୍ଶନ (DTH) ସେବା ଓ ଅନ୍‌ଲାଇନ୍ ତଥ୍ୟ, ଇଣ୍ଟରନେଟ୍ ମାଧ୍ୟମରେ ବ୍ୟାଙ୍କ୍, ଇଣ୍ଟରନେଟ୍ ମାଧ୍ୟମରେ ଟିକେଟ୍ ଇଣ୍ଟରନେଟ୍, ଦୂରସଞ୍ଚାର ସେବା ବିଷୟରେ ଭାବି ନଥିଲେ ।

**ପ୍ରଶ୍ନ-୩ କେଉଁ ପ୍ରତିସ୍ୱରୂପ ବା ଅବଧାରଣା କାରବାର କ୍ଷେତ୍ରରେ ଯୋଗାଣ ରସ୍ଥାନି ନିରୂପଣ କରିପାରିବ ?**

ଉତ୍ତର ସେବା କାରବାରରେ ଅନେକ ପ୍ରତିସ୍ୱରୂପ ବା ଅବଧାରଣାର ସଂପୃକ୍ତି ଯୋଗାଣସ୍ଥାନ ନିରୂପଣ କରେ । ଯେଉଁ ପ୍ରତିସ୍ୱରୂପ ବା ଅବଧାରଣା କାରବାର ସମ୍ବନ୍ଧରେ ଅଧିକ ସଠିକ୍ ତଥ୍ୟ ପ୍ରଦାନ କରେ ସେହି ସେବା ଯୋଗାଣ ସ୍ଥାନ ନିରୂପଣ କରିଥାଏ । ସମାନ ଆଲୋଚନା ନିମ୍ନରେ ପ୍ରଦତ୍ତ :-

(କ) ସେବା ପ୍ରଦାନକାରୀର ସ୍ଥାନ

(ଖ) ସେବା ଗ୍ରହୀତାର ସ୍ଥାନ

(ଗ) ଯେଉଁ ସ୍ଥାନରେ କାରବାର ବା ସମ୍ପାଦନ ହୋଇଛି ।

(ଘ) ସେବା ଉପଭୋଗର ସ୍ଥାନ

(ଙ) ସ୍ଥାନ ବା ବ୍ୟକ୍ତି ଯେଉଁଠି ପ୍ରକୃତ ଫାଇଦା ମିଳିଛି ।

**ପ୍ରଶ୍ନ-୪ ବ୍ୟବସାୟୀଠୁ ବ୍ୟବସାୟୀଙ୍କୁ (B2B) ବା (ପଞ୍ଜିକୃତ ବ୍ୟବସାୟୀଙ୍କୁ ଯୋଗାଣ) ଏବଂ ବ୍ୟବସାୟୀଠୁ ଖାଉଟି (ଗ୍ରାହକ) (B2C) ବା (ଅଣ ପଞ୍ଜିକୃତ ବ୍ୟକ୍ତିଙ୍କୁ ଯୋଗାଣ) କାରବାର ସମୟରେ ଯୋଗାଣ ନିମିତ୍ତ ଭିନ୍ନ ନିୟମର ଆବଶ୍ୟକତା କାହିଁକି ରହିଛି ?**

ଉତ୍ତର ବ୍ୟବସାୟୀଠୁ ବ୍ୟବସାୟୀ କାରବାରରେ ପଇଠ ହୋଇଥିବା କର ଗ୍ରହୀତାଙ୍କୁ ଜମା ଆକାରରେ ସ୍ଥାନାନ୍ତର ହୋଇଥାଏ । ସଂଗୃହିତ କର B2B ଯୋଗାଣରେ ସରକାରଙ୍କୁ ଏକ ପ୍ରାପ୍ୟ ଓ ଗ୍ରହୀତାଙ୍କୁ ଜମା ବ୍ୟବହୃତ ହୁଏ ଏବଂ ଏହି ଅର୍ନ୍ତଗ୍ରହୀତା କର ଜମାକୁ ଅନ୍ୟ କର ଦେୟ ରୂପେ ଗ୍ରହୀତା ବ୍ୟବସାୟ କରିପାରିବେ । B2B କାରବାରରେ ଗ୍ରହୀତାଙ୍କ ସ୍ଥାନ କାରବାରର ସମସ୍ତ କରଜମାକୁ ଗ୍ରହଣ କରିଥାଏ । ଗ୍ରହୀତା ପୁନଃ ଅନ୍ୟ ଜଣେ ଗ୍ରାହକଙ୍କୁ ଯୋଗାଣ ପ୍ରଦାନ କରିଥାନ୍ତି । ଯୋଗାଣଟି ସେତେବେଳେ ଉପଭୋଗ ହୋଇଥାଏ, ଯେତେବେଳେ ତାହା ଖାଉଟି (ଅଣପଞ୍ଜିକୃତ କ୍ରେତା)ଙ୍କ ନିକଟରେ ପହଞ୍ଚିଥାଏ । ଏହା ବ୍ୟବସାୟୀଠୁ ଗ୍ରାହକ କ୍ଷେତ୍ରରେ ଶେଷରେ ଯେତେବେଳେ ତାହା ଉପଭୋଗ ହୋଇଥାଏ, ସେତେବେଳେ କର ବାସ୍ତବରେ ସରକାରଙ୍କୁ ପ୍ରଦାନ କରାଯାଏ ।

**ପ୍ରଶ୍ନ-୫ ଯେଉଁଠି ଯୋଗାଣ ବସ୍ତୁଗୁଡ଼ିକୁ ହଟାଇ ଦିଆଯାଏ, ତେବେ ସ୍ଥାନ ନିରୂପଣ କିପରି ହେବ ?**

ଉତ୍ତର ଯେଉଁଠି ଯୋଗାଣ ବସ୍ତୁ ଲକ୍ଷ୍ୟସ୍ଥଳରେ ପହଞ୍ଚି ଗ୍ରହୀତାଙ୍କ ଦ୍ୱାରା ଗ୍ରହଣ କରାଯାଏ ଓ ବସ୍ତୁ ଯୋଗାଣର ସ୍ଥାନ ହିଁ ବସ୍ତୁର ସ୍ଥାନ ରୂପେ ନିରୂପିତ ହେବ । (ଧାରା ୫(୨) IGST ନୀତି)

**ପ୍ରଶ୍ନ-୬ ବସ୍ତୁ ଯୋଗାଣର ସ୍ଥାନ କ'ଣ ହେବ ଯେତେବେଳେ ଜଣେ ତୃତୀୟ ବ୍ୟକ୍ତିର ନିର୍ଦ୍ଦେଶରେ ଅନ୍ୟଜଣଙ୍କୁ ବସ୍ତୁଯୋଗାଇ ଦିଆଯାଇଥାଏ ।**

ଉତ୍ତର ଏହା ଧରି ନିଆଯିବ ଯେ ତୃତୀୟ ବ୍ୟକ୍ତି ହିଁ ଯୋଗାଣ ଗ୍ରହଣ କରିଛନ୍ତି ଓ ତୃତୀୟ ବ୍ୟକ୍ତିଙ୍କ ପ୍ରମୁଖ ବ୍ୟବସାୟୀ ସ୍ଥାନ ହିଁ ଯୋଗାଣ ସ୍ଥାନ ବୋଲି ଧରିନିଆଯିବ ।

**ପ୍ରଶ୍ନ-୭ ଯଦି କୌଣସି ବସ୍ତୁ ବା ସେବା ଯୋଗାଣ କୌଣସି ଏକ ଉପକରଣ ବା ବୃହଦାକାର ମେସିନ୍ (ଯଥା-ଜାହାଜ, ବିମାନ, ଟ୍ରେନ୍ ବା ମଟର ସାଇକେଲ୍) ଉପରେ ହୋଇଥାଏ, ତେବେ ଯୋଗାଣର ସ୍ଥାନ କିଭଳି ନିରୂପଣ ହେବ ?**

ଉତ୍ତର ବସ୍ତୁ କ୍ଷେତ୍ରରେ ଯୋଗାଣର ସ୍ଥାନ ଯେଉଁଠି ଉପକରଣଟି ଅବସ୍ଥିତ ଥିବ (ଧାରା ୫(୫) IGST ନୀତି)

କିନ୍ତୁ ସେବା କ୍ଷେତ୍ରରେ ସ୍ଥାନଟି ହେଉଛି ପ୍ରଥମ ନିର୍ଦ୍ଧାରିତ ସ୍ଥଳ ଯେଉଁଠାରୁ ସେବା ପ୍ରଦାନ ହେଲା (ଧାରା ୬ (୧୧) IGST ନୀତି) ।

**ପ୍ରଶ୍ନ-୮ B2B କ୍ଷେତ୍ରରେ ଯୋଗାଣର ସ୍ୱାଭାବିକ ସ୍ଥାନ ନିରୁପଣ କେମିତି ହେବ ?**

ଉତ୍ତର IGST ରେ ପଞ୍ଜିକୃତ କରଦାତା ଓ ଅଣପଞ୍ଜିକୃତକରଦାତା ବିଷୟରେ ଉଲ୍ଲେଖ ରହିଛି । ସ୍ୱାଭାବିକ ଢଙ୍ଗରେ ଗ୍ରହଣ କରୁଥିବା ପଞ୍ଜିକୃତ କରଦାତାଙ୍କ ଠିକଣା ହିଁ ଯୋଗାଣର ସ୍ଥାନ । ଯେହେତୁ ପ୍ରେରକ ମଧ୍ୟ ପଞ୍ଜିକୃତ ଏଣୁ ପ୍ରେରକଙ୍କ ଠିକଣା ନିଶ୍ଚୟ ଅଛି ଏବଂ ସେ ଏଥିନିମିତ୍ତ ଯୋଗାଣ ସ୍ଥାନର ପ୍ରତିରୂପ ମାତ୍ର ।

**ପ୍ରଶ୍ନ-୯ ଅଣପଞ୍ଜିକୃତ ଗ୍ରାହକ କ୍ଷେତ୍ରରେ ସ୍ୱାଭାବିକ ଭାବେ ଯୋଗାଣର ସ୍ଥାନ କ'ଣ ହେବ ?**

ଉତ୍ତର ଅଣପଞ୍ଜିକୃତ ଗ୍ରାହକ କ୍ଷେତ୍ରରେ ଗ୍ରାହକର ସ୍ଥାନ ହିଁ ନିର୍ଦ୍ଦିଷ୍ଟ ସ୍ଥାନ ରୂପେ ଧରାଯିବ । ବା ଯୋଗାଣକାରୀର ସ୍ଥାନକୁ ତାର ପ୍ରତିରୂପ ବୋଲି ଧରିନିଆଯିବ ।

**ପ୍ରଶ୍ନ-୧୦ ସ୍ଥାବର ସମ୍ପତ୍ତିକୁ ଯୋଗାଣ ସ୍ଥାନ ହିଁ ସମ୍ପତ୍ତିର ସ୍ଥାନ । ଧରନ୍ତୁ ରାସ୍ତାଟିଏ ଦିଲ୍ଲୀରୁ ବମ୍ବେକୁ ନିର୍ମାଣ କରାଗଲା ଯାହା ବହୁ ରାଜ୍ୟ ସହ ସଂଯୁକ୍ତ । ଏ କ୍ଷେତ୍ରରେ ଯୋଗାଣର ସ୍ଥାନ କ'ଣ ହେବ ?**

ଉତ୍ତର ସ୍ଥାବର ସମ୍ପତ୍ତି ଯଦି ବହୁ ରାଜ୍ୟକୁ ସଂଯୁକ୍ତ ତେବେ ତାହା ସମସ୍ତ ରାଜ୍ୟ ଅନୁରୂପ ସମ୍ପତ୍ତି ବୋଲି ମନେକରି ଯୋଗାଣ ମୂଲ୍ୟକୁ ସେହି ଅନୁସାରେ ଭାଗ କରି କର ନିର୍ଦ୍ଧାରଣ ହେବ ଓ ଯଦି କିଛି ଚୁକ୍ତିପତ୍ର ଅଛି ବା ଚୁକ୍ତିପତ୍ରର ଅନୁପସ୍ଥିତିରେ କୌଣସି ଏକ ଉପଯୁକ୍ତ କାରଣ ଆଧାରରେ ବିହିତ ବ୍ୟବସ୍ଥା କରିବା (ସ୍ପଷ୍ଟିକରଣ IGST ନୀତି ଅର୍ନ୍ତଗତ ଧାରା ୬ (୫))

**ପ୍ରଶ୍ନ ୧୧ କାର୍ଯ୍ୟକ୍ରମ ଆୟୋଜନ କ୍ଷେତ୍ରରେ ଯୋଗାଣ ବ୍ୟବସ୍ଥା କ'ଣ ହେବ ? ଧରନ୍ତୁ ଯେ IPL କ୍ରିକେଟ୍ ଅନେକ ରାଜ୍ୟରେ ସଂଗଠିତ ହେଉଅଛି ।**

ଉତ୍ତର କାର୍ଯ୍ୟକ୍ରମ ବା ଘଟଣା (Event) କ୍ଷେତ୍ରରେ ଯଦି ସେବା ଗ୍ରହୀତା ପଞ୍ଜିକୃତ, ସେ ସ୍ଥାନ ହିଁ ଯୋଗାଣର ସ୍ଥାନ ଭାବେ ଗଣା ହେବ ।

ଯଦି ଗ୍ରହୀତା ଅଣପଞ୍ଜିକୃତ, ତେବେ କାର୍ଯ୍ୟକ୍ରମ ବା ଘଟଣାର ସ୍ଥାନ ହିଁ ଯୋଗାଣର ସ୍ଥାନ । ଯେହେତୁ କ୍ରିକେଟ୍ ଖେଳ କାର୍ଯ୍ୟକ୍ରମ ଅନେକ ରାଜ୍ୟରେ ହେଉଛି ଏକତ୍ରିତ ଭାବେ ସମସ୍ତ ଅର୍ଥ ସଂଗ୍ରହ କରି ଅନୁରୂପ ଭାବେ ସମସ୍ତ ରାଜ୍ୟ ମଧ୍ୟରେ ମୂଲ୍ୟ ବଣ୍ଟନ କରାଯିବ । (ସ୍ପଷ୍ଟିକରଣ IGST ନୀତିର ଧାରା ୬ (୮) ।

**ପ୍ରଶ୍ନ-୧୨ କୋରିୟର ମାଧ୍ୟମରେ ବସ୍ତୁର ସ୍ଥାନାନ୍ତରଣ ଓ ଯୋଗାଣ ହେତୁ ସ୍ଥାନ କିପରି ନିର୍ଦ୍ଧାରିତ ହେବ ?**

ଉତ୍ତର ଯଦି ଗ୍ରାହକ ପଞ୍ଜିକୃତ ତେବେ, ସେ ସ୍ଥାନ ହିଁ ଯୋଗାଣର ସ୍ଥାନ ହେବ । ଯଦି ଗ୍ରାହକ ଅଣପଞ୍ଜିକୃତ, ତେବେ ଯେଉଁ ସ୍ଥାନରୁ ସ୍ଥାନାନ୍ତରଣ ପାଇଁ ହସ୍ତାନ୍ତର ହେଲା, ସେ ସ୍ଥାନ ହିଁ ଯୋଗାଣ ସ୍ଥାନ ବୋଲି ଧରାଯିବ ।

**ପ୍ରଶ୍ନ-୧୩ ଯଦି ଜଣେ ବ୍ୟକ୍ତି ମୁମ୍ବାଇ ରୁ ଦିଲ୍ଲୀ ଓ ପୁନଶ୍ଚ ମୁମ୍ବାଇ ଫେରନ୍ତି ତେବେ ଯୋଗାଣର ସ୍ଥାନ କ'ଣ ହେବ ?**

ଉତ୍ତର ଯଦି ଗ୍ରାହକ ପଞ୍ଜିକୃତ, ତେବେ ତାଙ୍କ ଠିକଣା ହିଁ ଯୋଗାଣର ସ୍ଥାନ ।

ଯଦି ଗ୍ରାହକ ଅଣପଞ୍ଜିକୃତ ତେବେ ଯୋଗାଣ ମୁମ୍ବାଇରୁ ଦିଲ୍ଲୀ ହେବ ତଥାପି ମୁମ୍ବାଇ ଯୋଗାଣର ସ୍ଥାନ ହେବ, ଯେଉଁ ବ୍ୟକ୍ତି କାର୍ଯ୍ୟାରମ୍ଭ କରନ୍ତି (IGST- ଧାରା ୬ (୧))

**ପ୍ରଶ୍ନ-୧୪ ଯଦି ମେସର୍ସ ଏୟାର ଇଣ୍ଡିଆ ଦ୍ୱାରା ଟିକେଟ୍ ବା ପାସ୍‌ଟିଏ ଜାରି ହୋଇଅଛି, ସାରା ଭାରତ ଭ୍ରମଣ ନିମିତ୍ତ, ଏଥିରେ ଯୋଗାଣର ସ୍ଥାନ କ'ଣ ହେବ ?**

ଉତ୍ତର ଏ କ୍ଷେତ୍ରରେ କାର୍ଯ୍ୟଆରମ୍ଭ କରିବାର ସ୍ଥାନ କିଛି ରହିବ ନାହିଁ, କାରଣ ଏଥିରେ ଗ୍ରାହକଙ୍କ ଅଧିକାର ଅଛି । ଯୋଗାଣର ସ୍ଥାନ ଅନୁସାରେ କାର୍ଯ୍ୟଆରମ୍ଭ ହୋଇପାରିବ ନାହିଁ । ଏଣୁ ସ୍ୱାଭାବିକ ଭାବେ IGST ର ଧାରା ୬ (୧୦)(୬) ଅନୁଯାୟୀ କାର୍ଯ୍ୟ ଆରମ୍ଭ ସ୍ଥାନ ହିଁ ଯୋଗାଣ ସ୍ଥାନ ରୂପେ ବିବେଚନା କରାଯିବ ।

**ପ୍ରଶ୍ନ-୧୫ ଭ୍ରାମ୍ୟମାଣ ଦୂରଭାଷ ଯନ୍ତ୍ର (Mobile) ସେବା କ୍ଷେତ୍ରରେ ଯୋଗାଣର ସ୍ଥାନ କ'ଣ ହେବ ? ଯୋଗାଣକାରୀଙ୍କ ଠିକଣାର ସ୍ଥାନ ହୋଇପାରିବ କି ?**

ଉତ୍ତର ମୋବାଇଲ୍ ସେବା କ୍ଷେତ୍ରରେ ମୋବାଇଲ୍ ଯୋଗାଣକାରୀ ସଂସ୍ଥାର ସ୍ଥାନ ହେବ ନାହିଁ କାରଣ ଏହା ଅନେକ ରାଜ୍ୟ ଓ ଆନ୍ତଃରାଜ୍ୟ କାରବାର । ଉପଭୋଗର ନୀୟମ ମଧ୍ୟ ପରାହତ ହେବ ଯଦି ମୋବାଇଲ୍ ଯୋଗାଣକାରୀର ସ୍ଥାନକୁ ଧରାଯାଏ ଏବଂ ସମସ୍ତ ଆୟ ଅଳ୍ପ କିଛି ରାଜ୍ୟକୁ ଯିବ ଯେଉଁଠି ଯୋଗାଣକାରୀ / ପ୍ରସ୍ତୁତକାରୀ ଅଛନ୍ତି ।

ମୋବାଇଲ୍ ବ୍ୟବହାର ହେଉଥିବା ସ୍ଥାନ (ପୂର୍ବଦେୟ ବା ପରଦେୟ ଉଭୟ କ୍ଷେତ୍ରରେ) ହିଁ ଯୋଗାଣର ସ୍ଥାନ ହେବ ।

ପରଦେୟ (postpaid) ସଂଯୋଗ କ୍ଷେତ୍ରରେ ଯେଉଁଠିକୁ ମୋବାଇଲ୍‌ର ବିଲ୍ ଯାଉଥିବ ସେ ସ୍ଥାନ ହିଁ ଯୋଗାଣର ସ୍ଥାନ ହେବ । ପୂର୍ବଦେୟ (prepaid) ସଂଯୋଗ କ୍ଷେତ୍ରରେ ଯେଉଁଠି ସଂଯୋଗର ଦେୟ ଗ୍ରହଣ ହେଉଥିବା ବା ପୂର୍ବଦେୟର ପତ୍ରକୁ ବିକ୍ରି ହେଉଥିବ । ଯଦି ସଂଯୋଗର ଦେୟ ଇଣ୍ଟରନେଟ୍ ବା ଦେୟ ମାଧ୍ୟମରେ ହେଉଥିବା ପ୍ରମାଣପତ୍ର ହେତୁ ସେବା ଗ୍ରହଣ କରୁଥିବା ସ୍ଥାନ ହିଁ ସେବା ଯୋଗାଣର ସ୍ଥାନ ବୋଲି ବିଚାର ହେବ ।

**ପ୍ରଶ୍ନ୧୬ ଯଦି ଗୋଆର ବ୍ୟକ୍ତି ଦିଲ୍ଲୀର ଦଲାଲ୍ (NSE) ବା ମୁମ୍ବାଇର ହୋଇଥିବ ତେବେ ଯୋଗାଣର ସ୍ଥାନ କ'ଣ ହେବ ?**

ଉତ୍ତର ଯେଉଁ ସ୍ଥାନରେ ଯୋଗାଣକାରୀ ପ୍ରମାଣପତ୍ର ହିସାବରେ ସେବା ଗ୍ରହଣ ହୋଇଥିବ ସେ ସ୍ଥାନ ହିଁ ଯୋଗାଣର ସ୍ଥାନ ହେବ । ଏଣୁ ଏ କ୍ଷେତ୍ରରେ ଗୋଆ ହେଉଛି ଯୋଗାଣର ସ୍ଥାନ ।

**ପ୍ରଶ୍ନ ୧୭ ଜଣେ ମୁମ୍ବାଇର ବ୍ୟକ୍ତି ଯଦି କୁଲୁ ମନାଲି ଭ୍ରମଣ କରନ୍ତି ଏବଂ ICICI ବ୍ୟାଙ୍କର ସେବା ମନାଲିରେ ଗ୍ରହଣ କରନ୍ତି, ଏ କ୍ଷେତ୍ରରେ ଯୋଗାଣର ସ୍ଥାନ କ'ଣ ହେବ ?**

ଉତ୍ତର ଯଦି ବ୍ୟାଙ୍କ୍ ଖାତା (A/C) ଟି ବ୍ୟକ୍ତି ସହ ଯୋଡ଼ା ହୋଇନଥାଏ, ତେବେ ଯୋଗାଣର ସ୍ଥାନ କୁଲୁ ହେବ (i.e. ଯୋଗାଣକାରୀ ସ୍ଥାନ ହିସାବରେ) ଯଦି ଖାତାଟି ବ୍ୟକ୍ତି ସହ ଯୋଡ଼ା ହୋଇଥାଏ ତେବେ ଯୋଗାଣର ସ୍ଥାନ ମୁମ୍ବାଇ ହେବ, ଯାହା ଯୋଗାଣକାରୀ ତଥ୍ୟ ଅନୁସାରେ ସେବା ଗ୍ରହଣକାରୀ ସ୍ଥାନ ।

**ପ୍ରଶ୍ନ-୧୮ ଜଣେ ଗୁରୁଗାଓଁର ବ୍ୟକ୍ତି ଏୟାରଇଣ୍ଡିଆ ବିମାନରେ ମୁମ୍ବାଇରୁ ଦିଲ୍ଲୀ ଗଲେ ଏବଂ ଯାତ୍ରା ଇନ୍‌ସ୍ୟୁରାନ୍ସ ମୁମ୍ବାଇରେ ହେଲା । ଏ କ୍ଷେତ୍ରରେ ଯୋଗାଣର ସ୍ଥାନ କ'ଣ ହେବ ?**

ଉତ୍ତର ଯୋଗାଣକାରୀର ତଥ୍ୟ ହିସାବରେ ସେବା ଗ୍ରହଣ କରିବାର ସ୍ଥାନ ହିଁ ଯୋଗାଣକାରୀର ସ୍ଥାନ । ଏଣୁ ଗୁରୁଗାଓଁ ହିଁ ଯୋଗାଣର ସ୍ଥାନ (ଧାରା ୧୬ (୧୪)

# ୨୩. ବସ୍ତୁ ଓ ସେବା କର (GST) ବ୍ୟବସାୟିକ ପ୍ରକ୍ରିୟାର ସୂଚନା ବୈଷୟିକ ମୁଖଶାଳା

**ପ୍ରଶ୍ନ-୧ GSTN କ'ଣ ?**

ଉତ୍ତର ବସ୍ତୁ ଓ ସେବା କର ନେଟ୍‌ୱାର୍କ (GSTN) ହେଉଛି ଗୋଟିଏ ଅଣଲାଭଦାୟୀ ବେସରକାରୀ ପ୍ରତିଷ୍ଠାନ, ଯେ ସୂଚନା ବୈଷୟିକ ଭିତ୍ତିଭୂମି ଯୋଗାଇଦେବ ଏବଂ ରାଜ୍ୟ, କେନ୍ଦ୍ର, କରଦାତା ଓ ଅନ୍ୟାନ୍ୟ ଅଂଶୀଦାରଙ୍କୁ ସେବା ଯୋଗାଇବ । ପଞ୍ଜିକରଣ, କର ପ୍ରଦାନ ଓ ରିଟର୍ଣ୍ଣ ଆଦି ସେବା ସମସ୍ତ କରଦାତାଙ୍କୁ GSTN ଯୋଗାଇଦେବ । ଏହା ସରକାର ଓ କରଦାତାଙ୍କ ଏକ ଯୋଗାଯୋଗ ସୂତ୍ର ରୂପେ କାମ କରିବ ।

**ପ୍ରଶ୍ନ-୨ ବସ୍ତୁ ଓ ସେବାକର ନେଟ୍‌ୱାର୍କ (GSTN) ମୂଳ ପ୍ରସ୍ତୁତିର ଅଧାର କ'ଣ ?**

ଉତ୍ତର GST ପ୍ରଣାଳୀ ହେଉଛି ଏକ ଏକମାତ୍ର ଜଟିଳ ସୂଚନା ବୈଷୟିକ ବିଜ୍ଞାନ ଭିତ୍ତିକ ପ୍ରାରମ୍ଭ । ଏହାର ଅନନ୍ୟ ଆରମ୍ଭ ହେଉଛି ଏହା ଏକ ମୌଳିକ ଯୋଗାଯୋଗକାରୀ ପ୍ରତିଷ୍ଠାନ ଏବଂ ଏହା ରାଜ୍ୟ କେନ୍ଦ୍ର ମଧ୍ୟରେ ସୂଚନା ବୈଷୟିକ ଭିତ୍ତିଭୂମିରେ ତଥ୍ୟ ଆଦାନ ପ୍ରଦାନ କରେ । ସଂପ୍ରତି କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପରୋକ୍ଷ କର ପ୍ରଶାସନ ଅଧିନରେ ବିଭିନ୍ନ ନୀତି, ନିୟମ, ପ୍ରକ୍ରିୟା ଓ ଧାରାରେ କାମ କରେ । ଏଥିସହିତ ସୂଚନା ବୈଷୟିକ ସଂରଚନା ଏକ ସ୍ୱାଧୀନ ମାଧ୍ୟମ । ସମ୍ମିଳିତ କରି ସମସ୍ତଙ୍କର କାର୍ଯ୍ୟାରମ୍ଭ ଏକ ଜଟିଳ ପ୍ରକ୍ରିୟା, ଯେହେତୁ ଏହା ସମସ୍ତ ପରୋକ୍ଷ କର ସମୂହକୁ ଏକାଠି କରି ଗୋଟିଏ ଶାସନ ପରିସରକୁ ଆଣିଥାଏ (କେନ୍ଦ୍ର, ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳ) । ସମାନ ଧରଣର ସୂଚନା ବୈଷୟିକ ଫଳକ ସମାନ ସଂରଚନା, କରଦାତା ଓ ବାହ୍ୟ ଅଂଶିଦାରଙ୍କ ଯୋଗାଯୋଗ କେନ୍ଦ୍ର । ଏତତ୍ ବ୍ୟତୀତ GST ଗୋଟିଏ ପରିସମାପ୍ତି କର । ଆନ୍ତଃରାଜ୍ୟ ବସ୍ତୁ ଓ ସେବା କାରବାର ମଧ୍ୟ ଏକ ବଳିଷ୍ଠ ପ୍ରକ୍ରିୟା, ଯାହା କେନ୍ଦ୍ର ଓ ରାଜ୍ୟସରକାରଙ୍କୁ ଏକ ନିୟମରେ ବାନ୍ଧି ରଖେ । ଗୋଟିଏ ସୂଚନା ବୈଷୟିକ ଭିତ୍ତିଭୂମି ବିନା ଏହା ସମ୍ଭବ ନୁହେଁ ଏବଂ ସମସ୍ତ ଅଂଶୀଦାରଙ୍କ ସହ ବିଭିନ୍ନ ପ୍ରକ୍ରିୟା, ଆହରଣ, ସୂଚନା ଅଦଳବଦଳର (କରଦାତା, ରାଜ୍ୟ, କେନ୍ଦ୍ର ବ୍ୟାଙ୍କ ଓ ଭାରତୀୟ ରିଜର୍ଭ ବ୍ୟାଙ୍କ) ସେବା ଯୋଗାଇ ଦିଏ ।

ଏହି ଭାଗଟି ୨୦୧୦ର କ୍ଷମତାପ୍ରାପ୍ତ ରାଜ୍ୟ ବିତ୍ତମନ୍ତ୍ରୀ ସହ ଚତୁର୍ଥ (4th ବୈଠକରେ ୨୧.୭.୨୦୧୦) ଆଲୋଚିତ ହୋଇଛି । ସେହି ବୈଠକଟିରେ EC (ଇସି) "GST ପାଇଁ କ୍ଷମତା ସମ୍ପନ୍ନ ସୂଚନା ବୈଷୟିକ ଭିତ୍ତିଭୂମି ଦଳ" ଡଃ ନନ୍ଦନ ନିଲେକନିଙ୍କ ଅଧ୍ୟକ୍ଷତାରେ ଗଠିତ ହୋଇଛି । ଏଥିରେ ଥିବା ସଦସ୍ୟମାନେ ହେଲେ ଅତିରିକ୍ତ ସଚିବ (ରେଭେନ୍ୟୁ) ସଦସ୍ୟ (B & C), CBEC, DG (System), CBEC, FA, ବିତ୍ତ ମନ୍ତ୍ରଣାଳୟ, ସଦସ୍ୟସଚିବ EC ଏବଂ ପାଞ୍ଚଟି ରାଜ୍ୟର କାରବାର କରର କମିଶନର (ମହାରାଷ୍ଟ୍ର, ଆସାମ, କର୍ଣ୍ଣାଟକ, ପଶ୍ଚିମବଙ୍ଗ, ଗୁଜୁରାଟ) । ଏହି ଦଳଟି ଉପଯୁକ୍ତ ପ୍ରସ୍ତାବ, ଆଭ୍ୟନ୍ତରଣ ପରିବର୍ତ୍ତନ, ଜାତୀୟ ସୂଚନା ବୈଷୟିକ ବ୍ୟବହାରିକାର ଗଠନ ଉପରେ ମାନ ନିର୍ଦ୍ଧାରଣ କରିବ ଓ ଏହା କାର୍ଯ୍ୟକାରୀତା ସାଧାରଣ ବୈଷୟିକ ମୁଖଶାଳା ଭାବେ ବସ୍ତୁ ଓ ସେବା କର ନେଟ୍‌ୱାର୍କ (GSTN) ରୂପେ ଅଭିହିତ ହେବ । ପରାମର୍ଶ ସଂରଚନାରେ,

କଟକଣା ଧାରା ଇତ୍ୟାଦି GSTN ନିମିତ୍ତ ପ୍ରସ୍ତୁତ ହେବ । ଭିତ୍ତିକ ବିଶଦ କାର୍ଯ୍ୟକାରୀ ପ୍ରଣାଳୀ, ରୋଡ୍ ମ୍ୟାପ୍ ଓ ନାନା ପ୍ରକାର ପ୍ରଶିକ୍ଷଣ, ଅତିରିକ୍ତ ପ୍ରସଙ୍ଗ ପ୍ରସ୍ତୁତ କରାଯିବ ।

ମାର୍ଚ୍ଚ ୨୦୧୦ରେ ବିତ୍ତ ମନ୍ତ୍ରଣାଳୟ ଅଧୀନରେ TAGUD ସୃଷ୍ଟି କରାଯାଇଛି । ଏହା ଜାତୀୟ ସୂଚନା ବୈଷୟିକ ବ୍ୟବହାରିକା ପ୍ରସ୍ତୁତ କରି ସର୍ବସାଧାରଣ ଉଦ୍ଦେଶ୍ୟରେ ଏକ ଘରୋଇ କମ୍ପାନୀ ଭାବେ କାମ କରିବ ଏବଂ ବିଶାଳ ସରକାରୀ ସୂଚନା ବୈଷୟିକ ଜଟିଳ ପ୍ରକଳ୍ପକୁ ସମସ୍ତଙ୍କ ପାଇଁ ବ୍ୟବହାରୀ କରାଇବ । TAGUP ର ବାଧ୍ୟତାମୂଳକ କାର୍ଯ୍ୟକ୍ରମ ରୂପେ ଯାନ୍ତ୍ରିକ ବ୍ୟବସ୍ଥାର ଅନୁଧ୍ୟାନ ଓ ସଂରଚନା ବିଷୟକ ଯଥା GST, TIN, NPS ର ଇତ୍ୟାଦି ସୂଚନା ବୈଷୟିକ ପ୍ରକଳ୍ପର ସମସ୍ୟାର ଅବଲୋକନ ଓ ନିର୍ବାହ କରିବ ।

କାର୍ଯ୍ୟକାରୀ ଦଳ (EG) ର ୨ ଅଗଷ୍ଟ ୨୦୧୦ ରୁ ୮ ଅଗଷ୍ଟ ୨୦୧୧ ମଧ୍ୟରେ ସାତଟି ବୈଠକରେ ନାନା ବିଭବ ସମ୍ପର୍କରେ ଆଲୋଚନା ହୋଇଛି । ଉପଯୁକ୍ତ ବିଚାର ପରେ EG ଏକ ସ୍ୱତନ୍ତ୍ର ଉଦ୍ଦେଶ୍ୟଭିତ୍ତିକ ବ୍ୟବସ୍ଥା (SPV) ମାଧ୍ୟମରେ GST ସଂରଚନାକୁ କାର୍ଯ୍ୟକାରୀ କରାଇବାକୁ ଚାହିଁଛନ୍ତି । ଏକ ବିଶ୍ୱସ୍ତ, ସମୟ ସାପେକ୍ଷ ସେବା ବ୍ୟବସ୍ଥା ଆବଶ୍ୟକ ଭିତ୍ତିରେ କାର୍ଯ୍ୟକ୍ଷମ କରିବା ନିମିତ୍ତ EG ଏକ ବେସରକାରୀ GST ସଂରଚନା, ଯେଉଁଥିରେ ସ୍ୱତନ୍ତ୍ର ଉଦ୍ଦେଶ୍ୟ ଭିତ୍ତିକ ବ୍ୟବସ୍ଥା ଭିତ୍ତିରେ (SPV), ସରକାରଙ୍କ (କେନ୍ଦ୍ର ୨୪.୫. ରାଜ୍ୟ ୨୪.୫%) ତ୍ୱରିତ ନିଷ୍ପତ୍ତି ଏବଂ ଉପଯୁକ୍ତ ମାନବ ସମ୍ବଳର ଆହରଣ ପରିଚାଳନା ଇତ୍ୟାଦି ପ୍ରମୁଖ ବିଶେଷତ୍ୱ ରହିବ ।

GSTN ର ସମ୍ବେଦନଶୀଳତାକୁ ନଜରରେ ରଖି ଏବଂ ଉପଲବ୍ଧ ହେଉଥିବା ତଥ୍ୟର ସୁରକ୍ଷା ହେତୁ EG ସରକାରଙ୍କ ସାର୍ବଭୌମ ନିୟନ୍ତ୍ରଣ ଆଶା କରନ୍ତି । ସରକାରଙ୍କ ସ୍ୱତନ୍ତ୍ର ଉଦ୍ଦେଶ୍ୟ ଭିତ୍ତିକ ବ୍ୟବସ୍ଥା ଉପରେ (SPV) ସାର୍ବଭୌମ ନିୟନ୍ତ୍ରଣ ନିମିତ୍ତ ଏକ ମୂଳ କମିଟି ଗଠନ, ସ୍ୱତନ୍ତ୍ର ନିର୍ଦ୍ଦେଶନାମା, ଅଂଶଧନକାରୀଙ୍କ ଚୁକ୍ତିନାମା, ସରକାରୀ ଅଧିକାରୀଙ୍କ ପ୍ରବେଶ ଏବଂ ସରକାର ଓ GSTNSPV ମଧ୍ୟରେ ଚୁକ୍ତିନାମା ଇତ୍ୟାଦି ବନ୍ଦୋବସ୍ତ କରିଛନ୍ତି । ଅଂଶଧନକାରୀଙ୍କ ଅନୁପାତ ଏପରି ହେବ ଯେ କେନ୍ଦ୍ର ବା ରାଜ୍ୟ ସରକାରଙ୍କ ଅଂଶଧନ (୨୪.୫%) ସର୍ବବୃହତ ଅଂଶଧନ ହୋଇ ରହିବ । ସରକାରଙ୍କ ଅଂଶଧନ (୪୯%) ଯେକୌଣସି ଘରୋଇ ପ୍ରତିଷ୍ଠାନର ଅଂଶଧନଠୁ ଅଧିକ ହୋଇରହିବ ।

EG ଯାନ୍ତ୍ରିକ କୌଶଳକୁ ଏପରି କରିବା ଉଚିତ୍, ଯେପରି ରିଟର୍ଣ୍ଣ ସମୂହ ୧୦୦% ପ୍ରତିଶତ ମେଳ ହେଉଥିବ । ବ୍ୟବସାୟିକ ଜ୍ଞାନ କୌଶଳ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପାଖରେ ରହିବ ଅଥଚ ଯାନ୍ତ୍ରିକ ପରିଚାଳନାଗତ ଜ୍ଞାନ ବୃତ୍ତିଗତ ବିଶାରଦଙ୍କ ନିକଟରେ ସ୍ୱାଧୀନ ଭାବରେ ଉପଲବ୍ଧ ହେବ । NSDL କାର୍ଯ୍ୟପ୍ରଣାଳୀରେ ସ୍ୱାଧୀନ ଓ ଦକ୍ଷତାପୂର୍ଣ୍ଣ ରୂପେ କାମ କରିବ । EG ଙ୍କ ପରାମର୍ଶ ମୁତାବକ ଏହା ଏକ ବେସରକାରୀ ପ୍ରତିଷ୍ଠାନ ଯାହା ପରିଚାଳନାଗତ ସ୍ୱାଧୀନତା ଉପଭୋଗ କରିବ ।

ଏହି ପରାମର୍ଶଗୁଡ଼ିକ କ୍ଷମତାପ୍ରାପ୍ତ ରାଜ୍ୟ ବିତ୍ତମନ୍ତ୍ରୀମାନଙ୍କ ୩ୟ ବୈଠକ ୧୯ ଅଗଷ୍ଟ ୨୦୧୬ରେ ଉପସ୍ଥାପିତ କରାଯାଇଥିଲା ଏବଂ EC ର ଚତୁର୍ଥ ବୈଠକ ୧୪ଅକ୍ଟୋବର ୨୦୧୧ରେ ହୋଇଥିଲା । GSTN ଉପରେ GST କୁ ନେଇ ସୂଚନା ବୈଷୟିକ ଭିତ୍ତିଭୂମି ସମ୍ବନ୍ଧରେ EC ଙ୍କ ପ୍ରସ୍ତାବମାନ ଏବଂ ସରକାରଙ୍କ ସାର୍ବଭୌମ ନିୟନ୍ତ୍ରଣ ଥାଇ ୨୫ଟି ଅଣଲାଭଦାୟୀ କମ୍ପାନୀ ସୂଚୀ ରାଜ୍ୟ ବିତ୍ତମନ୍ତ୍ରୀମାନଙ୍କ କ୍ଷମତାସମ୍ପର୍ଣ୍ଣ ବୈଠକ (୧୪.୧୦.୧୧)ରେ ଅନୁମୋଦିତ ହୋଇଛି ।

ରେଭେନ୍ୟୁ ବିଭାଗର ଲେଖା ଅନୁସାରେ "ଉଦ୍ଦେଶ୍ୟଭିତ୍ତିକ ବ୍ୟବସ୍ଥା"କୁ ବସ୍ତୁ ଓ ସେବା କର ନେଟୱାର୍କ ନାଁରେ ସଂଘୀୟ କ୍ୟାବିନେଟ୍ ବୈଠକ ୧୨ ଏପ୍ରିଲ୍ ୨୦୧୨ରେ ଅନୁମୋଦନ ହୋଇଛି । ସଂଘୀୟ କ୍ୟାବିନେଟ୍ ମଧ୍ୟ ନିମ୍ନଲିଖିତ ବିଷୟ ଗୁଡ଼ିକ ଅନୁମୋଦନ କରିଛନ୍ତି ।

(କ) ଏକ ଉପଯୁକ୍ତ ଇଚ୍ଛାକୃତ ବେସରକାରୀ ଅନୁଷ୍ଠାନର ଚିହ୍ନଟ ସହ ବିତ୍ତ ମନ୍ତ୍ରଣାଳୟ ମାଧ୍ୟମରେ ପ୍ରକ୍ରିୟାକରଣ କରାଯିବ ଯେ GSTN-SPV ରେ ଅନ୍ତର୍ଭୁକ୍ତ ହେବ ।

(ଖ) SPV ଉପରେ ସରକାରଙ୍କ ସାର୍ବଭୌମ ନିୟନ୍ତ୍ରଣକୁ ବିଶ୍ୱସନୀୟ କରିବା ପାଇଁ କମିଟି, ସ୍ୱତନ୍ତ୍ର ନିର୍ଦ୍ଦେଶାବଳୀ ପ୍ରଣାଳୀ ଓ ଅଂଶଧନକାରୀଙ୍କ ସହ ଚୁକ୍ତି, ସରକାରୀ ଅଧିକାରୀଙ୍କ ପ୍ରବେଶ ଏବଂ GSTN- SPV ଓ ସରକାରଙ୍କ ଚୁକ୍ତି ଆଦି ପଦକ୍ଷେପ ନିଆଯିବ ।

(ଗ) GSTN - SPV ବୋର୍ଡରେ ୧୪ଜଣ ସଦସ୍ୟ ରହିବେ, ୩ଜଣ କେନ୍ଦ୍ରରୁ ଓ ବାକି ୩ଜଣ ରାଜ୍ୟରୁ ଏବଂ ବୋର୍ଡର ମୁଖ୍ୟ ରାଜ୍ୟ ଓ କେନ୍ଦ୍ର ସଦସ୍ୟଙ୍କ ସହମତିରେ ହେବ । ୩ଜଣ ବୋର୍ଡ ସଦସ୍ୟ ଘରୋଇ ଅଂଶଧନ କମ୍ପାନୀରୁ ଏବଂ ୩ଜଣ ସ୍ୱାଧୀନ ସଦସ୍ୟ ଖୋଲା ବଜାରରୁ ମୁଖ୍ୟ କାର୍ଯ୍ୟନିର୍ବାହୀ (GSTN - SPV) ଦ୍ୱାରା ମନୋନୀତ ହେବେ ।

(ଘ) ସରକାରୀ ଅଧିକାରୀଙ୍କୁ ପ୍ରତିନିଯୁକ୍ତି ସମୟରେ ଯୋଗ୍ୟତା କୋହଳ ହେବା ଆବଶ୍ୟକ ଓ ସ୍ଥଳ ବିଶେଷରେ କାର୍ଯ୍ୟଦକ୍ଷତା ଥିବା ବ୍ୟକ୍ତି ବିଶେଷଙ୍କୁ ଆଣିବା ଆବଶ୍ୟକ ।

(ଙ) GSTN - SPV ଏକ ସ୍ୱଉପାର୍ଜିତ ଆୟକାରୀ ପ୍ରଣାଳୀରେ ଯେ କରଦାତା ଓ କର ଅଧିକାରୀଙ୍କ ଉପରେ ବ୍ୟବହାରିକ ଦେୟ ଦେଇପାରିବ ।

(ଚ) GSTN- SPV ଏକ ଜାତୀୟସ୍ତରର ଉତ୍ସର୍ଗିକୃତ ଅନୁଷ୍ଠାନ । ଯେ ପରୋକ୍ଷ କର ଆଦାୟ ଓ ତତ୍‌ସମ୍ପର୍କିତ ସେବା ଏକାଧିକ କର ଆଦାୟକାରୀ କର୍ତ୍ତୃପକ୍ଷଙ୍କୁ ସେବା ପ୍ରଦାନ କରିବା, ସେହି ଅନୁସାରେ ଅନ୍ୟ ସେବା ପ୍ରଦାନ କାରୀ ସମସାମୟିକ ସମନ୍ୱିତ ସେବା ପ୍ରଦାନ କ୍ଷେତ୍ରରେ ଆବଶ୍ୟକ ହେଉଥିବ,ତେବେ ଉପଯୁକ୍ତ ଚୁକ୍ତି ମାଧ୍ୟମରେ GSTN - SPV ସହ ମିଶି ସେବା ପ୍ରଦାନ କରିପାରିବେ ।

(ଛ) ପ୍ରଥମ ଥର ପାଇଁ ଏକକ ଅନୁଦାନ ୩୧୫ କୋଟି କେନ୍ଦ୍ର ସରକାର ପ୍ରାରମ୍ଭିକ ଓ ଆନୁସାଙ୍ଗିକ ଖର୍ଚ୍ଚ ପାଇଁ ଯୋଗାଇ ଦେବେ ଏବଂ ପଞ୍ଜିକୃତ ହେବାର ତିନି ବର୍ଷ ଭିତରେ SPV କାର୍ଯ୍ୟକ୍ଷମ ହେବ । ସଂଘୀୟ କ୍ୟାବିନେଟ୍‌ର ସହମତିପୂର୍ଣ୍ଣ ନିଷ୍ପତ୍ତିର GSTN ଏକ ଅଣଲାଭକାରୀ ଘରୋଇ ସଂସ୍ଥାଭାବେ ଧାରା ୨୫ ଅନ୍ତର୍ଗତ କମ୍ପାନୀ ନୀତି – ୧୯୫୬ ମୁତାବକ ଅଂଶଧନ ସଂରଚନାରେ କାମ କରିବ ।

| | |
|---|---|
| କେନ୍ଦ୍ର ସରକାର – | ୨୪.୫% |
| ରାଜ୍ୟ ସରକାର – | ୨୪.୫% |
| HDFC | ୧୦% |
| HDFC ବ୍ୟାଙ୍କ | ୧୦% |
| ICICI ବ୍ୟାଙ୍କ | ୧୦% |
| NSE ଷ୍ଟ୍ରାଟେଜିକ୍ ପୁଞ୍ଜି ଲଗାଣ | ୧୦% |
| LIC ଗୃହଋଣ ବିତ୍ତୀୟ ସଂସ୍ଥା | ୧୧% |

GSTN, କ୍ଷମତାସମ୍ପନ୍ନ ରାଜ୍ୟ ଅର୍ଥମନ୍ତ୍ରୀ କମିଟିଙ୍କ ବୈଠକରେ ଅନୁଦାନ ଲାଭ ପରେ ସଂଘୀୟ ସରକାରଙ୍କ ଅନୁମତି କ୍ରମେ ନିଜର ବର୍ତ୍ତମାନ ସ୍ୱରୂପରେ ସୃଷ୍ଟି ହେବ ।

**ପ୍ରଶ୍ନ -୩ GSTN ମାଧ୍ୟମରେ କେଉଁ ସେବା ନିର୍ବାହ ହୋଇପାରିବ ?**

ଉତ୍ତର GSTN ଇଣ୍ଟରନେଟ୍ ପୋର୍ଟାଲ୍ ମାଧ୍ୟମରେ ନିମ୍ନଲିଖିତ ସେବା ସମ୍ପାଦନ ହୋଇପାରିବ ।

(କ) ପଞ୍ଜିକରଣ (ପୂର୍ବତନ କରଦାତାଙ୍କ ଆଗମନ ଓ PAN ମାଧ୍ୟମରେ ପଞ୍ଜିକୃତ ହୋଇଥିବା ସଂସ୍ଥା)

(ଖ) ଦେୟ ପ୍ରଦାନ (ଦେୟ ପ୍ରଦାନର ବୈଷୟିକ ସ୍ତର ଠୁ ବ୍ୟାଙ୍କ ଖାତାର ସମାନିକରଣ)

(ଗ) ରିଟର୍ଣ୍ଣିଂ ପ୍ରଦାନ ଓ ପ୍ରକ୍ରିୟାକରଣ ।

(ଘ) କରଦାତା ପରିଚାଳନା ଯଥା ହିସାବ, ନୋଟିସ୍ ତଥ୍ୟ ଓ ଅନୁକରଣ ଧାରା ।

(ଙ) କର କର୍ତ୍ତୃପକ୍ଷଙ୍କ ହିସାବ ଓ ଖାତା ପରିଚାଳନା ।

(ଚ) ହିସାବର ଗଣନା ଓ ସମାଧାନ (IGST, ସମାଧାନ, କେନ୍ଦ୍ର ଓ ରାଜ୍ୟ ସରକାର ଓ ମଧ୍ୟବର୍ତ୍ତି ହିସାବକାରୀ)

(ଛ) ପ୍ରକ୍ରିୟା କରଣ ଓ ମେଳଣ GST ଯାହା ଆମଦାନୀ ଓ EDI ଉତ୍ପାଦକରଣ ମିଶ୍ରଣ)

(ଜ) ପରିଚାଳନାଗତ ତଥ୍ୟ ପ୍ରବାହ ଭିତ୍ତିରେ ଆବଶ୍ୟକୀୟ ତଥ୍ୟ ଓ ବ୍ୟବସାୟିକ ବୁଦ୍ଧିମତ୍ତା

(ଝ) ସାଧାରଣ GST ତଥ୍ୟ ଓ କର ପ୍ରଶାସକ ମଧ୍ୟରେ ସୂଚନା ବୈଷୟିକ ବିଶିଷ୍ଟ ଯୋଗାଯୋଗ ଓ ରକ୍ଷଣାବେକ୍ଷଣ ।

(ଞ) ଅଂଶୀଦାରଙ୍କର ପ୍ରଶିକ୍ଷଣ ।

(ଚ) ବିଶ୍ଳେଷଣାତ୍ମକ ଓ ବ୍ୟବସାୟିକ ବୁଦ୍ଧିମତ୍ତା ତଥ୍ୟ କର ଅଧିକାରୀଙ୍କୁ ପ୍ରଦାନ ।

(ଛ) ଗବେଷଣା, ଅନୁଧ୍ୟାନ ଓ ଉତ୍ତମ କାର୍ଯ୍ୟାବଳୀର ନଥିକରଣ ସହ ଅଂଶିଦାରଙ୍କୁ ପ୍ରଶିକ୍ଷଣ ।

**ପ୍ରଶ୍ନ-୪ GSTN ଓ ରାଜ୍ୟ CBEC ମଧ୍ୟରେ ବୈଷୟିକ ଯୋଗାଯୋଗର ମାଧ୍ୟମ କ'ଣ ?**

ଉତ୍ତର GST ପରିସରରେ, କରଦାତା ପଞ୍ଜିକରଣ ପରି ମୂଳସେବା ପାଇଁ ଆବେଦନକରେ ମସିହାର ଉପସ୍ଥାପନ, ରିଟର୍ଣ୍ଣ ଭରଣା, କର ପ୍ରଦାନ ଇତ୍ୟାଦି ବ୍ୟବସ୍ଥା ଇଣ୍ଟରନେଟ୍ ପୃଷ୍ଠାରେ ରହିବ । ସମସ୍ତ ଧ୍ରୁବୀୟ କାର୍ଯ୍ୟକଳାପ (ପଞ୍ଜିକରଣର ଗ୍ରହଣୀୟତା, ରିଟର୍ଣ୍ଣର ଆକଳନ, ଅନୁସନ୍ଧାନର ପ୍ରାରମ୍ଭ ଏବଂ ନୀରିକ୍ଷା ଇତ୍ୟାଦି) ରାଜ୍ୟ କର କର୍ତ୍ତୃପକ୍ଷ ଓ କେନ୍ଦ୍ର କର କର୍ତ୍ତୃପକ୍ଷଙ୍କ ତତ୍ତ୍ୱବଧାନରେ ସମାହିତହେବ ।

ଏହା GST ର ସମ୍ମୁଖ ମୁଖଶାଳା ଏବଂ ପ୍ରଚ୍ଛଦପଟର କାର୍ଯ୍ୟକାରୀ ସଂଜ୍ଞା ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଦ୍ୱାରା କରାଯିବ । କିନ୍ତୁ ୨୪ଟି ରାଜ୍ୟ ସ୍ୱୟଂ ପ୍ରଚ୍ଛଦପଦ (Model 2 states) କାର୍ଯ୍ୟକାରୀ ସଂଜ୍ଞା ପ୍ରସ୍ତୁତ ପାଇଁ ମାଗିଛନ୍ତି । CBEC ଏବଂ ବାକି ରାଜ୍ୟ ଧାରାବାହିକ ପ୍ରଚ୍ଛଦପଟ ବିକାଶ (Model-1) ତିଆରି ପାଇଁ ସ୍ଥିରିକୃତ ।

**ପ୍ରଶ୍ନ-୫ ପଞ୍ଜିକୃତ କ୍ଷେତ୍ରରେ GSTN ର କାମ କ'ଣ ହେବ ?**

ଉତ୍ତର GSTN ପୋର୍ଟାଲ୍‌ରେ ପଞ୍ଜିକରଣ ସିଧାସଳଖ ହେବ । କିଛି ମୂଳ ତଥ୍ୟ ଯଥା PAN , ବ୍ୟବସାୟିକନମ, ଆଧାର ନଂ, CIN/DIN ସିଧାସଳଖ ଇଣ୍ଟରନେଟ୍‌ରେ ଯାଞ୍ଚ ହେବ ଓ ଯଥା CBDI, UID, MCA etc. କମ୍ପ୍ୟୁଟର ସର୍ବନିମ୍ନ ପ୍ରମାଣପତ୍ରର ତଥ୍ୟ ଦେବେ ।

ଆବେଦନ ପତ୍ର ସମ୍ପର୍କିତ ପ୍ରତିଲିପି ପ୍ରମାଣପତ୍ର GSTN କରିଆରେ ରାଜ୍ୟ କେନ୍ଦ୍ରକୁ ପଠାଯିବ, ଯଦି କିଛି ଆପତ୍ତି ଥାଏ ତେବେ ଖାରଜ ବି ଅନୁମୋଦିତ ହେବ ଏବଂ ଶେଷରେ ଡିଜିଟାଲ ସନ୍ତକ ଥିବା ଅନୁମୋଦିତ ପତ୍ର ପରବର୍ତ୍ତୀ ଅଧାୟ ନେଟ୍ ପାଇପାରିବେ ।

**ପ୍ରଶ୍ନ-୬ GSTN ରେ ଇନ୍‌ଫୋସିସ୍‌ର କାମ କ'ଣ ?**

ଉତ୍ତର GSTN ଇନ୍‌ଫୋସିସ୍‌ରକୁ ଏକକ ସେବା ପ୍ରଦାନକାରୀ ସଂସ୍ଥାରୂପେ ପୋର୍ଟାଲ୍ ସ୍କେଚ୍, ନିର୍ମାଣ ଓ ତାର କାର୍ଯ୍ୟକାରିତା ପାଇଁ ନିୟୋଜିତ କରିଛି । ସମସ୍ତ କାର୍ଯ୍ୟକାରୀ ସଂଜ୍ଞା ସଫ୍ଟୱେର, ଯନ୍ତ୍ରାଂଶ, ଭିତ୍ତିଭୂମି ଏବଂ ପରିଚାଳନା ଓ ରକ୍ଷଣାବେକ୍ଷଣ ସହ ପାଞ୍ଚବର୍ଷ ପର୍ଯ୍ୟନ୍ତ ସିଧାସଳଖ କାର୍ଯ୍ୟକରିବାକୁ ସ୍ୱୀକୃତି ହୋଇଛି ।

**ପ୍ରଶ୍ନ-୭ GST ସାଧାରଣ ପୋଟାଲ୍‌ର ମୂଳ ଭିତ୍ତିକ ବୈଶିଷ୍ଟ୍ୟ ଗୁଡ଼ିକ କ'ଣ ?**

ଉତ୍ତର GST ପୋର୍ଟାଲଟି ଇଣ୍ଟରନେଟ୍‌ରେ କରଦାତା ଓ ତାଙ୍କର ବ୍ୟାଙ୍କ ହିସାବ କାରୀ ଓ ଓକିଲ ମହୋଦୟଙ୍କୁ ସୁଗମ ପ୍ରବେଶ ରହିବ ଓ ଇଣ୍ଟରନେଟ୍ (କାର୍ଯ୍ୟାଳୟ ଭିତ୍ତିକ ଇଣ୍ଟରନେଟ୍) ରେ ଅଧିକାରୀ ବ୍ୟବହାର କରିବେ ।

ପୋର୍ଟାଲ୍‌ଟି ଏକମାତ୍ର ଇଣ୍ଟରନେଟ୍ ବ୍ୟବସ୍ଥା ଯାହା ମାଧମରେ ସମସ୍ତ ସେବା ହୋଇପାରିବ ଯଥା–

(କ) କର ଦାତାଙ୍କ ପଞ୍ଜିକରଣ (ନୂଆ, ସମର୍ପଣ କରିଥିବା, ବାତିଲ୍ ହୋଇଥିବା ଇତ୍ୟାଦି)

(ଖ) ରିସିଦ୍ ଉପସ୍ଥାପନ, କ୍ରେତାଙ୍କ ପାଇଁ ସୁଲିଖିତ କ୍ରୟ ଖାତା ଓ GST ର ରିଟର୍ଣ୍ଣ ।

(ଗ) କର ଦେୟ ଏବଂ କରଦାତାଙ୍କ ବ୍ୟାଙ୍କ ଖାତା ସହ ସମ୍ମେଳନ ।

(ଘ) ଅର୍ନ୍ତଗ୍ରହୀତ କର ଓ ରୋକଡ଼ ଖାତା ଏବଂ ଖର୍ଚ୍ଚର ପଞ୍ଜିକରଣ ।

(ଙ) ପରିଚାଳନା ନିମିତ୍ତ ତଥ୍ୟର ରିପୋର୍ଟ ପ୍ରଦାନ (କରଦାତା, କର ଅଧିକାରୀ ଓ ଅଂଶୀଦାରଙ୍କ ପାଇଁ)

(ଚ) ବ୍ୟବସାୟିକ ବୁଦ୍ଧିମତା / ବିଶ୍ଳେଷଣ (କର ଅଧିକାରୀଙ୍କ ପାଇଁ)

**ପ୍ରଶ୍ନ-୮ GST ପର୍ଯ୍ୟାୟକରଣର ଅବଧାରଣା କିପରି ?**

ଉତ୍ତର ଗୋଟିଏ GST ସଂରଚନାର ଯୋଗାଯୋଗ ସମସ୍ତ ରାଜ୍ୟ / କେନ୍ଦ୍ରଶାସିତ ଅଞ୍ଚଳର ବାଣିଜ୍ୟକର କାର୍ଯ୍ୟାଳୟ, କେନ୍ଦ୍ରୀୟ କର ଅଧିକାରୀ, କରଦାତା, ବ୍ୟାଙ୍କ ଓ ଅନ୍ୟାନ୍ୟ ଆନୁସଙ୍ଗିକ ସଂସ୍ଥା ସହିତ ହେବ । ପର୍ଯ୍ୟାବରଣଟି ସମସ୍ତ ସମ୍ପର୍କିତ ସଂସ୍ଥା ଯଥା କରଦାତାଠୁ କର ସେବା ପ୍ରଦାନ କାରୀ, କର କାର୍ଯ୍ୟାଳୟରୁ GST ପୋଟାଲ୍ ବ୍ୟାଙ୍କ୍‌ରୁ ଲେଖା ଅଧିକାରୀଙ୍କୁ ନେଇ ଗଠିତ । ନିମ୍ନ ନକ୍ସାଟି ସମଗ୍ର GST ର ପର୍ଯ୍ୟାବରଣକୁ ଉପସ୍ଥାପିତ କରୁଛି ।

**ପ୍ରଶ୍ନ-୯ ଜି.ଏସ୍.ପି. (GSP) (GST ସୁବିଧା କାରକ) କ'ଣ ?**

ଉତ୍ତର GST ସଂରଚନାର କମ୍ପ୍ୟୁଟର ବିଭାଗଟି ଇନ୍‌ଫୋସିସ୍ ମାଧମରେ ନିର୍ମାଣ ଚାଲିଛି । ତାହା ଏକ ପରିଚାଳିତ ସେବା ପ୍ରଦାନକାରୀ ସଂସ୍ଥା । କାର୍ଯ୍ୟଟି GST ର ମୂଳ ଭିତ୍ତି ପ୍ରସ୍ତୁତ, ବ୍ୟବସ୍ଥା ଅନୁସାରେ ସୂଚନା ବୈଷୟିକ ଭିତ୍ତଭୂମିରେ କାର୍ଯ୍ୟଆରମ୍ଭ କରିବା ଓ ପାଞ୍ଚବର୍ଷ ଧରି ଚଳାଇବ ଓ ରକ୍ଷଣାବେକ୍ଷଣ କରିବା ।

ପ୍ରସ୍ତାବିତ GST ସମସ୍ତ କରଦାତାଙ୍କ ତଥ୍ୟ ପ୍ରଦାନ ଇଣ୍ଟରନେଟ୍‌ଯୁକ୍ତ କମ୍ପ୍ୟୁଟର ମାଧ୍ୟମରେ ହେବ । ଏଥିନିମିତ୍ତ କରଦାତା ଏକ କମ୍ପ୍ୟୁଟର କାର୍ଯ୍ୟକ୍ରମ ମାଧ୍ୟମରେ ସମସ୍ତ ରସିଦ୍ ପ୍ରଦାନ କରିବେ । ଅର୍ନ୍ତଗ୍ରହୀତ କରର ଦାବୀ ମଧ୍ୟ କରିବେ, କର ପ୍ରଦାନ ଓ ଡିଜିଟାଲ୍ ସ୍ୱାକ୍ଷର ଆଦି କାମ କରିବେ ।

ଯାହା ଏକ ବ୍ୟବହାରିକ ଓ ସୁବିଧାଜନକ ରାସ୍ତା, ମୋବାଇଲ୍ ଲାପଟପ୍ ଓ ଅନ୍ୟ ଯନ୍ତ୍ରାଂଶରୁ ମଧ୍ୟ ଯୋଗାଯୋଗ କରିହେବ । ତୃତୀୟପକ୍ଷ ସଫ୍ଟୱେର ମଧ୍ୟ GST ସରକାରରେ ସୁରକ୍ଷା ଭିତ୍ତିକ ଯୋଗାଯୋଗ କେନ୍ଦ୍ର ମାଧ୍ୟମରେ ସଂସ୍ଥାପନ କରିପାରିବେ । ଏ ପ୍ରକାର ସମସ୍ତ ସଫ୍ଟୱେରକୁ ଏହି ନାମ ଦେଇ GST ସୁବିଧା କାରକ ମାଧ୍ୟମରେ ସେବା ଦେଇ ହେବ ଯାହାର ନାଁ GSP ।

କରଦାତା GST ପୋଟାଲ୍ ବା GST ପର୍ଯ୍ୟାବରଣ ମାଧ୍ୟମରେ ସଫ୍ଟୱେର ସେବା ପ୍ରଦାନ ଯଥା ପଞ୍ଜୀକରଣ, କର ପ୍ରଦାନ, ରିଟର୍ଣ୍ଣ ଦାଖଲ ଏବଂ ଅନ୍ୟ ତଥ୍ୟର ଆଦାନପ୍ରଦାନ ମୂଳ GST ସହ କରିପାରିବ । GST ସଂରଚନାରେ GSP ଏକ ଧାରାଭାବେ କାମ କରିପରିବ ଓ ନୂତନ ସୂଚନା ବୈଷୟିକ ଜ୍ଞାନକୌଶଳ ଭିତ୍ତିରେ ସଫ୍ଟୱେର ଓ ପୋର୍ଟାଲ୍ କରଦାତା ସହ ଯୋଗାଯୋଗ ହୋଇପାରିବ ।

**ପ୍ର.୧୦ GST ସୁବିଧା କାରକ କ'ଣ ସବୁ କାମ ରହିବ ?**

ଉତ୍ତର GSP ଏକ ସଫ୍ଟୱେର, ଯାହା GST ସଂରଚନାକୁ ଏକ ସୁରକ୍ଷା ନେଟ୍ ମାଧ୍ୟମରେ ଯୋଗାଯୋଗ କରିବ । GSPର କିଛି କାମ ଗୁଡ଼ିକ ହେଲା

* ବିଭିନ୍ନ ପ୍ରକାର ସଫ୍ଟୱେର / ଯୋଗାଯୋଗର ମାଧ୍ୟମରେ କରଦାତା ଓ GST ସଂରଚନା TSP ରହିବ ।
* ଅନ୍ୟ ଯେତେ ମୂଲ୍ୟଯୁକ୍ତ ସେବା କରଦାତାଙ୍କୁ ଯୋଗାଇଦେବା ।

GSP ଏମିତିଏକ ଅଭିନବ ସୁବିଧାଜନକ ରାସ୍ତା ଯାହା ମାଧ୍ୟମରେ ଦର ଦାତା ଓ ଅନ୍ୟ ଅଂଶୀଦାରଗଣ ପରସ୍ପର ମଧ୍ୟରେ ଯୋଗାଯୋଗ କରିପାରନ୍ତି । ପଞ୍ଜୀକରଣଠୁ ଆରମ୍ଭ କରି ରସିଦ୍ ଉପସ୍ଥାପନ ପର୍ଯ୍ୟନ୍ତ ବା ରିଟର୍ଣ୍ଣ ପ୍ରଦାନସବୁ କିଛି GSP ରେ ହୋଇପାରିବ । ଦୁଇସ୍ତରୀୟ ଆଲୋଚନା ହେଲା, ଗୋଟିଏ ସଫ୍ଟୱେର ବ୍ୟବହାରକାରୀ ଦଳ, ଅନ୍ୟଟି GSP ଓ ଅନ୍ୟଟି GSP ଓ GST ର ସମକାଳୀନ କରିବା ।

**ପ୍ରଶ୍ନ-୧୧ GSP ବ୍ୟବହାର କଲେ କରଦାତା କେଉଁସବୁ ସୁବିଧାମାନ ପାଇବେ ?**

ଉତ୍ତର GSP କର ହିସାବକାରୀ ସଫ୍ଟୱେର ପ୍ରଦାନ କରିବା ସହ ତା'ଭିତରେ କର ସମ୍ବନ୍ଧିତ ନାନା କାର୍ଯ୍ୟାତ୍ମକ ସୁବିଧାଜନକ ଉପାୟ ଅନୁସରଣ କରେ । ଯଦି କରଦାତାଙ୍କର କିଛି ତ୍ରିକୋଣିଆ କାର୍ଯ୍ୟ ଯଥା ରସିଦ୍ ଉପସ୍ଥାପନ, ଫେରସ୍ତ ଓ ସାମାନିକରଣ ଥାଏ, ତେବେ ତାହା GSP ମାଧ୍ୟମରେ ସୁବିଧାରେ ହୋଇପାରିବ । କିନ୍ତୁ GST ପୋଟାଲ୍‌ରେ ନିଜର ହିସାବ ନିଜେ କରି ରସିଦ୍ ଉପସ୍ଥାପନ ବା ରିଟର୍ଣ୍ଣ ଗୋଟିଏ ଥରରେ ହେବ । ଯୋଗାଯୋଗ କେନ୍ଦ୍ର ଓ ବୈଶିଷ୍ଟ୍ୟ (GST) ର ସବୁଠି ସମାନ ଭାବେ ସମସ୍ତ କରଦାତାଙ୍କୁ ଉପଲବ୍ଧ ହେବ, କେଉଁଠି ପରିକଳ୍ପନାଟିକେ ଭିନ୍ନହୋଇପାରେ । ଅନ୍ୟ ପକ୍ଷରେ GSP ରେ ଆପାତତଃ ଉନ୍ନତ ଯୋଗାଯୋଗ ଓ ବୈଶିଷ୍ଟ ରହିପାରେ (କିଛି ବିଶେଷ କରଦାତାଙ୍କ ପାଇଁ ଯଥା- ବଡ଼ କରଦାତା ଯାହାଙ୍କର ସମସ୍ତ ବିତ୍ତୀୟ ବ୍ୟବସ୍ଥା କମ୍ପ୍ୟୁଟରୀକୃତ ଏବଂ କ୍ଷୁଦ୍ର ଶିଳ୍ପ ଯାହାର ହିସାବ ସ୍ୱଳ୍ପ କମ୍ପ୍ୟୁଟରରେ ବା ବିନା କମ୍ପ୍ୟୁଟରର କରଦାତାଙ୍କ ନିମିତ୍ତ । GST ର ବାସ୍ତବ ପୃଷ୍ଠା GSPର ପୃଷ୍ଠା ସହ ସମାନ ହୋଇନପାରେ ।

GSP ସଫ୍ଟୱେର GST ର ତଥ୍ୟ ଅନ୍ତଃଗ୍ରହଣର ଭିତ୍ତିକୁ ବ୍ୟବହାର କରି ସମଗ୍ର ସମାଧାନଟି କ୍ଷୁଦ୍ର ବା ମଧ୍ୟମ କରଦାତା ପାଇଁ ପ୍ରସ୍ତୁତ ଯେଉଁଥିରେ କିଣା/ବିକା ଓ GST ପୂରଣ, ଇଣ୍ଟରନେଟ୍ ବିନା ସାଧାସିଧା ଭାବେ ପୂରଣ କରି, ରସିଦ୍ ସହ GST କୁ ପଠାଯାଇପାରିବ । ସେହିପରି କର ପରାମର୍ଶଦାତାମାନେ ମଧ୍ୟ GSP ବ୍ୟବହାର କରି ନିଜର ସମସ୍ତ କରଦାତାକୁ ସମାନ ଧରଣର କାମ ମାଧ୍ୟମରେ GST ରେ ଉପସ୍ଥାପନ କରିପାରିବେ ।

GSP ଏକ ଅଭିନବ ଆକଳନ ଓ ମୂଲ୍ୟଯୁକ୍ତ ବୈଶିଷ୍ଟ ଯାହା ଅନ୍ୟ ବଜାର ଅନ୍ୟ GSP ମାନଙ୍କଠୁ କଣକୁ ଅଲଗା ଭାବେ ପରିଚିତ କରାଯାଏ ।

ଉତ୍ସ : http//www.gstn.org / ecosystem / faqquestion php

**ପ୍ରଶ୍ନ ୧୨. GST ପରିପ୍ରେକ୍ଷୀରେ ସାଧାରଣ କରଦାତାଙ୍କ ଭୂମିକା କ'ଣ ହେବ ? ଯାହା GSTN ମାଧ୍ୟମରେ ପରିଚାଳିତ ଓ ରକ୍ଷଣାବେକ୍ଷଣା ହେଉଅଛି ।**

ଉତ୍ତର ଯେଉଁ କାର୍ଯ୍ୟମାନ କରଦାତାଙ୍କ ଦ୍ୱାରା GSTN ରେ ସମ୍ପାଦିତ ହୋଇଥାଏ ସେଗୁଡ଼ିକ ହେଲା କର ଦାତାଙ୍କ ପଞ୍ଜିକରଣ ତାଙ୍କ ଆନୁସଙ୍ଗିକ ବ୍ୟକ୍ତିଗତ ବୈଶିଷ୍ଟ୍ୟ ଅନୁଦାନ ।

* ସୁଧ, କର ଓ ଦଣ୍ଡ ସହ କର ପ୍ରଦାନ
* ରସିଦ୍ ଉପସ୍ଥାପନ ଓ ରିଟର୍ଣ୍ଣ ଦାଖଲ ।
* ରସିଦ୍‌ର ଉପସ୍ଥାପନ ଓ ବାର୍ଷିକ ରିଟର୍ଣ୍ଣ ଦାଖଲ ଓ ଲେଖା ପ୍ରସ୍ତୁତି GSTN ରେ ପୁନଃ ଅବଲୋକନ କରିବା ପରେ ରିଟର୍ଣ୍ଣ କର ର ଖାତା ଓ ରେକର୍ଡ ବହିର ଗତିଶୀଳତା ମାନିବ ।

**ପ୍ର୧୩. GSTN ମାଧ୍ୟମରେ କାରବାର ହେଲେ ରାଜ୍ୟ ଓ କେନ୍ଦ୍ର ଅଧିକାରୀଙ୍କ ବାଧା କ'ଣ ରହିବ ?**

ଉତ୍ତର
* କରଦାତାଙ୍କ ପଞ୍ଜିକରଣ / ଆବେଦନ ଗ୍ରହଣକୁ ଖାରଜ ବା ସ୍ୱୀକାର କରିପାରିବ ।
* କର ଅଧିକାରୀ ରାଜ୍ୟ କରର ଆକଳନ, ତଦନ୍ତ ଫେରସ୍ତ ବା ଆବେଦନ କରିପାରିବେ ।
* ପରିଚାଳନାଗତ ସୂଚନା ଆହରଣ କରି ଅନ୍ୟାନ୍ୟ କାର୍ଯ୍ୟ ସମ୍ପାଦନ ।

**ପ୍ରଶ୍ନ-୧୪ GSTN ପ୍ରତି ରସିଦ୍‌ର ଗ୍ରହଣୀୟ ହେତୁ ଏକ ଭିନ୍ନ ସଂଖ୍ୟା ପ୍ରଦାନ କରିବ କି ?**

ଉତ୍ତର ନା, GSTN ପ୍ରତ୍ୟେକ କାରବାରର ଏକ ନୂଆ ଚିହ୍ନଟ ପ୍ରକ୍ରିୟା କରିବ । ଏହା ଯୋଗାଣକାରୀଙ୍କ ସଂଖ୍ୟା ରସିଦ୍ ସଂଖ୍ୟା ଓ ଆର୍ଥିକ ବର୍ଷକୁ ନେଇ HSN/SAC କୋଡ୍ ପ୍ରତ୍ୟେକ କାରବାରକୁ ଭିନ୍ନ କରିବ ।

**ପ୍ରଶ୍ନ-୧୫ ରସିଦ୍ ତଥ୍ୟ ଦୈନନ୍ଦିନ ଭିତ୍ତିରେ ଉପସ୍ଥାପନ କରିହେବ କି ?**

ଉତ୍ତର ହଁ, GST ପୋଟାଲ୍‌ରେ ଯେକୌଣସି ସମୟରେ ରସିଦ୍ ଗ୍ରହଣ କରିବାର କାର୍ଯ୍ୟକାରୀତା ରହିବ । ଆଗଭଳି ଗୋଟିଏ ଉପସ୍ଥାପନ କାରବାରଟି ଗ୍ରହୀତାଙ୍କ କିଣା ଖାତାରେ ଦେଖାଯିବ ।

**ପ୍ରଶ୍ନ-୧୬ GSTN କରଦାତାଙ୍କୁ ନିଜର ରସିଦ୍ ଉପସ୍ଥାପନ କରିବା ପାଇଁ GST ପୋର୍ଟାଲ୍‌ରେ ବ୍ୟବସ୍ଥା ରହିବ କି ନାଁ ?**

ଉତ୍ତର ହଁ, GSTN ଏକ ଦୀର୍ଘ ହିସାବ ଫର୍ଦ GST ପୋର୍ଟାଲ୍‌ରେ କରଦାତାଙ୍କୁ ଉପଲବ୍ଧ କରାଇବା, ଯାହାଦ୍ୱାରା କରଦାତା ନିଜର ଦୈନନ୍ଦିନ ହିସାବ ବିନାମୂଲ୍ୟରେ ରଖିପାରିବ ଏବଂ ଶେଷରେ ସମସ୍ତ ତଥ୍ୟକୁ ଗୋଟିଏ ଥରେ ପୋର୍ଟାଲ୍‌କୁ ଉପସ୍ଥାପନ କରିପାରିବ । ଏହା ଏକ ଇଣ୍ଟରନେଟ୍ ନଥିବା କମ୍ପ୍ୟୁଟରରେ କାମ କରିବ ଏବଂ ଶେଷରେ ଶତାଧିକ ରସିଦ୍‌କୁ ଏକ ସଙ୍ଗରେ ଇଣ୍ଟରନେଟ୍ ଯୋଗେ ପଠାଇପାରିବ ।

**ପ୍ରଶ୍ନ୧୭ GSTN ମୋବାଇଲ୍ କୌଶଳ ମାଧ୍ୟମରେ ନିଜ ହିସାବ ଓ ଅନ୍ୟର ହିସାବ ଦେଖିପାରିବ କି ?**

ଉତ୍ତର ହଁ, GST ପୋର୍ଟାଲ୍ ଏପରି ଭାବେ ତିଆରିଯେ, ଏହାକୁ ମୋବାଇଲ୍‌ରେ ମଧ୍ୟ ଦେଖିହେବ । ରେକର୍ଡ ଖାତା, ବ୍ୟୟଖାତା, ଅର୍ନ୍ତଗ୍ରହୀତ କର ଖାତା, ଇତ୍ୟାଦି ମୋବାଇଲ୍‌ରେ ଦେଖିହେବ ।

**ପ୍ରଶ୍ନ-୧୮ GST ସେବା ପ୍ରଦାନ କରୁଥିବା ବୃତ୍ତିଧାରୀଙ୍କୁ ନାମ ଓ ସୁରକ୍ଷା ନମ୍ବର ଦେବକି, ଯାହାଦ୍ୱାରା ସେ ନିଜ କରଦାତାଙ୍କ ତରଫରୁ କର ପ୍ରଦାନ କରିପାରିବେ, ଏବେ ଯେପରି ହେଉଛି ?**

ଉତ୍ତର ହଁ, GSTN ବୃତ୍ତିଧାରୀ କର ସେବାକାରୀଙ୍କୁ ନୂତନ ନାମ ଓ ସୁରକ୍ଷା ନମ୍ବର ପ୍ରଦାନ କରିବ । ଯାଦ୍ୱାରା ସେ କରଦାତା ପାଇଁ କରିବେ, ଏଣୁ କରଦାତାଙ୍କୁ କୌଣସି ନାମ ଇତ୍ୟାଦି ମନେ ରଖିବାର ନାହିଁ । କେବଳ ଆର୍ଥିକ ବର୍ଷର ଶେଷ ଦାଖଲ ବ୍ୟତୀତ ଅନ୍ୟ ସବୁ କାମ ବୃତ୍ତିଧାରୀ କରିପାରିବ । ଶେଷ ଦାଖଲ ପାଇଁ କର ପ୍ରଦାନକାରୀଙ୍କ ଇ-ସ୍ୱାକ୍ଷର ବା ଡିଜିଟାଲ୍ ସ୍ୱାକ୍ଷର ପ୍ରମାଣପତ୍ର ଆବଶ୍ୟକ ।

**ପ୍ରଶ୍ନ-୧୯ କରଦାତା ନିଜର ବୃତ୍ତିଧାରୀ ସେବାକାରୀଙ୍କୁ ବଦଳାଇ ପାରିବ କି ଯେପରି ସୁବିଧାମୂତାବକ ଉଲ୍ଲେଖ ରହିଛି ?**

ଉତ୍ତର ହଁ, କରଦାତା ଅନ୍ୟ ଏକ ସେବାକାରୀ ବାଛିପାରିବେ । ଏଥିନିମନ୍ତେ GST ପୋର୍ଟାଲ୍‌କୁ ଯାଇ ବର୍ତ୍ତମାନର କରଦାତାଙ୍କ ବାତିଲ୍ କରି ନୂଆ କରଦାତାଙ୍କ ନାମ ଦେବାକୁ ହେବ ।

**ପ୍ରଶ୍ନ-୨୦ ପୂର୍ବରୁ ଉତ୍ପାଦ, ସେବାକର ଓ ରାଜ୍ୟର ବିକ୍ରି କର ସହ ପଞ୍ଜିକୃତ ହୋଇଥିବା କରଦାତାଙ୍କୁ GST ଅଧିନରେ କରଦାତାଙ୍କୁ ପୁଣିଥରେ ପଞ୍ଜିକୃତ ହେବା ଆବଶ୍ୟକ କି ?**

ଉତ୍ତର ପୂର୍ବରୁ ପଞ୍ଜିକୃତ ହୋଇଥିବା PAN ନଂ ସଠିକ୍ ଥିଲେ ପୁଣି ଥରେ ପଞ୍ଜିକୃତ ହେବାର ଆବଶ୍ୟକ ନାହିଁ । ସେମାନଙ୍କୁ GSTIN ନଂ GST ପୋର୍ଟାଲ୍ ଦ୍ୱାରା ପ୍ରଦାନ କରାଯିବ । ଯାହା ୬ ମାସ ଯାଏଁ ବୈଧ ରହିବ । ତା'ଭିତରେ ଆବଶ୍ୟକୀୟ ତଥ୍ୟ ଦେଇ GST ପଞ୍ଜିକରଣ ହେବେ ।

**ପ୍ରଶ୍ନ-୨୧ କରଦାତାଙ୍କ ଲାଭ ଦୃଷ୍ଟିରୁ GSTNରେ କାମ କରିବା ପାଇଁ କିଛି ପ୍ରଶିକ୍ଷଣ ଦୃଶ୍ୟବଳୀ ସମ୍ବଳିତ ସିନେମା ଦେବ କି ?**

ଉତ୍ତର ହଁ, GSTN ଏକ କମ୍ପ୍ୟୁଟର ଭିତ୍ତିକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ମାଧ୍ୟମରେ ଯାହା ପ୍ରତ୍ୟେକ ସ୍ତରରେ ଆବଶ୍ୟକ ହେଉଥିବା ଦୃଶ୍ୟାବଳୀ ସହ GST ପୋର୍ଟାଲ୍‌ରେ ଉପଲବ୍ଧ ହେବ । ଏହିସବୁ GST ପୋର୍ଟାଲ୍ ଓ ଇଣ୍ଟରନେଟ୍‌ର ପ୍ରେକ୍ଷାପଟରେ ବା କର ଅଧିକାରୀଙ୍କ ସୂଚନା ପ୍ରଦ୍ୟୋଗିକ ପୃଷ୍ଠାରେ ଉପଲବ୍ଧ ହେବ ।

**ପ୍ରଶ୍ନ-୨୨ GST ପୋର୍ଟାଲ୍‌ରେ କରଦାତାଙ୍କ ଦ୍ୱାରା ପ୍ରଦତ୍ତ ରିଟର୍ଣ୍ଣ ଓ ପଞ୍ଜିକରଣର ତଥ୍ୟ ଗୁପ୍ତ ରହିବ କି ?**

ଉତ୍ତର ହଁ, GSTN ସବୁ ସମୟ ଏସବୁ ତଥ୍ୟ ଗୁପ୍ତରେ ରଖିବ ଏବଂ ବ୍ୟବସାୟିକ ତଥ୍ୟ ମଧ୍ୟ ଯାହା କରଦାତାଙ୍କ ଦ୍ୱାରା ପ୍ରଦାନ କରାଯାଇଛି । ଏହା ନିଜ ସ୍ତରର ଆବଶ୍ୟକୀୟ ଅନୁମତି (RBAC) ଏବଂ କରଦାତାଙ୍କ ସମସ୍ତ ଜଟିଳ ତଥ୍ୟ ଅଂଟ୍ରା ଅକ୍ଷରରେ ଗଚ୍ଛିତ ରହିବ । କେବଳ ପ୍ରାଧିକୃତ କର ଅଧିକାରୀ ହିଁ ଦେଖିପାରିବେ ଓ ପଢ଼ିପାରିବେ ।

**ପ୍ରଶ୍ନ-୨୩ GST ସଂରଚନାରେ ତଥ୍ୟ ସୁରକ୍ଷା ନିମିତ୍ତ କେଉଁ ପଦକ୍ଷେପ ଓ ବ୍ୟବସ୍ଥା ହୋଇଛି ?**

ଉତ୍ତର ସେବା ଓ ତଥ୍ୟ ସମ୍ପର୍କିତ ସୁରକ୍ଷା ବ୍ୟବସ୍ଥା GST ସଂରଚନା ପ୍ରକଳ୍ପରେ ଅର୍ନ୍ତନିହିତ । ଏହା ବ୍ୟତୀତ ସୁରକ୍ଷାବାଡ଼, ଅନୁପ୍ରବେଶର ଚିହ୍ନଟ ତଥ୍ୟର ଆବରଣ ଓ ତାର ଗତି, ବ୍ୟବହାରକାରୀ, ଅଦ୍ୟେ ପ୍ରବାହୀ ପ୍ରକ୍ରିୟା ପରିଚାଳନାଗତ ଡିଜିଟାଲ୍ ସଂରଚନା ଓ ଆଭ୍ୟନ୍ତରୀଣ କାର୍ଯ୍ୟର ଆବରଣ ଇତ୍ୟାଦି ମୌଳିକ ଆବଶ୍ୟକତା ଭାବେ ଗ୍ରହଣ କରି ଦ୍ୱିତୀୟ ସ୍ତରର ସୁରକ୍ଷା, ସମ୍ପାଦନ, ନିୟନ୍ତ୍ରଣ ଇତ୍ୟାଦି ପଦକ୍ଷେପମାନ ଗ୍ରହଣ କରାଯାଇଛି । ଫଳତଃ କୌଣସି ଅନୈତିକ / ଅତର୍କିତ ଆକ୍ରମଣକୁ ପ୍ରତିହତ ଓ ପ୍ରେକ୍ଷାପଟରେ ପ୍ରଦର୍ଶିତ କରିହେବ । GSTN ନିରନ୍ତର ଭାବେ ମୂଳ ଉତ୍ସକୁ ପରୀକ୍ଷା ନୀରିକ୍ଷଣ କରିବା ସହ ନାନା ବୈଧାନିକ ସୁରକ୍ଷା (ଜଣା ଅଜଣା) କବଚ ସୃଷ୍ଟି କରିପାରିବେ ।

# ୨୪. ପରିବର୍ତ୍ତନକାଳୀନ ବ୍ୟବସ୍ଥା

**ପ୍ରଶ୍ନ-୧** **ସାଧାରଣ ବିକ୍ରିକର ପୂର୍ବରୁ ପୂର୍ବ ଆଇନ୍ ଅନୁସାରେ ଶେଷ ରିଟର୍ଣ୍ଣଟିକୁ ଅଗ୍ରବାହିତ ହୋଇଥିବା** CENVAT / ITC ଏବେ ସାଧାରଣ ବିକ୍ରିକର ଅନୁଯାୟୀ ITC (ଅର୍ନ୍ତଗ୍ରହୀତ କର) ଭାବରେ ଉପଲବ୍ଧ ହେବ କି ?

**ଉତ୍ତର** ହଁ, ପଞ୍ଜିକୃତ ଟିକସ ଯୋଗ୍ୟ ବ୍ୟକ୍ତି ଏହି ସୁବିଧାର ହକ୍‌ଦାର ହେବେ ଏବଂ ଏହାକୁ ତାଙ୍କର ଇଲେକ୍ଟ୍ରୋନିକ୍ ଖାତା ୧୪୩ ଧାରାରେ ପଠାଇ ଦିଆଯିବ ।

ପ୍ରଶ୍ନ-୨ ଯଦି ଜଣେ ପଞ୍ଜିକୃତ ଟିକସଯୋଗ୍ୟ ବ୍ୟକ୍ତି ୨୦୧୬-୧୭ ଆର୍ଥିକ ବର୍ଷର ଶେଷ ପର୍ଯ୍ୟାୟରେ କିଛି ବସ୍ତୁ କିଣିଲେ, ଯଦିଓ ମାର୍ଚ୍ଚ ୩୧ ସୁଦ୍ଧା ଏହାର ରସିଦ୍ ତାଙ୍କୁ ମିଳିଗଲା, ପ୍ରକୃତପକ୍ଷେ ଏପ୍ରିଲ୍ ୫ ତାରିଖ ଦିନ ସାଧାରଣ ବିକ୍ରିକର ଲାଗୁ ହେବା ପରେ ବସ୍ତୁ ସମୂହ ପାଇବେ । ତେବେ ଏହି ବ୍ୟକ୍ତିଜଣକ ୨୦୧୭-୧୮ ଆର୍ଥିକ ବର୍ଷରେ CENVAT ର ସମ୍ପୂର୍ଣ୍ଣ ଲାଭ ପାଇବେ କି ?

ଉତ୍ତର ହଁ, ୨୦୧୭-୧୮ ବର୍ଷରେ ପୁରା ଫାଇଦାର ହକ୍‌ଦାର ହେବେ । ଧାରା୪୪(୧) ଅନୁଯାୟୀ ଏହା କରାଯିବ ।

ପ୍ରଶ୍ନ-୩ ପୂର୍ବ ଆଇନ୍ ଅନୁଯାୟୀ (କ) ଓ (ଖ) ଶ୍ରେଣୀଭୁକ୍ତ ଜିନିଷ ଉପରେ VAT (ମୂଲ୍ୟଯୁକ୍ତ କର) ଲାଭ ଉପଲବ୍ଧ ହେଉନଥିଲା । ବର୍ତ୍ତମାନ କିନ୍ତୁ ସେଗୁଡ଼ିକ ସାଧାରଣ ବିକ୍ରିକର ଭିତରକୁ ଆସୁଛନ୍ତି ଜଣେ ପଞ୍ଜିକୃତ କରଦାତା ଏଥିନିମନ୍ତେ କର ଦାବୀ କରିପାରିବେ କି ?

ଉତ୍ତର ଯେଉଁସବୁ ବସ୍ତୁ ଉପରେ ପୂର୍ବ ନିୟମ ଅନୁଯାୟୀ ଆଟିସିର ସୁବିଧା ଥିଲା ଏବଂ ସାଧାରଣ ବିକ୍ରିକର ଅନୁସାରେ ତାହା ବଜାୟ ରହିଛି, ସେ ସବୁ ବସ୍ତୁ ଉପରେ ଏହି ଲାଭର ହକ୍‌ଦାର ହୋଇପାରିବେ । ଯେହେତୁ ପୂର୍ବୋକ୍ତ ଦୁଇଟି ଜିନିଷ ଉପରେ ଆଇନ୍ ଅନୁଯାୟୀ କୌଣସି ପ୍ରାପ୍ୟ ଉପଲବ୍ଧ ହେଉନଥିଲା, ଉପରୋକ୍ତ ବ୍ୟକ୍ତିଜଣକ ସାଧାରଣ ବିକ୍ରିକର ବ୍ୟବସ୍ଥାରେ ଆଉ ଦାବୀ କରିପାରିବେ ନାହିଁ । (ଧାରା ୧୪୪ (୧))

ପ୍ରଶ୍ନ-୪ ଏଇଳି ବ୍ୟକ୍ତି ଏପ୍ରକାର ଲାଭ ପାଇବା ଭୁଲ୍ ଥିଲା ବୋଲି ଧରାଯାଇ ସାଧାରଣ ବିକ୍ରିକର ବା ପୂର୍ବ ଆଇନ୍ ଅନୁଯାୟୀ ତାହା ତାଙ୍କଠାରୁ ଆଦାୟ କରାଯିବ କି ?

ଉତ୍ତର ଭୁଲ୍ ଢଙ୍ଗରେ ITC ର ଲାଭ ନିଆଯାଇଥିଲେ ତାହା କେବଳ ସାଧାରଣ ବିକ୍ରିକର ଅନୁଯାୟୀ ଆଦାୟ କରାଯିବ । (ଧାରା-୧୪୩-୧୪୬)

ପ୍ରଶ୍ନ-୫ ପଞ୍ଜିକୃତ କର ପ୍ରଦାନ ଯୋଗ୍ୟ ବ୍ୟକ୍ତିଙ୍କର ଏଭଳି ଦୁଇଟି ଉଦାହରଣ ଦିଅନ୍ତି, ଯେଉଁମାନେ କି, ପୂର୍ବ ନିୟମ ଅନୁସାରେ ପଞ୍ଜିକୃତ ହେବା ଦରକାର ନଥିଲା, ମାତ୍ର ଏବେ ସାଧାରଣ ବିକ୍ରିକର ଅନୁଯାୟୀ ସେମାନଙ୍କର ପଞ୍ଜୀକରଣ ଆବଶ୍ୟକ ।

ଉତ୍ତର ୬୦ ଲକ୍ଷ ଟଙ୍କା କ୍ରୟ କରୁଥିବା ବା ଜଣେ ଉତ୍ପାଦକାରୀ ପୂର୍ବରୁ କ୍ଷୁଦ୍ର ଶିଳ୍ପ ଭାବେ ଛାଡ଼ ପାଉଥିଲେ ମଧ୍ୟ ଏବେ ସାଧାରଣ ବିକ୍ରିକର ଅନୁଯାୟୀ ତାଙ୍କୁ ପଞ୍ଜିକୃତ ହେବାକୁ ପଡ଼ିବ । କାରଣ ତାଙ୍କର ଉତ୍ପାଦ ଏ କ୍ଷେତ୍ରରେ ସର୍ବନିମ୍ନ ଧାରା ଧାର୍ଯ୍ୟ କରାଯିବା୧୦ ଲକ୍ଷ ଟଙ୍କାରୁ ଅଧିକ । (ଧାରା-୯) VAT ନିର୍ଦ୍ଧାରିତ ଏହି ସର୍ବନିମ୍ନ ସୀମାରେଖାଠୁ କମ୍ ଉତ୍ପାଦ କରୁଥିବା e-commerce ଜରିଆରେ ବିକ୍ରି କରୁଥିବା ଜଣେ ବ୍ୟବସାୟୀଙ୍କୁ ସାଧାରଣ ବିକ୍ରିକର ଅନୁଯାୟୀ ପଞ୍ଜୀକରଣ କରିବାକୁ ହେବ ଏପରି ବ୍ୟକ୍ତିଙ୍କ କୌଣସି ସର୍ବନିମ୍ନ ସୀମାରେଖା ରହିବ ନାହିଁ । (ଧାରା-୧୪୫, ଅନୁଚ୍ଛେଦ-୩)

ପ୍ରଶ୍ନ-୬ ଏକ ନିର୍ଦ୍ଦିଷ୍ଟ ଦିନରେ ଷ୍ଟକ୍ ଭାବେ ବିବେଚିତ ମୂଲ୍ୟଯୁକ୍ତ କର ପୈଠ ହୋଇଥିବା ଅର୍ନ୍ତଗ୍ରହଣକୁ ଆଧାର କରି ଜଣେ ସେବା ଗ୍ରହଣକାରୀଙ୍କୁ ITC ସୁବିଧା ଦିଆଯାଇପାରିବ କି ?

ଉତ୍ତର ନାଁ, ସେବା VAT ର ପରିସରଭୁକ୍ତ ଆସୁନାହିଁ । କେବଳ ବସ୍ତୁ ଏହାର ପରିସରଭୁକ୍ତ ।

ପ୍ରଶ୍ନ-୭ ପୂର୍ବର ଆଇନ୍ ଅନୁଯାୟୀ, ଜଣେ ପଞ୍ଜିକୃତ ଟିକସଯୋଗ୍ୟ ବ୍ୟକ୍ତିଙ୍କର ରିଟର୍ଣ୍ଣରୁ ତାଙ୍କର ଇଲେକ୍ଟ୍ରୋନିକ୍ ଖାତାରେ ୧୦୦୦ ଟଙ୍କା ITC ଅଛି । ବର୍ତ୍ତମାନ ସେ ସାଧାରଣ ବିକ୍ରିକର ସମ୍ବନ୍ଧୀତ ବ୍ୟବସ୍ଥା ଅନ୍ତର୍ଭୁକ୍ତ ହୋଇଯାଇଛନ୍ତି । ସେ ତାଙ୍କର ITC ଫେରି ପାଇବେ କି ?

ଉତ୍ତର ନାଁ । ପୂର୍ବ ଯୋଜନାରୁ ନୂଆ ଯୋଜନାକୁ ଆସିବାର ଠିକ୍ ପୂର୍ବଦିନ ତାଙ୍କ ଷ୍ଟକର ଅର୍ନ୍ତଗ୍ରହଣ ଉପରେ ପଡୁଥିବା ଅର୍ନ୍ତଗ୍ରହୀତ ଟିକସର ପରିମାଣ ଟଙ୍କା ତାଙ୍କୁ ପୈଠ କରିବାକୁ ପଡ଼ିବ । ଏହି ଅର୍ଥ ଇଲେକ୍ଟ୍ରୋନିକ୍ ଖାତା ଜରିଆରେ ପ୍ରଦାନ କରିହେବ । ତେବେ ଯଦି ଇଲେକ୍ଟ୍ରୋନିକ୍ ଖାତା ଜରିଆରେ ଏହି ଅର୍ଥଟି ପୈଠ କରାଯାଏ, ତେବେ ଅଧିକ ITC ଟଙ୍କା ଯାହାକିଛି ଥିଲା ତାହା ଆଉ ମିଳିବ ନାହିଁ ।

ପ୍ରଶ୍ନ-୮ କେନ୍ଦ୍ରୀୟ ବିକ୍ରୟ କର ଆଇନ୍ ଅନୁଯାୟୀ ବିକ୍ରୟ ହେବାକୁ ଥିବା ବସ୍ତୁ ୬ ମାସ ମଧ୍ୟରେ ଫେରସ୍ତ ହେଲେ ତାହା ବ୍ୟବସାୟିକ ପରିମାଣକୁ ହ୍ରାସ କରିବା ନିମିତ୍ତ ଅନୁମତି ମିଳିବ କି ? ସାଧାରଣ ବିକ୍ରିକର ଅନୁଯାୟୀ ଯଦି ୬ ମାସ ମଧ୍ୟରେ ବିକ୍ରୟ ହେବାକୁ ଥିବା ବସ୍ତୁଗୁଡ଼ିକ ଫେରସ୍ତ ହେଲା ତେବେ ଏହା (GST) କେନ୍ଦ୍ରୀୟ ବିକ୍ରିକର ବା ସାଧାରଣ ବିକ୍ରିକର (GST) କେଉଁ ବ୍ୟବସ୍ଥାରେ ଟିକସଯୋଗ୍ୟ ହେବ ?

ଉତ୍ତର ପ୍ରଥମତଃ ବସ୍ତୁଗୁଡ଼ିକ GST ବ୍ୟବସ୍ଥାରେ ଟିକସଯୋଗ୍ୟ କି ନା ଦେଖାଯିବ । ଦ୍ୱିତୀୟତଃ ବସତୁଗୁଡ଼ିକ ନିର୍ଦ୍ଧାରିତ ଦିନଠାରୁ ୬ ମାସ ପରେ ଫେରସ୍ତ ହୋଇଛି କିନା ଦେଖାଯିବ । ଯଦି ଉତ୍ତର ହଁ ହେବ ତେବେ ଫେରସ୍ତ ହୋଇଥିବା ବସ୍ତୁ ନିମିତ୍ତ କର ପୈଠ କରିବାକୁ ହେବ ।

ଯଦି ନିର୍ଦ୍ଦିଷ୍ଟ ଦିନଠାରୁ ୬ ମାସ ମଧ୍ୟରେ ବସ୍ତୁଗୁଡ଼ିକ ଫେରାଇ ଦିଆଯାଇଥିବ, ତେବେ କର ଦେବାକୁ ପଡ଼ିବ ନାହିଁ । ବସ୍ତୁଗୁଡ଼ିକ ଚିହ୍ନଟ ହେବା ଦରକାର ଏବଂ ପୂର୍ବ ଆଇନ୍ ଅନୁଯାୟୀ ବିକ୍ରୟ ସମୟରେ କର ପୈଠ ହୋଇଥିବା ଆବଶ୍ୟକ ଏବଂ ନିର୍ଦ୍ଦିଷ୍ଟ ଦିନର ୬ ମାସ ପୂର୍ବରୁ ଯେମିତି ହୋଇଥିବ (ଧାରା ୧୪୯)

ପ୍ରଶ୍ନ-୯ ଜଣେ ଉତ୍ପାଦନକାରୀ ବା ପ୍ରସ୍ତୁତ କାରୀ, ଯଦି ଅର୍ଦ୍ଧ ପ୍ରସ୍ତୁତ ବସ୍ତୁ ବା ଅନୁଗ୍ରହୀତ ବସ୍ତୁ ପୂର୍ବନିୟମ ଅନୁଯାୟୀ କାମ ପାଇଁ ରଖିଥାନ୍ତି ଓ ପରେ ଫେରାଇଥାନ୍ତି ତେବେ କାମ ସରିଲା ପରେ ନିର୍ଦ୍ଧାରିତ ଦିନଠାରୁ କର ଦେବେ କି ?

ଉତ୍ତର ନିମ୍ନଲିଖିତ ପରିସ୍ଥିତିରେ କୌଣସି କର ଦେବାକୁ ପଡ଼ିବ ନାହିଁ ।

- ଯଦି ଅର୍ନ୍ତଗ୍ରହଣ ଅର୍ଦ୍ଧନିର୍ମିତ ବସ୍ତୁଗୁଡ଼ିକ ପୂର୍ବ ନିୟମ ଅନୁଯାୟୀ ନିର୍ଦ୍ଧାରିତ ଦିନଠାରୁ ଠିକାଦାରଙ୍କ ନିକଟକୁ ପଠାଇ ଦିଆଯାଇଥାଏ ।
- ଠିକାଦାର ଯଦି ସେଗୁଡ଼ିକୁ ନିର୍ଦ୍ଧାରିତ ଦିନଠାରୁ ୬ ମାସ ମଧ୍ୟରେ ଫେରାଇ ଦେଇଥାଏ ।
- ଉଭୟ ଉତ୍ପାଦନକାରୀ ଓ ଠିକାଦାର ଗୋଦାମରେ ଥିବା ଅର୍ନ୍ତଗ୍ରହଣର ବିଶଦ ବିବରଣୀ ଯଦି ସ୍ଥିରିକୃତ ଦିନରେ ନିର୍ଦ୍ଧାରିତ ଫର୍ମରେ ଘୋଷଣା କରିଥାଆନ୍ତି ।

ପ୍ରଶ୍ନ-୧୦ ଠିକାଦାର ଯଦି ବସ୍ତୁଗୁଡ଼ିକୁ ନିର୍ଦ୍ଧାରିତ ସମୟ ମଧ୍ୟରେ ନ ଫେରାନ୍ତି, ତେବେ କଣ ହେବ ?

| | |
|---|---|
| ଉତ୍ତର | ଠିକାଦାରଙ୍କୁ କର ଦେବାକୁ ପଡ଼ିବ । ଅଧିକନ୍ତୁ ନିର୍ଦ୍ଧାରିତ ସମୟସୀମା ଅତିକ୍ରାନ୍ତ ହେବାପରେ ଉତ୍ପାଦନକାରୀଙ୍କୁ ଟିକସ ଦେବାକୁ ପଡ଼ିବ । (ଧାରା ୧୪୦ (୧) ଓ ୧୪୧(୧)) |
| ପ୍ରଶ୍ନ-୧୧ | ପରୀକ୍ଷା ପାଇଁ ସଂପୂର୍ଣ୍ଣ ବସ୍ତୁକୁ ଜଣେ ଉତ୍ପାଦନକାରୀ ଅନ୍ୟ ଏକ କରଦାତାଙ୍କ ପରିସରକୁ ପଠାଇପାରିବ କି ? |
| ଉତ୍ତର | ହଁ, ପୂର୍ବ ଆଇନର ବ୍ୟବସ୍ଥା ଅନୁଯାୟୀ ଜଣେ ଉତ୍ପାଦନକାରୀ କଥିକ ବସ୍ତୁକୁ ଅନ୍ୟଜଣେ ପଞ୍ଜିକୃତ କରଦାତାଙ୍କ ଉପରିସରକୁ କର ପୈଠ କରିବା ୬ ମାସ ମଧ୍ୟରେ କର ପଇଠ ନକରି ବା ନିର୍ଦ୍ଧାରିତ ଦିନର ସମ୍ପ୍ରସାରିତ ଅବଧି ପର୍ଯ୍ୟନ୍ତ (ଧାରା ୧୯୨) । |
| ପ୍ରଶ୍ନ-୧୨ | କେତେକ ପ୍ରକ୍ରିୟା ସମ୍ପାଦନ ପାଇଁ କଳକାରଖାନାରୁ ବାହାର କରାଯାଇଥିବା ନିର୍ମିତ ବସ୍ତୁଗୁଡ଼ିକ ପୂର୍ବ ଆଇନ୍ ଅନୁଯାୟୀ ବା ତା'ପରେ ଯଦି ଫେରାଇ ଦିଆଯାଏ, ତେବେ ବସ୍ତୁ ବା ସେବା କର ସାଧାରଣ ବିକ୍ରିକର ଅନୁସାରେ ପ୍ରଦାନ କରାଯିବ କି ନା ? |
| ଉତ୍ତର | କେତେକ ପ୍ରକ୍ରିୟା ସମ୍ପାଦନ ପାଇଁ ସ୍ଥାନାନ୍ତରିତ ହୋଇଥିବା ବସ୍ତୁ ୬ ମାସ ମଧ୍ୟରେ ଫେରିଆସିଲେ ବା ଫେରସ୍ତ କରାଯାଇଥିଲେ, ଉତ୍ପାଦନକାରୀ ବା ଠିକାଦାରଙ୍କୁ ସାଧାରଣ ବିକ୍ରିକର (GST) ଆଇନ୍‌ରେ କର ଦେବାକୁ ପଡ଼ିବ ନାହିଁ । |
| ପ୍ରଶ୍ନ -୧୩ | ପୂର୍ବ ନିୟମ ଅନୁଯାୟୀ ଠିକାଦାରଙ୍କ ପାଖକୁ ପଠାଯାଇଥିବା ଉତ୍ପାଦିତ ବସ୍ତୁ ଉପରେ କେତେବେଳେ କର ଦେବାକୁ ପଡ଼ିବ ? |
| ଉତ୍ତର | ଫେରସ୍ତ ହୋଇଥିବା ବସ୍ତୁଗୁଡ଼ିକ ସାଧାରଣ ବିକ୍ରିକର ଅନୁଯାୟୀ କର ଯୋଗ୍ୟ ହୋଇଥିଲେ ଏବଂ ନିର୍ଦ୍ଧାରିତ ଦିନର ୬ ମାସପରେ ଫେରସ୍ତ ହୋଇଥିଲେ ଫେରସ୍ତ କରୁଥିବା ବ୍ୟକ୍ତିଙ୍କୁ କର ଦେବାକୁ ପଡ଼ିବ । |
| ପ୍ରଶ୍ନ-୧୪ | ଧାରା-୧୪୦, ୧୪୧ ଓ ୧୪୨ରେ ଆଲୋଚିତ ହୋଇଥିବା ଦୁଇ ମାସର ସମ୍ପ୍ରସାରଣ କ'ଣ ସ୍ୱୟଂକ୍ରିୟ କି ? |
| ଉତ୍ତର | ନାଁ, ଏହା ସ୍ୱୟଂକ୍ରିୟ ବା ଆପଣାଛାଏଁ ହୋଇନଥାଏ । ଯେପର୍ଯ୍ୟନ୍ତ କାରଣ ଦର୍ଶାଗଲା ପରେ ଯାଇ ଉପଯୁକ୍ତ କ୍ଷମତାପ୍ରାପ୍ତ କର୍ତ୍ତୃପକ୍ଷ ହିଁ ସମ୍ପ୍ରସାରଣ କରିପାରିବ । |
| ପ୍ରଶ୍ନ-୧୫ | ଦରଦାମ୍ ପୁନଃ ସମୀକ୍ଷା ପାଇଁ ଡେବିଟି (ବର୍ହିଃଗ୍ରହଣ) / କ୍ରେଡ଼ିଟ୍ (ଅର୍ନ୍ତଃଗ୍ରହଣ) ଲେଖା ଜାରି କରିବା ଦୃଷ୍ଟିକୁ ସମୟସୀମା କଣ ? |
| ଉତ୍ତର | ଦରଦାମ୍ ପୁନଃ ସମୀକ୍ଷାର ୩୦ଦିନ ମଧ୍ୟରେ ଯୋଗ୍ୟ କରଦାତା ବର୍ହିଃଗ୍ରହଣ / ଅର୍ନ୍ତଃଗ୍ରହଣ ଲେଖା ବା ପରିପୂରକ ରିପୋର୍ଟ ଦେଇପାରନ୍ତି । ଦରଦାମ୍ ପୁନଃ ସମୀକ୍ଷା ପରେ ଦର ହ୍ରାସ୍ ହୋଇଥିଲେ ଏବଂ ତାହା ଲେଖାରେ ଓ ବର୍ହିଗ୍ରହଣ / ଅର୍ନ୍ତଃଗ୍ରହଣ ଲେଖାରେ ଓ ପ୍ରାପକ ତାଙ୍କ ITC (ଅର୍ନ୍ତଗ୍ରହିତ କର) କମାଇଥିଲେ ସେ କ୍ଷେତ୍ରରେ କର ପରିମାଣ କମାଇ ଦେବାର ଅନୁମତି ମିଳିବ । (ଧାରା-୧୪୭) |
| ପ୍ରଶ୍ନ-୧୬ | ପୂର୍ବ ଆଇନ୍ ଅନୁଯାୟୀ ଫେରସ୍ତ ହେବାକୁ ଥିବା ସୁଧ ଓ କର ର ଭାଗ୍ୟ କ'ଣ ହେବ ? |
| ଉତ୍ତର | ଫେରସ୍ତ ହେବାକୁ ଥିବା କର ଆଦିର ସମସ୍ୟାକୁ ପୂର୍ବ ଆଇନ୍ ବ୍ୟବସ୍ଥା ଅନୁସାରେ ତୁଟାଇ ଦିଆଯିବ । (ଧାରା-୧୪୪) |

ପ୍ରଶ୍ନ-୧୭ ପୂର୍ବ ଆଇନ୍ ଅନୁଯାୟୀ ଅସମାହିତ ହୋଇପଡ଼ିଥିବା CEN.VAT / ITC ଇତ୍ୟାଦି ଦାବୀ ନେଇ ଅପିଲ୍ ବା ପୁନଃ ସମୀକ୍ଷା ହେଲେ ତା'ର ଭାଗ୍ୟ କଣ ହେବ ?

ଉତ୍ତର ଉଭୟ କ୍ଷେତ୍ରରେ ପୂର୍ବ ଆଇନ୍ ବ୍ୟବସ୍ଥା ଅନୁଯାୟୀ ତୁଟାଇ ଦିଆଯିବ ।

ପ୍ରଶ୍ନ-୧୮ ଯଦି ଅପିଲ୍ ଓ ପୁନଃନିରୀକ୍ଷଣର ଆଦେଶ କରଦାତାଙ୍କ ସପକ୍ଷରେ ଯାଏ, ତେବେ ସାଧାରଣ ବିକ୍ରିକର (GST) ରେ ଫେରସ୍ତ କିପରି ହେବ ? ଏବଂ କର ଦାତାଙ୍କ ବିରୋଧରେ ଆଦେଶ ପାରିତ ହେଲେ କଣ ହେବ ?

ଉତ୍ତର ପୂର୍ବ ଆଇନର ବ୍ୟବସ୍ଥା ଅନୁଯାୟୀ ଟଙ୍କା ଫେରସ୍ତ ହେବ । ଯଦି ପୂର୍ବରୁ ରହିଯାଇଥିବା ଟଙ୍କା ଆଦାୟ କରାଯିବାର ଅଛି, ତେବେ ତାହା GST ଅନୁସାରେ ବକେୟା ଦର ହିସାବରେ ଆଦାୟ କରାଯିବ ।

ପ୍ରଶ୍ନ-୧୯ ପୂର୍ବ ଆଇନ୍ ଅନୁଯାୟୀ ଫେରସ୍ତର ସମୀକ୍ଷା ପରେ ହେବାକୁ ଥିବା ଟଙ୍କା ଫେରସ୍ତ ପ୍ରକ୍ରିୟାକୁ ଜିଷ୍ଟସ୍ ସହ କେମିତି ଖାପ ଖାଇବ ?

ଉତ୍ତର ତାହା ପୂର୍ବ ଆଇନର ବ୍ୟବସ୍ଥା ଅନୁଯାୟୀ ଫେରସ୍ତ ହେବ ।

ପ୍ରଶ୍ନ-୨୦ ପୂର୍ବ ଆଇନ୍‌ର ଚୁକ୍ତିନାମା ମୁତାବକ କୌଣସି ବସ୍ତୁ ବା ସେବ ଯଦି ବର୍ତ୍ତମାନ GST ବ୍ୟବସ୍ଥା ଅନୁଯାୟୀ ଯୋଗାଇ ଦିଆଯାଇଥାଏ ତା'ହେଲେ ଏ କ୍ଷେତ୍ରରେ କେଉଁ କର ପୈଠ ହେବ ?

ଉତ୍ତର ଏଭଳି ଯୋଗାଣ କ୍ଷେତ୍ରରେ GST ଅନୁସାରେ କର ପ୍ରଦାନ କରାଯିବ । (ଧାରା ୧୫୯)

ପ୍ରଶ୍ନ-୨୧ ଯଦି ଗୋଟିଏ ସେବା ଯୋଗାଣ ପ୍ରସ୍ଥାନ ପୂର୍ବ ଆଇନ୍ ବଳବତ୍ତର ଥିବା ସମୟରେ ଆସିଥାଏ ଓ ସେଥିରେ ଟିକସ୍ ପାଇଁ ତଦନୁଯାୟୀ ବ୍ୟବସ୍ଥା କରାଯାଇଥାଏ ତାହେଲେ GST ଲାଗୁ କରାଯାଇଥିବା କାଳଖଣ୍ଡରେ ସେହି ସେବା ଯୋଗାଇ ଦିଆଯାଇଥିଲେ, ସେଥିପାଇଁ GST ଦେବାକୁ ପଡ଼ିବ କି ?

ଉତ୍ତର ନାଁ, କୌଣସି ବସ୍ତୁ ବା ସେବାର ପ୍ରସ୍ତାବ ନିର୍ଦ୍ଧାରିତ ଦିନ ପୂର୍ବରୁ ଆସିଥିଲେ ଓ ପୂର୍ବ ଆଇନ୍ ଅନୁଯାୟୀ ଟିକସ ପୈଠ ହୋଇସାରିଥିଲେ ନିର୍ଦ୍ଧାରିତ ଦିନ ବା ତା'ପରେ ଆଉ କୌଣସି ଟିକସ୍ ଦେବାକୁ ପଡ଼ିବ ନାହିଁ । (ଧାରା ୧୬୫)

ପ୍ରଶ୍ନ-୨୨ ଯଦି କୌଣସି ବସ୍ତୁ ବା ସେବା ପୂର୍ବ ଆଇନ୍ ବଳବତ୍ତର ଥିବା ସମୟ ଏବଂ ସେଥିପାଇଁ ବକେୟା ପ୍ରାପ୍ତ GST ଲାଗୁଥିବା ବେଳେ ମିଳେ ତେବେ GST ଅନୁଯାୟୀ ଟିକସ ଦେବାକୁ ପଡ଼ିବ କି ?

ଉତ୍ତର ନାଁ, ପୂର୍ବ ଆଇନ୍ ସମୟରେ କରବାର ଓ କର ପୈଠ ପୂର୍ବ ଆଇନ୍ ଅନୁସାରେ ହୋଇଥିଲେ ଆଉ କର ଦେବାକୁ ପଡ଼ିବ ନାହିଁ । (ଧାରା-୧୬୧)

ପ୍ରଶ୍ନ-୨୩ ପୂର୍ବ ଆଇନ୍ ଅନୁଯାୟୀ IST ଦ୍ୱାରା ସେବାପ୍ରାପ୍ତ କରାଯାଇଥିଲେ ଓ ସମ୍ପୃକ୍ତ ITC (D) (ଅର୍ନ୍ତଗ୍ରହଣ କର) ପରେ GST ସମୟରେ ବଞ୍ଚିତ କରାଯାଇପାରିବ କି ?

ଉତ୍ତର ଏଭଳି ସେବା ସମ୍ପର୍କିତ ରସିଦ୍ ନିର୍ଦ୍ଧାରିତ ଦିନ ବା ପରେ ଯେବେ ବି ମିଳିଥାଉନା କାହିଁକି ଏହି ବଣ୍ଟନ କାର୍ଯ୍ୟ ହୋଇପାରିବ । (ଧାରା - ୧୬୨)

ପ୍ରଶ୍ନ-୨୪ ନିର୍ଦ୍ଧାରିତ ଦିନଠାରୁ ଯଦି ମୂଲ୍ୟ ମାଳ ଏଜେଣ୍ଟ ଠାରେ ପଡ଼ି ରହେ ତେବେ ଏଜେଣ୍ଟ (ITC) ଅର୍ନ୍ତଗ୍ରହଣ କର ଦେଇପାରିବେ କି ?

ଉତ୍ତର ନିମ୍ନଲିଖିତ ସର୍ତ୍ତଗୁଡ଼ିକ ପୂରଣ କରୁଥିଲେ ଏଜେଣ୍ଟ ଏପରି ଗ୍ରହଣ କରିପାରିବେ ।

(କ) ଏଜେଣ୍ଟ ଜଣକ GST ଅନୁସାରେ ପଞ୍ଜିକୃତ କରଦାତା ହୋଇଥିବେ ।

(ଖ) ନିର୍ଦ୍ଧାରିତ ପୂର୍ବରୁ ଉପାଦାନକାରୀ ଓ ଏଜେଣ୍ଟ ପାଖରେ ଥିବା ଷ୍ଟକ ର ବିଶଦ ଘୋଷଣା କରିଥିଲେ ।

(ଗ) ସେହି ବସ୍ତୁଗୁଡ଼ିକ କ୍ଷେତ୍ରରେ ମୂଳ ଉତ୍ପାଦାନକାରୀ ITC ର ବିପରୀତ କାର୍ଯ୍ୟ କରିଥିବେ ଓ ତା'ର ଲାଭ ଦେଇନଥିବେ ।

ଏହି ବ୍ୟବସ୍ଥା SGST ଆଇନ୍ ପ୍ରତି ହିଁ ପ୍ରଯୁଜ୍ୟ ହେବ । (ଧାରା ୧୬୨ (କ) ଓ ୧୬୨ (ଖ))

ପ୍ରଶ୍ନ-୨୫ ଅନୁମୋଦନ ପରେ ନିର୍ଦ୍ଧାରିତ ଦିନ ପୂର୍ବରୁ ବସ୍ତୁଗୁଡ଼ିକୁ ପଠାଯାଇଥିଲେ ମାତ୍ର ନିର୍ଦ୍ଧାରିତ ଦିନ ୬ମାସ ପରେ ବିକ୍ରେତାଙ୍କୁ ତାହା ଫେରାଇ ଦିଆଗଲା । ତେବେ GST ଅନୁସାରେ ଟିକସ୍ ଦିଆଯିବ କି ?

ଉତ୍ତର ହଁ, ଯଦି ଏପରି ବସ୍ତୁ GST ର କରଭୁକ୍ତ ହୋଇଥାଏ ଏବଂ ପ୍ରତ୍ୟାଖ୍ୟାନ କରିଥିବା ବ୍ୟକ୍ତି ନିର୍ଦ୍ଦିଷ୍ଟ ଦିନଠାରୁ ୬ ମାସ ପରେ ଫେରସ୍ତ କରିଥାଆନ୍ତି (୨ ମାସର ସମ୍ପ୍ରସାରିତ ସମୟପରେ) ତେବେ କର ଦେବାକୁ ପଡ଼ିବ ।

ଏହି ବ୍ୟବସ୍ଥା SGST ରେ ଗ୍ରହଣୀୟ (ଧାରା ୧୬୨ (ଘ))